
# ଗୋଷ୍ଠୀର ବିଜ୍ଞତାଭିତ୍ତିକ ବିକାଶ

## ଗୋଷ୍ଠୀ ଏକତ୍ରୀକରଣ ପାଇଁ ଏକ ପୁସ୍ତିକା

ଯୋଷେଫ ଜାଭିୟର



# ଗୋଷ୍ଠୀର ବିଜ୍ଞତାଭିତ୍ତିକ ବିକାଶ

## ଗୋଷ୍ଠୀ ଏକତ୍ରୀକରଣ ପାଇଁ ଏକ ପୁସ୍ତିକା


**ଯୋଷେଫ ଜାଭିୟର**

ସହଯୋଗୀ

**ଶ୍ରୀବିଦ୍ୟା ସାଇନାଥନ**

**ଡ.ସଦାନନ୍ଦ ବାଗ**

ଅନୁବାଦ: **ଯୁଗଳ କିଶୋର ରଣଜିତ୍**

**ଗୋଷ୍ଠୀର ବିଜ୍ଞତାଭିତ୍ତିକ ବିକାଶ**
ଗୋଷ୍ଠୀ ଏକତ୍ରୀକରଣ ପାଇଁ ଏକ ପୁସ୍ତିକା

**ଲେଖକ:  ଯୋଷେଫ ଜାଭିୟର**

© ଇଣ୍ଡିଆନ ସୋସିଆଲ ଇନ୍‌ଷ୍ଟିଚ୍ୟୁଟ, ବେଙ୍ଗାଲୁରୁ
କାରିତାସ  ଇଣ୍ଡିଆ,  ନୂଆଦିଲ୍ଲୀ

**ପ୍ରଥମ ପ୍ରକାଶିତ -2021**

ISBN: 978-81-947949-6-7

**ପ୍ରକାଶନ**

ଇଣ୍ଡିଆନ ସୋସିଆଲ ଇନ୍‌ଷ୍ଟିଚ୍ୟୁଟ
୨୪ ବେନସନ ରୋଡ୍, ବେନସନ ଟାଉନ
ବେଙ୍ଗାଲୁରୁ -୫୬୦୦୪୬
Email: ajoexavier@gmail.com
Web: www.isibangalore.com

କାରିତାସ ଇଣ୍ଡିଆ
ସିବିସିଆଇ  ସେଣ୍ଟର, ୧, ଅଶୋକ  ପ୍ଲେସ
ନୂଆଦିଲ୍ଲୀ -୧୧୦୦୦୧
Web: www.caritasindia.org

ଏହି ପ୍ରକାଶନକୁ ଯେକୌଣସି ପ୍ରକାରେ ବା ଉପାୟରେ ପୂନଃପ୍ରକାଶନ କିମ୍ବା ସଂଚାରଣ କରିବା ପାଇଁ ପ୍ରକାଶକଙ୍କ ସ୍ୱିକୃତୀ ଆବଶ୍ୟକ । ଏହି ବିଷୟବସ୍ତୁକୁ ଅନୁବାଦ, ପୂନଃପ୍ରକାଶନ ଓ ଅପଡେଟ୍ କରିବା ପାଇଁ କାରିତାସ୍  ଇଣ୍ଡିଆ ବା/କିମ୍ବା ଇଣ୍ଡିଆନ୍ ସୋସିଆଲ୍ ଇନ୍‌ଷ୍ଟିଚ୍ୟୁଟ୍, ବେଙ୍ଗାଲୁରୁର ସମ୍ପୁର୍ଣ୍ଣ ଅଧିକାର ରହିବ କିମ୍ବା ସମଭାବାପନ୍ନ ସହଯୋଗୀ ଅନୁଷ୍ଠାନଗୁଡ଼ିକର ସହଯୋଗିତାରେ ସେମାନଙ୍କୁ ମାନ୍ୟତା ପ୍ରଦାନ କରି  ଭବିଷ୍ୟତରେ ଏହା କରାଯିବ ।

# ସୂଚୀପତ୍ର


ମୁଖବନ୍ଧ . . . . . . . . . . . . . . . . . . . . . . . . . . . . . . . . . . . . . . . . . . ୪
ସ୍ୱୀକୃତି ପତ୍ର . . . . . . . . . . . . . . . . . . . . . . . . . . . . . . . . . . . . . . . . ୮
ସନ୍ଦେଶ . . . . . . . . . . . . . . . . . . . . . . . . . . . . . . . . . . . . . . . . . . ୧୦
ସଂକ୍ଷେପଣ. . . . . . . . . . . . . . . . . . . . . . . . . . . . . . . . . . . . . . . . . ୧୩

୧ ଗୋଷ୍ଠୀ ଓ ଗୋଷ୍ଠୀ ବିକାଶର ପରିଚୟ . . . . . . . . . . . . . . . . . . . . . . . . ୧୫
୨ ବିଶ୍ୱାସ ଓ ଆତ୍ମପ୍ରତ୍ୟୟ . . . . . . . . . . . . . . . . . . . . . . . . . . . . . . . . ୨୯
୩ ଗୋଷ୍ଠୀ ଏକତ୍ରୀକରଣର ଲକ୍ଷ୍ୟ ଓ ମୂଲ୍ୟବୋଧର ସହଭାଗୀତାପୂର୍ଣ୍ଣ ବୁଝାମଣା . . . . . . . . .୩୫
୪ ମିଳିତ ଓ ବିବିଧ ଦଳ ଗଠନ ଓ ପରିଚାଳନା ଓ ଗୋଷ୍ଠୀଭିତ୍ତିକ ସଂଗଠନ ନିର୍ମାଣ: . . . . . . .୪୧
୫ ସମାଲୋଚନାତ୍ମକ ସଚେତନଶୀଳତା. . . . . . . . . . . . . . . . . . . . . . . . . . .୪୯
୬ ସାମାଜିକ ସମସ୍ୟାର ଚିହ୍ନଟୀକରଣ ଓ ପ୍ରାଥମିକତା . . . . . . . . . . . . . . . . . . .୫୭
୭ କାର୍ଯ୍ୟନିର୍ବାହକାରୀଙ୍କ ସହ କଥୋପକଥନ ଓ ଜୀବନଜୀବିକା ସୁଯୋଗର ପରସର ବୃଦ୍ଧି . . .୬୫
୮ କ୍ଷେତ୍ର ପରିଦର୍ଶନ ଓ ପାରସ୍ପରିକ ଶିକ୍ଷା . . . . . . . . . . . . . . . . . . . . . . . .୭୫
୯ ପ୍ରତିକ୍ରିୟା-ପ୍ରତିଫଳନ ପ୍ରକ୍ରିୟା ଓ ଏହାର ବ୍ୟବହାରିକତା . . . . . . . . . . . . . . . . . .୮୩
୧୦ ସହଯୋଗ, ସଂଯୁକ୍ତୀକରଣ ଓ ପକ୍ଷସମର୍ଥନ . . . . . . . . . . . . . . . . . . . . . . .୯୧
୧୧ ସ୍ୱେଚ୍ଛାକୃତ ସେବା, ଦାନ ଓ ଅଂଶଦାନ . . . . . . . . . . . . . . . . . . . . . . . . . .୯୯
୧୨ ଉତ୍ସବ, ଦୃଶ୍ୟମାନତା ଓ ମାନ୍ୟତା . . . . . . . . . . . . . . . . . . . . . . . . . . ୧୦୭
୧୩ ସୁଗମକାରୀ ଅନୁଷ୍ଠାନର ପରିବର୍ତ୍ତିତ ଭୂମିକା . . . . . . . . . . . . . . . . . . . . . ୧୧୩

ଉପସଂହାର . . . . . . . . . . . . . . . . . . . . . . . . . . . . . . . . . . . . . . . ୧୧୯
ମନୋନୀତ ଗ୍ରନ୍ଥସୂଚୀ . . . . . . . . . . . . . . . . . . . . . . . . . . . . . . . . . . ୧୨୩

# ମୁଖବନ୍ଧ



ଗଣତାନ୍ତ୍ରିକ ସମାଜରେ ଜନ ଆନ୍ଦୋଳନ ଏକ ମୁଖ୍ୟ ସାମାଜିକ ଧାରା। ଜନ ଆନ୍ଦୋଳନ ମାଧମରେ ସାମୂହିକ ଜ୍ଞାନ ପ୍ରାପ୍ତ ହୋଥାଏ। ସାମୂହିକ ସ୍ୱର ମାଧମରେ ଗରିବଙ୍କର ଅଧିକାର, କଲ୍ୟାଣ ଓ ସୁସ୍ଥଜୀବନ ସମ୍ପର୍କିତ ବିଭିନ୍ନ ସମସ୍ୟା ବିପକ୍ଷରେ ସ୍ୱର ଉତ୍ତୋଳନ କରାଯାଇଥାଏ। ଗତ ପଚାଶ ବର୍ଷ ମଧରେ ଅନେକ ବଡ଼ ଧରଣର ଜନ ଆନ୍ଦୋଳନ ହୋଇଛି। ଯାହା ସମାଜିକ ଓ ଅର୍ଥନୈତିକ ସଂସ୍କାର ଆଣିବା ସହିତ କ୍ଷମତାଶାଳୀ ବ୍ୟବସ୍ଥାକୁ ଆହ୍ୱାନ ଦେଇଆସିଛି। ଯୁବକ, ଶ୍ରମିକ, କୃଷକ, ଦଳିତ, ସାଂସ୍କୃତିକଗୋଷ୍ଠୀ, ମହିଳା, ଧର୍ମୀୟ ସଂଖ୍ୟାଲଘୁ ଓ ତୃତୀୟଲିଙ୍ଗର ଆବଶ୍ୟକତା, ଦାବି, ସ୍ୱପ୍ନ ଓ ଆକାଂକ୍ଷାକୁ ଲୋକଲୋଚନକୁ ଆଣିପାରିଛି। ଏହି ଜନ ଆନ୍ଦୋଳନଗୁଡ଼ିକ ପ୍ରଭାବଶାଳୀ ହୋଇପାରିଛି କାରଣ ଏହା ଗୋଷ୍ଠୀର ଏକତ୍ରୀକରଣ, ସାମାଜିକ କର୍ମକର୍ତ୍ତାଙ୍କ ସୃଷ୍ଟି ଓ ସେମାନଙ୍କର ନେତୃତ୍ୱ ବିକାଶ କ୍ଷେତ୍ରରେ ସଫଳ ହେବା ସହିତ ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀ ହୋଇପାରିଛି। ଗୋଷ୍ଠୀସ୍ତରରେ କାର୍ଯ୍ୟରତ ଏବଂ ସାମାଜିକ ଭାବେ ଜାଗ୍ରତ ସ୍ୱେଚ୍ଛାସେବୀମାନଙ୍କର ଲାଳନପାଳନ କରିବା ଉଦ୍ଦେଶ୍ୟରେ ଏକ ପୁସ୍ତିକାର ଏକାନ୍ତ ଆବଶ୍ୟକତା ରହିଥିଲା। ଏପରି ଆବଶ୍ୟକତାକୁ ଏହି ପୁସ୍ତିକା "ଗୋଷ୍ଠୀର ବିଜ୍ଞତାଭିତ୍ତିକ ବିକାଶ" ପୂରଣ କରିପାରିଛି। ଉକ୍ତ ପୁସ୍ତିକାକୁ ପ୍ରସ୍ତୁତ କରିଛନ୍ତି ଡ. ଯୋଷେଫ ଜାଭିୟର ଏବଂ ସହଯୋଗୀ ଶ୍ରୀବିଦ୍ୟା ସାଇନାଥନ ଓ ଡା.ସଦାନନ୍ଦ ବାଗ।

ପୁସ୍ତିକାର ପ୍ରଥମ ଅଧାୟରେ ଗୋଷ୍ଠୀ ନେତୃତ୍ୱାଧିନ ବିକାଶ ପ୍ରକ୍ରିୟାର ପରିଚୟ ପ୍ରଦାନ କରାଯାଇଛି। ସାମାଜିକ ପରିବର୍ତ୍ତନର ଦୃଷ୍ଟିକୋଣ, ସାମାଜିକ ଚେତନା, ପୁସ୍ତିକା ପାଇଁ ଏକ ପରିବେଶ ସୃଷ୍ଟି କରିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟର ଐତିହାସିକ ଓ ପ୍ରଭାବଶାଳୀ ବିକାଶର ସିଦ୍ଧାନ୍ତଗୁଡ଼ିକ ଉପରେ ସମାଲୋଚନାତ୍ମକ ଚିନ୍ତନ ପ୍ରଦାନ କରାଯାଇଛି ଯଥା:- ନିର୍ଭରଶୀଳ ସିଦ୍ଧାନ୍ତ, ଆଧୁନିକୀକରଣ ସିଦ୍ଧାନ୍ତ, ସାମାଜିକ ବିକାଶ ସିଦ୍ଧାନ୍ତ ଓ ନିରନ୍ତର ବିକାଶ ସିଦ୍ଧାନ୍ତକୁ ସ୍ପଷ୍ଟ ଭାବରେ ବର୍ଣ୍ଣନା କରାଯାଇଛି। ଏହା ମଧ ବିକାଶର ଚାରୋଟି ଧାରାର ମୁଖ୍ୟ ବିଶେଷତ୍ୱଗୁଡ଼ିକୁ ଗୁରୁତ୍ୱାରୋପ କରିଛି ଯଥା:- ଦାନପୁଣ୍ୟ ଧାରା, ବିକାଶ ଧାରା, ସାମାଜିକ ପଦକ୍ଷେପ ଧାରା ଓ ମାନବିକ ଅଧିକାର ଧାରା। ସାମାଜିକ, ସାଂସ୍କୃତିକ ଏବଂ ଢାଞ୍ଚାଗତ ପରିବର୍ତ୍ତନ ପଦ୍ଧତି, ଡ.ଅମର୍ତ୍ତ ସେନ୍‌ଙ୍କ ଦକ୍ଷତାର ଧାରା, ଅଭିଜ୍ଞତାପୂର୍ଣ୍ଣ ଶିକ୍ଷା ଓ ପ୍ରଣାଳୀ ସମ୍ବନ୍ଧୀୟ ଢାଞ୍ଚାକୁ ଏହି ଅଧାୟରେ ସହଜ ଭାବେ ଚାର୍ଟ ମାଧମରେ ସନ୍ନିବେଶିତ କରାଯାଇଛି। ଶୋଷଣଯୁକ୍ତ ଅନୁସନ୍ଧାନ ଯାହା ଗୋଷ୍ଠୀ ଏକତ୍ରୀକରଣର ନୀତିକୁ ବିରୁଦ୍ଧାଚରଣ କରେ ସେସବୁକୁ ଏଠାରେ ଉଜାଗର କରାଯାଇଛି।

ପାରସ୍ପରିକ ସମ୍ମାନ ବିନା ଉତ୍ସର୍ଗୀକୃତ ସାମାଜିକ କର୍ମୀ ସୃଷ୍ଟି ହେବା ସମ୍ଭବ ନୁହେଁ, ଯେଉଁ ସାମାଜିକ କର୍ମୀମାନେ ଦୀର୍ଘ ସମୟ ଧରି ସୁସଙ୍ଗଠିତଭାବେ କାର୍ଯ୍ୟ କରିବେ । ଦ୍ୱିତୀୟ ଅଧାୟରେ ବିଶ୍ୱସନୀୟତା ବୃଦ୍ଧି ସମ୍ପର୍କରେ ଆଲୋକପାତ କରାଯାଇଛି,ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟାରେ ଗଣତାନ୍ତ୍ରିକ ଓ ଅଂଶଗ୍ରହଣଭିତ୍ତିକ ପଦ୍ଧତିରେ ଅଗ୍ରସର ହେବା ପାଇଁ ଦିଗଦର୍ଶନ ଦିଆଯାଇଛି। ଆନିମେଟରମାନଙ୍କୁ ସ୍ୱୟଂ ପରିଚାଳିତହେବାକୁ  ପ୍ରସ୍ତାବ ମଧ ଦିଆଯାଇଛି।

ଜଣେ ସାମାଜିକ କର୍ମୀ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଯେ ସେ ନିଜର ସ୍ୱପ୍ନ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଦ୍ୱାରା ପରିଚାଳିତ ହେବ, ଫଳରେ ଗୋଷ୍ଠୀ ହସ୍ତକ୍ଷେପର ତତକ୍ଷଣାତ ଚାତୁର୍ଯ୍ୟ ଓ ଦୀର୍ଘସୂତ୍ରୀ ରଣକୌଶଳ ପରସ୍ପର ସମ୍ମିଳିତ ହେବେ। ତୃତୀୟ ଅଧ୍ୟାୟରେ ଉଦ୍ଦେଶ୍ୟ ଓ ମୂଲ୍ୟବୋଧର ଅଂଶୀଦାରଭିତ୍ତିକ ବୁଝାମଣା, ସାମୂହିକ ସ୍ୱାର୍ଥ, ମୂଲ୍ୟବୋଧ ଓ ଭଲପାଉଥିବା ଆକାଂକ୍ଷାଗୁଡ଼ିକ ଯଥା ଏକତା, ସାମାଜିକ ଏକୀଭୂତ, ସାମାଜିକ ନ୍ୟାୟ, କରୁଣା ଏବଂ ପ୍ରକୃତିର ଯତ୍ନ ଉପରେ ଆଲୋଚନା କରାଯାଇଛି।

ଯେକୌଣସି କାର୍ଯ୍ୟକ୍ରମ ବା ପ୍ରକଳ୍ପର ସଫଳତା ପାଇଁ ଗୋଷ୍ଠୀଭିତ୍ତିକ ସଂଗଠନଗୁଡିକ ହେଉଛନ୍ତି ମୁଖ୍ୟ କେନ୍ଦ୍ରବିନ୍ଦୁ । ଚତୁର୍ଥ ଅଧ୍ୟାୟରେ ଗୋଷ୍ଠୀଭିତ୍ତିକ ସଂଗଠନ ଅର୍ଥାତ ବିବିଧ ଦଳ ଗଠନ ଓ ଏହାର ପରିଚାଳନା- ସାମୂହିକ ସ୍ୱାର୍ଥରେ କରାଯିବା ଉଚିତ। ତଳସ୍ତରର ଲୋକଙ୍କ ପାଇଁ ସାମାଜିକ ଏକତା ଭିତ୍ତିରେ ବୃହତ୍ତ ଓ ଛାମୁଆ ସଂଗଠନ ଗଠନ କ୍ଷେତ୍ରରେ କ'ଣ କରିବା ଓ ନ କରିବା ଦିଗକୁ ମଧ ଚିତ୍ରଣ କରାଯାଇଛି।

ସାମାଜିକ ନ୍ୟାୟ ଏବଂ ଲିଙ୍ଗଗତ ଭେଦଭାବହୀନ ନ୍ୟାୟ ଗୋଷ୍ଠୀକୈନ୍ଦ୍ରିକ ଜୀବନ ଦର୍ଶନର ମୂଳଦୁଆ ହେବା ଉଚିତ। ଏହାକୁ ବିଚାର କରି ପଞ୍ଚମ ଅଧ୍ୟାୟରେ-"ସମାଲୋଚନାତ୍ମକ ଚେତନା, ନେତୃତ୍ୱ ଓ ଜ୍ଞାନର ବିକାଶକୁ "ଏକ ଗଛ ସଦୃଶ ଚିତ୍ରଣ କରାଯାଇଛି।  ଯାହାର ଗଣ୍ଡି ହେଉଛି ଗୋଷ୍ଠୀ ଏବଂ ଚେରଗୁଡ଼ିକ ହେଉଛି ମହିଳା, ପୁରୁଷ, ଯୁବକ ଓ ଶିଶୁ। ଏହା ବିଭିନ୍ନ ପ୍ରକାରର ଅସମାନତା, ଅକ୍ଷମତା ଓ ଭେଦଭାବ ଏବଂ ଗୋଷ୍ଠୀ ଏକତ୍ରୀକରଣ ମାଧମରେ ସେଗୁଡ଼ିକୁ କିଏ ପ୍ରତିବାଦ କରିବ ତାହାର ସମାଲୋଚନାତ୍ମକ ଚେତନାର ସୂଚକକୁ ମଧ ବର୍ଣ୍ଣନା କରାଯାଇଛି। ଅଧ୍ୟାୟର ଶେଷ ଭାଗରେ ଏକ ପ୍ରେରଣାଦାୟକ ଘଟଣାବଳୀ ବର୍ଣ୍ଣନା କରାଯାଇଛି ଯାହା ଶିଶୁକନ୍ୟା ଉପରେ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତିଙ୍କୁ ସମ୍ମୁଖକୁ ଆଣିଛି. ଯିଏକି ନିଜ ଭଉଣୀକୁ ମାନବଚାଲାଣରୁ ଉଦ୍ଧାର କରିପାରିଛି।

ଆବଶ୍ୟକତା ନିର୍ଦ୍ଧାରଣ ଓ ପଦକ୍ଷେପ ନେବା ପାଇଁ ସୂକ୍ଷ୍ମ ଯୋଜନା ପ୍ରସ୍ତୁତି ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଷଷ୍ଠ ଅଧ୍ୟାୟରେ, ସାମାଜିକ ସମସ୍ୟାର ଚିହ୍ନଟୀକରଣ ଓ ପ୍ରାଥମିକତା - ଅଂଶୀଦାରଭିତ୍ତିକ ଅନୁସନ୍ଧାନ, ନିର୍ଦ୍ଦିଷ୍ଟ, ଲକ୍ଷ୍ୟହାସଲ, ପ୍ରାସଙ୍ଗିକତା, ସମୟସୀମା ଆଧାରିତ ଶ୍ରେଣୀବଦ୍ଧ କାର୍ଯ୍ୟସମୂହକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ଉପକାରୀ ବିନ୍ଦୁରେ, ଏଠାରେ ସତର୍କ କରିଦିଆଯାଇଛି ଯେ ପ୍ରୟୋଗକାରୀମାନେ ଏକ ସମୟରେ ଅନେକ ସମସ୍ୟା ହାତକୁ ନେବା ଅନୁଚିତ। କାର୍ଯ୍ୟକ୍ରମଗୁଡ଼ିକର ପ୍ରାଥମିକତା ଜରୁରୀ, କାରଣ ଏହାଦ୍ୱାରା ଫଳପ୍ରଦ ଭାବରେ ସମ୍ବଳର ବିନିଯୋଗ କରାଯାଇପାରିବ।

ପାଣ୍ଠି ଓ ଏହାର ପରିଚାଳକମାନେ ଦାବି କରନ୍ତି କି ଗୋଷ୍ଠୀ ଫେସିଲିଟେଟର୍‌ମାନେ ସରକାରୀ ଅଧିକାରୀ ଓ କାର୍ଯ୍ୟାଳୟଗୁଡ଼ିକ ଉପରେ ଜ୍ଞାନ ହାସଲ କରିବା ଉଚିତ। ଏଥିସହିତ ଆଇନକାନୁନ ଓ ଏହାର କାର୍ଯ୍ୟଧାରା, ଦରଖାସ୍ତ ଲେଖିବା ଓ ଉପସ୍ଥାପନ କରିବା, ସୂଚନା ଅଧିକାର ଆଇନର ବ୍ୟବହାର, ଅନ୍‌ଲାଇନ୍ ଅଭିଯୋଗ, ଯୁକ୍ତିସଙ୍ଗତ ତର୍କ କରିବା, ଶାନ୍ତିପୂର୍ଣ୍ଣ ଭାବେ ଆଲୋଚନା କରିବା, ସୁସଙ୍ଗତ ଭାବେ ଅନୁସରଣ କରିବା, ସ୍ୱଳ୍ପ ସହଯୋଗ ସତ୍ତ୍ୱେ ଦଳରେ ଏକତା ବଜାୟ ରଖିବା, ବିବାଦ ସମାଧାନ କରିବା, ନବଭାବନାର ଧାରାକୁ ଅନୁସନ୍ଧାନ କରିବା, ସମସ୍ୟାଗୁଡିକୁ ଲୋକଲୋଚନକୁ ଆଣିବା ପାଇଁ ସାମାଜିକ ଗଣମାଧ୍ୟମର ବ୍ୟବହାର ଏବଂ ବୈଦ୍ୟୁତିକ ଓ ମୁଦ୍ରଣ ଗଣମାଧମର ବ୍ୟବହାରକୁ ମୁଖ୍ୟସ୍ରୋତକୁ ଆଣିବା, ଜୀବନ ଜୀବିକାର ସୁଯୋଗକୁ ବ୍ୟାପକ କରିବା ଓ ସାମାଜିକ ସୁରକ୍ଷା ପାଇଁ ସାମାଜିକ ସୁରକ୍ଷା ସମ୍ପର୍କିତ ପ୍ରାବଧାନଗୁଡ଼ିକ ସମ୍ପର୍କରେ ଜ୍ଞାନ ହାସଲ କରିବା ଉଚିତ। ସପ୍ତମ ଅଧ୍ୟାୟରେ, କାର୍ଯ୍ୟନିର୍ବାହୀଙ୍କ ସହିତ ମତର ଆଦାନପ୍ରଦାନ ଏବଂ ଜୀବନଜୀବିକାର ସୁଯୋଗକୁ ବ୍ୟାପକ କରିବା- କର୍ତ୍ତୃପକ୍ଷମାନଙ୍କ (ପଞ୍ଚାୟତ, ଅପରାଧିକ ଓ ନ୍ୟାୟ ବ୍ୟବସ୍ଥା, ରାଜନୈତିକ ଓ ଶାସନ କର୍ତ୍ତା) ସହିତ କାରବାର କରିବା ସମୟରେ ଅଧିକାରର ଭଲ ଓ ମନ୍ଦର କାରଣ  ଓ ଏହାର ସାମାଜିକ ମୂଲ୍ୟ ଉପରେ ଆଲୋଚନା କରିବା ଉଚିତ।

ବିଭିନ୍ନ ପ୍ରକଳ୍ପ, କାର୍ଯ୍ୟକ୍ରମ, ଅନୁଷ୍ଠାନ, ସାମାଜିକ ଆନ୍ଦୋଳନକୁ ହୃଦୟଙ୍ଗମ କରିବା ପାଇଁ କ୍ଷେତ୍ର ପରିଦର୍ଶନ ଓ ଅଧ୍ୟୟନ କରିବା ଗୋଷ୍ଠୀ ଫେସିଲିଟେଟର୍‌ମାନଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ । ଏହାଦ୍ୱାରା ସେମାନେ ବିଭିନ୍ନ ବେସରକାରୀ ଅନୁଷ୍ଠାନ, ନାଗରିକ ସଂଗଠନ, ଏକତାଭିତ୍ତିକ ଜନ ଆନ୍ଦୋଳନ ଏବଂ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଭୌଗୋଳିକ ସ୍ଥିତିରେ ପରିଚାଳିତ ଆଞ୍ଚଳିକ, ଜାତୀୟ ଓ ଆନ୍ତର୍ଜାତୀୟ ପ୍ରୟାସଗୁଡ଼ିକର ପ୍ରତିଷ୍ଠିତ ନମୁନାଗୁଡ଼ିକ ଉପରେ ଜ୍ଞାନ ଆହରଣ କରିପାରିବେ। ଅଷ୍ଟମ ଅଧ୍ୟାୟରେ, କ୍ଷେତ୍ର ପରିଦର୍ଶନ ଓ ପାରସ୍ପରିକ ଶିକ୍ଷାର ମହତ୍ତ୍ୱ ଓ କ୍ଷେତ୍ର ପରିଦର୍ଶନରେ କେଉଁ ସବୁ ବିଷୟଗୁଡ଼ିକ ଆଲୋଚନା ଓ ସମୀକ୍ଷା କରାଯିବ, ତାହାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯାଇଛି।

କାର୍ଯ୍ୟପ୍ରକ୍ରିୟାର ସମୀକ୍ଷା ଓ ପରିବର୍ତ୍ତନର ମୂଲ୍ୟାଙ୍କନ ଦ୍ୱାରା ସୂକ୍ଷ୍ମ ପାର୍ଥକ୍ୟଗୁଡ଼ିକୁ ବୁଝିବା ଜରୁରୀ। ଏଠାରେ ଦେଖିବାକୁ ହେବ ଯେ କିପରି, କାହିଁକି, କେଉଁଠି ଓ କେଉଁ କାରଣଗୁଡ଼ିକ ଯୋଗୁଁ ସଫଳତା ବା ବିଫଳତା ମିଳିଥାଏ ଏବଂ ଏଥିରୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ପ୍ରାପ୍ତି ହୋଇଥାଏ। ନବମ ଅଧ୍ୟାୟରେ, ପଦକ୍ଷେପ ଓ ପ୍ରତିଫଳନ ପ୍ରକ୍ରିୟା ଓ ବ୍ୟବହାରିକ ପ୍ରକ୍ରିୟାର ଗୁରୁତ୍ୱ ବୃଦ୍ଧି ଓ କାର୍ଯ୍ୟପ୍ରକ୍ରିୟାଗୁଡ଼ିକର ପ୍ରତିଫଳନର ନମୁନାଗୁଡ଼ିକ ଉପରେ ଆଲୋକପାତ କରାଯାଇଛି। ସେଗୁଡ଼ିକ ହେଲା କାର୍ଯ୍ୟପ୍ରକ୍ରିୟା ପ୍ରତିଫଳନ, ଶିକ୍ଷା ଓ ଯୋଜନା ଫ୍ଲୋ ଚାର୍ଟ ନମୁନା, ଇଗ୍‌ନେସନ ଗଭୀର ବାର୍ତ୍ତାଳାପ ପ୍ରକ୍ରିୟା ମାଧ୍ୟମରେ ଜ୍ଞାନ ଆହରଣକୁ ଗୁରୁତ୍ୱ ପ୍ରଦାନ କରାଯାଇଛି।

ଯେଉଁ ବିକାଶମୂଳକ କାର୍ଯ୍ୟକ୍ରମ ମାନବାଧିକାରକୁ ପ୍ରୋତ୍ସାହନ ଓ ସୁରକ୍ଷା ଦିଏ ତାହା ମାନବାଧିକାର କ୍ଷୁର୍ଣ୍ଣ ହୋଇଥିବା ଗୋଷ୍ଠୀଙ୍କୁ ଚିହ୍ନଟ କରେ ଏବଂ ଏହା ହୃଦୟଙ୍ଗମ କରାଏ କି ସେମାନେ କାହିଁକି ନିଜର ଅଧିକାର ହାସଲ କରିବା ନିମନ୍ତେ ଅକ୍ଷମ ହୋଇଛନ୍ତି। ଅନ୍ୟାୟଭାବେ ବିତରଣ ହୋଇଥିବା କ୍ଷମତାରେ ହସ୍ତକ୍ଷେପ କରି ଆଗ୍ରାହ୍ୟ କରାଯାଇଥିବା ଅଧିକାରକୁ ହାସଲ କରେ ଏବଂ ଏଥିପାଇଁ ଅଧିକାର ଧାରଣ କରୁଥିବା ବ୍ୟକ୍ତିବିଶେଷଙ୍କୁ ଦୃଢ଼ତା ପ୍ରଦାନ କରି ସେମାନଙ୍କ ଅଧିକାର ପ୍ରାପ୍ତିରେ ସହଯୋଗ କରିଥାଏ। କାର୍ଯ୍ୟନିର୍ବାହୀଙ୍କ ଉପରେ ଚାପ ପ୍ରୟୋଗ କରି ସେମାନଙ୍କ ଦାୟିତ୍ୱ ନିର୍ବାହ କରିବା ପାଇଁ ବାଧ କରେ ଏବଂ ଲକ୍ଷ୍ୟ ହାସଲ ନିମନ୍ତେ ଅନ୍ୟ ଅନୁଷ୍ଠାନଗୁଡ଼ିକର ସହଭାଗୀତାରେ କାର୍ଯ୍ୟପ୍ରକ୍ରିୟାକୁ ପଥ ପଦର୍ଶନ କରିଥାଏ। ଦଶମ ଅଧ୍ୟାୟରେ, ସଂଗଠନଗୁଡ଼ିକ ମଧ୍ୟରେ ସହଯୋଗ ପ୍ରତିଷ୍ଠା, ସହଭାଗୀ ସଂଗଠନ ନିର୍ମାଣ ଓ ପକ୍ଷସମର୍ଥନ ମାଧ୍ୟମରେ ପଦକ୍ଷେପ ଗ୍ରହଣ ଓ ଗୋଷ୍ଠୀ ନେତୃତ୍ୱକୁ ଗୁରୁତ୍ୱ ପ୍ରଦାନ କରି ଅଧିକାର ହାସଲ କରିବା ନିମନ୍ତେ ପଥ ପ୍ରଦର୍ଶନ କରାଯାଇଛି।

ସ୍ୱେଚ୍ଛାକୃତ ସେବାଭାବର ପ୍ରେରଣା, ସମାଜର ବୃହତ୍ତର ଆଭିମୁଖ୍ୟ ପ୍ରତି ସମୟ ଓ ଶକ୍ତିର ଉତ୍ସର୍ଗ ଓ ମାନବ ବିକାଶ ଦ୍ୱାରା ପଥ ପ୍ରଦର୍ଶିତ ହୁଏ । ଆମ ଦାନ ସେତେବେଳେ ପରିପୂର୍ଣ୍ଣ ହୁଏ ଯେତେବେଳେ ଆମେ ବହୁଳଭାବେ ସୂଚନା, କୌଶଳ, ଜ୍ଞାନ, ବୁଦ୍ଧି, ସମୟ ଅଂଶଦାନ କରୁ ଓ ସ୍ୱେଚ୍ଛାକୃତ ସେବା ମାଧ୍ୟମରେ ଅନୁଦାନ ପ୍ରଦାନ କରୁ। ଏକାଦଶ ଅଧ୍ୟାୟରେ, ସ୍ୱେଚ୍ଛାକୃତ ସେବା, ଦାନ ଓ ଅଂଶଦାନ, ସୂଚକ, ଆତ୍ମମୂଲ୍ୟାୟନ କ୍ରିୟା ଏବଂ ସ୍ୱେଚ୍ଛାକୃତ ସେବାର ଉଦାହରଣ ବିଶେଷକରି ଗ୍ରାମାଞ୍ଚଳ ଓ ସହରାଞ୍ଚଳର ପୃଷ୍ଠଭୂମିରେ କାର୍ଯ୍ୟକାରୀ କରାଯାଉଥିବା ସାମାଜିକ ବିକାଶ ଓ ସଂକଟ ପରିଚାଳନାକୁ ବର୍ଣ୍ଣନା କରାଯାଇଛି।

ଉତ୍ସବ ପାଳନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଏହାଦ୍ୱାରା ଗୋଷ୍ଠୀ ମଧ୍ୟରେ ଶକ୍ତି ନବୀକରଣ ହେବା ସହିତ ଗୋଷ୍ଠୀ ବିକାଶର ସହଯାତ୍ରୀ ଓ ସହାନୁଭୂତି ପ୍ରଦର୍ଶନକାରୀଙ୍କ ମଧ୍ୟରେ ଏକତାର ଭାବ ସୃଷ୍ଟି ହୋଇଥାଏ । ଏହା ଦ୍ୱାରା ଅଂଶଗ୍ରହଣକାରୀମାନେ ଆନନ୍ଦିତ ହେବା ସହିତ ସେମାନଙ୍କୁ ମଧ୍ୟ ମାନ୍ୟତା ମିଳି ଥି ।ଏ। ଗୋଷ୍ଠୀ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା କାର୍ଯ୍ୟକ୍ରମଗୁଡ଼ିକ ଦୃଶ୍ୟମାନ ହେବା ଫଳରେ ଶୁଭାକାଂକ୍ଷୀମାନେ ଅବିରତ ଭାବେ ସହଯୋଗ ପ୍ରଦାନ କରିବାକୁ ଆଗେଇ ଆସନ୍ତି । ଦ୍ୱାଦଶ ଅଧ୍ୟାୟରେ, ଉତ୍ସବ ପାଳନ, ଦୃଶ୍ୟମାନ୍ୟତା ଓ ମାନ୍ୟତା ପ୍ରଦାନ: ଆନନ୍ଦ ଉଲ୍ଲାସ, ସଦସ୍ୟମାନଙ୍କ ପ୍ରୟାସ ପ୍ରତି ସର୍ବସାଧାରଣରେ ମାନ୍ୟତା ପ୍ରଦାନ ଓ ଉତ୍ସବ ପାଳନ ସମୟରେ ସମ୍ମୁଖୀନ ହେଉଥିବା ବାସ୍ତବ ପ୍ରତିବନ୍ଧକଗୁଡ଼ିକୁ ରେଖାଙ୍କିତ କରାଯାଇଛି।

ଗୋଷ୍ଠୀ ଏକତ୍ରୀକରଣର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସାମର୍ଥ୍ୟ ବିକାଶ, ଆତ୍ମବିଶ୍ୱାସ ବୃଦ୍ଧି, ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ଆତ୍ମନିର୍ଭର ହେବା ପାଇଁ ଗୋଷ୍ଠୀର ସଶକ୍ତୀକରଣ ଓ ସଂଗଠିତ ଏବଂ ପ୍ରଣାଳୀବଦ୍ଧ ଭାବେ ଆତ୍ମବିକାଶ ଓ ଗୋଷ୍ଠୀବିକାଶ ନିମନ୍ତେ କ୍ରିୟାଶୀଳ ହେବା। ତ୍ରୟୋଦଶ ଅଧ୍ୟାୟ, "ସୁଗମକାରୀ ଅନୁଷ୍ଠାନର ଭୂମିକାରେ ପରିବର୍ତ୍ତନ" ଏଥିରେ ସୁଗମକାରୀ ଅନୁଷ୍ଠାନର ଭୂମିକା, ଅବିରତ ବିକାଶରେ ଗୋଷ୍ଠୀ ଦ୍ୱାରା ବିକଶିତ ହେଉଥିବା ପ୍ରକ୍ରିୟା ଏବଂ ବିକାଶର ପ୍ରଚେଷ୍ଟାକୁ ଦୀର୍ଘସ୍ଥାୟୀ କରିବା ପାଇଁ ବ୍ୟକ୍ତି ଓ ଦଳକୁ ଚିହ୍ନଟ କରାଯାଇଛି।

ପୁସ୍ତିକାର ଶେଷ ଭାଗରେ ସ୍ଥାନିତ ଉପସଂହାରରେ ପରିକଳ୍ପନା କରାଯାଇଛି ଯେ ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟାରେ ନିଜକୁ ନିୟୋଜିତ କରିଥିବା କର୍ମକର୍ତ୍ତାଙ୍କ ପାଇଁ ଏହି ପୁସ୍ତିକା ଏକ ସାଥୀ ହିସାବରେ ଗ୍ରହଣୀୟ ହେବ। ଏହି ପୁସ୍ତିକାରେ ଲକ୍ଷ୍ୟ ରଖାଯାଇଛି ଯେ ଗୋଷ୍ଠୀର ସଦସ୍ୟମାନେ ହିଁ ଗୋଷ୍ଠୀ ବିକାଶର ମୁଖ୍ୟ ପରିଚାଳକ ହେବେ ଓ ବେସରକାରୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା, ଆନିମେଟର, ଜନହିତକାରୀ ଓ ତାଲିମ୍‌ଦାତାମାନେ ଫେସିଲିଟେଟର୍ ଭୂମିକା ନିଭାଇବେ। ଏହି ପୁସ୍ତିକାରେ ଗୋଷ୍ଠୀ ବିକାଶର ଢାଞ୍ଚାଗତ ପରିବର୍ତ୍ତନ ଯଥା ଦାନକ୍ରିୟାରୁ ଅଧିକାରଭିତ୍ତିକ ବିକାଶର ଧାରାକୁ ପରିବର୍ତ୍ତିତ ହେବା ପ୍ରସଙ୍ଗଗୁଡିକୁ ବର୍ଣ୍ଣନା କରାଯାଇଛି। ଏହା ମଧ ବିକାଶମୂଳକ କାର୍ଯ୍ୟକ୍ରମରେ ଗୋଷ୍ଠୀଭିତ୍ତିକ ସଂଗଠନର ମୁଖ୍ୟ ଭୂମିକାକୁ ଗୁରୁତ୍ୱ ପ୍ରଦାନ କରୁଅଛି। ଏହା ବିକାଶକୁ ଏକ ସୀମିତ ଅର୍ଥନୈତିକ କାର୍ଯ୍ୟକ୍ରମ ଭାବେ ବିବଚେନା କରୁନାହିଁ, ମାତ୍ର ଏହି ପୁସ୍ତିକା ମାନବ ବିକାଶର ସର୍ବାଙ୍ଗୀନ ଉନ୍ନତି ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ସମ୍ମାନଜନକ ନିଯୁକ୍ତି, ମାନବତା, ଆତ୍ମମର୍ଯ୍ୟାଦା, ନାଗରିକତ୍ୱ ଏବଂ ଶୋଷଣ, ଅତ୍ୟାଚର, ଅନ୍ୟାୟରୁ ମୁକ୍ତି ଇତ୍ୟାଦିକୁ ବର୍ଣ୍ଣନା କରୁଅଛି।

ପୁସ୍ତିକାର ଶେଷ ଭାଗରେ ପ୍ରଦାନ କରାଯାଇଥିବା ପ୍ରସଙ୍ଗଗୁଡିକ ଉପଯୁକ୍ତ ବହି ଓ ଗବେଷଣାତ୍ମକ ଲେଖାର ଅନ୍ତର୍ଗତ ଅଟେ।

ଏହି ପୁସ୍ତିକା ସାର୍ବଜନୀନ ଭାବେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରେ ଯେ ସାମ୍ପ୍ରଦାୟିକ ଓ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ କବଳରୁ ମାନବୀୟ ମୁକ୍ତି ପାଇଁ କାର୍ଯ୍ୟ କରୁଥିବା ସମସ୍ତ ସଂଗଠନ ଓ ଅନୁଷ୍ଠାନଗୁଡ଼ିକ ପାଇଁ ଏହି ପୁସ୍ତିକା ତାଲିମ କାର୍ଯ୍ୟକ୍ରମ ଓ ଶିକ୍ଷାଦାନ କ୍ଷେତ୍ରରେ ଅତ୍ୟନ୍ତ ସାହାଯ୍ୟକାରୀ ହେବ। ବେସରକାରୀ ସଂଗଠନ, ଗୋଷ୍ଠୀଭିତ୍ତିକ ସଂଗଠନ, ସମାଜସେବୀ ଅନୁଷ୍ଠାନ, ପଞ୍ଚାୟତରାଜ ଅନୁଷ୍ଠାନ ଏବଂ ପେଶାଦାର ବିକାଶ କର୍ମକର୍ତ୍ତାଙ୍କ ପାଇଁ ଏହା ଲାଭଦାୟକ ହେବ।

ଡ. ଯୋଷେଫ ଜାଭିୟର, ଶ୍ରୀବିଦ୍ୟା ସାଇନାଥନ ଏବଂ ଡ.ସଦାନନ୍ଦ ବାଗଙ୍କୁ ସେମାନଙ୍କର ଅକ୍ଳାନ୍ତ ପରିଶ୍ରମ ତଥା ବଦାନ୍ୟ ଅନୁଷ୍ଠାନ ଯଥା କାରିତାସ ଜର୍ମାନୀ, କାରିତାସ ଇଣ୍ଡିଆ, ନୂଆଦିଲ୍ଲୀ ଓ ଇଣ୍ଡିଆନ ସୋସିଆଲ ଇନଷ୍ଟିଚ୍ୟୁଟ, ବେଙ୍ଗାଲୁରୁଙ୍କୁ ଏହି ପୁସ୍ତିକାର ସମୟୋଚିତ ମୁଦ୍ରଣ କରିଥିବା ହେତୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଅଛି।

**ଡା. ବିଭୁତି ପଟେଲ୍**
**ପୂର୍ବତନ ପ୍ରାଧାପକ**
**ଟାଟା ଇନଷ୍ଟିଚ୍ୟୁଟ୍ ଅଫ ସୋସିଆଲ ସାଇନ୍‌ସେସ, ମୁମ୍ବାଇ**

# ସ୍ୱୀକୃତି ପତ୍ର



ବିକାଶ କ୍ଷେତ୍ରରେ ପ୍ରକଳ୍ପର ସମୀକ୍ଷା ଓ ମୂଲ୍ୟାୟନ ଏକ ସାଧାରଣ କଥା । ପ୍ରକଳ୍ପ କାର୍ଯ୍ୟକାରୀ ହେବା ଫଳରେ ଲୋକଙ୍କ ଜୀବନରେ କେଉଁ ପ୍ରକାରର ପରିବର୍ତ୍ତନ ହୋଇଛି ତାହା ଜାଣିବାକୁ ସମସ୍ତ ପାଣ୍ଠିଦାତା ଓ ପ୍ରକଳ୍ପର କାର୍ଯ୍ୟକାରୀ ସଂଗଠନ ଆଗ୍ରହ ପ୍ରକାଶ କରନ୍ତି । ପ୍ରକଳ୍ପ ସମୀକ୍ଷା ବହୁ ଅନ୍ତର୍ଦୃଷ୍ଟି ଓ ଶିକ୍ଷା ପ୍ରଦାନ କରିଥାଏ। ଏହାକୁ ଲକ୍ଷ୍ୟଧାର୍ଯ୍ୟ ଲୋକଙ୍କ ମଧ୍ୟରେ ଅଂଶୀଦାର କରାଯାଏ । ଏହି ପୁସ୍ତିକା ଏହିପରି ଏକ ଶୂନ୍ୟସ୍ଥାନକୁ ପୂରଣ କରିପାରିବ ।

କାରିତାସ ଜର୍ମାନୀ ଓ ମିଜେରିଓର ବହୁ ଧର୍ମାଞ୍ଚଳରେ ଗରିବମାନଙ୍କ ମଧ୍ୟରେ ବହୁବର୍ଷ ଧରି ଗୋଷ୍ଠୀ ନେତୃତ୍ୱ ପ୍ରକ୍ରିୟାକୁ ସହାୟତା ପ୍ରଦାନ କରିଆସିଛି । ପାଞ୍ଚଟି ସ୍ଥାନରେ କାର୍ଯ୍ୟକାରୀ ହେଉଥିବା ଏପରି ପ୍ରକଳ୍ପଗୁଡିକର ମୂଲ୍ୟାୟନ କାରିତାସ୍ ଇଣ୍ଡିଆ ଦ୍ୱାରା ଆରମ୍ଭ କରାଯାଇଥିଲା । ସେଗୁଡ଼ିକ ହେଲା ଏସକେସି-କଲିକତା, ଚେତନାଳୟ-ନୂଆଦିଲ୍ଲୀ, ଏସଏକ୍ସଏସଏସଏସ-ଅହମଦାବାଦ, କ୍ରିପା-ଉଜୟିନୀ ଓ ପିଜିଏସଏସ- ଗୋରଖପୁର। ଗୋଷ୍ଠୀ ତଥା ସୁଗମକାରୀ ଅନୁଷ୍ଠାନଗୁଡ଼ିକର ସମୃଦ୍ଧ ଅଭିଜ୍ଞତା ଭିତ୍ତିରେ ଏକ ପୁସ୍ତିକା ପ୍ରସ୍ତୁତ କରିବା ପାଇଁ ପରିକଳ୍ପନା କରାଯାଇଥିଲା ଯାହା ଭବିଷ୍ୟତର ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟା କ୍ଷେତ୍ରରେ ସାମାଜିକ କର୍ମୀମାନଙ୍କ ଦ୍ୱାରା ବ୍ୟବହାର କରାଯାଇପାରିବ ।

ପୁସ୍ତିକା ପ୍ରସ୍ତୁତିରେ ଅବଦାନ ଦେଇଥିବା ଅନେକ ବ୍ୟକ୍ତିବିଶେଷଙ୍କୁ କୃତଜ୍ଞତା ଜଣାଉଛି । ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମି. ପିଟର ସେଇଡ଼େଲ, ଏସିଆ ଡ଼େସ୍କ, କାରିତାସ୍ ଜର୍ମାନୀ; ଫା. ପଲ ମୁଞ୍ଜଲୀ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, କାରିତାସ ଇଣ୍ଡିଆ, ନୂଆଦିଲ୍ଲୀ; ଶ୍ରୀ ରାଜେଶ ଉପାଧ୍ୟାୟ କାର୍ଯ୍ୟକ୍ରମ ମୁଖ୍ୟ, କାରିତାସ ଇଣ୍ଡିଆ; ଶ୍ରୀ ଜେମସ୍, ପରାମର୍ଶଦାତା, କାରିତାସ ଜର୍ମାନୀ; ଯେଉଁମାନେ ଉଦାର ଭାବେ ସେମାନଙ୍କର ସହାୟତା ପ୍ରଦାନ କରିଛନ୍ତି । ପ୍ରଫେସର ଯୋହାନଓ ନିଫକି, ପରାମର୍ଶଦାତା, କାରିତାସ ଜର୍ମାନୀ ଏବଂ ଶ୍ରୀ ଜନ ପିଟର ନେଲସନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଆଇଜିଏସଏସଙ୍କୁ ବିଶେଷ ଧନ୍ୟବାଦ ଜ୍ଞାପନ କରୁଅଛି, ଯେଉଁମାନେ ଏହି ପୁସ୍ତିକା ପ୍ରସ୍ତୁତିରେ ତତ୍ତ୍ୱପୂର୍ଣ୍ଣ ମତାମତ ପ୍ରଦାନ କରିଛନ୍ତି । ପ୍ରତ୍ୟେକଙ୍କୁ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି ।

ପାଞ୍ଚଟି ସାମାଜିକ ସେବା ଅନୁଷ୍ଠାନର ନିର୍ଦ୍ଦେଶକ ଯଥା ଫାଦର ଫ୍ରାଙ୍କଲିନ ମେନେଡିସ, ଫାଦର ଜନ ବ୍ରିଟୋ, ଫାଦର ଆଇସାକ ରୂମାଓ, ଫାଦର ସୁନିଲ ଜର୍ଜ ଏବଂ ଫାଦର ଜୟସନ ମାନୁଏଲ ଏବଂ ଫାଦର ରାଜୀବ ଚକ୍ର ନାରାୟଣ, ପୂର୍ବତନ ନିର୍ଦ୍ଦେଶକ, ଏସଏକ୍ସଏସଏସଏସ ଅହମଦାବାଦ ଯେଉଁମାନେ ତତ୍ତ୍ୱପୂର୍ଣ୍ଣ ମତାମତ

ପ୍ରଦାନ କରିଛନ୍ତି ଯାହା ବହୁମୁଖି ପ୍ରକ୍ରିୟାକୁ ବୁଝିବାରେ ସାହାଯ୍ୟ କରିଛି । ସେମାନଙ୍କର ପ୍ରେରଣାଯୁକ୍ତ ବର୍ଣ୍ଣନା ଶୁଣିବାରେ ବହୁତ ଖୁସି ମିଳିଥିଲା । ମୁଁ ସେମାନଙ୍କର ପ୍ରତିଶୃତିବଦ୍ଧତାରେ ଉଦ୍‌ବୁଦ୍ଧ ହୋଇଥିଲି । ଏହି ପୁସ୍ତିକା ପ୍ରସ୍ତୁତିରେ ପ୍ରକଳ୍ପର ସଂଯୋଜକ ଓ ଅନୁଷ୍ଠାନର କର୍ମଚାରୀମାନେ ବହୁଳଭାବେ ସାହାଯ୍ୟ କରିଛନ୍ତି ।

ବିଶେଷତଃ ଅଧ୍ୟୟନ କ୍ଷେତ୍ରର ସମସ୍ତ ଲୋକମାନଙ୍କୁ ମୁଁ ପ୍ରଶଂସା କରୁଅଛି ଯେଉଁମାନେ ସେମାନଙ୍କର ମତ, ଭାବନା ଓ ସମଲୋଚନାତ୍ମକ ତଥ୍ୟ ଖୋଲାଖୋଲି ଭାବରେ ପ୍ରକାଶ କରିଛନ୍ତି । ଏହି ପ୍ରକ୍ରିୟାରେ ଯେଉଁମାନଙ୍କୁ ସାକ୍ଷାତ କରାଯାଇଥିଲା ସେମାନେ ହେଲେ ବୟସ୍କବ୍ୟକ୍ତି, ଧାର୍ମୀକ ନେତୃବର୍ଗ, ପଞ୍ଚାୟତରାଜ ଅନୁଷ୍ଠାନର ସଭ୍ୟସଭ୍ୟା, ସଂଯୁକ୍ତ ସଂଗଠନର ଅଂଶୀଦାର, ଶିକ୍ଷକ, ସରକାରୀ ଅଧିକାରୀ, ଧର୍ମଯାଜକ, ଧର୍ମାଧ୍ୟକ୍ଷ, ବିଶେଷଦଳର ଅଂଶଗ୍ରହଣକାରୀ ଏବଂ ବିଭିନ୍ନ ଦଳ ଯଥା ମହିଳା, ଯୁବକ, ଶିଶୁ ଓ ଗୋଷ୍ଠୀଭିତ୍ତିକ ସଂଗଠନର ସଭ୍ୟସଭ୍ୟା ଓ ନେତୃମଣ୍ଡଳୀ ଯେଉଁମାନେ ସେମାନଙ୍କର ବ୍ୟକ୍ତିଗତ ଓ ସାମୂହିକ ଅଭିଜ୍ଞତାରୁ ମୂଲ୍ୟବାନ ତତ୍ତ୍ୱ ପ୍ରଦାନ କରିଥିଲେ । ମୁଁ ସେମାନଙ୍କ ନିକଟରେ କୃତଜ୍ଞ ।

ମୁଁ ଭାଗ୍ୟଶାଳୀ ଯେ ସହଯୋଗୀ ହିସାବରେ ମୋ ସହିତ କଲିକତାର ଶ୍ରୀବିଦ୍ୟା ସାଇନାଥନ, ଓ ନୂଆଦିଲ୍ଲୀର ଡ଼ା. ସଦାନନ୍ଦ ବାଗ କାର୍ଯ୍ୟ କରିଥିଲେ । ମୁଁ ସେମାନଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରୁଅଛି ।

ପ୍ରଫେସର ବିଭୂତି ପଟେଲ ଏହି ପୁସ୍ତିକା ପାଇଁ ଏକ ତଥ୍ୟପୂର୍ଣ୍ଣ ମୁଖବନ୍ଧ ଲେଖିଛନ୍ତି ଓ ଫାଦର ପଲ୍ ମୁଞ୍ଜଲୀ, ରୋଜ ଯୋଷେଫ ଓ ପିଟର ସେଇଡ଼େଲ ତାଙ୍କର ସନ୍ଦେଶ ପ୍ରଦାନ କରିଛନ୍ତି । ମୁଁ ସେମାନଙ୍କ ପ୍ରତି ଗଭୀର କୃତଜ୍ଞତା ଜ୍ଞାପନ କରୁଅଛି । ଫାଦର. ପ୍ରଦିପ୍ ରଏ, କିଶାନ ନଗର ଡାୟୋସିସଙ୍କ ପ୍ରତି ମୁଁ ଗଭୀର ଭାବେ କୃତଜ୍ଞ ଯିଏକି ଏହି ପୁସ୍ତିକା ଉପରେ ମନ୍ତବ୍ୟ ଦେବା ସହିତ, ଏହାର ନକଲ ଓ ସମ୍ପାଦନାରେ ସହଯୋଗ କରିଛନ୍ତି । ଶ୍ରୀ ବିଜୟ ଯୋଷେଫ, ଶ୍ରୀ ପାଟ୍ରିକ ହାନ୍ସଦା, କାରିତାସ ଇଣ୍ଡିଆ ଏବଂ ଜ୍ୟୋତି ପ୍ରିଣ୍ଟର୍ସ, ନୂଆଦିଲ୍ଲୀ, ପୁସ୍ତିକା ପ୍ରକାଶନରେ ବିଶେଷ ସହଯୋଗ କରିଥିବାରୁ ମୁଁ ସେମାନଙ୍କୁ ବିଶେଷ ଧନ୍ୟବାଦ ଦେଉଅଛି । ଅତି ଚମତ୍କାର ଦୃଷ୍ଟାନ୍ତ ପାଇଁ ବିନୁ କେ. ଜର୍ଜଙ୍କୁ ଓ ଡ଼ା.ସଦାନନ୍ଦ ବାଗ, କୁମାରୀ ହର୍ଷିତା ଏବଂ ଶ୍ରୀ ସୁଜାୟଥୁଲା ଯେଉଁମାନେ ବହିର ମୁଦ୍ରଣ ପୂର୍ବବର୍ତ୍ତୀ ଭାଷା ଶୁଦ୍ଧିକରଣରେ ସହାୟତା କରିଛନ୍ତି, ମୁଁ ସେମାନଙ୍କୁ ବିଶେଷ କୃତଜ୍ଞତା ଜ୍ଞାପନ କରୁଅଛି ।

ପରିଶେଷରେ ମୁଁ କାରିତାସ ଇଣ୍ଡିଆ ପ୍ରତି କୃତଜ୍ଞ ଯେ, ଉକ୍ତ ପୁସ୍ତିକା ପ୍ରସ୍ତୁତ କରିବା ପାଇଁ ଇଣ୍ଡିଆନ ସୋସିଆଲ ଇନ୍‌ଷ୍ଟିଚ୍ୟୁଟ୍‌କୁ ଚିହ୍ନଟ କରିଛନ୍ତି । ମୁଁ ଆଶା କରୁଅଛି କି ବେସରକାରୀ ଅନୁଷ୍ଠାନ, ଗୋଷ୍ଠୀଭିତ୍ତିକ ସଂଗଠନ, ଜନ ଆନ୍ଦୋଳନ ଓ ବ୍ୟକ୍ତି ତଥା ଦଳର ସଭ୍ୟସଭ୍ୟା ଯେଉଁମାନେ ଲୋକ ପରିଚାଳିତ ପ୍ରକ୍ରିୟା ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି ସେମାନଙ୍କ ପାଇଁ ଏହା ଏକ ସାଧନ ପୁସ୍ତିକା ହୋଇପାରିବ ।

**ଡ଼ା. ଯୋଷେଫ ଜାଭିୟର, ଏସ୍‌ଜେ**
**ନିର୍ଦ୍ଦେଶକ, ଇଣ୍ଡିଆନ ସୋସିଆଲ ଇନ୍‌ଷ୍ଟିଚ୍ୟୁଟ୍,**
**ବେଙ୍ଗାଲୁରୁ**

# ସନ୍ଦେଶ




ପ୍ରିୟ ବନ୍ଧୁଗଣ,

ଏହା ମୋତେ ଅତ୍ୟନ୍ତ ଆନନ୍ଦ ପ୍ରଦାନ କରୁଅଛି କି ମୁଁ ଏହି କ୍ଷୁଦ୍ର ପୁସ୍ତିକା "ଗୋଷ୍ଠୀର ବିଜ୍ଞତାଭିତ୍ତିକ ବିକାଶ" ଉପସ୍ଥାପନ କରୁଅଛି । ଏହି ପୁସ୍ତିକାଟି ସାମାଜିକ ବିକାଶ କ୍ଷେତ୍ରରେ ଜନ ଜାଗରଣ ସୃଷ୍ଟି କରିବାରେ ସାହାଯ୍ୟ କରିବ ।

କାରିତାସ ଇଣ୍ଡିଆ ଆନିମେସନ ପ୍ରକ୍ରିୟାକୁ ଏପରି ସଂଜ୍ଞାୟିତ କରୁଅଛି କି, ଏହା ଏକ ସଚେତନମୂଳକ ଓ ପଦକ୍ଷେପଭିତ୍ତିକ ପ୍ରକ୍ରିୟା, ଯାହାର ଲକ୍ଷ୍ୟ ସାମାଜିକ ପରିବର୍ତ୍ତନ । ଏହା ବିଶେଷକରି ଗରିବ ତଥା ତୃଣମୂଳ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ । ଏହା ଏକ ଶିକ୍ଷାଭିତ୍ତିକ ପ୍ରକ୍ରିୟା ଯାହା ସମାଲୋଚନାତ୍ମକ ବିଶ୍ଳେଷଣ ମାଧ୍ୟମରେ ଗରିବଲୋକଙ୍କ ବିବେକକୁ ଜାଗ୍ରତ କରିଥାଏ । ଏହା ପ୍ରେରଣା ପ୍ରଦାନ କରିବା ଦ୍ୱାରା ଆତ୍ମବିଶ୍ୱାସ ସୃଷ୍ଟି ହୋଇଥାଏ । ଲୋକଙ୍କୁ ଏକତ୍ରିତ କରି ସାମାଜିକ ବାସ୍ତବତାକୁ ରୂପାନ୍ତର କରିବା କ୍ଷେତ୍ରରେ ଏହା ସାମୂହିକ ପଦ କ୍ଷେପ ଗ୍ରହଣ କରିବା ପାଇଁ ପ୍ରେରଣା ଯୋଗାଇଥାଏ ।

ଗୋଷ୍ଠୀ ଏକତ୍ରୀକରଣ କାରିତାସ ଇଣ୍ଡିଆର ଏକ ଦୃଢ଼ ନିର୍ଦ୍ଦେଶନାମା ଯାହା ଦାରିଦ୍ର୍ୟ ଓ ତୃଣମୂଳ ସ୍ଥିତିରେ ପରିବର୍ତ୍ତନ ଆଣିଥାଏ ଓ ଆତ୍ମମର୍ଯ୍ୟାଦାକୁ ପ୍ରତିଷ୍ଠା କରି ନ୍ୟାୟଭିତ୍ତିକ ସମାଜ ସୃଷ୍ଟି କରିଥାଏ । କାରିତାସ୍ ଜର୍ମାନୀର ସହାୟତାରେ ଆମେ ମିଳିତ ଭାବେ ବିକାଶର ପଥରେ ଯାତ୍ରା କରିବା ସହିତ ଗରିବଙ୍କ ସଶକ୍ତୀକରଣ ମାଧ୍ୟମରେ ଲୋକଙ୍କ ସାଥୀରେ ଚାଲିବା ସହିତ ସେମାନଙ୍କୁ ଦିଗଦର୍ଶନ ଦେଇଥାଉ ଯେପରି ସେମାନେ ପ୍ରକ୍ରିୟାଭିତ୍ତିକ ପ୍ରତିକାର ମାଧ୍ୟମରେ ସେମାନଙ୍କର ପୃଷ୍ଠଭୂମିକୁ ବିଶ୍ଳେଷଣ କରିବେ ।

ଗୋଷ୍ଠୀ ପରିଚାଳିତ ବିକାଶ ପ୍ରକ୍ରିୟାକୁ ଆରମ୍ଭ କରିଥିବା ଆମର ମୂଳ ଅଂଶୀଦାରମାନଙ୍କ ମିଳିତ ପ୍ରଚେଷ୍ଟାରେ ଏହି ପୁସ୍ତିକାଟିକୁ ବିକଶିତ କରାଯାଇଛି । ଏହା ସେମାନଙ୍କର ଅଭିଜ୍ଞତା, କୌଶଳ, ଅନୁଭବ ଓ ଜ୍ଞାନର ଚରମ ବିନ୍ଦୁ ସଦୃଶ ଏବଂ ଏହାଦ୍ୱାରା ସେମାନେ ସାମାଜିକ ବିକାଶର ବିସ୍ତାରିତ ପୃଷ୍ଠଭୂମିରେ ସେମାନଙ୍କର ଅବଦାନକୁ ବୃଦ୍ଧି କରିପାରିଛନ୍ତି । କାରିତାସ ପ୍ରତିଶୃତିବଦ୍ଧ କି ଏହି ପୁସ୍ତିକାଟିକୁ ବହୁଳ ଭାବେ ତାଲିମ୍‌ଦାତାମାନଙ୍କ ମଧ୍ୟରେ ପ୍ରଚଳନ କରାଯିବ ଏବଂ ବିଭିନ୍ନ ଭାଷାରେ ଅନୁବାଦ କରି ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟା ଓ ସମ୍ପର୍କର କୌଶଳକୁ ତୀକ୍ଷ୍ଣ କରାଯିବ । ଫଳରେ ଗୋଷ୍ଠୀର ମାଲିକାନାରେ ବିକାଶ ଧାରାରେ ପରିବର୍ତ୍ତନ ହେବ, ଯାହା ବୃହତ୍ତ ଫଳାଫଳ ଆଣିପାରିବ । କାରିତାସ୍ ଇଣ୍ଡିଆ ତରଫରୁ ଡ଼ା. ଯୋଷେଫ ଜାଭିୟରଙ୍କ ଦକ୍ଷ ନେତୃତ୍ୱରେ କାର୍ଯ୍ୟ କରିଥିବା ସମସ୍ତ ଅନୁସନ୍ଧାନକାରୀ ସହଯୋଗୀମାନଙ୍କର ଅକ୍ଳାନ୍ତ ପରିଶ୍ରମ ଉପରେ ମୁଁ ସନ୍ତୋଷ ପ୍ରକାଶ କରୁଅଛି ଏବଂ କଲିକତା, ଉଜ୍ଜୟିନୀ, ଅହମଦାବାଦ, ଦିଲ୍ଲୀ ଓ ଗୋରଖପୁର ଧର୍ମପ୍ରଦେଶଗୁଡ଼ିକୁ ଧନ୍ୟବାଦ ଦେଉଅଛି, କାରଣ ସେମାନଙ୍କର ସହାୟତା ଯୋଗୁଁ ଏହି ପୁସ୍ତିକା ପ୍ରସ୍ତୁତ ହୋଇପାରିଛି, ଯାହାକି ଆନିମେସନ ଓ ବିକାଶ ପ୍ରକ୍ରିୟା ପାଇଁ ଏକ ଶକ୍ତ ଉପକରଣ ହେବ ।

**ଫାଦର. ପଲ ମୁଞ୍ଜେଲୀ**
**କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, କାରିତାସ ଇଣ୍ଡିଆ**

# ସନ୍ଦେଶ



ଗୋଷ୍ଠୀ ଏକତ୍ରୀକରଣ ଉପରେ ଅଧ୍ୟୟନ କରିଥିବା ହେତୁ କାରିତାସ ଇଣ୍ଡିଆ ଓ ଇଣ୍ଡିଆନ ସୋସିଆଲ ଇନଷ୍ଟିଚ୍ୟୁଟକୁ ମୁଁ ପ୍ରଶଂସା କରୁଅଛି। ଯେକୌଣସି ପ୍ରକଳ୍ପ କାର୍ଯ୍ୟକାରିତାର ମୁଖ୍ୟ ଲକ୍ଷ୍ୟ ହେଉଛି ଗୋଷ୍ଠୀ ଏକତ୍ରୀକରଣ ଏବଂ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବା।

ଏହି ଅନୁସନ୍ଧାନ ଓ ଫଳାଫଳର ପ୍ରକ୍ରିୟା ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକୁ ସାହାଯ୍ୟ କରିବ। କାରିତାସ ଇଣ୍ଡିଆ ଏହି ପୁସ୍ତିକାର ପ୍ରସ୍ତୁତିରେ ସହଯୋଗ କରି ବିକାଶ କ୍ଷେତ୍ରରେ ଏକ ବୃହତ୍ତ ଅବଦାନ ପ୍ରଦାନ କରିଛି। ଏହି କ୍ଷେତ୍ରରେ କାର୍ଯ୍ୟରତ ସମସ୍ତଙ୍କ ପାଇଁ ଏକ ଉତ୍ତମ ପଥପ୍ରଦର୍ଶନ କରିଛି ଏବଂ ଏହା ନିଶ୍ଚିତ କି ଅନେକେ ଏହାକୁ ଅନୁସରଣ କରିବେ। ଯେଉଁମାନେ ଲୋକଙ୍କ ସହିତ କାର୍ଯ୍ୟରତ ସେହିମାନଙ୍କ ପାଇଁ ଏହି ପୁସ୍ତିକାକୁ ମୁଖ୍ୟ ଭାବରେ ବ୍ୟବହାର କରାଯିବ, କାରଣ ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟା ଏକ ଅସମାହିତ ରାସ୍ତାଭାବେ ଦୃଶ୍ୟମାନ ହୋଇଥାଏ।

ଆନିମେଟରମାନଙ୍କ ପାଇଁ ସ୍ପଷ୍ଟ ଭାବରେ ଏକ ପରିସୀମା ନିର୍ଦ୍ଧାରଣ କରାଯାଇଛି। ସେମାନଙ୍କୁ ସତର୍କ କରି ଦିଆଯାଇଛି କି ସେମାନେ ପରିଚାଳକ ଆସନରେ ବସିବେ ନାହିଁ। ଏହି ଆସନରେ ବସିବା ଅଧିକାର କେବଳ ଗୋଷ୍ଠୀର ସଦସ୍ୟମାନଙ୍କର ରହିଛି। ଆନିମେଟର ଓ ଅନୁଷ୍ଠାନଗୁଡ଼ିକ ଏହି ପ୍ରକ୍ରିୟାର କେବଳ ସୁଗମକାରୀ ବା ଫେସିଲିଟେଟର୍ ଅଟନ୍ତି। ଗୋଟିଏ ଗୋଷ୍ଠୀର ଅବିରତ ପରିବର୍ତ୍ତନ ପାଇଁ, ଗୋଷ୍ଠୀର ସଦସ୍ୟମାନେ ଆନ୍ଦୋଳନର ସମ୍ମୁଖଭାଗରେ ରହିବାର ଆବଶ୍ୟକତା ରହିଛି।

ଏହି ପୁସ୍ତିକା ସ୍ପଷ୍ଟ ଭାବରେ ଗୋଷ୍ଠୀ ଏକତ୍ରୀକରଣ କ'ଣ ତାହା ବର୍ଣ୍ଣନା କରୁଛି। ଏହାର ଉପବିଭାଗଗୁଡ଼ିକ ଯଥା:- ଅଗ୍ରସର ହେବା ପାଇଁ ଉପାୟ, ଉପକାରୀ ବିନ୍ଦୁ, ଉପକାରୀ ସତର୍କତା, ସୂଚକ, ସାରଣୀ ଏବଂ ପ୍ରତିଫଳନ ପାଇଁ ପ୍ରଶ୍ନଗୁଡ଼ିକ ପ୍ରକ୍ରିୟାକୁ ଅତି ସହଜ ଭାବେ ଉପସ୍ଥାପନା କରିଛି। ଅନ୍ୟ ଏକ ବିଚାର, ଯାହା ଗୋଷ୍ଠୀ ଏକତ୍ରୀକରଣ ସହିତ ସମାନ୍ତରାଳ ଭାବେ ଚାଲେ ତାହା ହେଉଛି ଆନିମେସନ ପ୍ରକ୍ରିୟା। ଆନିମେସନ ଏକ ପ୍ରକ୍ରିୟା ଯାହା ଲୋକଙ୍କ ସହିତ ଅତି ଘନିଷ୍ଠ ଭାବେ କାର୍ଯ୍ୟ କରିବାକୁ ଦିଗ୍‌ଦର୍ଶନ ଦିଏ। ସେମାନଙ୍କୁ ନିଜ ଗୋଷ୍ଠୀର ପରିଚାଳନାରେ ଅଂଶଦାନ କରିବାକୁ ସାହାଯ୍ୟ କରିବା ସହିତ ଶୀଘ୍ର ପଦକ୍ଷେପ ନେବା ପାଇଁ ସୁଗମ କରେ ଓ ପ୍ରେରଣା ଯୋଗାଏ । ସେହି ସବୁ ଆଲୋଚନାର ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ହେଲା ଗରିବ ଲୋକମାନଙ୍କ ଜୀବନରେ ଗୁଣମାନର ଉନ୍ନତି ଆଣିବା। ଗୋଷ୍ଠୀର ବିଜ୍ଞତା ବଳରେ ବ୍ୟକ୍ତିସମୂହଙ୍କର ନାଗରିକତା ପ୍ରତିଷ୍ଠା କରିବା ଏବଂ ଗୋଷ୍ଠୀର ସଚେତନତା ସ୍ତର ବୃଦ୍ଧି କରିବା।

ଗୋଷ୍ଠୀ ଏକତ୍ରୀକରଣର ଏହି ପୁସ୍ତିକା ଏକ ଫଳପ୍ରଦ ଉପକରଣ ଯାହା ତୃଣମୂଳସ୍ତରର କର୍ମୀ, କର୍ମଚାରୀ ଓ ବେସରକାରୀ ସଂଗଠନର ସ୍ୱେଚ୍ଛାସେବୀ ଓ ଗୋଷ୍ଠୀର ନେତାମାନେ ବିକାଶ କ୍ଷେତ୍ରରେ ବ୍ୟବହାର କରିପାରିବେ।

**ରୋଜ ଯୋଷେଫ**
**ପରିଚାଳନା ପରିଷଦ ସଦସ୍ୟା, କାରିତାସ ଇଣ୍ଡିଆ**

# ସନ୍ଦେଶ



"ଯେତେବେଳେ ଜଣେ ସ୍ୱପ୍ନ ଦେଖେ, ସେ କେବଳ ଏକା ସ୍ୱପ୍ନ ଦେଖେ କିନ୍ତୁ ଆମେ ଯେତେବେଳେ ସମସ୍ତେ ଏକାଠି ମିଶି ସ୍ୱପ୍ନ ଦେଖୁ , ଏକ ନୂତନ ବାସ୍ତବତା ଆରମ୍ଭ ହୁଏ ।"

ଡ଼ମ୍ ହେଲଡ଼େର କ୍ୟାମାରା/ଆର୍ଚ୍ଚ ବିଶପ୍, ରେସିଫେ, ବ୍ରାଜିଲ୍

ଗୋଷ୍ଠୀ ଏକତ୍ରୀକରଣ ଓ ଆନିମେସନ ପ୍ରକ୍ରିୟାରୁ ଆରମ୍ଭ ହୁଏ ପ୍ରତିଫଳନ, ବିଶ୍ଳେଷଣ, ସ୍ୱପ୍ନ ଦେଖିବା ଓ ଏକତ୍ର କାର୍ଯ୍ୟ କରିବା ଇତ୍ୟାଦି । ଏସବୁ ସମାଜସେବାର ମୁଖ୍ୟ ଉପାଦାନ । ନୂତନ ଯୋଗଯୋଗ ଓ ସମ୍ପର୍କ ସୃଷ୍ଟି କରିବା, ନୂତନ ଧରଣର ସଂଗଠନ ଏବଂ ସଂଯୁକ୍ତ ଅନୁଷ୍ଠାନଗୁଡିକୁ ସହାୟତା ଦେବା, ଏବଂ ନୂଆ ସଂସ୍କୃତିର ବିଶ୍ୱାସ ଓ ସହଯୋଗକୁ ପ୍ରୋତ୍ସାହନ କରିବା ଦ୍ୱାରା ବଡ଼ ଧରଣର ସମ୍ବଳ ଯୋଗାଡ଼ କରାଯାଇପାରେ । ଏକତାକୁ ପ୍ରୋତ୍ସାହନ ଦେବା କରିତାସ୍ ଭଳି ଅନୁଷ୍ଠାନର ଏକ ମୁଖ୍ୟ ଦାୟିତ୍ୱ ।

ଏହି ପ୍ରକାଶନ ଯାହା ବାସ୍ତବ ଅଭିଜ୍ଞତା ଉପରେ ଆଧାରିତ । ଏହା ଅତ୍ୟନ୍ତ ବିଭାଜିତ ପୃଷ୍ଠଭୂମିରେ ତୃଣମୂଳ ସ୍ତରରେ କାମ କରୁଥିବା କର୍ମୀ ଓ ପରିଚାଳକମାନଙ୍କୁ, ସେମାନେ କାର୍ଯ୍ୟ କରୁଥିବା ସାମାଜିକ କାର୍ଯ୍ୟକ୍ରମରେ ପ୍ରଣାଳୀଗତ ଜ୍ଞାନ ପ୍ରଦାନ କରିବ ଓ ସହଯୋଗ ବୃଦ୍ଧି କରିବ । କିପରି ଆମେ ବିଭିନ୍ନ ଦଳର ବିଭିନ୍ନ ଲୋକମାନଙ୍କୁ ନାଗରିକ ହିସାବରେ ଗଢ଼ିବା ଓ ପରିବର୍ତ୍ତନ ପାଇଁ ଯୁଗ୍ମ ପଦକ୍ଷେପକୁ ସଂଗଠିତ କରିବା ? କିପରି ଆମେ ଅଂଶଦାନଭିତ୍ତିକ ଗୋଷ୍ଠୀ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ଫଳପ୍ରଦ ସହଯୋଗର ସଂସ୍କୃତି ସୃଷ୍ଟି କରିପାରିବା ? କିପରି ଆମେ ପ୍ରକୃତ ପକ୍ଷରେ ଅନୁଷ୍ଠାନର ପ୍ରକ୍ରିୟାଗୁଡ଼ିକୁ ସୁଗମ ବା ସହଜ କରିବା ଓ କେବଳ ନିଜର ବିଚାରଧାରାକୁ ନ କହି ବା ବିସ୍ତାର ନ କରି ଅନ୍ୟ ସଂଗଠନଗୁଡ଼ିକ ସହିତ ଯୋଡି ହେବା ?

ସାମୂହିକ ଶ୍ରମଦାନ ଭାରତର ଏକ ସାଂସ୍କୃତିକ ଓ ପରମ୍ପରାଗତ ରଣକୌଶଳ ଅଟେ । ଏଣୁ ବିଭିନ୍ନ ଲୋକଙ୍କୁ ଏକତ୍ର କରି ସାମୂହିକ ଲକ୍ଷ୍ୟ ଚିହ୍ନଟ କରି ତାହାକୁ ବାସ୍ତବରେ ପରିଣତ କରିବା ଏହାର ଲକ୍ଷ୍ୟ ।

କୋଭିଡ-୧୯ ଆହ୍ୱାନର ସମ୍ମୁଖୀନ ହେବା ଓ ଏହାର ନିୟନ୍ତ୍ରଣ ପାଇଁ ସଶକ୍ତୀକରଣ ଓ ଗୋଷ୍ଠୀ ଏକତ୍ରୀକରଣ ପଦ୍ଧତି ସାରା ବିଶ୍ୱରେ ଗୋଷ୍ଠୀଗୁଡିକ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ।

ଏହି କ୍ଷୁଦ୍ର ପୁସ୍ତିକାର ପ୍ରକାଶନ ହେତୁ ଆମେ କାରିତାସ ଇଣ୍ଡିଆ ଓ ଇଣ୍ଡିଆନ ସୋସିଆଲ ଇନଷ୍ଟିଚ୍ୟୁଟକୁ ଅଭିନନ୍ଦନ ଜ୍ଞାପନ କରୁଅଛୁ । ଆଶା କରୁଛି ଏହା ଦକ୍ଷିଣ ଏସିଆର ସମସ୍ତ ଲୋକଙ୍କୁ ସାହାଯ୍ୟ କରିବ ।

ଆମେ ମଧ ଧନ୍ୟବାଦ ଦେଉଛୁ ଆର୍ଥିକ ସହଯୋଗ ମନ୍ତ୍ରଣାଳୟ, ଜର୍ମାନୀକୁ କାରଣ ସେମାନେ ବିଭିନ୍ନ କାର୍ଯ୍ୟକ୍ରମର ମୂଲ୍ୟାୟନ, ଅଧ୍ୟୟନ ଓ ଏହି କ୍ଷୁଦ୍ର ପୁସ୍ତକାଟିର ପ୍ରକାଶନ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି ।

**ପିଟର ସେଇଡେଲ**
**ଡେସ୍କ ଅଫିସର, କାରିତାସ ଜର୍ମାନୀ**

# Abbreviations

| | |
|---|---|
| ARLP | Action, Reflection, Learning and Planning |
| B.Ed | Bachelor of Education |
| BPL | Below Poverty Line |
| CBO | Community-based Organisation |
| CBR | Community-based Rehabilitation |
| CD | Community Development |
| CM | Community Mobilisation |
| CO | Community Organisation |
| CSR | Corporate Social Responsibility |
| DPO | Disability People's Organisation |
| HR | Human Resource |
| IEC | Information, Education and Communication |
| KSWS | Kripa Social Welfare Society (Kripa) NGO :Non-Government Organisation |
| PANEL | Participation, Accountability, Non-discrimination and Equality, Empowerment and Legality |
| PGSS | Purvanchal Gramin Seva Samiti |
| PLA | Participatory Learning and Action |
| PRA | Participatory Rural Appraisal |
| PWD | People with Disability |
| RTI | Right to Information |
| SHG | Self-help Group |
| SKC | Seva Kendra Calcutta |
| SMART | Specific, Measurable, Achievable, Realistic and Time-bound |
| SXSSS | St. Xavier 's Social Service Society |
| UNTERM | United Nations Terminology Database |

ଅଧ୍ୟାୟ 1

# ଗୋଷ୍ଠୀ ଓ ଗୋଷ୍ଠୀ ବିକାଶର ପରିଚୟ



# ଗୋଷ୍ଠୀ ଓ ଗୋଷ୍ଠୀ ବିକାଶର ପରିଚୟ

ଏକ ସୁପ୍ରତିଷ୍ଠିତ ସଂଜ୍ଞା ଅନୁଯାୟୀ ଗୋଷ୍ଠୀର ଅର୍ଥ ହେଉଛି ଲୋକମାନେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ବାସ କରନ୍ତି, ସାମୂହିକ ସ୍ୱାର୍ଥ ଓ ଆକାଂକ୍ଷାକୁ ନେଇ ନିଜକୁ ଏକକ ୟୁନିଟ୍ ବୋଲି ବିବେଚନା କରନ୍ତି । ସେମାନଙ୍କ ମଧ୍ୟରେ ପକ୍ଷପାତିତା ଓ ସ୍ଥିତିଶୀଳ ମନୋଭାବ ନ ରହି ବରଂ ସର୍ବଦା ଗତିଶୀଳ ଏବଂ ସ୍ୱାଭାବିକ ମନୋଭାବ ରହିଥାଏ । ଗୋଷ୍ଠୀକୁ ମଧ୍ୟ ଏପରି ସଂଜ୍ଞାୟିତ କରାଯାଏ ଯେ " ଗୋଟିଏ ଦଳର ଲୋକମାନେ ଯେଉଁମାନେ ପରସ୍ପରର ଯତ୍ନ ନିଅନ୍ତି ଏବଂ ପରସ୍ପରକୁ ବିଶ୍ୱାସ କରନ୍ତି ଯେ ସେମାନେ ଗୋଟିଏ ଗୋଷ୍ଠୀରେ ଅନ୍ତର୍ଭୁକ୍ତ। ସମସ୍ତଙ୍କର ସମାନ ଆଗ୍ରହ ରହିଥାଏ। କିଛି ବିଷୟ ସେମାନେ ଏକତ୍ରିତ ଭାବେ ହାସଲ କରିବାକୁ ଚାହୁଁଥାନ୍ତି। କିନ୍ତୁ ପାରମ୍ପରିକ ଭାବେ ଭାରତୀୟ ସମାଜରେ ଗୋଷ୍ଠୀକୁ ଜାତି ହିସାବରେ ବିଭାଜନ କରାଯାଇଛି ଯଥା (ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ, ଶୁଦ୍ର ଏବଂ ଦଳିତ), ବା ସାଂସ୍କୃତିକ ପ୍ରଥାନୁଯାୟୀ ଏକ ଗୋଷ୍ଠୀ (ଆଦିବାସୀ ଯଥା ସନ୍ତାଳ, ଓରାନ୍ ମୁଣ୍ଡା ବା ଭିଲ୍) ବା ଧାର୍ମୀକଭାବେ (ହିନ୍ଦୁ, ମୁସ୍‌ଲିମ୍, ଖ୍ରୀଷ୍ଟିୟାନ, ବୁଦ୍ଧିଷ୍ଟ), ଭାଷାଗତଭାବେ (ବଙ୍ଗାଳି, ତାମିଲ, ମରାଠୀ ) ଭୌଗୋଳିକ ସ୍ଥିତି ଅନୁଯାୟୀ (ବସ୍ତି, ଚେରିସ୍, ଜାତିଭିତ୍ତିକ କଲୋନି, ନିମ୍ନଜାତିର ଗ୍ରାମ) ବା ଜାତୀୟତା ଭାବରେ ଶ୍ରୀଲଙ୍କାବାସୀ ବା ବାଙ୍ଗଲାଦେଶୀ) ଯାହା ଅଧିକାଂଶ ସମୟରେ ଲୋକମାନଙ୍କୁ ଏକତ୍ର ହେବାକୁ ପଥରୋଧ କରିଥାଏ ଓ ଭାଗୀଦାରୀ ସ୍ୱାର୍ଥକୁ ପ୍ରତିହତ କରିଥାଏ। ଗୋଷ୍ଠୀର ଏହି ପ୍ରକାରର ବିଚାର ଏକ ଅସ୍ୱାସ୍ଥ୍ୟକର, ଶ୍ରେଣୀବଦ୍ଧ, ବାଛନ୍ଦ ଓ ଭେଦଭାବଜନିତ ପରିଚୟ ସୃଷ୍ଟି କରିଥାଏ।

ଗୋଷ୍ଠୀ ବିକାଶର ପ୍ରଥମ ଧାରଣା ଏହିପରି ନିକୃଷ୍ଟ ଧରଣର ହୋଇନପାରେ । ଗୋଷ୍ଠୀର ପରିଚୟ ହେଲା ପରସ୍ପର ବନ୍ଧନ ମଧ୍ୟରେ ରହିବା ବା ସମୂହ ସ୍ୱାର୍ଥ, ମୂଲ୍ୟବୋଧ, ପ୍ରତିଷ୍ଠିତ ମାନବାଧିକାର ନୀତି ଆଧାରରେ ଆବଦ୍ଧ ହେବା ପାଇଁ ଇଚ୍ଛା ପ୍ରକଟ କରିବା ଏବଂ ସ୍ୱାଭିମାନର ସହ ପରସ୍ପରର ସର୍ବାଙ୍ଗୀନ ଉନ୍ନତି ପାଇଁ ସମ୍ମିଳିତ ପଦକ୍ଷେପ ନେବା ।

**ସର୍ବୋପରି ଗୋଷ୍ଠୀର ଧାରାକୁ ଆମେ ଏପରି ବୁଝୁ :-** ପ୍ରାଥମିକ ଭାବେ ଗୋଷ୍ଠୀ କୌଣସି ସାମାଜିକ ଗଠନର ବର୍ଗକୁ ସୂଚିତ କରେ ନାହିଁ ଯଥା- ଧନୀ, ଗରିବ, ଜାତି ଓ ଧର୍ମ ଆଧାରିତ ଗୋଷ୍ଠୀ । ଏହା ମଧ୍ଯ କୌଣସି ଅତ୍ୟାବଶ୍ୟକ ସାଂସ୍କୃତିକ ପ୍ରଣାଳୀକୁ ସୂଚୀତ କରେନାହିଁ ଯଥା ଲିଙ୍ଗ ଓ ସଂସ୍କୃତିଭିତ୍ତିକ ଗୋଷ୍ଠୀ । ଅନ୍ୟ ପକ୍ଷରେ ଗୋଷ୍ଠୀ କହିଲେ ଆମେ ବୁଝୁ ଯେ ଏହା ସାମାଜିକ ଦାୟିତ୍ୱବହନକାରୀମାନଙ୍କର ଏକ ସାମାଜିକ ସମ୍ପର୍କର ବନ୍ଧନ, ଯେଉଁମାନେ ଅନ୍ତତଃ ପକ୍ଷେ ଏକ ସାମୂହିକ ପଦକ୍ଷେପ ହାତକୁ ନିଅନ୍ତି ଏବଂ ଯାହାର ଏକ ନିର୍ଦ୍ଧିଷ୍ଟ ଲକ୍ଷ୍ୟ ରହିଥାଏ (ଷ୍ଟୋଟସ୍-୧୯୭୮) । ଅତଏବ ଗୋଷ୍ଠୀ ଏକ ସମ୍ପର୍କର ସତ୍ତା । ଗୋଷ୍ଠୀ ସଂଗଠନ ବା ଗୋଷ୍ଠୀ ଏକତ୍ରୀକରଣ ସାମାଜିକ ସମ୍ପର୍କର ସେତୁକୁ ପ୍ରୋତ୍ସାହନ ଦିଏ । ପ୍ରକ୍ରିୟାର କଥା କହିଲା ବେଳେ ଆମେ ଏହାହିଁ କହୁ । ଗୋଷ୍ଠୀ ଗଠନ ଏକ ଅବିରତ ପ୍ରକ୍ରିୟା, ଯାହା ସାମୂହିକ ବିଚାରକୁ ପରସ୍ପର ମଧ୍ୟରେ ପ୍ରଦର୍ଶନ କରି ସାଧାରଣ ଲକ୍ଷ୍ୟ ହାସଲ, ନୀତିନିୟମ ପ୍ରଣୟନ ଓ ସେ ସମ୍ପର୍କୀତ ପାରସ୍ପରିକ ଆଲୋଚନାକୁ ସାକାର କରେ ।

ଗୋଷ୍ଠୀ ବିକାଶ, ଗୋଷ୍ଠୀ ଏକତ୍ରୀକରଣ ବା ଗୋଷ୍ଠୀ ସଂଗଠନ ଏକ ଅନ୍ୟର ପ୍ରତି ବଦଳରେ ବ୍ୟବହାର କରାଯାଏ । ମିଳିତ ଜାତିସଂଘ ତଥ୍ୟ ସାରଣୀ ଗୋଷ୍ଠୀ ବିକାଶର ସଂଜ୍ଞାକୁ ଏହିପରି ନିରୂପଣ କରିଛନ୍ତି । "ଏହା ଏକ ପ୍ରକ୍ରିୟା, ଯେଉଁଥିରେ ଗୋଷ୍ଠୀର ସମସ୍ତ ସଭ୍ୟ ଏକତ୍ରିତ ହୋଇ ସାମୂହିକ ପଦକ୍ଷେପ ନିଅନ୍ତି ଏବଂ ସାମୂହିକ ସମସ୍ୟାର ସମାଧାନ କରନ୍ତି ।" ଗୋଷ୍ଠୀ ବିକାଶ, ଗୋଷ୍ଠୀ ଏକତ୍ରୀକରଣ ଓ ଗୋଷ୍ଠୀ ସଂଗଠନ ଏକ ଅବିରତ ପ୍ରକ୍ରିୟା, ଯାହାର ଏକ ସାମୂହିକ ସ୍ୱାର୍ଥ ବ୍ୟତୀତ ସାମୂହିକ ଉଦ୍ଦେଶ୍ୟ ରହିଛି । ଯାହାର ଲକ୍ଷ୍ୟ ଗୋଷ୍ଠୀର ସମସ୍ତ ସଦସ୍ୟମାନଙ୍କର ଜୀବନର ମାନଦଣ୍ଡରେ ଉନ୍ନତି ଆଣିବା ।

ଗୋଷ୍ଠୀ ବିକାଶ ଏକ ସର୍ବାଙ୍ଗୀନ ବିକାଶର ଧାରା ଯାହା ସଶକ୍ତୀକରଣ, ମାନବାଧିକାର, ଅନ୍ତର୍ଭୁକ୍ତିକରଣ, ସାମାଜିକ ନ୍ୟାୟ, ଆତ୍ମପ୍ରତିଜ୍ଞା ଓ ସାମୂହିକ କାର୍ଯ୍ୟ ଉପରେ ଆଧାରିତ । ଗୋଷ୍ଠୀବିକାଶ ବିବେଚନା କରିଥାଏ ଯେ ଗାଷ୍ଠୀର ସଭ୍ୟସଭ୍ୟା ସେମାନଙ୍କ ଜୀବନର ଓ ଗୋଷ୍ଠୀର ସମସ୍ତ ବିଷୟଗୁଡ଼ିକ ଉପରେ ନିପୁଣ ଏବଂ ଗୋଷ୍ଠୀର ଜ୍ଞାନକୁ ମୂଲ୍ୟ ପ୍ରଦାନ କରିଥାଏ । ବିକାଶମୂଳକ ଯୋଜନାଗୁଡିକ ପ୍ରତ୍ୟେକ ସ୍ତରରେ ଗୋଷ୍ଠୀର ସଭ୍ୟସଭ୍ୟାଙ୍କ ଦ୍ୱାରା ପରିଚାଳିତ ହୁଏ । ସମସ୍ୟାଗୁଡ଼ିକ ଉପରେ ନିଷ୍ପତ୍ତି ଗ୍ରହଣଠାରୁ ଆରମ୍ଭ କରି କାର୍ଯ୍ୟକ୍ରମ ଚୟନ, କାର୍ଯ୍ୟକାରିତା ଓ ସମୀକ୍ଷା କରିଥାଏ । ଗୋଷ୍ଠୀବିକାଶ ସ୍ୱଷ୍ଟଭାବେ ପରିପ୍ରକାଶ କରେ ଯେ ଅସମାନତା ଓ ଅସ୍ୱାଭାବିକତାର କାରଣଗୁଡିକୁ ପ୍ରତିହତ କରିବା ପାଇଁ କ୍ଷମତାର ସୁଷମ ବଣ୍ଟନ ଜରୁରୀ ।

ଏହି ପ୍ରକ୍ରିୟା ଗୋଷ୍ଠୀର ସଭ୍ୟସଭ୍ୟାମାନଙ୍କ ମାଲିକାନାରେ, ନିର୍ଦ୍ଧାରଣ ଦ୍ୱାରା ଓ ନେତୃତ୍ୱରେ ପରିଚାଳିତ ହେବା ସଙ୍ଗେ ସଙ୍ଗେ ଆଭ୍ୟନ୍ତରୀଣ ଓ ବାହ୍ୟ ସମ୍ବଳକୁ ସଜୀବିତ କରିବ । ଏହି ଅର୍ଥରେ ଏହି ପ୍ରକ୍ରିୟା ସୂଚୀତ କରେ ଯେ ଏହା ଗୋଷ୍ଠୀ ନେତୃତ୍ୱ ବା ଲୋକ ନେତୃତ୍ୱର ବିକାଶ ପ୍ରକ୍ରିୟା । ଏହି ପ୍ରକିୟାରେ ନିୟୋଜିତ ଥିବା ସ୍ୱେଚ୍ଛାସେବୀ/ବେସରକାରୀ ସଂଗଠନ ବା ବାହ୍ୟ ସଂସ୍ଥାକୁ ସୁଗମକାରୀ ସଂଗଠନ ଭାବେ ନାମିତ କରାଯାଏ ଏବଂ ସେମାନଙ୍କ କର୍ମଚାରୀମାନଙ୍କୁ ଗୋଷ୍ଠୀ ଏକତ୍ରୀକରଣର ପେଶାଜୀବୀ କର୍ମୀଭାବେ ନାମିତ କରାଯାଏ । ନା ବେସରକାରୀ ସଂଗଠନ ନା ସେଗୁଡ଼ିକର କର୍ମଚାରୀମାନେ ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟାର ମାଲିକ ହୋଇପାରିବେ । ନା ସେମାନେ ଗୋଷ୍ଠୀଙ୍କ ପାଇଁ ନିଷ୍ପତ୍ତି ଗ୍ରହଣ କରି ପାରିବେ । ଗୋଷ୍ଠୀ ଏକତ୍ରୀକରଣ ଶବ୍ଦ ବିକାଶ ଜଗତରେ ବହୁଳ ଭାବେ ବ୍ୟବହାର କରାଯାଏ । କିଛି ସଂଗଠନଗୁଡିକ ଗୋଷ୍ଠୀ ଏକତ୍ରୀକରଣକୁ ଏପରି ବ୍ୟାଖ୍ୟା କରନ୍ତି ଯେ, ''ଏହା ଏକ ପ୍ରକ୍ରିୟା ଯାହା ଦ୍ୱାରା ଗୋଷ୍ଠୀର ଅଧିକାଂଶ ସଭ୍ୟସଭ୍ୟା (ଯଦିଓ ସମସ୍ତେ ନୁହଁନ୍ତି) ମତଭେଦକୁ ଭୁଲି ଏକ ମନରେ ଏକତ୍ରିତ ହୋଇ ଯୋଗଦାନଭିତ୍ତିକ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ସୁଗମ ବା ସହଜ କରନ୍ତି ଓ ଗୋଷ୍ଠୀର ସମସ୍ତ ସଭ୍ୟସଭ୍ୟାଙ୍କର ଜୀବନର ମାନଦଣ୍ଡରେ ଉନ୍ନତି ଆଣନ୍ତି" ।

ଭାରତୀୟ ପ୍ରତିପ୍ରେକ୍ଷୀରେ ସମ୍ପର୍କର ସତ୍ତାକୁ ଗଢିବା ଓ ଏହାକୁ ସ୍ୱୀକୃତି ଦେବା ଏକ ପ୍ରାଥମିକ ଆହ୍ୱାନ କାରଣ ସମସ୍ତ ଗୋଷ୍ଠୀ ଅଲିଖିତଭାବେ ଉଚ୍ଚନୀଚ ଭେଦଭାବ ନୀତି ଦ୍ୱାରା, ଜାତି, ଧର୍ମ, ସାଂସ୍କୃତିକଗୋଷ୍ଠୀ ଓ ଭିନ୍ନ ଭୌଗଳିକ ବାସିନ୍ଦାଭିତ୍ତିରେ ବିଭାଜିତ ହୋଇଛନ୍ତି । ଏହି ବାସ୍ତବତା ବସ୍ତି ଓ ଗ୍ରାମରେ ଦେଖାଯାଇଥାଏ । ଉଦାହରଣ ସ୍ୱରୂପ କଲିକତାର ଟାଙ୍ଗ୍ରା ବସ୍ତିରେ ବାସ କରୁଥିବା ବାସିନ୍ଦାମାନେ ବିହାରୀ, ବଙ୍ଗାଳୀ ଓ ମୁସଲମାନ ଗୋଷ୍ଠୀରେ ବିଭାଜିତ ।

ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଷ୍ଠୀକୁ  ନିଚ ମଣୁଥିବା ଯୋଗୁଁ ସେମାନଙ୍କ ମଧ୍ୟରେ ସୀମିତ ପାରସ୍ପରିକ କ୍ରିୟା ଓ ବାର୍ତ୍ତାଳାପ ଦେଖିବାକୁ ମିଳିଥାଏ। ଗ୍ରାମାଞ୍ଚଳରେ ଜାତି ଆଧାରିତ ବସତି ସ୍ଥାପନ ଏକ ଗ୍ରହଣୀୟ ନିୟମ ଭାବରେ ରହିଛି। ଏଣୁ ଲେଖକମାନେ ଏହା ଉପଲବ୍ଧି କରନ୍ତି  କି ଭାରତୀୟ ପ୍ରରିପ୍ରେକ୍ଷୀରେ, ଗୋଷ୍ଠୀ ଏକତ୍ରୀକରଣ କାର୍ଯ୍ୟକ୍ରମ ଓ ଗୋଷ୍ଠୀ ସମ୍ପର୍କୀତ ବାସ୍ତବ ଶିକ୍ଷା ଓ ଜ୍ଞାନରୁ ଆରମ୍ଭ ହେବା ଉଚିତ। ଯାହା ଏକ ଅନ୍ତର୍ଭୁକ୍ତିଭିତ୍ତିକ ସମ୍ପର୍କୀୟ ସତ୍ତା ଏହା ଜାତି, ଧର୍ମ ବା ସଂସ୍କୃତିକୁ ଅତିକ୍ରମ କରିବା ସହିତ ଅଂଶୀଦାରଭିତ୍ତିକ ଉଦ୍ଦେଶ୍ୟ ଓ ମୂଲ୍ୟବୋଧ ଧାରଣ କରିଥାଏ।

ଅନ୍ୟ ଅର୍ଥରେ ଗୋଷ୍ଠୀ ଏକତ୍ରୀକରଣରେ ଗୋଷ୍ଠୀର ସମସ୍ତ ସଭ୍ୟସଭ୍ୟା ନାଗରିକ ହିସାବରେ ବିକାଶର ପ୍ରକ୍ରିୟା, ସଶକ୍ତୀକରଣ ଓ ଏହାର ଫଳାଫଳର ପରିଚାଳକ ଅଟନ୍ତି। ଗୋଷ୍ଠୀ ନିଜର ସଶକ୍ତୀକରଣକୁ ଏକ ଆରୋହଣ ସଦୃଶ ବିବେଚନା କରେ ଯଦିଓ ଏହି ପ୍ରକ୍ରିୟା ଆଭ୍ୟନ୍ତରୀଣ ଓ ବାହ୍ୟ କର୍ମକର୍ତ୍ତାଙ୍କ ଦ୍ୱାରା ସୁଗମ ବା ସହଜ କରାଯାଏ । ଗୋଷ୍ଠୀ ଏକତ୍ରୀକରଣ କାର୍ଯ୍ୟକ୍ରମ ନିଶ୍ଚିତ ରୂପରେ ଗୋଷ୍ଠୀ ଓ ଲୋକଙ୍କ ଦ୍ୱାରା ପରିଚାଳିତ ହେବା ଉଚିତ।

# ଆନିମେସନ

ଏହା ଅନ୍ୟ ଏକ ଧାରଣା ଯାହା ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟା ସହିତ ସମାନ୍ତରାଳ ଭାବେ ତାଳ ଦେଇ ଚାଲେ ତାହା ହେଉଛି  ଆନିମେସନ। ଆନିମେସନ ଲୋକଙ୍କ ସହିତ ଘନିଷ୍ଠଭାବେ ଜଡିତ ହୋଇ କାର୍ଯ୍ୟ କରେ ଏବଂ ନିଜସ୍ୱ ଗୋଷ୍ଠୀର ପରିଚାଳନାରେ ଯୋଗଦାନ କରିବା ପାଇଁ ସହଯୋଗ କରିବା ସହିତ ଗୋଷ୍ଠୀକୁ କାର୍ଯ୍ୟରେ ନିୟୋଜନ କରିବା, କାର୍ଯ୍ୟକ୍ରମଗୁଡିକୁ ସହଜ କରିବା ଓ ପ୍ରେରଣା ପ୍ରଦାନ କରିଥାଏ।  ତେବେ ସେ ଯାହା ହେଉ  ନା କାହିଁକି, ଗୋଷ୍ଠୀ  କର୍ମକର୍ତ୍ତାଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ସୀମା ନିର୍ଦ୍ଧାରଣ ହୋଇଛି, ସେମାନେ ଗୋଷ୍ଠୀ ପରିଚାଳନା ଆସନରେ ବସିବେ ନାହିଁ।  ଏହା କେବଳ ଗୋଷ୍ଠୀର ସଦସ୍ୟ/ସଦସ୍ୟାମାନଙ୍କ ପାଇଁ ଉଦ୍ଦିଷ୍ଟ। ଯେଉଁ ସଂଗଠନଗୁଡିକ ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟାରେ ଗୋଷ୍ଠୀର ସହଯୋଗୀ ହୁଅନ୍ତି, ସେହି ଅନୁଷ୍ଠାନଗୁଡିକୁ ସୁଗମକାରୀ ବା ଫେସିଲିଟେଟର୍ ଅନୁଷ୍ଠାନ କୁହାଯିବ ଏବଂ ସେଗୁଡିକୁ ପ୍ରକଳ୍ପ କାର୍ଯ୍ୟକାରୀ ଅନୁଷ୍ଠାନ କୁହାଯିବ ନାହିଁ। ଗୋଷ୍ଠୀ ସଶକ୍ତୀକରଣ ପ୍ରକ୍ରିୟାର ଫଳାଫଳ ହେଲା ଏକ ଦୃଢ, ଆତ୍ମନିର୍ଭର ଓ ସର୍ବଦା ବିକାଶମୂଳକ କାର୍ଯ୍ୟରେ ନିୟୋଜିତ ହୋଇ ପାରୁଥିବା ସଂଗଠନ ଗଢିବା। ଏହାର ସଦସ୍ୟ/ ସଦସ୍ୟାମାନେ  ଅବିରତ ଭାବେ ଜ୍ଞାନ ଆହରଣ କରି ସମୃଦ୍ଧ ହେବେ, ସମାଲୋଚନାତ୍ମକ ଦକ୍ଷତା ହାସଲ କରିବେ ଓ ନେତୃତ୍ୱର ବିକାଶ କରି ଗୋଷ୍ଠୀର ପରିଚାଳନା କରିବେ। ଅତଏବ ଏହି ସ୍ଥିତିରେ ସେମାନଙ୍କ ପାଇଁ ଆବଶ୍ୟକ ନାଗରିକ ଅଧିକାର ବିଷୟରେ ଜ୍ଞାନ ଓ ବିଶ୍ଳେଷଣାତ୍ମକ ଓ ସୃଜନଶୀଳତାର ଦକ୍ଷତା, ପଦ୍ଧତି  ଅନୁଯାୟୀ  ଗୋଷ୍ଠୀର ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ଲୋକଙ୍କ ସମାନୁପାତିକ ଯୋଗଦାନ, ସାମାଜିକ ସେବାଗୁଡିକ ସହ ସଂଯୁକ୍ତୀକରଣ   ଓ ସମନ୍ୱୟତା, ବାହ୍ୟ ସମ୍ବଳର ସୁପରିଚାଳନା  ହୋଇପାରିବ। ନିର୍ଦ୍ଧିଷ୍ଟ  ବିଷୟ/ ସମସ୍ୟା ଉପରେ  ଅନ୍ୟ ସଂଗଠନସମୂହଙ୍କ ସହିତ  ଯୋଗଦାନ ବୃଦ୍ଧି କରି ନୀତି ଓ ସମ୍ବଳର ଆବଣ୍ଟନକୁ ପ୍ରୋତ୍ସାହିତ କରିପାରିବେ।

# ଦାରିଦ୍ର୍ୟ  ଦୂରୀକରଣରୁ ଗୋଷ୍ଠୀ ଏକତ୍ରୀକରଣ

ଦାରିଦ୍ର୍ୟ ଦୂରୀକରଣ ନମୁନା ପ୍ରଚୁର ଫଳ ଉପୁଯାଇ ପାରିଛି । ଚିହ୍ନଟ ହୋଇଥିବା ବିକାଶର ସୂଚକଗୁଡ଼ିକର ସଫଳତା ଗୋଷ୍ଠୀଗୁଡ଼ିକ  ମଧ୍ୟରେ  ଦୃଶ୍ୟମାନ  ହୋଇଛି । ବାହ୍ୟ ସୁଗମକାରୀ ବା ଫେସିଲିଟେଟର୍ ଅନୁଷ୍ଠାନଗୁଡ଼ିକ କେବଳ ଯେ ଗରିବଙ୍କ ବିକାଶ ପାଇଁ କାର୍ଯ୍ୟ କରନ୍ତି ତାହା ନୁହେଁ, ସମାନେ ମଧ ଗରିବଙ୍କ ସ୍ୱର ହୋଇ ତାଙ୍କ ସପକ୍ଷରେ କାର୍ଯ୍ୟ କରନ୍ତି । "ନିମ୍ନବର୍ଗର ଲୋକମାନେ ମଧ କଥା କହି ପାରନ୍ତି" ଏହି ଦୃଷ୍ଟିକୋଣକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ଯେଉଁମାନଙ୍କୁ ନେଇ ଗୋଷ୍ଠୀ ଓ ଗୋଷ୍ଠୀ ବିକାଶର ପରିଚୟ ଅନୁସନ୍ଧାନ କରାଯାଏ, ସେମାନଙ୍କର ମାନସିକତା ପାଖରେ


Q/0106/027
DOON

ପହଁଞ୍ଚିବା ପାଇଁ ପ୍ରଚେଷ୍ଟା ହେବା ଆବଶ୍ୟକ । ଗୋଷ୍ଠୀର ସଭ୍ୟସଭ୍ୟାମାନେ ସ୍ୱାଧୀନ ଭାବେ କାର୍ଯ୍ୟ କରନ୍ତି। ଏହାକୁ ଗୋଷ୍ଠୀ ସଂଗଠନ ପ୍ରକ୍ରିୟା ଦ୍ୱାରା ସହଯୋଗ କରିବା ଉଚିତ।

ଏପରି ଏକ ସହଜାତ ଧାରଣା ରହିଥିଲା ଯେ ବାହ୍ୟ ଓ ଶିକ୍ଷିତ ସଂଗଠକମାନେ କେବଳ ଜାଣନ୍ତି ଗୋଷ୍ଠୀ ପାଇଁ କେଉଁଟି ଭଲ ଓ ଲୋକମାନେ ପରିବର୍ତ୍ତନ ଆଣିବା ପାଇଁ ସକ୍ଷମ ନୁହଁନ୍ତି। ପ୍ରକଳ୍ପର ଗଠନ ପ୍ରଣାଳୀ, ରଣକୌଶଳ ଓ କାର୍ଯ୍ୟଗୁଡିକ ପୂର୍ବ ନିର୍ଦ୍ଧାରିତ ଯାହାକି ମୂଳ ରେଖାଙ୍କିତ ସର୍ଭେ ଓ ଆଶା କରାଯାଉଥିବା ଫଳାଫଳକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ହାସଲ କରାଯାଏ। ଏହା ଫଳାଫଳଭିତ୍ତିକ ପରିଚାଳନା କୌଶଳ ଓ ବ୍ୟବହାରିକ ଦିଗ ଉପରେ ପର୍ଯ୍ୟବେଶିତ। ଏହି ପ୍ରକ୍ରିୟା ମଧ୍ୟ ମୂଲ୍ୟ ଓ ଏହାର ଉପକାରିତା ତର୍ଜମା ଦ୍ୱାରା ପରିଚାଳିତ। ଯାହା ହେଉ, ଏହା ଅତ୍ୟାବଶ୍ୟକ ଯେ ବ୍ୟକ୍ତି ତଥା ଗୋଷ୍ଠୀ ଜୀବନରେ ପରିବର୍ତ୍ତନ ପାଇଁ ପ୍ରମାଣ ସହ ଫଳାଫଳ ପ୍ରଦର୍ଶନ କରିବାକୁ ହୁଏ। ଏହି ପ୍ରକ୍ରିୟାରେ ବାହ୍ୟ କାର୍ଯ୍ୟକର୍ତ୍ତାଙ୍କ ଦୃଢ଼ ସହଯୋଗ ରହିଥାଏ । ଫଳସ୍ୱରୂପ, ଏହି ବିକାଶର ପ୍ରକ୍ରିୟାରେ ବାହ୍ୟ କାର୍ଯ୍ୟକର୍ତ୍ତାଙ୍କ ମାଲିକାନାସତ୍ତ୍ୱ ରହିଥିବା ହେତୁ ଗୋଷ୍ଠୀର ସଭ୍ୟସଭ୍ୟାଙ୍କ ମଧ୍ୟରେ ନିର୍ଭରଶୀଳତା ସଂସ୍କୃତି ଉଦ୍ରେକ ହୁଏ। ଗୋଷ୍ଠୀମାନେ ଏହି ବାହ୍ୟ କାର୍ଯ୍ୟକର୍ତ୍ତାଙ୍କୁ ନା କେବଳ ଆର୍ଥିକ ସମ୍ବଳର ଦାତା ହିସାବରେ ଦେଖନ୍ତି, ଜ୍ଞାନ, ପର୍ଯ୍ୟାଲୋଚନା, କୌଶଳ ଓ ରଣକୌଶଳର ଦାତା ଭାବେ ମଧ୍ୟ ଗ୍ରହଣ କରନ୍ତି। ଏପ୍ରକାର ବିକାଶ ଶୀଘ୍ର ଫଳାଫଳ ପ୍ରଦାନ କରିଥାଏ। ତେବେ ଯାହାହେଉ, ଯେହେତୁ ଗୋଷ୍ଠୀର ସଭ୍ୟସଭ୍ୟା ସୁବିଧା ପାଇବା ପାଇଁ ଅଧିକ ଗୁରୁତ୍ୱ ଦଅନ୍ତି, ସେମାନେ ବିକାଶର ପ୍ରକ୍ରିୟାରେ ଫଳାଫଳ ପାଇବା ପାଇଁ ସବୁଠୁ କମ୍ ଆଗ୍ରହ ପ୍ରଦର୍ଶନ କରନ୍ତି। ଫଳସ୍ୱରୂପ ଗୋଷ୍ଠୀମାନେ ପ୍ରାପ୍ତ କରିଥିବା ଫଳାଫଳକୁ ଦୀର୍ଘସ୍ଥାୟୀ କରିବାରେ ଅସଫଳ ହୁଅନ୍ତି ।

# ବିକାଶର ସିଦ୍ଧାନ୍ତସମୂହ

ବିଦ୍ୱାନମାନଙ୍କ ମତରେ ବିକାଶ ଏକ ଧାରଣା, ଏହା ବିଭିନ୍ନ ଅର୍ଥର ବ୍ୟାଖ୍ୟା ଓ ସିଦ୍ଧାନ୍ତ ସହିତ ଜଡିତ । ବିକାଶକୁ ଏକ ବିବର୍ତ୍ତନ ପ୍ରକ୍ରିୟା ଭାବେ ସଂଜ୍ଞାୟିତ କରାଯାଇଛି, ଯେଉଁଥିରେ ସମାଜର ନୂତନ ଢାଞ୍ଚା ତିଆରି କରିବାରେ ମାନବ ସମାଜର ଦକ୍ଷତା ବୃଦ୍ଧି ହୁଏ। ସମସ୍ୟାକୁ ଦକ୍ଷତାର ସହିତ ସମାଧାନ କରିବା, ପରିବର୍ତ୍ତନ ସହ ଖାପ ଖୁଆଇ ଚଳିବା ଏବଂ ଉଦ୍ଦେଶ୍ୟମୂଳକ ଓ ସର୍ଜନାତ୍ମକ ଭାବେ ନୂଆ ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରଚେଷ୍ଟା କରିଥାଏ। ଲୋକ ପରିଚାଳିତ ବା ଗୋଷ୍ଠୀ ପରିଚାଳିତ ବିକାଶକୁ ହୃଦୟଙ୍ଗମ କରିବା ପାଇଁ ବିକାଶର ବିଭିନ୍ନ ସିଦ୍ଧାନ୍ତ ଓ ନମୁନାଗୁଡିକର ଏକ ସଂକ୍ଷିପ୍ତ ବିବରଣୀ ଏଠାରେ ପ୍ରଦାନ କରାଯାଇଛି।

## କ) ନିର୍ଭରଶୀଳତା ସିଦ୍ଧାନ୍ତ:

ବିକାଶର ନିର୍ଭରଶୀଳତା ସିଦ୍ଧାନ୍ତ ଅନୁଯାୟୀ ପ୍ରପୀଡିତ ଦେଶଗୁଡିକ ବିଶ୍ୱ ଅର୍ଥନୀତିର ଶେଷ ସୀମାରେ ଅବସ୍ଥାନ କରୁଥିବା ହେତୁ ସେଗୁଡିକର ସ୍ୱଳ୍ପ ବିକାଶ ହୋଇଥାଏ । ଉଦାହରଣ ସ୍ୱରୂପ ସ୍ୱଳ୍ପ ବିକଶିତ ଦେଶଗୁଡିକ ସେମାନଙ୍କର ଶ୍ରମ ଓ କଞ୍ଚାମାଲକୁ ସ୍ୱଳ୍ପ ମୂଲ୍ୟରେ ବିଶ୍ୱ ବଜାରରେ ବିକ୍ରି କରିଥାଆନ୍ତି । ଏହି ସମ୍ବଳଗୁଡିକୁ ସେମାନେ ବିକଶିତ ଅର୍ଥନୀତି ଦେଶକୁ ବିକ୍ରି କରିଥାଆନ୍ତି, ଯାହାଙ୍କ ନିକଟରେ ମୂଲ୍ୟଯୁକ୍ତ ଜିନିଷ ଉତ୍ପାଦନ କରିବାର ଉପାୟ ବା ସାଧନ ରହିଛି । ସ୍ୱଳ୍ପ ବିକଶିତ ଦେଶଗୁଡିକ ପୁଣି ସେହି ଦ୍ରବ୍ୟକୁ ଉଚ୍ଚ ଦରରେ କ୍ରୟ କରି ନିଜର ଅର୍ଥ ଅପଚୟ କରିଥାଆନ୍ତି, ଅନ୍ୟଥା ସେମାନେ ନିଜର ଉତ୍ପାଦନର କ୍ଷମତା ବୃଦ୍ଧି କରିବା କ୍ଷେତ୍ରରେ ନିଜକୁ ନିୟୋଜିତ କରିବା ଉଚିତ। ଏହାର ପରିଣାମ ଏକ ତ୍ରୁଟିପୂର୍ଣ୍ଣ ବୃତ୍ତପରି, ଯାହା ବିକଶିତ ଦେଶ ଓ ଅବିକଶିତ ଦେଶ ମଧ୍ୟରେ ବିଭାଜନକୁ ଦୀର୍ଘସ୍ଥାୟୀ କରି ରଖିଛି।

## ଖ) ଆଧୁନିକକରଣ ସିଦ୍ଧାନ୍ତ

ଆଧୁନିକକରଣ ସିଦ୍ଧାନ୍ତ ସ୍ପଷ୍ଟ କରେ ଯେ, ସାଂସ୍କୃତିକ ପ୍ରତିବନ୍ଧକ ହେତୁ ଏସିଆ, ଆଫ୍ରିକା ଓ ଲାଟିନ୍ ଆମେରିକାର ଦେଶଗୁଡିକ ସ୍ୱଳ୍ପ ବିକଶିତ। ଦାବିଦାରମାନେ ଯୁକ୍ତି କରନ୍ତି ଯେ ପାରମ୍ପରିକ ମୂଲ୍ୟବୋଧ ପଛରୁ ଟାଣୁଥିବା ହେତୁ ବିକାଶଶୀଳ ରାଷ୍ଟ୍ରଗୁଡିକ ସ୍ୱଳ୍ପ ବିକଶିତ। ସେମାନେ ମଧ ଗୋଟିଏ ପୁଞ୍ଜିପତି ଶିଳ୍ପାୟନଭିତ୍ତିକ ବିକାଶର ଢାଞ୍ଚାକୁ ସମର୍ଥନ କରନ୍ତି କାରଣ ସେମାନେ ବିଶ୍ୱାସ କରନ୍ତି ଯେ ପୁଞ୍ଜିବାଦ ଓ ଶିଳ୍ପାୟନ ମାଧମରେ ଫଳପ୍ରଦ ଉତ୍ପାଦନ ହେବ, କାରଖାନା ଭିତ୍ତିକ ଉତ୍ପାଦନ ବିକାଶ ଆଡକୁ ଅଗ୍ରଗତି କରିବ ଏବଂ ଏଥିପାଇଁ ବିକାଶଶୀଳ ରାଷ୍ଟ୍ରଗୁଡିକ ବିକଶିତ ଦେଶଗୁଡିକଠାରୁ ବିନିଯୋଗ ଓ ସହାୟତା ଆବଶ୍ୟକ କରନ୍ତି।

## ଗ) ଧାରଣ ବିକାଶ ସିଦ୍ଧାନ୍ତ

ସନ୍ ୧୯୪୯ ମସିହାରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ହ୍ୟାରୀ ଏସ୍ ଟ୍ରୁମ୍ୟାନ ସ୍ୱଳ୍ପ ବିକଶିତ ରାଷ୍ଟ୍ରଗୁଡିକର ବିକାଶ ପାଇଁ ଏକ ବଡ ଯୋଜନା ଘୋଷଣା କରିଥିଲେ। ସେ ଏହି ପ୍ରଶ୍ନ ଉତ୍‌ଥାପନ କରିଥିଲେ ଯେ ସ୍ୱଳ୍ପ ବିକଶିତ ରାଷ୍ଟ୍ରଗୁଡିକର ସମୃଦ୍ଧି ପାଇଁ ବିକଶିତ ରାଷ୍ଟ୍ରଗୁଡିକ ବୈଷୟିକ ଓ ଆର୍ଥିକ ସହାୟତା ଦେବା ସଙ୍ଗେସଙ୍ଗେ ଆର୍ଥିକ ବିନିଯୋଗ କରିବା ଆବଶ୍ୟକ।

## ଘ) ସାମାଜିକ ବିକାଶ ସିଦ୍ଧାନ୍ତ

ସାମାଜିକ ବିକାଶ ହେଉଛି ପ୍ରତ୍ୟେକ ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ସମ୍ବନ୍ଧୀୟ। ଏଣୁ ସେମାନେ ତାଙ୍କର ସମ୍ପୂର୍ଣ୍ଣ ସାମ୍ଭାବ୍ୟଗୁଡିକୁ ହାସଲ କରିପାରିବେ। ସମାଜର ସଫଳତା ପ୍ରତ୍ୟେକ ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ସହିତ ସଂଯୁକ୍ତ। ସାମାଜିକ ବିକାଶ ଏକ ବ୍ୟାପକ ଅବଧାରଣା, ଯାହା ବୃହତ୍ତ ଢାଞ୍ଚାଗତ ପରିବର୍ତ୍ତନକୁ ସ୍ୱାଗତ କରିଥାଏ ଯଥା:- ରାଜନୈତିକ, ଅର୍ଥନୈତିକ, ସାଂସ୍କୃତିକ ଏବଂ ଏହାର ଲକ୍ଷ୍ୟ ବର୍ତ୍ତମାନର ସମାଜ ବଦଳରେ ଏକ ନୂଆ ସମାଜ ଗଠନ କରିବା, ଯେଉଁଠି ଲୋକଙ୍କ ଜୀବନର ସ୍ଥିତି ଉନ୍ନତ ହେବା ଫଳରେ ସେମାନେ ବିଭିନ୍ନ ସମସ୍ୟା ଦ୍ୱାରା ଜର୍ଜରିତ ହେବେ ନାହିଁ ଏବଂ ମୌଳିକ ଆବଶ୍ୟକତାରୁ ବଞ୍ଚିତ ହେବେନାହିଁ।

## ଙ) ନିରନ୍ତର ବିକାଶ ସିଦ୍ଧାନ୍ତ

ନିରନ୍ତର ବିକାଶର ମୁଖ୍ୟ ନୀତି ହେଲା ପରିବେଶ, ସାମାଜିକ ଏବଂ ଅର୍ଥନୈତିକ ବିଷୟଗୁଡିକୁ ମାନବ ବିକାଶର ନିଷ୍ପତ୍ତି ଗ୍ରହଣରେ ଏକୀକରଣ କରିବା। ନିରନ୍ତର ବିକାଶ ଢାଞ୍ଚାର ଅନ୍ୟ ସବୁ ନୀତିଗୁଡିକୁ ନିଷ୍ପତ୍ତି ଗ୍ରହଣର କେନ୍ଦ୍ରରେ ଏକୀକରଣ କରାଯାଏ। ଏହା ଏକ ଗଭୀର ଭାବେ ଧାର୍ଯ୍ୟ କରାଯାଇଥିବା ଧାରଣା ଯାହା ଅନ୍ୟ ପ୍ରକାର ନୀତିଗୁଡିକଠାରୁ ନିରନ୍ତର ବିକାଶକୁ ଅଲଗା ରଖିଥାଏ।

# ବିକାଶର ନମୁନାଗୁଡ଼ିକ

ଆଜିର ସମସ୍ୟା ପାଇଁ ଆମେ ଗତକାଲିର ସମାଧାନର ପନ୍ଥା ଦେଇପାରିବା ନାହିଁ। ଏଣୁ ଲୋକମାନଙ୍କର ସମ୍ପୂର୍ଣ୍ଣ ଗୋଷ୍ଠୀ ଓ ଗୋଷ୍ଠୀ ବିକାଶର ପରିଚୟ ବିକାଶ ପାଇଁ କାର୍ଯ୍ୟ କରିବା ଆବଶ୍ୟକ। ଆମକୁ ଅନୁସନ୍ଧାନ କରିବା ଉଚିତ କି

ଆଧୁନିକ ଯୁଗର ସମସ୍ୟାଗୁଡିକ ପାଇଁ କେଉଁ ସମାଧାନର ପନ୍ଥା ପ୍ରାସଙ୍ଗିକ ଓ ଯୁକ୍ତିଯୁକ୍ତ। ଏଥିପାଇଁ ଇତିହାସରେ ଅଗ୍ରଗତି କରିଥିବା ବିଭିନ୍ନ ବିକାଶମୂଳକ ନମୁନାଗୁଡ଼ିକୁ ଆମେ ସ୍ୱଷ୍ଟଭାବେ ବୁଝିବା ଆବଶ୍ୟକ। ଏକ ନିର୍ଦ୍ଦିଷ୍ଟ ପୃଷ୍ଠଭୂମିରେ ଏହି ନମୁନାଗୁଡିକର ପ୍ରାସଙ୍ଗିକତା ରହିଛି, ବୈଜ୍ଞାନିକ ପର୍ଯ୍ୟାଲୋଚନା ସହିତ ଆମକୁ ଦେଖିବାକୁ ହେବକି କେଉଁ ପୃଷ୍ଠଭୂମିରେ କେଉଁ ନମୁନାର ପ୍ରାସଙ୍ଗିକତା ରହିଛି ଏବଂ କେଉଁ ରଣକୌଶଳର ଆବଶ୍ୟକତା ରହିଛି।

## କ) ଦାନପୁଣ୍ୟ ନମୁନା

ଦାନପୁଣ୍ୟ ନମୁନା ଅଭାବୀ ଲୋକମାନଙ୍କୁ ବିଶେଷକରି ଜରୁରୀ ପରିସ୍ଥିତି ଓ ପ୍ରାକୃତିକ ବିପର୍ଯ୍ୟୟ ଯଥା:- ବନ୍ୟା, ବାତ୍ୟା, ଭୂମିକମ୍ପ, ମରୁଡି ଓ ମହାମାରୀ ସମୟରେ ସେବା ପ୍ରଦାନ କରିଥାଏ । ପ୍ରପୀଡିତମାନଙ୍କ ସ୍ୱଳ୍ପ ଅନ୍ତର୍ଭୁକ୍ତିରେ ଏହି କାର୍ଯ୍ୟ କରାଯାଏ ଏବଂ ଏହା ବିଶ୍ୱାସ କରାଯାଏ କି ଯେଉଁମାନେ ନିଜକୁ ନିଜେ ସାହାଯ୍ୟ କରିପାରନ୍ତି ନାହିଁ ବାହ୍ୟ ସଂସ୍ଥାଗୁଡିକ ସେମାନଙ୍କୁ ସାହାଯ୍ୟ କରିବା ଉଚିତ। ଆମେ ଆମର ଲୋକହିତକର ଭାବ, ବାକ୍ୟ ତଥା କାର୍ଯ୍ୟରେ ପ୍ରକାଶ କରିବା ଏବଂ ଲୋକଙ୍କର ଦୁଃଖଦ ସ୍ଥିତି ସମୟରେ ସାହାଯ୍ୟ କରିବା। ଯେତେବେଳେ ସେହିପରି ସ୍ଥିତି ଉପୁଜେ, ଆମକୁ ସେପରି ହିଁ କରିବାକୁ ପଡିଥାଏ।

ସେହି ସମାନ ସମୟରେ ଯେଉଁମାନେ ପ୍ରକୃତରେ ଲୋକଙ୍କ କଲ୍ୟାଣ ପାଇଁ ଆଗ୍ରହ ପ୍ରକାଶ କରନ୍ତି, ସେମାନେ ବିପର୍ଯ୍ୟୟପ୍ରବଣ ଅଞ୍ଚଳରେ ଲୋକଙ୍କୁ ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତିରେ ସାହାଯ୍ୟ କରିବା ଆବଶ୍ୟକ, କାରଣ ପୂର୍ବ ପ୍ରସ୍ତୁତି ଯୋଗୁଁ ଅନେକାଂଶରେ ଲୋକଙ୍କ କ୍ଷତି ଓ ଯନ୍ତ୍ରଣା ହ୍ରାସ ପାଇଥାଏ। ଯେଉଁମାନଙ୍କର ଏପରି କାର୍ଯ୍ୟ ପାଇଁ ସମୟ ନଥାଏ ସେମାନେ ସେହିମାନଙ୍କ ସହିତ ନିଜକୁ ସାମିଲ୍ କରିବେ, ଯେଉଁମାନେ ନିଜକୁ ବିପର୍ଯ୍ୟୟ ପ୍ରସ୍ତୁତିକରଣରେ ସାମିଲ୍ କରିପାରନ୍ତି। ତେଣୁ ବିପର୍ଯ୍ୟୟ ପ୍ରପୀଡିତ ଲୋକଙ୍କୁ ସାହାଯ୍ୟ କରିବା ଏକ ପୃଥକ୍ କାର୍ଯ୍ୟ ହେବ ନାହିଁ, ମାତ୍ର ଏହା ଲୋକ ସଶକ୍ତୀକରଣ ପ୍ରକ୍ରିୟାର ଏକ ଅଂଶ ହେବ।

## ଖ) ବିକାଶ ନମୁନା

ଏହା ବିଶ୍ୱାସ କରାଯାଏ କି ଗରିବମାନଙ୍କ ମଧ୍ୟରେ କୌଶଳ ଓ ସମ୍ବଳର ଅଭାବ ରହିଛି ଏଣୁ ବାହ୍ୟ ଓ ଦକ୍ଷ ଲୋକମାନଙ୍କ ସହାୟତାରେ ସେମାନଙ୍କର ବର୍ତ୍ତମାନର ଜୀବନଶୈଳୀରେ ପରିବର୍ତ୍ତନ ଆଣିହେବ। ଅତଏବ ଅନୁଷ୍ଠାନ, ତାହା ବେସରକାରୀ ଅନୁଷ୍ଠାନ ହେଉ କିମ୍ବା ତୃଣମୂଳଭିତ୍ତିକ ଅନୁଷ୍ଠାନ ହେଉ କିମ୍ବା ବିକାଶମୂଳକ ଅନୁଷ୍ଠାନ ହେଉ ସେମାନେ ଏପରି ଏକ ବିକାଶମୂଳକ କାର୍ଯ୍ୟ ଆରମ୍ଭ କରିବା ଉଚିତ, ଯେପରି ଲୋକମାନଙ୍କର ବର୍ତ୍ତମାନର ସ୍ଥିତିରେ ପରିବର୍ତ୍ତନ ଆଣିବା ଦିଗରେ ସେମାନଙ୍କୁ ଆବଶ୍ୟକୀୟ କୌଶଳ ଓ ସାମର୍ଥ୍ୟ ପ୍ରଦାନ କରିବ। ଫଳରେ ତାହା ସେମାନଙ୍କୁ ନିଜ ଗୋଡରେ ଠିଆ ହେବା ପାଇଁ ସାହାଯ୍ୟ କରିବ। ତେବେ ସେ ଯାହା ହେଉ, ଏହି ନମୁନା ସମସ୍ୟାର ମୂଳ କାରଣକୁ ପର୍ଯ୍ୟାପ୍ତ ଭାବେ ସମାଧାନ କରେ ନାହିଁ ବରଂ ଲୋକଙ୍କୁ ଦୁର୍ବଳ କରିଥାଏ। ଏହା ମୁଖ୍ୟତଃ ଲୋକଙ୍କର ବର୍ତ୍ତମାନର ସ୍ଥିତିର ବିକାଶକୁ ଗୁରୁତ୍ୱ ଦେଇଥାଏ । ଅଧିକନ୍ତୁ, ଏହି ପ୍ରକାର ବିକାଶ କାର୍ଯ୍ୟକ୍ରମ କେତେକ ନିର୍ଦ୍ଦିଷ୍ଟ ଲକ୍ଷ୍ୟଗୋଷ୍ଠୀମାନଙ୍କୁ ଗୁରୁତ୍ୱ ଦେଇଥାଏ ଫଳରେ ଲୋକମାନଙ୍କ ମଧ୍ୟରେ ବିଭାଜନ ଦେଖାଦେଇଥାଏ ଯାହା ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟା ପାଇଁ ଏକ ପ୍ରତିବନ୍ଧକ ରୂପେ ଠିଆ ହୋଇଥାଏ।

## ଗ. ସାମାଜିକ ପଦକ୍ଷେପ

ଶୋଷିତ ଓ ଗରିବଲୋକମାନଙ୍କ ସଂଘର୍ଷରେ ପ୍ରତ୍ୟକ୍ଷ ଭାବେ ସହଭାଗୀତା କରି ସମାଜରେ ଢାଞ୍ଚାଗତ ପରିବର୍ତ୍ତନ ଆଣିବା ଫଳରେ ନ୍ୟାୟ, ସମାନତା ଓ ସ୍ୱାଧୀନତାଭିତ୍ତିରେ ଏକ ନୂଆ ସମାଜ ସୃଷ୍ଟି ହେବ। ସାମାଜିକ ପଦକ୍ଷେପ କ୍ୟାଡରଭିତ୍ତିକ ରଣକୌଶଳ ଆପଣାଇ ଥାଏ। ଏହା ଆନ୍ଦୋଳନଭିତ୍ତିକ ଓ ରାଜନୀତି ପ୍ରଣୋଦିତ। ଏହା ସଂଗଠନର ଗଣତାନ୍ତ୍ରିକ ପ୍ରକ୍ରିୟାରେ ବିଶ୍ୱାସ କରିଥାଏ ଏବଂ ବାହ୍ୟ ସଂଗଠନଗୁଡିକ ସହ ସମ୍ପର୍କ ପ୍ରତିଷ୍ଠା କରିଥାଏ। ଏହା ଏକ ରାଜନୈତିକ କ୍ରିୟା, ଯାହା କ୍ଷମତାର ପ୍ରତିନିଧିତ୍ୱ କରିବା ପାଇଁ ସଂଘର୍ଷ କରିଥାଏ। ଏହା ଏକ ସାଂସ୍କୃତିକ କ୍ରିୟା ଯାହା ପ୍ରଭୁତ୍ୱ ଓ ମନୁଷ୍ୟତ୍ୱହୀନ ସଂସ୍କୃତିକୁ ପରିସମାପ୍ତି କରିଥାଏ। ଏହା ଏକ ଅର୍ଥନୈତିକ କ୍ରିୟା ଯାହା ଗରିବ ଲୋକମାନଙ୍କ ପାଇଁ ସମ୍ବଳରେ ସମାନ ଭାଗ ଦାବି କରିଥାଏ। ଏହା ଏକ ଆଧାତ୍ମିକ କ୍ରିୟା ଯାହା ନ୍ୟାୟ, ସମାନତା ଏବଂ ଭାତୃତ୍ୱଭିତ୍ତିରେ ସମାଜ ଗଠନ କରିଥାଏ। ଏହିପରି ପ୍ରତ୍ୟେକ ଆନ୍ଦୋଳନରେ ଯନ୍ତ୍ରଣାପୂର୍ଣ୍ଣ ଇତିହାସ, ନ୍ୟାୟ ପିପାସା ଓ ଜୀବନରେ ଆତ୍ମମର୍ଯ୍ୟାଦାର ଅନୁସନ୍ଧାନ ରହିଛି।

## ଘ) ମାନବ ଅଧିକାର

ନୂତନ ବିଚାର ଅନୁଯାୟୀ ଲୋକମାନେ "ଅଧିକାର ଧାରକ" ଯାହା ଅଧିକାର୍‌ଭିତ୍ତିକ ଧାରଣାକୁ ଜନ୍ମ ଦେଇଛି । ମାନବ ଅଧିକାର ବା ଅଧିକାରଭିତ୍ତିକ ଧାରଣା ସାମାଜିକ କ୍ରିୟା ଉପରେ ପର୍ଯ୍ୟବେଶିତ ଏବଂ ଏହା ମାନବ ଅଧିକାରର ମାନଦଣ୍ଡ ଓ ନୀତିକୁ ଗୁରୁତ୍ୱ ଦିଏ। ମାନବ ଅଧିକାରର କଥୋପକଥନ ଗରିବଙ୍କୁ ସୁରକ୍ଷା ଦିଏ ଏବଂ ଏହା ସ୍ଥାନୀୟ, ଆଞ୍ଚଳିକ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ରାଜନୈତିକ ବାର୍ତ୍ତାଳାପର ପ୍ରଧାନ ବିଷୟ ହୋଇ ରହିଛି। ଗରିବଙ୍କ ପ୍ରତି ସଂଘଟିତ ହେଉଥିବା ସମସ୍ତ ପ୍ରକାର ଅବିଚାର ମାନବିକ ଅଧିକାର ଉଲ୍ଲଙ୍ଘନର ଅନ୍ତର୍ଭୁକ୍ତ । ଲୋକଙ୍କ ପ୍ରତି ହେଉଥିବା ନିର୍ଯ୍ୟାତନା ସେମାନଙ୍କ ଆର୍ଥିକ, ସାମାଜିକ, ସାଂସ୍କୃତିକ, ନାଗରିକ ଓ ରାଜନୈତିକ ଅଧିକାରକୁ ଧ୍ୱଂସ କରିବା ଉଦ୍ଦେଶ୍ୟରେ ପ୍ରଣୋଦିତ । ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେବା ଏବଂ ସାର୍ବଜନୀନ ରାଜନୈତିକ ଚାପ ସୃଷ୍ଟି କରିବା ପାଇଁ ଆମେ ମାନବିକ ଅଧିକାର ଦୃଷ୍ଟିକୋଣକୁ ଅଙ୍ଗୀକାର କରିବା ଆବଶ୍ୟକ।

ଆଜିର ଆହ୍ୱାନ ହେଉଛି ସମାଜର ଧନଶାଳୀ ଲୋକଙ୍କର ମାନସିକତାକୁ ପରିବର୍ତ୍ତନ କରି ଯନ୍ତ୍ରଣାରେ ଜର୍ଜରିତ ଗରିବ ଲୋକମାନଙ୍କ ପ୍ରତି ସମ୍ବେଦନଶୀଳ କରାଇବା, ଫଳରେ ଗରିବମାନେ ନିରନ୍ତର ଭାବେ ସେମାନଙ୍କର ଅଧିକାର ହାସଲ କରିପାରିବେ। ଶାନ୍ତି, ବନ୍ଧୁତ୍ୱର ପୁନଃସ୍ଥାପନା ଏବଂ ନ୍ୟାୟ, ମାନବ ଅଧିକାରର ଅବିଚ୍ଛେଦ ଅଙ୍ଗ ଅଟେ।

# ଗୋଷ୍ଠୀ ପରିଚାଳିତ ବିକାଶ ପ୍ରକ୍ରିୟା

ତଳରୁ ଉପର ସାମାଜିକ, ସାଂସ୍କୃତିକ ଏବଂ ଢାଞ୍ଚାଗତ ରୂପାନ୍ତରଣ ପଦ୍ଧତି ଏବଂ ଅମର୍ତ୍ତ୍ୟ ସେନ୍‌ଙ୍କ ସାମର୍ଥ୍ୟର ଧାରା ଗୋଷ୍ଠୀ ସହିତ ଯୋଡି ହୋଇ କାର୍ଯ୍ୟ କରିବାର ନୂଆ ପଥ ଖୋଲି ଦେଇଛି । ଜଣେ ବ୍ୟକ୍ତି ବା ଗୋଟିଏ ଗୋଷ୍ଠୀ ଗରିବ ଅଟନ୍ତି ଏବଂ ବହୁ କ୍ଷେତ୍ରରେ ସେମାନଙ୍କୁ ସାମାଜିକଭାବେ ଭେଦଭାବ କରି ଅର୍ଥନୈତିକଭାବେ ଶୋଷଣ କରି, ସାଂସ୍କୃତିକଭାବେ ମୌନ କରି ଏବଂ ରାଜନୈତିକଭାବେ କ୍ଷମତା ଶୂନ୍ୟ କରି ରଖାଯାଇଛି। ସାମାଜିକ ବର୍ଗୀକରଣ ମାଧ୍ୟମରେ ଗୋଷ୍ଠୀଗୁଡିକୁ ଜାତି, ସାଂସ୍କୃତିକଗୋଷ୍ଠୀ, ଭାଷା, ଧର୍ମ, ଆଞ୍ଚଳିକତା ଓ ବୃତ୍ତି ଅନୁଯାୟୀ ସ୍ୱାର୍ଥନ୍ୱେଷୀ ଗୋଷ୍ଠୀଙ୍କ ଦ୍ୱାରା ସେମାନଙ୍କ ରାଜନୈତିକ ଓ ଅର୍ଥନୈତିକ ଅଭିସନ୍ଧି ହାସଲ ନିମନ୍ତେ ବିଭାଜିତ କରାଯାଇଛି। ଏହି ଦୃଶ୍ୟପଟ୍ଟରେ,



ଏହା ହୃଦୟଙ୍ଗମ କରାଯାଏ କି, ସାମୂହିକ ଅଭିବୃଦ୍ଧିକୁ ସୁଗମ କରିବା ହିଁ ପ୍ରକୃତ ଓ ଅବିରତ ଭବିଷ୍ୟତ ପନ୍ଥା ହେବ। ଯଦିଓ ଏହା ଧିର ଓ ସୀମିତ । ସଫଳତାର ମାପ କେବଳ ଯେ ବାହ୍ୟ ଓ ଭୌତିକ ଫଳାଫଳ ବା ସଫଳତାକୁ ଗଣନା କରେ ନାହିଁ। ଏହା ମଧ ନିର୍ଭର କରେ ଦଳ ଓ ଗୋଷ୍ଠୀ ମଧରେ ଥିବା ଗୁଣାତ୍ମକ କାର୍ଯ୍ୟ, ପ୍ରତିଫଳନ ପ୍ରକ୍ରିୟା, ସମସ୍ତଙ୍କ ଯୋଗଦାନ, ଜାତି, ଗୋତ୍ର ଓ ଧର୍ମ ବିଭାଜନରୁ ଉପରକୁ ଉଠି ସମସ୍ତଙ୍କୁ ସମ୍ମାନ ଦେବା, ଏକତ୍ର ନିଷ୍ପତ୍ତି ଗ୍ରହଣ କରିବା, ନିଜକୁ ନିଜେ ପରିଚାଳନା କରିବାର ସାମର୍ଥ୍ୟ ରଖିବା, ଦ୍ୱନ୍ଦ ପରିଚାଳନା କରିବା, କାର୍ଯ୍ୟନିର୍ବାହୀଙ୍କ ସହିତ ମୂଳଚାଲ କରିବା, ଜ୍ଞାନ ଅର୍ଜନ କରିଥିବା ଶିକ୍ଷାକୁ ଚିହ୍ନଟ କରିବା, ପରିବର୍ତ୍ତନର ଉତ୍ସବ ପାଳନ କରିବା, ମୂଲ୍ୟବୋଧ ଓ ମନୋଭାବକୁ ହୃଦୟଙ୍ଗମ କରିବା ଓ ବାସ୍ତବ ଫଳାଫଳ ପ୍ରାପ୍ତିର ଉତ୍ସବ ପାଳନ କରିବା। ଫଳାଫଳଭିତ୍ତିକ ପରିଚାଳନାରୁ ଗୋଷ୍ଠୀ ଦ୍ୱାରା ଓ ଗୋଷ୍ଠୀ ନେତୃତ୍ୱରେ ପରିଚାଳିତ ପ୍ରକ୍ରିୟାକୁ ସ୍ଥାନାନ୍ତର କରିବା। ଏହି ପ୍ରକ୍ରିୟା ଫଳପ୍ରଦ ଭାବେ ଅଧିକ ମାତ୍ରାରେ ଓ ଗୁଣାତ୍ମକ ସୂଚକଗୁଡ଼ିକୁ ଯୋଗ କରେ ଏବଂ ପ୍ରକ୍ରିୟାର ପ୍ରତିଫଳନ ଜ୍ଞାନ ଓ ଏହାର ବ୍ୟବହାର୍ଯ୍ୟ ଦିଗକୁ ଗୁରୁତ୍ୱ ପ୍ରଦାନ କରେ। କିଛି ଅନୁଷ୍ଠାନ ଏହାକୁ ଅତ୍ୟଧିକ ଆଦର୍ଶ ବୋଲି ବିବେଚନା କରନ୍ତି ମାତ୍ର ଏହି ଢଙ୍ଗରେ ହିଁ କାରିତାସ୍ ଇଣ୍ଡିଆର ସହଯୋଗୀ ସଂଗଠନଗୁଡ଼ିକ ଗୋଷ୍ଠୀ ପରିଚାଳିତ ପ୍ରକ୍ରିୟାକୁ ବୁଝନ୍ତି ।

ସମ୍ପ୍ରତି ପାଞ୍ଚଟି ଅନୁଷ୍ଠାନ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟା ଉପରେ ଏକ ଅନୁସନ୍ଧାନଭିତ୍ତିକ ଅଧ୍ୟୟନ କରାଯାଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟାର ମାଧ୍ୟମ, ରଣକୌଶଳ, ପ୍ରଣାଳୀ, ଉପକାରିତାରୁ ମିଳୁଥିବା ଶିକ୍ଷାକୁ ଆୟତ୍ତକରିବା। ଏହି ଅଧ୍ୟୟନରେ ଅଂଶଗ୍ରହଣ କରିଥିବା ତିନୋଟି ଅନୁଷ୍ଠାନ ସହରାଞ୍ଚଳରେ କାର୍ଯ୍ୟ କରୁଥିଲେ:- ସେବା କେନ୍ଦ୍ର କଲିକତା, ଚେତନାଳୟ ଦିଲ୍ଲୀ, ସେଣ୍ଟଜେଭିଏର ସୋସିଆଲ ଗୋଷ୍ଠୀ

ଓ ଗୋଷ୍ଠୀ ବିକାଶର ପରିଚୟ ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିଲେ - କ୍ରିପା ସୋସିଆଲ ସର୍ଭିସ ସୋସାଇଟି, ଉଜ୍ଜୟିନୀ ଓ ପୂର୍ବାଞ୍ଚଳ ଗ୍ରାମୀଣ ସେବା ସମିତି, ଗୋରଖପୁର।

ତୃଣମୂଳ ସ୍ତରରୁ, ଗୋଷ୍ଠୀ ଓ ସଂଗଠନଗୁଡିକରୁ ଶିକ୍ଷା ଗ୍ରହଣକରି ସୁଗମକାରୀ ଅନୁଷ୍ଠାନ ଓ କ୍ଷେତ୍ର କର୍ମଚାରୀମାନଙ୍କ ଗୋଷ୍ଠୀ ପରିଚାଳିତ ପ୍ରକ୍ରିୟା ଉପରେ ଉତ୍ତମ ବୁଝାମଣା ହେବା ନିମନ୍ତେ ଏହି ପୁସ୍ତିକା ଏକ ସାହାଯ୍ୟକାରୀ ସାଧନ ହିସାବରେ ପ୍ରସ୍ତୁତ କରାଯାଇଛି । ଉକ୍ତ ଆଲୋଚନାରୁ ୧୨ଟି କ୍ରମ ଉଦ୍ରେକ ହୋଇଛି । ଏହି ୧୨ଟି କ୍ରମକୁ ସମ୍ପୂର୍ଣ୍ଣ ବୋଲି ବିବେଚନା କରା ଯାଇ ନ ପାରେ । ଏହାର ଉଦ୍ଦେଶ୍ୟ ହେଉଛି ଏକ ପଦ୍ଧତି ଗଠନ କରିବା।

୧. ବିଶ୍ୱାସ ଓ ଆତ୍ମପ୍ରତ୍ୟୟ ବୃଦ୍ଧି;

୨. ଗୋଷ୍ଠୀ ଏକତ୍ରୀକରଣର ଲକ୍ଷ୍ୟ ଓ ମୂଲ୍ୟବୋଧ ସମ୍ବନ୍ଧରେ ଏକମତ ବିଚାରଧାରା ସୃଷ୍ଟି;

୩. ମିଳିତ ଏବଂ ବିବିଧ ଦଳ ଗଠନ ଓ ଏହାର ପରିଚାଳନା କରିବା ପାଇଁ ଗୋଷ୍ଠୀଭିତ୍ତିକ ସଂଗଠନ ନିର୍ମାଣ;

୪. ସମାଲୋଚନାତ୍ମକ ସଚେତନତା ସୃଷ୍ଟି କରିବା:- ସ୍ୱୟଂ, ଗୋଷ୍ଠୀ ଏବଂ ସମାଜ ସହିତ ବ୍ୟକ୍ତିତ୍ୱ, ନେତୃତ୍ୱ ଓ ଜ୍ଞାନର ବିକାଶ ସମ୍ବନ୍ଧରେ ସଚେତନତା ସୃଷ୍ଟି;

୫. ସାମାଜିକ ସମସ୍ୟାର ଚିହ୍ନଟୀକରଣ ଓ ପ୍ରାଥମିକତା;

୬. କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହିତ ବାର୍ତ୍ତାଳାପ ଓ ଜୀବନଜୀବିକାର ସୁଯୋଗ ବୃଦ୍ଧି;

୭. ଅନ୍ୟ ଅନୁଷ୍ଠାନଗୁଡିକର କ୍ଷେତ୍ର ପରିଦର୍ଶନ କରି ଶିକ୍ଷା ଲାଭ କରିବା ଓ ପରସ୍ପର ମଧ୍ୟରେ ଜ୍ଞାନର ଆଦାନ ପ୍ରଦାନ;

୮. କାର୍ଯ୍ୟ ପ୍ରକ୍ରିୟା-ପ୍ରତିଫଳନକୁ କାର୍ଯ୍ୟରେ ବ୍ୟବହାର;

୯. ସହଯୋଗ, ସଂଯୋଗୀକରଣ ଏବଂ ପକ୍ଷସମର୍ଥନ;

୧୦. ସ୍ୱେଚ୍ଛାକୃତ ସେବା, ଦାନ ଓ ଅଂଶଦାନ;

୧୧. ଉତ୍ସବ ପାଳନ, ଦୃଶ୍ୟମାନତା ଓ ମାନ୍ୟତା ପ୍ରଦାନ;

୧୨. ସୁଗମକାରୀ ଅନୁଷ୍ଠାନଗୁଡିକର ଭୂମିକାରେ ପରିବର୍ତ୍ତନ।

ଏକ ସଂକ୍ଷିପ୍ତ ବିବରଣୀ ସହିତ ଏହି ପ୍ରକ୍ରିୟାକୁ ବର୍ଣ୍ଣନା କରିବା ଗୁରୁତ୍ୱପୂର୍ଣ୍ଣ । ଏହାକୁ ଧ୍ୟାନରେ ରଖି କ୍ରମାନ୍ୱୟରେ ବିକଶିତ କରାଯାଇଛି କି ଏକ ନୂତନ ଅଞ୍ଚଳରେ ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟାକୁ ଆରମ୍ଭ କରାଯାଇଛି । ଯଦି ଗୋଟିଏ ଅନୁଷ୍ଠାନ ସେଠାରେ ଏକ ଭିନ୍ନ ରଣକୌଶଳରେ କାର୍ଯ୍ୟ କରିଆସୁଛି ତେବେ ଏହି ପ୍ରକ୍ରିୟାର କ୍ରମକୁ ସୁନ୍ଦର ଭାବେ ଅଙ୍ଗୀକାର କରିପାରିବେ। ଅଧିକନ୍ତୁ, ଯାହା ଏଥିରେ ଉପସ୍ଥାପନ କରାଯାଇଛି ତାହା ରେଖାକାର ପରି ଜଣାଯାଏ। କିନ୍ତୁ ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟା କେବେ ମଧ ରେଖାକାର ନୁହେଁ, ଏହା ଆବର୍ତ୍ତମାନ। ଏହା ଏପରି ନୁହେଁ ଯେ ଜଣେ ଗୋଟିଏ କ୍ରମ ଶେଷ କରିସାରିବା ପରେ ଅନ୍ୟ ଏକ କ୍ରମ ଶେଷକରିବ। ଯେହେତୁ ଏହି ପ୍ରକ୍ରିୟା ଗୋଲାକାର, ଏପରି ଆବଶ୍ୟକ ପଡିପାରେ ଯେ ଜଣେ ଆଗକୁ ଯିବା ପରେ ମଧ ପଛକୁ ଫେରିବାକୁ ପଡିପାରେ। ସୁସଂଗତ ଭାବେ କ୍ରମଗୁଡିକୁ ଯୋଡି ପାରିଲେ ଏହା ଏକ ଆଦର୍ଶ ନମୁନା ହୋଇପାରିବ ।


ଭିନ୍ନ ଭିନ୍ନ ପ୍ରକାରର ଓ ଜଟିଳ ପୃଷ୍ଠଭୂମିରେ ପ୍ରକ୍ରିୟାର କ୍ରମଗୁଡିକୁ ପୁର୍ନବିନ୍ୟାସ କରିବା ଆବଶ୍ୟକ । ପ୍ରତ୍ୟେକ କ୍ରମ ନେବା ବେଳକୁ ଅନୁଷ୍ଠାନର କର୍ମଚାରୀମାନେ ସେହି କ୍ରମଗୁଡିକର ଉଦ୍ଦେଶ୍ୟ ବିଷୟରେ ଭଲ ଭାବେ ଶିକ୍ଷା ଗ୍ରହଣ କରିବା

ଉଚିତ। ଫଳରେ ସେମାନେ ଗୋଟିଏ କ୍ରମରୁ ଅନ୍ୟ ଏକ କ୍ରମକୁ ଡିଆଁ ମାରିବେ ନାହିଁ ଓ ପୂର୍ବ ନିର୍ଦ୍ଧାରିତ ଫଳ ଫଳାଇବା ପାଇଁ ବାଧ୍ୟ ହେବେନାହିଁ । ଏହି କ୍ଷେତ୍ରରେ କେଉଁଟି ସଠିକ୍ ଓ କେଉଁଟି ଭୁଲ୍ ପଦ୍ଧତି ବୋଲି ସେପରି କିଛିନାହିଁ। ଜଣେ କହି ପାରିବେ ନାହିଁ କି ଗୋଟିଏ ପୃଷ୍ଠଭୂମିରେ ବାସ୍ତବରେ କେଉଁ ପଦ୍ଧତିଟି କାର୍ଯ୍ୟ କରିବ । ତତ୍ତ୍ୱର ପ୍ରୟୋଗ, ଚିନ୍ତନ ଓ ବାସ୍ତବତାକୁ ଖୋଲା ମନରେ ଆପଣେଇବା ତଥା ପୃଷ୍ଠଭୂମିକୁ ଗ୍ରହଣ କରିବା ମନୋଭାବକୁ ସବୁବେଳେ ମନ ମଧ୍ୟରେ ରଖିବା ଉଚିତ । ଏହା ବ୍ୟତୀତ ପ୍ରକ୍ରିୟାର ପ୍ରତ୍ୟେକ କ୍ରମର ସମୀକ୍ଷା କରାଯିବା ଉଚିତ ଆମେ କେଉଁ କ୍ରମରୁ କ'ଣ ଶିକ୍ଷାଗ୍ରହଣ କଲେ ଏବଂ ପୃଷ୍ଠଭୂମିରୁ ଏବଂ ଗୋଷ୍ଠୀଙ୍କଠାରୁ କ'ଣ ପାଇଲେ ତାହା ଗୁରୁତ୍ୱପୂର୍ଣ୍ଣ ।

## କାର୍ଯ୍ୟକ୍ରମ ସହାୟତାର ସମୟସୀମା

ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କାର୍ଯ୍ୟ କରିଥିବା ପାଞ୍ଚଟି ସୁଗମ ବା ଫେସିଲିଟେଟର୍ ଅନୁଷ୍ଠାନଗୁଡିକର ଅଭିଜ୍ଞତାରୁ ଏପରି ଧାରଣା ହୃଦୟଙ୍ଗମ କରାଯାଇଛି କି କାର୍ଯ୍ୟକ୍ରମ ସହାୟତାର ସମୟସୀମା ଆଠରୁ ନଅ ବର୍ଷ ପର୍ଯ୍ୟନ୍ତ ହେବ। କାର୍ଯ୍ୟକ୍ରମର ପୃଷ୍ଠଭୂମି ଓ ଜଟିଳତାଭିତ୍ତିରେ ଏହାକୁ ଅଙ୍ଗୀକାର କରାଯିବା ଆବଶ୍ୟକ । ଏହା ସାଧାରଣ ପରିସ୍ଥିତିରେ କାର୍ଯ୍ୟକାରୀ ହୋଇପାରିବ। ଏପରି ଅଞ୍ଚଳ ଯାହା ଜାତି, ଧର୍ମ ଓ ଭାଷାଭିତ୍ତିରେ ଗଭୀରଭାବେ ବିଭାଜିତ, ସେପରି ଅଞ୍ଚଳରେ ଗୋଷ୍ଠୀ ଚିହ୍ନଟୀକରଣ କରିବା ସମୟରେ ସୁଗମକାରୀ ବା ଫେସିଲିଟେଟର୍ ଅନୁଷ୍ଠାନଗୁଡିକ ଯତ୍ନବାନ ହେବା ଉଚିତ। ଏହା ଆଶା କରାଯାଏ ନାହିଁ ଯେ କୌଣସି ସଂଗଠନ କାନ୍ଥରେ ମୁଣ୍ଡକୁ ଆଘାତ କରି ସହିଦ୍ ହୁଅନ୍ତୁ । ଏକ ବର୍ଷ କାର୍ଯ୍ୟ କରିବା ପରିବର୍ତ୍ତେ, ଯଦି ଗୋଷ୍ଠୀର ସଭ୍ୟସଭ୍ୟାମାନେ ସାଧାରଣ ସ୍ୱାର୍ଥକୁ ଅଣଦେଖା କରନ୍ତି ଏବଂ ଏକତ୍ର କାର୍ଯ୍ୟ ନକରନ୍ତି, ତେବେ ସେହି ଅଞ୍ଚଳରୁ ସଂଗଠନ ଓହରି ଯିବା ବା ପ୍ରସ୍ଥାନ କରିବା ଉଚିତ ହେବ। ସୁଗମକାରୀ ବା ଫେସିଲିଟେଟର୍ ଅନୁଷ୍ଠାନଗୁଡିକ ଏକତ୍ର ଚିନ୍ତନ କରିବା, ଗଭୀରଭାବେ ଭାବନାର ଆଦାନପ୍ରଦାନ କରିବା, ଅନ୍ୟକୁ ଗୁରୁତରଭାବେ ଶୁଣିବା ଏବଂ ସାଧାରଣ ସହମତିରେ ପହଞ୍ଚିବା ଇତ୍ୟାଦି ପ୍ରକ୍ରିୟା ଦ୍ୱାରା ନିର୍ଦ୍ଦେଶିତ ହେବା ଦରକାର।

## ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟା – ଏକ ଆଦର୍ଶ ସମୟସୀମା



## ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟା – ଏକ ଆଦର୍ଶ ସମୟସୀମା

| | | | |
|---|---|---|---|
| କ୍ରମ-୧ ଓ ୨ | କ୍ରମ-୩ ଓ ୪ | କ୍ରମ-୫ ଓ ୬ | କ୍ରମ-୭,୯.୧୨ |
| ପର୍ଯ୍ୟାୟ -୧<br>୧ବର୍ଷ | ପର୍ଯ୍ୟାୟ-୨<br>୨ ୧/୨ ବର୍ଷ | ପର୍ଯ୍ୟାୟ-୩<br>୨ ୧/୨ ବର୍ଷ | ପର୍ଯ୍ୟାୟ -୪<br>୨ବର୍ଷ |

| | | |
|---|---|---|
| କର୍ମଚାରୀ ସହାୟତା – ମାତ୍ର ସ୍ୱଳ୍ପ କାର୍ଯ୍ୟକ୍ରମ ସହାୟତା | କର୍ମଚାରୀ ସହାୟତା କାର୍ଯ୍ୟକ୍ରମ ସହାୟତା | କର୍ମଚାରୀ ସହାୟତା ହ୍ରାସ, ସର୍ବନିମ୍ନ ଆଭ୍ୟନ୍ତରୀଣ ତାଲିମ୍ ସହାୟତା, ନେଟ୍‌ୱାର୍କ ସହାୟତା କ୍ଷେତ୍ର ପରିଦର୍ଶନ, ଦୃଶ୍ୟମାନତା, ଏହି ପର୍ଯ୍ୟାୟର ଆରମ୍ଭରେ କ୍ରମ-୧୨କୁ ଆରମ୍ଭ କରିପାରିବେ। |

କ୍ରମ-୮ - ପଦ୍ଧତିକରଣ - ପ୍ରକ୍ରିୟା ସମୟ ମଧ୍ୟରେ
କ୍ରମ-୧୦- ପ୍ରେରଣାଦାନ, ଛୋଟ ଛୋଟ ପଦକ୍ଷେପ, ପରୀକ୍ଷାନିରୀକ୍ଷା ଏବଂ ତଦାରଖ
କ୍ରମ -୧୧ ଆଡକୁ ଅଗ୍ରସର କରାଇବ, କ୍ରମ ୧୧- ଦୃଶ୍ୟମାନତା, ମାନ୍ୟତା,
ପୁରସ୍କାର ପର୍ଯ୍ୟାୟ ୩ରୁ ଆରମ୍ଭକରାଯିବ।

ଅଧ୍ୟାୟ 2

# ବିଶ୍ୱାସ ଓ ଆତ୍ମପ୍ରତ୍ୟୟ



# ବିଶ୍ୱାସ ଓ ଆତ୍ମପ୍ରତ୍ୟୟ


## ଉଦ୍ଦେଶ୍ୟ

ଗୋଷ୍ଠୀ ପରିଚାଳିତ ବିକାଶର ପ୍ରଥମ କ୍ରମ ହେଉଛି ବିଶ୍ୱାସ ସୃଷ୍ଟି କରିବା। ଏହାର ଉଦ୍ଦେଶ୍ୟ ସାମାଜିକ କର୍ମୀ ଓ ସଂଗଠନର ବିଶ୍ୱସନୀୟତା ସ୍ଥାପନ କରିବା ସଙ୍ଗେସଙ୍ଗେ ଗୋଷ୍ଠୀ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସୃଷ୍ଟି କରିବା। ଯୋଜନା ହେଉଛି ଉଭୟଙ୍କ ମଧ୍ୟରେ ସ୍ୱାଗତ ମନୋଭାବ ଓ ପାରସ୍ପରିକ ଗ୍ରହଣୀୟତା ସୃଷ୍ଟି କରିବା। ପରିଶେଷରେ ଅନ୍ୟମାନେ ସମାଜିକ କର୍ମୀମାନଙ୍କୁ ଏପରି ଦେଖିବାକୁ ଚାହିଁବେ କି ସେମାନେ ବିଶ୍ୱସନୀୟ, ସେମାନଙ୍କଠାରେ ସମସ୍ତଙ୍କ ସହିତ ସମ୍ପର୍କ ଯୋଡିବାର ସାମର୍ଥ୍ୟ ରହିଛି, ସମସ୍ତଙ୍କୁ ଶୁଣିବାକୁ ପ୍ରସ୍ତୁତ ଅଛନ୍ତି ଏବଂ ଧୈର୍ଯ୍ୟ ଓ ସହନଶୀଳତାର ସହିତ ଲୋକଙ୍କ କାର୍ଯ୍ୟ କରିବା ପାଇଁ ଅଧିକ କିଛି ଦୂର ଯିବାକୁ ପ୍ରସ୍ତୁତ ଅଛନ୍ତି। ଏହାର ଫଳାଫଳ ନିଶ୍ଚିତ ରୂପେ ପାରସ୍ପରିକ ବନ୍ଧନ, ଉନ୍ନତ ବିଚାର, ପାରସ୍ପରିକ ଗ୍ରହଣୀୟତା ଓ ପାରସ୍ପରିକ ବିଶ୍ୱସନୀୟତା ଉପରେ ନିର୍ଭରଶୀଳ ହୋଇଥାଏ।

## ସମୟ ସୀମା

ସାଧାରଣତଃ ସୁଗମକାରୀ ବା ଫେସିଲିଟେଟର୍ ସଂଗଠନ ଓ କର୍ମୀ ଏବଂ ଗୋଷ୍ଠୀ ସଭ୍ୟସଭ୍ୟାଙ୍କ ମଧ୍ୟରେ ବିଶ୍ୱାସର ସମ୍ପର୍କ ପ୍ରତିଷ୍ଠା ହେବା ପାଇଁ ଏବଂ ବିଶେଷକରି ଗୋଷ୍ଠୀର ବିଶ୍ୱାସ ଜିଣିବା ପାଇଁ ପ୍ରାୟତଃ ୬-୮ ମାସ ସମୟ ଲାଗିଥାଏ।

### ପାରସ୍ପରିକ ଗ୍ରହଣୀୟତା ଓ ବିଶ୍ୱାସ ବୃଦ୍ଧି



# ଅଗ୍ରସର ହେବା ପାଇଁ ଉପାୟ

- ନିବାସସ୍ଥଳୀ ପରିଭ୍ରମଣ କରିବା ସହିତ ସମସ୍ତ ପ୍ରକାରର ଲୋକଙ୍କ ସହିତ ପରିଚିତ ହେବା ପାଇଁ ଯୁବକ, ଯୁବତୀ, ବୃଦ୍ଧ, ବୃଦ୍ଧା, ପୁରୁଷ ଓ ମହିଳାଙ୍କୁ ଭେଟନ୍ତୁ। ବିଶେଷକରି ସାହି, ବସ୍ତି, ସାଧାରଣ ସ୍ଥାନ ଯେଉଁଠି ଲୋକମାନେ ଜମା ହୁଅନ୍ତି, ପିଲାମାନଙ୍କ ଖେଳକୁଦ ସ୍ଥାନ, ବିଦ୍ୟାଳୟ, ମନ୍ଦିର ଓ ମସ୍‌ଜିଦ୍‌କୁ ପରିଦର୍ଶନ କରନ୍ତୁ।
- ସତର୍କ ରୁହନ୍ତୁ ଓ ସମସ୍ତଙ୍କୁ ସମ୍ମାନ ପ୍ରଦର୍ଶନ କରନ୍ତୁ । ଯଦି କେହି ଆପଣଙ୍କ ପରିଚୟ ଓ ଉଦ୍ଦେଶ୍ୟ ଜାଣିବାକୁ ଚାହାଁନ୍ତି ତେବେ ସରଳଭାବେ ନିଜର ପରିଚୟ ଦିଅନ୍ତୁ ।
- ଛୋଟପିଲା, ମହିଳା ଓ ଅନ୍ୟମାନଙ୍କ ସହ ପରିଚିତ ହୁଅନ୍ତୁ । ଲୋକମାନଙ୍କୁ ନାମ ଧରି ସମ୍ବୋଧନ କରନ୍ତୁ ଏବଂ ନିଜର ନାମ ଦ୍ୱାରା ସମ୍ବୋଧିତ ହେବା ପାଇଁ ଲୋକଙ୍କୁ ପ୍ରଶ୍ରୟ ଦିଅନ୍ତୁ ।
- ଯେତେଦୂର ସମ୍ଭବ ଲୋକଙ୍କ ସହିତ ସୁସମ୍ପର୍କ ପ୍ରତିଷ୍ଠା କରନ୍ତୁ, ଏହା ପ୍ରମାଣ କରନ୍ତୁ କି ଆପଣ ସମସ୍ତଙ୍କ ପାଇଁ ଅଛନ୍ତି।
- କ୍ଷେତ୍ର ପରିଦର୍ଶନ ସମୟ ପାଇଁ ନମନୀୟତା ଅବଲମ୍ବନ କରନ୍ତୁ, ରାତ୍ରିକାଳୀନ ସମୟରେ ଲୋକମାନେ ସମସ୍ୟାର ସମ୍ମୁଖୀନ ହେଉଥିବା ସ୍ଥିତିକୁ ବୁଝିବା ପାଇଁ ବେଳେବେଳେ ସନ୍ଧ୍ୟା ସମୟରେ କ୍ଷେତ୍ର ପରିଦର୍ଶନ କରନ୍ତୁ।
- ବାସ୍ତବତାକୁ ସୂକ୍ଷ୍ମଭାବେ ହୃଦୟଙ୍ଗମ କରିବା ପାଇଁ ନିଜର ଇନ୍ଦ୍ରୀୟ ଯଥା- ଦେଖିବା, ଛୁଇଁବା, ଆଘ୍ରାଣ କରିବା ଓ ଚାଖିବା ଇତ୍ୟାଦିକୁ ବ୍ୟବହାର କରନ୍ତୁ । ଗୋଷ୍ଠୀର ସଭ୍ୟସଭ୍ୟାଙ୍କ ମଧ୍ୟରେ ସମ୍ପର୍କର ସେତୁକୁ ଲକ୍ଷ୍ୟ କରନ୍ତୁ।
- ଜଟିଳତା ମଧ୍ୟରେ ଗୋଷ୍ଠୀର ଜୀବନ ସଙ୍ଗୀତର ତାଳକୁ ଲକ୍ଷ୍ୟ କରନ୍ତୁ ଏବଂ ସେଥିରେ ଅଂଶଗ୍ରହଣ କରନ୍ତୁ। ଜଟିଳତାକୁ ନେଇ ପ୍ରଶ୍ନ ପଚାରନ୍ତୁ ନାହିଁ ବରଂ ଜଣେ ଶିକ୍ଷାର୍ଥୀ ହୁଅନ୍ତୁ।
- କ୍ରିୟାଶୀଳଭାବେ ଶୁଣନ୍ତୁ, ଉପଦେଶ ଦେବା ଓ କୌଣସି ରାୟ ଦେବାରୁ ଦୂରେଇ ରୁହନ୍ତୁ ।
- ବାର୍ତ୍ତାଳାପ ସମୟରେ ବା କେହି ପ୍ରଶ୍ନ ପଚାରିଲେ ସକରାତ୍ମକ ଉପଲବ୍ଧିକୁ ଦୃଢତାର ସହିତ ପ୍ରକାଶ କରନ୍ତୁ।
- ଆନୁଷ୍ଠାନିକ, ଅଣଆନୁଷ୍ଠାନିକ, ପାରମ୍ପରିକ ଓ ଧର୍ମୀୟ ନେତାମାନଙ୍କ ସଂସ୍ପର୍ଶରେ ରୁହନ୍ତୁ ।
- ଲୋକଙ୍କୁ ତାଙ୍କ ଗୃହରେ ସାକ୍ଷାତ୍ କରିବା ସମୟରେ ସମ୍ବେଦନଶୀଳ ହୁଅନ୍ତୁ । ମହିଳା ଓ ବାଳିକାମାନଙ୍କୁ ସମ୍ମାନ ଦିଅନ୍ତୁ ।

# ସାହାଯ୍ୟକାରୀ ବିନ୍ଦୁ

- ଏହା ଭଲ ହେବ ଯେ ଅନୁଷ୍ଠାନର କର୍ମୀ, ଗୋଷ୍ଠୀ ବା ପ୍ରତିବେଶୀ ଗୋଷ୍ଠୀରୁ ଚୟନ କରାଯିବେ ଓ କର୍ମୀମାନଙ୍କ ମଧ୍ୟରେ ଲିଙ୍ଗଗତ ସନ୍ତୁଳନତା ସୁନିଶ୍ଚିତ କରିବା ଉଚିତ।
- ଗୋଷ୍ଠୀ ପ୍ରତି କର୍ମୀମାନଙ୍କର ସକରାତ୍ମକ ମନୋଭାବ ଉଦ୍ରେକ ହେବା ନେଇ ତାଙ୍କୁ ଶିକ୍ଷା ଦେବା। ଅନୁଷ୍ଠାନର କର୍ମୀମାନଙ୍କୁ ସାହାଯ୍ୟ କରିବା ଯେପରି ସେମାନେ ଏହା ବୁଝିପାରିବେ କି ଗୋଷ୍ଠୀ ମଧ୍ୟରେ ପରିବର୍ତ୍ତନ କରିବା ପାଇଁ ସାମ୍ଭାବନା ରହିଛି ।
- ପ୍ରାଥମିକଭାବେ ମହିଳା ଓ ଶିଶୁମାନଙ୍କୁ ଗୁରୁତ୍ୱ ଦେବା ଉଚିତ, କାରଣ ସେମାନେ ସମୟ ଦେଇପାରନ୍ତି ଓ ବିଶ୍ୱାସ ଓ ଆତ୍ମପ୍ରତ୍ୟୟ ସେମାନଙ୍କ ସହିତ ସହଜରେ ବାର୍ତ୍ତାଳାପ କରିହେବ।

- ଶିଖିବା ଓ ବୁଝିବାକୁ ଆଗ୍ରହ ପ୍ରକାଶ କରିବା ଉଚିତ ଯେ, କିପରି ସାମାଜିକ, ଅର୍ଥନୈତିକ, ରାଜନୈତିକ, ଧାର୍ମୀକ, ଭାଷାଭିତ୍ତିକ ଏବଂ ଜାତି ପରିସର କାର୍ଯ୍ୟ କରିଥାଏ ।
- ପାରିବାରିକ ବା ସାଧାରଣ ଉତ୍ସବରେ କିମ୍ବା ଶ୍ରାଦ୍ଧ ଉତ୍ସବରେ ଯୋଗଦାନ କରନ୍ତୁ । ବୃଦ୍ଧ, ବୃଦ୍ଧା, ରୋଗଗ୍ରସ୍ତ, ଭିନ୍ନକ୍ଷମ ଓ ଅସହାୟ ଲୋକଙ୍କୁ ସମୟ ଦିଅନ୍ତୁ । ଏହା ଆପଣ ଓ ଆପଣଙ୍କ ମିଶନ ସମ୍ବନ୍ଧରେ ଏକ ଦୃଢ଼ ସନ୍ଦେଶ ପହଞ୍ଚାଇବ ।
- ଅଣ-ଆନୁଷ୍ଠାନିକ ଭାବେ ଅଞ୍ଚଳର/ଗ୍ରାମର ମାନଚିତ୍ର ପ୍ରସ୍ତୁତ କରନ୍ତୁ ଏବଂ ଦୃଷ୍ଟିଗୋଚର କରାନ୍ତୁ ଯେ କେଉଁଠି ବିଭିନ୍ନ ଜାତି, ଧର୍ମ ଓ ସାଂସ୍କୃତିକଗୋଷ୍ଠୀର ଲୋକମାନେ ବାସ କରନ୍ତି ଓ ସେଠାରେ ସାଧାରଣ ସୁବିଧା ସୁଯୋଗ କିପରି ରହିଛି, ଯେପରିକି- ବିଦ୍ୟାଳୟ, ପାଣିଟାଙ୍କି, ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସରକାରୀ କାର୍ଯ୍ୟାଳୟ ଇତ୍ୟାଦି ।
- ଆବଶ୍ୟକତା ଅନୁସାରେ ଯୋଡ଼ନ୍ତୁ ବା ପରିବର୍ତ୍ତନ କରନ୍ତୁ ।

# ଉପକାରୀ ସତର୍କତା

- କୌଣସି ନକରାତ୍ମକ ସଂକେତ ବା ସନ୍ଦେଶ ଦିଅନ୍ତୁ ନାହିଁ ।
- କୌଣସି ସଭ୍ୟଙ୍କ ସହିତ ପ୍ରତିଯୋଗିତା କରନ୍ତୁ ନାହିଁ ଯଦିଓ ତାଙ୍କଠାରେ କିଛି ଅପ୍ରିତିକର କାର୍ଯ୍ୟ ଦେଖାଯାଉଥାଏ ।
- କୌଣସି ନକରାତ୍ମକ ଦିଗକୁ ଗୁରୁତ୍ୱ ଦିଅନ୍ତୁ ନାହିଁ । ସେହି ବିଷୟକୁ ଏଡାଇଯିବା ଅର୍ଥ ଅନୁମୋଦନ ନୁହେଁ ।
- କୌଣସି ପରାମର୍ଶ କିମ୍ବା ଉପଦେଶ ଦିଅନ୍ତୁ ନାହିଁ କିମ୍ବା ରାୟ ପ୍ରଦାନ କରନ୍ତୁ ନାହିଁ । ବାସ୍ତବତା ଏକ ଭାଗ୍ୟ ବୋଲି ସାବ୍ୟସ୍ତ କରନ୍ତୁ ନାହିଁ ।
- ପିଲାମାନଙ୍କ ପାଇଁ କିଛି ଖେଳ ଆୟୋଜନ କରିବା ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟ କରନ୍ତୁ ନାହିଁ ।
- କୌଣସି ପ୍ରତିଶ୍ରୁତି ଦିଅନ୍ତୁ ନାହିଁ, ଆପଣ ତାଙ୍କ ସହିତ ଅଛନ୍ତି ବୋଲି କହିବା ଉଚିତ ।
- ଅଫିସ୍ ସମୟ ଶେଷ ହୋଇଗଲା ବୋଲି ବାର୍ତ୍ତାଳାପ ବନ୍ଦ କରନ୍ତୁ ନାହିଁ ।
- ପୃଷ୍ଠଭୂମି ଅନୁସାରେ ଯୋଗ କିମ୍ବା ପରିବର୍ତ୍ତନ କରନ୍ତୁ ।

# ସୂଚକ

- ପ୍ରାୟ ××× ଜଣ ପିଲା, ××× ଯୁବକ, ××× ମହିଳା ଏବଂ ××× ପୁରୁଷ ଲୋକ ମୋ ସହିତ ବନ୍ଧୁତ୍ୱ ସ୍ଥାପନ କରିଛନ୍ତି ।
- ××× ମହିଳା, ପ୍ରୌଢ଼, ରୋଗୀ ଏବଂ ଭିନ୍ନକ୍ଷମ ସେମାନଙ୍କର ସମସ୍ୟା ମୋ ସହିତ ବିଶ୍ୱାସର ସହ ଆଲୋଚନା କରିଛନ୍ତି ।
- ××× ପରିବାର ମୋତେ ପାଣି/ଚାହା ଯାଚିଛନ୍ତି ।
- ××× ଜଣ ଯୁବକ ଓ ଯୁବତୀ ସେମାନଙ୍କ ସମସ୍ୟା ମୋ ସହିତ ଆଲୋଚନା କରିଛନ୍ତି ।
- ××× ଛୋଟପିଲା ମୋତେ ତାଙ୍କ ଗୃହକୁ ନିମନ୍ତ୍ରଣ କରିଛନ୍ତି ।
- ପ୍ରାୟ ××× ପାରମ୍ପାରିକ, ସ୍ଥାନୀୟ ଓ ଧାର୍ମୀକ ନେତୃବୃନ୍ଦ ମୋ ସହିତ ବାର୍ତ୍ତାଳାପ କରିଛନ୍ତି ।

- ××× ଲୋକ ମୋ ଠାରୁ ସାହାଯ୍ୟ ଓ ସହଯୋଗ ନେବା ପାଇଁ ମୋତେ ଡାକିଛନ୍ତି ।
- ××× ଲୋକଙ୍କ ସହିତ ସମୟ ବିତାଇବା ଓ ତାଙ୍କୁ ଶୁଣିବା ଯୋଗୁ ସେମାନେ ମୋତେ ପ୍ରଶଂସା କରିଛନ୍ତି ।
- ସମାଜରେ ବିଭିନ୍ନ ଭୂମିକା ନେଉଥିବା ସଂଖ୍ୟକ ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରାଯାଇଛି, ଯେଉଁମାନେ
- ଲୋକଙ୍କ ପାଇଁ, ଲୋକଙ୍କ ସହିତ ଓ ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟ କରନ୍ତି ।
- ××× ଲୋକଙ୍କର ଦୈନନ୍ଦିନ ଜୀବନର କାର୍ଯ୍ୟନିର୍ଘଣ୍ଟ ଚିହ୍ନଟ କରାଯାଇଛି ଏବଂ କିପରି ଗୋଷ୍ଠୀର ସଭ୍ୟସଭ୍ୟାମାନେ ନିଜକୁ ସଂଗଠିତ କରନ୍ତି ।

# ନିଜକୁ ଆକଳନ କରନ୍ତୁ

ଏହା ନିଜକୁ ଆକଳନ କରିବାର ଏକ ମାଧ୍ୟମ । ସଠିକ୍ ଉତ୍ତରରେ ଠିକ୍ ଚିହ୍ନ ଦିଅନ୍ତୁ । ନିଶ୍ଚିତ ନୁହଁନ୍ତି ଅର୍ଥାତ୍ ଆପଣ ସହମତ କିମ୍ବା ଅସହମତ ନୁହଁନ୍ତି ।

| କ୍ରମିକ | ବିଭିନ୍ନ ଦୃଷ୍ଟିକୋଣର ଆକଳନ | ଦୃଢ଼ଭାବେ ସହମତ | ସହମତ | ନିଶ୍ଚିତ ନୁହଁନ୍ତି | ଅସହମତ | ଦୃଢ଼ଭାବେ ଅସହମତ |
|---|---|---|---|---|---|---|
| ୧. | ମୁଁ ଖୁସି ଅନୁଭବ କରେ ଯେତେବେଳେ ମୁଁ ସାହି ଓ ବସ୍ତିକୁ ଯାଏ । | | | | | |
| ୨. | ଗୋଷ୍ଠୀର ସଭ୍ୟସଭ୍ୟା ମୋର ନମସ୍କାରର ପ୍ରତି ନମସ୍କାର ଜଣାନ୍ତି । | | | | | |
| ୩. | ପ୍ରାୟ ୪୦ ପ୍ରତିଶତ ପରିବାର ତାଙ୍କ ଗୃହକୁ ମୋତେ ନିମନ୍ତ୍ରଣ କରିଛନ୍ତି । | | | | | |
| ୪. | ଯେତେବେଳେ କିଛିଲୋକ ମୋତେ ଭୟ ପ୍ରଦର୍ଶନ କରିଥିଲେ, ସେତେବେଳେ ମୁଁ ଶାନ୍ତ ଥିଲି । | | | | | |
| ୫. | କିଛି ମହିଳା ତାଙ୍କ ଜୀବନର କାହାଣୀକୁ ମୋ ସହିତ ନିଃସଂକୋଚରେ ଆଲୋଚନା କରିଥିଲେ । | | | | | |
| ୬. | ଗୋଷ୍ଠୀର କିଛି ଲୋକଙ୍କର କଥା ମୋତେ ବିରକ୍ତ ଲାଗୁଥିଲା | | | | | |
| ୭. | ମୁଁ ବିଷାଦଗ୍ରସ୍ତ ହୁଏ, ଯେତେବେଳେ ବାସ୍ତବତାକୁ ଦେଖେ । | | | | | |
| ୮. | ଯେତେବେଳେ ଛୋଟଛୁଆମାନେ ମୋତେ ଛୁଅନ୍ତି ମୁଁ ଅଖାଡୁଆ ଅନୁଭବ କରେ । | | | | | |
| ୯. | ମୁଁ ରାଗିଯାଏ ଯେତେବେଳେ ମୁଁ ଯୁବବର୍ଗର ନିଶାଗ୍ରସ୍ତବ୍ୟକ୍ତିଙ୍କୁ ଦେଖେ । | | | | | |
| ୧୦. | କିଛି ଲୋକମାନେ ମୋତେ ସନ୍ଦେହ ଦୃଷ୍ଟିରେ ଦେଖନ୍ତି । | | | | | |

**ନିଜର ଅକଳନକୁ ମାର୍କ ଦିଅନ୍ତୁ! ପ୍ରଶ୍ନ ୧ରୁ ୫ ଏପରି ପଏଣ୍ଟ ଦିଅନ୍ତୁ । ଦୃଢ଼ଭାବେ ସହମତ=+୨ ସହମତ =+୧ ନିଶ୍ଚିତ ନୁହେଁ =୦ ଅସହମତ =-୧ ଦୃଢ଼ଭାବେ ଅସହମତ =-୨**

**ପ୍ରଶ୍ନ ୬ ରୁ ୧୦ ପାଇଁ ଓଲଟା ପଏଣ୍ଟ ଦିଅନ୍ତୁ ଦୃଢ଼ଭାବେ ସହମତ = -୨ ସହମତ = -୧ ନିଶ୍ଚତି ନୁହେଁ = ୦ ସହମତ = +୧ ଦୃଢ଼ଭାବେ ସହମତ ନୁହେଁ = +୨**

ବର୍ତ୍ତମାନ ସମସ୍ତ ମାର୍କ/ପଏଣ୍ଟକୁ ମିଶ୍ରଣ କରନ୍ତୁ । ଯଦି ମୋଟ ମାର୍କ ୧୫ରୁ ଊର୍ଦ୍ଧ୍ୱ ତେବେ ଆପଣ ସଠିକ୍ ରାସ୍ତାରେ ଅଛନ୍ତି ଯଦି ୧୫ ରୁ କମ୍ ମାର୍କ ରଖିଛନ୍ତି ତେବେ ଆପଣଙ୍କୁ ଆଗକୁ ବଢ଼ିବା ବା ଶିଖିବାର ଆବଶ୍ୟକତା ଅଛି ।

– ଆପଣଙ୍କ ମାର୍କ ଓ ଅନୁଭବକୁ ଅନୁଷ୍ଠାନର ଅନ୍ୟ ସହକର୍ମୀମାନଙ୍କୁ ଜଣାନ୍ତୁ ।

# ପ୍ରତିଫଳନ ଓ ଅଂଶଦାନ ପାଇଁ ପ୍ରଶ୍ନ

୧. ଗୋଷ୍ଠୀର ସଭ୍ୟସଭ୍ୟାମାନଙ୍କ ସହିତ ଆଲୋଚନାରେ ଆପଣ କ'ଣ ଦେଖିଲେ, ଲକ୍ଷ୍ୟ କଲେ ଓ ଶୁଣିଲେ ?

୨. ପରିଚିତ ଲୋକ, ପାରମ୍ପରିକ ଓ ଧାର୍ମୀକ ନେତୃତ୍ୱ ଓ ସାଧାରଣ ସୁବିଧାସୁଯୋଗର ଏକ ତାଲିକା ପ୍ରସ୍ତୁତ କରନ୍ତୁ ।

୩. ଆପଣ ଗୋଷ୍ଠୀର ସଭ୍ୟସଭ୍ୟାଙ୍କ ଦ୍ୱାରା ସ୍ୱାଗତ ଏବଂ ଗ୍ରହଣୀୟ ହେଲେ କି ? ଯଦି ହଁ କିପରି, ଉଦାହରଣ ସହିତ ବର୍ଣ୍ଣନା କରନ୍ତୁ ।

୪. ଆପଣ ଉଦାହରଣ ସହ ବର୍ଣ୍ଣନା କରିପାରିବେ କି କିପରି ଗୋଷ୍ଠୀର ସଭ୍ୟସଭ୍ୟା ଆପଣଙ୍କୁ ଓ ସୁଗମକାରୀ ଅନୁଷ୍ଠାନ ପ୍ରତି ବିଶ୍ୱାସ ବୃଦ୍ଧି କରିପାରିଛନ୍ତି ?

୫. ଆପଣଙ୍କ ତଥା ଆପଣଙ୍କ ଅନୁଷ୍ଠାନ ବିଷୟରେ ଆପଣ କ'ଣ ମନ୍ତବ୍ୟ ଶୁଣିବାକୁ ପାଉଛନ୍ତି ?

୬. ଆପଣ ବ୍ୟକ୍ତିଗତଭାବେ କିଛି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି କି ? ସେ ସବୁ କ'ଣ ?

୭. ଗୋଷ୍ଠୀ ପରିଦର୍ଶନ କଲାପରେ ଆପଣଙ୍କ ଠାରେ କିଛି ପରିବର୍ତ୍ତନ ହୋଇଛି କି ? ସେ ସବୁ କ'ଣ ?

୮. ସ୍ଥିତି ଅନୁଯାୟୀ ଏଥିରେ ଯୋଡ଼ନ୍ତୁ ବା ପରିବର୍ତ୍ତନ କରନ୍ତୁ ।

# ଗୋଷ୍ଠୀ ସଂଗଠକଙ୍କ ମନୋଭାବ ମୋତେ ପରିବର୍ତ୍ତନ କରିଥିଲା

ପ୍ରଥମେ ଯେତେବେଳେ ଅନୁଷ୍ଠାନର କର୍ମଚାରୀମାନେ ଆମ ଅଞ୍ଚଳକୁ ପରିଦର୍ଶନରେ ଆସିଥିଲେ, ମୁଁ ସେମାନଙ୍କୁ ସନ୍ଦେହ କରୁଥିଲି । ଯେହେତୁ ସେମାନେ ଖ୍ରୀଷ୍ଟିଆନ ଅନୁଷ୍ଠାନର ଲୋକ ଥିଲେ, ମୁଁ ସେମାନଙ୍କର ଅଭିସନ୍ଧି ବିଷୟରେ ପ୍ରଶ୍ନ କରିଥିଲି । ଥରେ ମୁଁ ସିଧା ତାଙ୍କୁ ପ୍ରଶ୍ନ କରିଥିଲି କି ସେମାନଙ୍କର ଆମ୍ଭମାନଙ୍କୁ ଧର୍ମ ପରିବର୍ତ୍ତନ କରିବାର ଯୋଜନା ଅଛି କି ? ପରିଶେଷରେ ମୁଁ ଜାଣିବାକୁ ପାଇଲି ଯେ ସମସ୍ତ କର୍ମଚାରୀମାନେ ଆମ ନିଜ ଗୋଷ୍ଠୀର କିମ୍ବା ପାଖ ଗ୍ରାମର ଅଟନ୍ତି ଏବଂ କୌଣସି ବ୍ୟକ୍ତି ଖ୍ରୀଷ୍ଟିଆନ ନଥିଲେ । କୌଣସି ବ୍ୟକ୍ତି ଖ୍ରୀଷ୍ଟିଆନ ଧର୍ମ ବିଷୟରେ ବାର୍ତ୍ତାଳାପ କରୁ ନଥିଲେ । କିନ୍ତୁ, ଅନୁଷ୍ଠାନର କର୍ମୀମାନେ ଆମର ସମସ୍ତ ଧର୍ମୀୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଲେ । ସେମାନେ ଘଣ୍ଟାଘଣ୍ଟା ଧରି ପ୍ରତ୍ୟେକ ପରିବାରର ସ୍ଥିତି ବିଷୟରେ ପଚାରି ବୁଝୁଥିଲେ । ଆମ ଭିତରୁ ଅନେକେ ଆମର ସୁଖଦୁଃଖ ସେମାନଙ୍କ ସହିତ ବାଣ୍ଟୁଥିଲୁ । ମୁଁ ଅନୁଭବ କଲି, ସେମାନଙ୍କର ମନୋଭାବ, କାର୍ଯ୍ୟ ଓ ବ୍ୟବହାର ଭିନ୍ନ ଧରଣର ଥିଲା । ସେମାନେ ସରଳ, ବିଶ୍ୱାସଯୋଗ୍ୟ ଓ ନିର୍ଭରଯୋଗ୍ୟ ବୋଲି ମୁଁ ହୃଦୟଙ୍ଗମ କଲି । ଏହା ମୋର ଭାବନାକୁ ପରିବର୍ତ୍ତନ କଲା ଏବଂ ସେମାନଙ୍କ ଉପରେ ମୋର ବିଶ୍ୱାସ ବୃଦ୍ଧି ପାଇଲା, ଉଜ୍ଜୟିନୀରୁ ଶ୍ରୀରାମ ଏହା କହିଛନ୍ତି । ଏହିପରି ମନ୍ତବ୍ୟ ପ୍ରକଳ୍ପ ଅଞ୍ଚଳର ପ୍ରାୟ ଅଧିକାଂଶ ସଭ୍ୟସଭ୍ୟା ଦିଅନ୍ତି । ଅନୁଷ୍ଠାନର ନିର୍ଦ୍ଦେଶକ ଏପରି ମନ୍ତବ୍ୟ ଉପରେ ଏକମତ ହୁଅନ୍ତି ଏବଂ କହନ୍ତି ଲୋକଙ୍କ ବିଶ୍ୱାସଭାଜନ ହେବା ଏକ ବଡ଼ ଆହ୍ୱାନ ଏବଂ ସମୟସାପେକ୍ଷ ।

ଅଧ୍ୟାୟ 3

# ଗୋଷ୍ଠୀ ଏକତ୍ରୀକରଣର ଲକ୍ଷ୍ୟ ଓ ମୂଲ୍ୟବୋଧର ସହଭାଗୀତାପୂର୍ଣ୍ଣ ବୁଝାମଣା




# ଗୋଷ୍ଠୀ ଏକତ୍ରୀକରଣର ଲକ୍ଷ୍ୟ ଓ ମୂଲ୍ୟବୋଧର ସହଭାଗୀତାପୂର୍ଣ୍ଣ ବୁଝାମଣା

ଏହା ହେଉଛି ଦ୍ୱିତୀୟ କ୍ରମ ଯାହା ଗୋଷ୍ଠୀ ବିକାଶର ଭିତ୍ତିଭୂମି ପ୍ରସ୍ତୁତ କରେ । ଗୋଷ୍ଠୀ ସଂଗଠକମାନଙ୍କ ସହାୟତାରେ ଗୋଷ୍ଠୀର ସଭ୍ୟସଭ୍ୟାମାନଙ୍କ ଆଲୋଚନାରୁ ଏହା ଆରମ୍ଭ ହୁଏ। ଗୋଷ୍ଠୀର ସଭ୍ୟସଭ୍ୟାମାନଙ୍କର ଜୀବନର ଗୁଣମାନ ବୃଦ୍ଧିର ଲକ୍ଷ୍ୟ ନେଇ ରହିଥିବା ସାମୂହିକ ସ୍ୱାର୍ଥ ଓ ସାମୂହିକ ଆକାଂକ୍ଷା ସଭ୍ୟସଭ୍ୟାମାନଙ୍କୁ ବାନ୍ଧିରଖେ । ଏହା ମଧ୍ୟ ଏକ ସମୟ, ଗୋଷ୍ଠୀର ସହଜାତ ମୂଲ୍ୟବୋଧଗୁଡିକୁ ଦୃଢତାର ସହିତ ଘୋଷଣା କରିବା। ସେଗୁଡିକ ହେଲା ଏକତା, କରୁଣା, ସର୍ବସାଧାରଣ କଲ୍ୟାଣ, ଭାତୃତ୍ୱ, ସାମାଜିକ ନ୍ୟାୟର ଭାବନା, ଦୁର୍ବଳବର୍ଗ ତଥା ପ୍ରକୃତିର ଯତ୍ନ ନେବା । ଏହା ଏକ ପରିସର ସୃଷ୍ଟି କରେ, ଯେଉଁଠି ସଭ୍ୟସଭ୍ୟାମାନେ, ସେମାନେ କିଏ, ସେମାନଙ୍କ ସାମର୍ଥ୍ୟ ଓ ସମ୍ବଳ ବିଷୟରେ ଚିନ୍ତନ କରିବେ ଏବଂ ସେମାନଙ୍କର ସ୍ୱପ୍ନ ଓ ଆକାଂକ୍ଷାଗୁଡିକୁ ସ୍ପଷ୍ଟ ଭାବରେ ପ୍ରକାଶ କରିବେ । ଏହି କ୍ରମର ଫଳାଫଳ ହେଲା ଗୋଷ୍ଠୀର ସଭ୍ୟସଭ୍ୟାମାନେ ଜାତି, ଧର୍ମ ଓ ଲିଙ୍ଗ ନିର୍ବିଶେଷରେ ସାଧାରଣ ସ୍ୱାର୍ଥକୁ ଅନୁଭବ କରିବେ, ଅନ୍ତର୍ନିହିତ କରିବେ, ସ୍ପଷ୍ଟଭାବେ ପ୍ରକାଶ କରିବେ ଓ ସେମାନଙ୍କର ଲୁକ୍‌କାୟିତ ସାମ୍ଭାବ୍ୟ ଓ ମୂଲ୍ୟବୋଧଗୁଡ଼ିକ ଯାହାକୁ ସେମାନେ ଦୈନନ୍ଦିନ ଜୀବନରେ ପାଳନ କରନ୍ତି ଏବଂ ସେଗୁଡିକୁ ନିୟନ୍ତ୍ରଣ କରି ସହଭାଗିତାପୂର୍ଣ୍ଣ ବୁଝାମଣା ଓ ଏକତାର ସେତୁ ସୃଷ୍ଟି କରି ଏକତ୍ରିତ ଭାବେ ସେମାନଙ୍କ ଜୀବନର ଗୁଣବତ୍ତାକୁ ହାସଲ କରିପାରିବେ।

# ସମୟ ସୀମା

ସାମୂହିକ ଓ ସାଧାରଣ ସହମତିରେ ପହଞ୍ଚିବା ପାଇଁ ସାଧାରଣତଃ ୪ ରୁ ୫ ମାସ ସମୟ ଲାଗିଯାଏ ।

### ସହଭାଗିତାପୂର୍ଣ୍ଣ ଲକ୍ଷ୍ୟ ଓ ମୂଲ୍ୟବୋଧ




# ଅଗ୍ରସର ହେବା ପାଇଁ ଉପାୟ:

- ସାଧାରଣ ସ୍ୱାର୍ଥ ଉପରେ ବାର୍ତ୍ତାଳାପ କରିବା ପାଇଁ ଆଗ୍ରହ ପ୍ରକାଶ କରୁଥିବା ପରିବାର ଓ ବ୍ୟକ୍ତିମାନଙ୍କୁ ଚିହ୍ନଟ କରନ୍ତୁ ।
- ବୟସ, ଲିଙ୍ଗ, ବୃତ୍ତି କିମ୍ବା ଆଗ୍ରହଭିତ୍ତିରେ ଛୋଟ, ଅଣଅନୁଷ୍ଠାନିକ ଓ ସ୍ୱେଚ୍ଛାପ୍ରବୃତ୍ତ ଦଳୀୟ ବୈଠକ ଆରମ୍ଭ କରନ୍ତୁ । ଲୋକଙ୍କ ଜୀବନ, ଜୀବନଧାରଣ ଓ ଜୀବନଜୀବିକା ସମ୍ବନ୍ଧରେ ସରଳ ପ୍ରଶ୍ନ ପଚାରନ୍ତୁ ।
- ଏପରି ଏକ ଘଟଣା ବା ସୁଯୋଗକୁ ଚିହ୍ନଟ କରନ୍ତୁ, ଯେଉଁଠି ସମସ୍ତ ଗୋଷ୍ଠୀ ଠୁଳ ହୁଅନ୍ତି ଏବଂ ସେମାନେ ସେଠାରେ କେଉଁ ବିଷୟକୁ ଅଧିକ ଗୁରୁତ୍ୱ ଦିଅନ୍ତି ଲକ୍ଷ୍ୟ କରନ୍ତୁ ।
- ଗୋଷ୍ଠୀର ସଭ୍ୟସଭ୍ୟାମାନଙ୍କୁ ପ୍ରୋତ୍ସାହିତ କରନ୍ତୁ ଯେ ଏପରି ଏକ ଘଟଣା କହିବେ ଯେଉଁଠି କେହି ଜଣେ ଆବଶ୍ୟକତା ସମୟରେ ଅନ୍ୟ ଜଣଙ୍କୁ ସାହାଯ୍ୟ କରିଛି ବା ସାହାଯ୍ୟ ପାଇଛି ।
- ଏପରି ଏକ ଉଦାହରଣକୁ ଚିନ୍ତନ କରିବାକୁ ବା ସ୍ପଷ୍ଟ ଭାବରେ କହିବାକୁ ଗୋଷ୍ଠୀର ସଭ୍ୟସଭ୍ୟାମାନଙ୍କୁ ପ୍ରୋତ୍ସାହିତ କରନ୍ତୁ ଯେଉଁଠି ସେମାନେ ସମସ୍ତ ମୂଲ୍ୟବୋଧ ଯଥା ଏକତା, କରୁଣା, ଗରିବଙ୍କ ପ୍ରତି କଲ୍ୟାଣ ଓ ସାମାଜିକ ନ୍ୟାୟକୁ କାର୍ଯ୍ୟରେ ଅନୁଭବ କରିଛନ୍ତି ।
- ଗୋଷ୍ଠୀର ସାମର୍ଥ୍ୟ ଓ ସାମ୍ଭାବ୍ୟଗୁଡ଼ିକୁ ସକରାତ୍ମକ ଭାବେ ସ୍ପଷ୍ଟ ଭାବରେ କୁହନ୍ତୁ । ସେମାନଙ୍କ ସାମର୍ଥ୍ୟ ଉପରେ ଆଗକୁ ବଢ଼ନ୍ତୁ ।
- ଗୋଷ୍ଠୀ ମଧ୍ୟରେ ଥିବା ସମ୍ବଳ ଚିହ୍ନଟୀକରଣ ପାଇଁ ଆଲୋଚନା ପରିଚାଳନା କରନ୍ତୁ- ଜ୍ଞାନ, କୌଶଳ, ବୁଦ୍ଧିମତ୍ତା ଓ ଆର୍ଥିକ ଏବଂ ଏସବୁ କିଏ ଧାରଣ କରୁଛି ?

- ଗୋଷ୍ଠୀ ମଧ୍ୟରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ରହିଥିବା ସାମର୍ଥ୍ୟକୁ ଚିହ୍ନଟୀକରଣ ପାଇଁ ସହାୟତା/ସୁଗମ କରନ୍ତୁ ଏବଂ ସେମାନେ କିପରି ସେମାନଙ୍କର ଜ୍ଞାନକୌଶଳ ଅନ୍ୟମାନଙ୍କ ସହିତ ଭାଗୀଦାର କରିପାରିବେ, ଆଲୋଚନା କରନ୍ତୁ ।
- ପରିସ୍ଥିତି ଅନୁଯାୟୀ ପଏଣ୍ଟ ଯୋଗ କରନ୍ତୁ ବା ପରିବର୍ତ୍ତନ କରନ୍ତୁ ।

# ସାହାଯ୍ୟକାରୀ ବିନ୍ଦୁ

- ଗୋଷ୍ଠୀର ବୈଠକ ଉପଯୁକ୍ତ ସମୟରେ ଆୟୋଜନ କରନ୍ତୁ;
- ଛୋଟ ଓ ପରିଚିତ ଦଳ ସହ ବାର୍ତ୍ତାଳାପ ଆରମ୍ଭ କରନ୍ତୁ ଓ ସମସ୍ତଙ୍କର ଯୋଗଦାନକୁ ସୁନିଶ୍ଚିତ କରନ୍ତୁ;
- ଅଣଆନୁଷ୍ଠାନିକ ଦଳ ଓ ଏହାର ଗୋଷ୍ଠୀ ସହିତ ସମ୍ପର୍କକୁ ଚିହ୍ନଟ କରିବା ସହିତ ତାହାକୁ ବୁଝନ୍ତୁ;
- ଗୋଷ୍ଠୀ ତଥା ପାରମ୍ପରିକ ନେତୃମଣ୍ଡଳୀଙ୍କୁ ସୂଚନା ପ୍ରଦାନ କରନ୍ତୁ ଓ ତାଙ୍କ ଯୋଗାଯୋଗରେ ରୁହନ୍ତୁ;
- ଗୋଷ୍ଠୀର ସବୁଠୁ ପୁରୁଣା (ବୃଦ୍ଧ ଓ ବୃଦ୍ଧା) ସଦସ୍ୟମାନଙ୍କ ପାଖରେ ପହଞ୍ଚନ୍ତୁ । ସେମାନଙ୍କଠାରୁ ଗୋଷ୍ଠୀର ଇତିହାସ ଓ ଅଭିଜ୍ଞତା ବିଷୟରେ ଜାଣନ୍ତୁ;
- ଭିନ୍ନତା ଓ ବିବିଧତା ସମ୍ପର୍କରେ ପ୍ରତିଫଳନ କରିବା ପାଇଁ ସଭ୍ୟସଭ୍ୟାଙ୍କ ମଧ୍ୟରେ ଆଲୋଚନା ଆରମ୍ଭ କରନ୍ତୁ;
- ପରିସ୍ଥିତି ଅନୁଯାୟୀ ଅଧିକ ପଏଣ୍ଟ ଯୋଗ କରନ୍ତୁ କିମ୍ବା ପରିବର୍ତ୍ତନ କରନ୍ତୁ ।

# ଉପକାରୀ ସତର୍କତା

- ଗୋଷ୍ଠୀ ଏବଂ ଏହାର ସାମର୍ଥ୍ୟଗୁଡ଼ିକୁ ହେୟଜ୍ଞାନ ମନେ କରନ୍ତୁ ନାହିଁ;
- ନୈରାଶ୍ୟଜନକ ମନ୍ତବ୍ୟ ଏବଂ ଯାହା ବାହ୍ୟ ପରିବେଶରେ ଦେଖାଯାଉଥାଏ ତାହାଦ୍ୱାରା ପରଚାଳିତ ହୁଅନ୍ତୁ ନାହିଁ;
- ଏହି କ୍ରମରେ ନକରାତ୍ମକ ଦିଗ ଓ ନୀତି ବିଷୟରେ ଆଲୋଚନା କରନ୍ତୁ ନାହିଁ;
- ଶୀଘ୍ର ବିବାଦୀୟ ବିଷୟ ଆଡକୁ ଯାଆନ୍ତୁ ନାହିଁ, ଏହା ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରେ;
- ଆପଣ ଯାହା କହୁଛନ୍ତି ସେ କଥାରେ ହଁ ଭରିବା ପାଇଁ ଲୋକଙ୍କୁ ଫୁସୁଲାନ୍ତୁ ନାହିଁ;
- ଗୋଷ୍ଠୀର ଇତିହାସ କିମ୍ବା ଧର୍ମୀୟ ବିଶ୍ୱାସ ଉପରେ ଅତ୍ୟଧିକ ସରଳ ଓ ଅଦ୍ୱିତୀୟ ବିବରଣୀ ପ୍ରସ୍ତୁତ କରିବାକୁ ଯେକୌଣସି ପ୍ରଲୋଭନକୁ ବିରୋଧ କରନ୍ତୁ;
- ପରିସ୍ଥିତି ଅନୁସାରେ ଅଧିକା ପଏଣ୍ଟ ଯୋଡ଼ନ୍ତୁ ବା ପରିବର୍ତ୍ତନ କରନ୍ତୁ ।

# ସୂଚକ

୧. ××× ମହିଳା, ××× ପୁରୁଷ, ××× ଯୁବକ ଓ ଯୁବତୀ ××× ଶିଶୁମାନଙ୍କ ସହିତ ଅଣଆନୁଷ୍ଠାନିକ ସଭା କରାଯାଇଛି ।

୨. ପ୍ରାୟ ××× ହିନ୍ଦୁଧର୍ମର ସଭ୍ୟସଭ୍ୟା, ××× ଇସ୍‌ଲାମ୍ ଧର୍ମର ସଭ୍ୟସଭ୍ୟା ଏବଂ ××× ଖ୍ରୀଷ୍ଟିୟାନ, ବୌଦ୍ଧଧର୍ମ ପାଳନକାରୀ ଏକ ଅଣଆନୁଷ୍ଠାନିକ ବୈଠକରେ ଯୋଗଦାନ କରିଥିଲେ ।

୩. ପ୍ରାୟ ××× ସଭ୍ୟସଭ୍ୟା ଯେ ଦଳିତ ବର୍ଗର ଅଟନ୍ତି ଓ ××× ଅନ୍ୟ ଜାତିର ସଭ୍ୟସଭ୍ୟା ଅଣଆନୁଷ୍ଠାନିକ ବୈଠକରେ ଯୋଗଦାନ କରିଥିଲେ ।

୪. ବିଶେଷ କୌଶଳ ଥିବା ××× ମହିଳା ଓ ××× ଯୁବକ ଚିହ୍ନଟ ହୋଇଛନ୍ତି, ଯେଉଁମାନେ ତାହା ଅଭାବୀ ସଭ୍ୟସଭ୍ୟାଙ୍କୁ ଅଂଶୀଦାର କରିବାକୁ ଚାହାଁନ୍ତି ।

୫. ××× ମହିଳା ଓ ××× ଯୁବକଙ୍କର ସାମ୍ଭାବ୍ୟ ନେତୃତ୍ୱ ଚିହ୍ନଟ ହୋଇଛି ।

୬. ××× ଧାର୍ମୀକ ଓ ପାରମ୍ପରିକ ନେତା ସେମାନଙ୍କର ସହଯୋଗ ଦେବାକୁ ପ୍ରକାଶ କରିଛନ୍ତି ।

୭. ପରିସ୍ଥିତି ଅନୁଯାୟୀ ଯୋଡ଼ନ୍ତୁ ବା ପରିବର୍ତ୍ତନ କରନ୍ତୁ ।

**ସାମୂହିକ ସ୍ୱାର୍ଥ, ମୂଲ୍ୟବୋଧ ଓ ଆକାଂକ୍ଷାଗୁଡିକର ଅନୁସନ୍ଧାନ**

| | ସାମୂହିକ ସ୍ୱାର୍ଥ ଯାହା ବାନ୍ଧିରଖେ | | | | | ସଂରକ୍ଷିତ ମୂଲ୍ୟବୋଧ | ସାମୂହିକ ଆକାଂକ୍ଷା |
|---|---|---|---|---|---|---|---|
| | ମହିଳା | ପୁରୁଷ | ଯୁବକ | ଯୁବତୀ | ଶିଶୁ | | |
| ମାସ-୧ | | | | | | | |
| ମାସ-୨ | | | | | | | |
| ମାସ-୩ | | | | | | | |
| ମାସ-୪ | | | | | | | |
| ମାସ-୫ | | | | | | | |

# ପ୍ରତିଫଳନ/ଚିନ୍ତନ ଓ ଅଂଶଦାନ ପାଇଁ ପ୍ରଶ୍ନ

୧. ଅଣଆନୁଷ୍ଠାନିକ ବୈଠକରେ ଗୋଷ୍ଠୀର ସବୁବର୍ଗର ଲୋକ ଯଥେଷ୍ଟ ଭାବେ ଉପସ୍ଥିତ ଥିଲେ କି ? ଯଦି ନାହିଁ, କାହିଁକି ?

୨. କୌଣସି ଦଳ ଛାଡ଼ି ହୋଇ ଯାଇଛନ୍ତି କି ? ଯଦି ହଁ, କ'ଣ ପ୍ରତିବନ୍ଧକ ରହିଛି ?

୩. ସାମୂହିକ ସ୍ୱାର୍ଥ, ମୂଲ୍ୟବୋଧ, ସାମର୍ଥ୍ୟ ଓ ସୁଯୋଗଗୁଡ଼ିକୁ ଚିହ୍ନଟ କରିବାରେ ଗୋଷ୍ଠୀର ସଭ୍ୟସଭ୍ୟାଙ୍କ କ୍ଷେତ୍ରରେ କେତେ କଷ୍ଟକର ବା ସହଜସାଧ୍ୟ ?

୪. ଏହି ପ୍ରୟୋଗ ଗୋଷ୍ଠୀ ମଧ୍ୟରେ ଏକତାର ଭାବନା ଆଣିବାରେ କିଛି ଅର୍ନ୍ତଦୃଷ୍ଟି ସୃଷ୍ଟି କରି ପାରିଲା କି ।

୫. ଏହି ପ୍ରୟୋଗ ଗୋଷ୍ଠୀର ସଭ୍ୟସଭ୍ୟାଙ୍କ ମଧ୍ୟରେ କିଛି ସକରାତ୍ମକ ସମ୍ଭାବନା ଖୋଲି ପାରିଲାକି ?

# ଭାବ ବିନିମୟ ମୋତେ ଆନନ୍ଦ ଓ ସନ୍ତୋଷ ଆଣିଦିଏ ।

କୁମାରୀ ଅମୀସା, ଜଣେ ୧୮ ବର୍ଷୀୟା ମୁସ୍‌ଲିମ୍ ବାଳିକା, ନୂଆ ସୀମାପୁରୀର ଇ-୪୪ ବ୍ଲକ୍‌ରେ ବାସ କରନ୍ତି ଓ ଦ୍ୱାଦଶ ଶ୍ରେଣୀରେ ପାଠ ପଢ଼ନ୍ତି । ତାଙ୍କର ବାପା ଜଣେ ଆକାଉଣ୍ଟାଟ୍ ଭାବେ କାଚ ଶିଳ୍ପରେ କାର୍ଯ୍ୟ କରନ୍ତି । ଆର୍ଥିକ କ୍ଷତି ଯୋଗୁଁ ତାଙ୍କର ବାସଗୃହ ବିକ୍ରି ହୋଇଗଲା ଏବଂ ତାଙ୍କୁ ସୀମାପୁରୀର ଇ-୪୪ ବ୍ଲକ୍‌କୁ ସ୍ଥାନାନ୍ତରିତ ହେବାକୁ ପଡ଼ିଲା । ଅମୀସାଙ୍କୁ ସେଠାକାର ଲୋକମାନେ ବା ସେହି ଅଞ୍ଚଳ ଭଲ ଲାଗିଲା ନାହିଁ । ସେ ଦେଖିଲା କି ସେ ଅଞ୍ଚଳ ଅଳିଆ ଆବର୍ଜନାରେ ପୂର୍ଣ୍ଣ ହୋଇଛି । କାରଣ ସେଠିକାର ଅଧିକାଂଶ ଲୋକ ଆବର୍ଜନା ଉଠାଳି ଥିଲେ । ସେ ସବୁବେଳେ ରାଗୁଥିଲେ ଏବଂ ପିତାମାତାଙ୍କ ସହ ଝଗଡ଼ା କରୁଥିଲେ । ସେ ଚେତନାଳୟ ବିଷୟରେ ଜାଣିବାକୁ ପାଇଲେ, ଏବଂ ସେ ଏକ ବିଶେଷ ଦଳ "ହୋସାଲା" ର ସଭ୍ୟ ହେଲେ । ସେ କହନ୍ତି "ଆଶ୍ଚର୍ଯ୍ୟର କଥା ଏହିକି ମୁଁ ଦେଖିବାକୁ ପାଉଛି ଯୁବକମାନେ ଖୁସି ଅଛନ୍ତି, ଯଦିଓ ସେମାନେ ଗୋଟିଏ ବଖରା ଥିବା ଗୃହରେ ବାସ କରନ୍ତି । ମୁଁ ମଧ ଦେଖିବାକୁ ପାଉଛି ବେଳେବେଳେ ସେମାନେ ସ୍ୱଇଚ୍ଛାରେ ଖାଦ୍ୟ ଆଣନ୍ତି ଯେତେବେଳେ କେନ୍ଦ୍ରରେ କିଛି ପର୍ବ ଆୟୋଜନ କରାଯାଏ । ମୁଁ ମୋର ଜଣେ ସହକର୍ମୀଙ୍କୁ ପଚାରିଲି," ତୁମେ ଗରିବ, କିନ୍ତୁ ତୁମେ ସାମୂହିକ ବୈଠକକୁ କେମିତି ଖାଦ୍ୟ ଆଣିପାରୁଛ ? ସେ କହିଲେ "ଆମେ ଆମ ଖର୍ଚ୍ଚକୁ ହ୍ରାସକରି ସେଥିରୁ ଆମେ କିଛି ଖାଦ୍ୟ ପ୍ରସ୍ତୁତ କରୁ ଏବଂ ଅନ୍ୟମାନଙ୍କ ସହିତ ତାହା ବଣ୍ଟନ କରୁ । ଅଂଶଦାନ ଆମକୁ ଆନନ୍ଦ ଓ ସନ୍ତୋଷ ପ୍ରଦାନ କରେ । ମୁଁ ଏହାକୁ ଗ୍ରହଣ କରିପାରିଲି ନାହିଁ । ଏହା ମୋର ବିବେକକୁ ଦଂଶନ କରିବାକୁ ଲାଗିଲା ଏବଂ ମୁଁ ମୋ ନିଜ ବିଷୟରେ ଅନେକ ଗୁଡ଼ିଏ ପ୍ରଶ୍ନ ପଚାରିବାକୁ ଲାଗିଲି, ଯାହା ମୋ ଜୀବନର ମୂଲ୍ୟବୋଧ ଏବଂ ଚିନ୍ତାଧାରାକୁ ପରିବର୍ତ୍ତନ କରିଦେଲା । ମୁଁ ଅନ୍ୟମାନଙ୍କ ଆବଶ୍ୟକତା ପ୍ରତି ସକରାତ୍ମକ, କୃତଜ୍ଞ ଓ ସମ୍ବେଦନଶୀଳ ହେବାକୁ ଲାଗିଲି ।

ଅଧ୍ୟାୟ 4

# ମିଳିତ ଓ ବିବିଧ ଦଳ ଗଠନ ଓ ଏହାର ପରିଚାଳନା ଓ ଗୋଷ୍ଠୀଭିତ୍ତିକ ସଂଗଠନ ନିର୍ମାଣ



# ମିଳିତ ଓ ବିବିଧ ଦଳ ଗଠନ ଓ ଏହାର ପରିଚାଳନା ଓ ଗୋଷ୍ଠୀଭିତ୍ତିକ ସଂଗଠନ ନିର୍ମାଣ

## ଆଭିମୁଖ୍ୟ

ମିଳିତ ଦଳ ଓ ଗୋଷ୍ଠୀ ସଂଗଠନ ଗଠନ ଆଗାମୀ ପଦକ୍ଷେପ ଭାବେ ଦୃଶ୍ୟମାନ ହୁଏ । ଯେତେବେଳେ ବ୍ୟକ୍ତିସମୂହ ଏକତ୍ର ହୁଅନ୍ତି, ଓ ଦଳ ଗଠନ କରନ୍ତି ସେତେବେଳେ ସେମାନେ ବନ୍ଧୁତା, ପରିଚୟ, ସୁରକ୍ଷା, ଆତ୍ମସମ୍ମାନ, ଏକତା, ନୂଆ ଭାବନାର ସୃଷ୍ଟି ଏବଂ ସୂଚନାର ଆଦାନପ୍ରଦାନ ଇତ୍ୟାଦି ଅନୁଭବ କରନ୍ତି । ଦଳୀୟ ପରିଚୟ ଦୁର୍ବଳତମ ବ୍ୟକ୍ତିମାନଙ୍କୁ ସାମର୍ଥ୍ୟ ପ୍ରଦାନ କରିଥାଏ । ନିୟମିତ ବାର୍ତ୍ତାଳାପ ଓ ପରସ୍ପର ନିର୍ଭରଶୀଳତା ଦଳର ସଭ୍ୟସଭ୍ୟାଙ୍କୁ ସାହସ ପ୍ରଦାନ କରେ, ଯେଉଁମାନେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ମିଳିତ ଭାବେ କାର୍ଯ୍ୟ କରନ୍ତି । ଦଳର ପରିଚାଳନା ସଭ୍ୟସଭ୍ୟାଙ୍କୁ ନେତା ହେବାର ସୁଯୋଗ ସୃଷ୍ଟି କରିଥାଏ ।


ଗୋଷ୍ଠୀର ସଭ୍ୟସଭ୍ୟାମାନଙ୍କୁ ବିଭିନ୍ନ ଦଳରେ ବୟସ, ଲିଙ୍ଗ, ବୃତ୍ତି ଓ ସାମୂହିକ ସ୍ୱାର୍ଥଭିତ୍ତିରେ ସଂଗଠିତ କରିବା । ଦଳଗୁଡ଼ିକ ବିଭିନ୍ନ ପ୍ରକାରର ଯଥା- ଋଣଦଳ, ସ୍ୱୟଂ ସହାୟକ ଦଳ, ପାରସ୍ପରିକ ସହାୟକ ଦଳ, ଯୁବକ ଦଳ ଏବଂ ମହିଳା ଦଳ, ଶିଶୁଦଳ ଓ କୃଷକ ଦଳ ହୋଇପାରେ । ପ୍ରତ୍ୟେକ ଦଳ ଏହାର ନିଜସ୍ୱ ଆଭିମୁଖ୍ୟକୁ ନେଇ ପରିଚାଳିତ ହେବେ ଏବଂ କାର୍ଯ୍ୟକ୍ରମ ହାତକୁ ନେବେ ଯାହା ସମସ୍ତ ସଭ୍ୟସଭ୍ୟାଙ୍କୁ ସାହାଯ୍ୟ କରିବ । ଯେହେତୁ ଦଳର ପରିସୀମା, ସ୍ଥାନ, ଲିଙ୍ଗ, ବୟସ ଓ ବୃତ୍ତି ମଧ୍ୟରେ ସୀମିତ, ପରବର୍ତ୍ତୀ ପଦକ୍ଷେପ ହେଉଛି ବହୁ ଲୋକଙ୍କୁ ନେଇ ଦଳ ଗଠନ କରିବା, ଯାହାକୁ ଗୋଷ୍ଠୀଭିତ୍ତିକ ସଂଗଠନ (ସିବିଓ) କୁହାଯାଏ ।

ଗୋଷ୍ଠୀ ସଂଗଠନ ଗଠନ ପାଇଁ ସେପରି କିଛି ନିର୍ଦ୍ଧାରିତ ଢାଞ୍ଚା ନାହିଁ । ସଂଗଠନ ହିସାବରେ ସେମାନଙ୍କର ସଦସ୍ୟତା, ପରିଚାଳନାର ଧାରା, ପରିବାର, କାର୍ଯ୍ୟର ପରିସର ଓ ଗୋଷ୍ଠୀ ଉପରେ କର୍ତ୍ତୃତ୍ୱ ଦଳୀୟ ପରିସୀମାଠାରୁ ଅତି ବୃହତ୍ତର। ଏହାର ପ୍ରତ୍ୟାଶିତ ଫଳାଫଳ ହେଉଛି, ଯେତେ ସମ୍ଭବ ଅଧିକ ଦଳ ଗଠନ କରିବା ଓ ଏହାର ସୁପରିଚାଳନା କରିବା, ଦଳର ନେତୃବର୍ଗଙ୍କ ଦ୍ୱାରା ଗୋଷ୍ଠୀଗତ ସଂଗଠନର ସୁପରିଚାଳନା, ଯାହାର ସଦସ୍ୟମାନେ ସଂଗଠନର ନେତୃତ୍ୱ ସହ ଅଙ୍ଗାଅଙ୍ଗୀଭାବେ ଜଡିତ ହୋଇଥିବେ ।

# ସମୟ ସୀମା

ସାଧାରଣତଃ, ମିଳିତ ଦଳ ନିର୍ମାଣ ଓ କାର୍ଯକ୍ଷମତା ପାଇଁ ଏକ ବର୍ଷ ସମୟ ଲାଗେ। ଛୋଟ ଛୋଟ କେନ୍ଦ୍ରିତ ଦଳଗୁଡିକ କାର୍ଯ୍ୟକ୍ଷମ ହେବା ପରେ ଗୋଷ୍ଠୀ ଭିତ୍ତିକ ସଂଗଠନ ନିର୍ମାଣ କରିବା ଠିକ୍ ହେବ ।

### ଅନ୍ତର୍ଭୁକ୍ତଭିତ୍ତିକ ଦଳ ଓ ଗୋଷ୍ଠୀ ଭିତ୍ତିକ ସଂଗଠନ ଗଠନ




# ଅଗ୍ରସର ହେବା ପାଇଁ ଉପାୟ

- ଦଳ ଗଠନ କରିବା, ଦଳ ଅଶାନ୍ତ ହେବା, ଦଳ ଶାନ୍ତ ପଡ଼ିଯିବା, ଦଳର କାର୍ଯ୍ୟକ୍ଷମତା ବୃଦ୍ଧି, ସଂଗଠନ ଗଠନର ଢାଞ୍ଚା ଅତ୍ୟନ୍ତ ଉପକାରୀ ହେବ।

  ୧. ଦଳ ଗଠନ - ପରସ୍ପର ସମ୍ପର୍କ ସ୍ଥାପନ, ପ୍ରଶ୍ନ ପଚାରିବା, ଦଳର ଲକ୍ଷ୍ୟ ଓ ପରିଚୟ, କମ୍ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା, ସୀମିତ ବୁଝାମଣା-ସୁଗମ ଓ ନିର୍ଦ୍ଦେଶନାର ନିତାନ୍ତ ଆବଶ୍ୟକତା ରହିଥାଏ।

  ୨. ଦଳରେ ଅଶାନ୍ତ ପରିବେଶ - ପ୍ରତିରୋଧ କରିବା, ଯୋଗଦାନର ଅଭାବ, କ୍ଷମତାର ସଂଘର୍ଷ ଏବଂ ବାଦବିବାଦ, ପ୍ରତିଯୋଗିତା, ଦଳର ନିୟମକାନୁନ୍ ଉପରେ ଆଲୋଚନା,ଭିନ୍ନମତକୁ ମାନ୍ୟତା ଦେବା, ନେତୃତ୍ୱକୁ ପ୍ରୋତ୍ସାହନ ଦେବା ଓ ମଧ୍ୟସ୍ଥି କରିବା।

  ୩. ଦଳରେ ଶାନ୍ତ ପରିବେଶ - ବନ୍ଧୁତ୍ୱର ପୁନଃସ୍ଥାପନା, ବ୍ୟଗ୍ରତା ହ୍ରାସ, ଚୁକ୍ତି ଓ ବୁଝାମଣା, ସ୍ପଷ୍ଟ ଭୂମିକା ଓ ଦାୟିତ୍ୱ , ସମ୍ପର୍କ ସ୍ଥାପନ, ଦଳର ପ୍ରଚେଷ୍ଟାକୁ ମାନ୍ୟତା ଦେବା, ଶିକ୍ଷାଲାଭ କରିବା, ସୁଯୋଗ ସୃଷ୍ଟି କରିବା, ଛୋଟ କାର୍ଯ୍ୟକ୍ରମ ହାତକୁ ନେବା, ଏକତ୍ରିତ କାର୍ଯ୍ୟଧାରାକୁ ତଦାରଖ କରିବା- ସୁଗମ ଓ ନିର୍ଦ୍ଦେଶନାର ଆବଶ୍ୟକତା।

  ୪. କାର୍ଯ୍ୟକ୍ଷମତା ବୃଦ୍ଧି- ଦଳରେ ଉତ୍ତମ ସମ୍ପର୍କ ପ୍ରତିଷ୍ଠା, ଲକ୍ଷ୍ୟ ଓ ଉଦ୍ଦେଶ୍ୟରେ ସ୍ୱଚ୍ଛତା, ଫଳାଫଳ କୈନ୍ଦ୍ରିକ ଓ ଦଳଗତ ସାମର୍ଥ୍ୟ– ଦାୟିତ୍ୱ ଅର୍ପଣ କରିବା, ସ୍ୱଳ୍ପ ହସ୍ତକ୍ଷେପ ଏବଂ ସାମୟିକ ତଦାରଖ କରିବା।

୫. ବିରତି - (ନୂତନତା ପାଇଁ ବିରତି ନେବା) ପ୍ରକ୍ରିୟା ସମ୍ବନ୍ଧୀୟ ଶିକ୍ଷାକୁ ଦୃଢ଼ କରିବା, କାର୍ଯ୍ୟର ପରିସମାପ୍ତି, ଅର୍ଜିତ ଜ୍ଞାନ ଏବଂ ପରିବର୍ତ୍ତନର ବିବରଣୀ ବଣ୍ଟନ କରିବା, ସ୍ୱୀକୃତିପତ୍ର, ମାନ୍ୟତା ଓ ପୁରସ୍କାର ପ୍ରଦାନ କରିବା- ବିରତି ନେଇ ଦାୟିତ୍ୱ ହସ୍ତାନ୍ତର କରିବା।

- ବାର୍ତ୍ତାଳାପ ମାଧ୍ୟମରେ ଯଥା କାହାଣୀ, ମହାପୁରୁଷଙ୍କ ଜୀବନୀ, ଗୋଷ୍ଠୀ ମଧ୍ୟରେ ଘଟିଥିବା ଭଲ ଭଲ ଘଟଣା, ନାମ ପ୍ରକାଶ ନ କରି କୌଣସି ବ୍ୟକ୍ତିଙ୍କର ବିବରଣୀ ଏବଂ ଏକତାକୁ ଗୁରୁତ୍ୱ ଦେଇ ଶିଶୁ, ମହିଳା, ଯୁବକ ଓ ପୁରୁଷମାନଙ୍କୁ ସଂଗଠିତ କରନ୍ତୁ ।
- ଦଳ ଗଠନ କରିବା ପାଇଁ ତଦନୁରୂପ ଆଗ୍ରହ ରଖୁଥିବା ସଦସ୍ୟମାନଙ୍କୁ ପ୍ରୋତ୍ସାହନ କରନ୍ତୁ। ସାଧାରଣତଃ ସେମାନେ ବୟସ, ଲିଙ୍ଗ ଏବଂ ବୃତ୍ତି ଅନୁଯାୟୀ ଦଳ ଗଠନ କରିବାକୁ ଅଧିକ ପସନ୍ଦ କରନ୍ତି ।
- ଆପେକ୍ଷିକଭାବେ ମହିଳା ଓ ଶିଶୁମାନଙ୍କର ଦଳ ଗଠନ କରିବା ସହଜ କାରଣ ସେମନେ ଆଗ୍ରହ ପ୍ରକାଶ କରିବା ସହିତ ସମୟ ଦେଇ ପାରନ୍ତି । ତେବେ ଅନ୍ୟମାନଙ୍କୁ ଯଥା ଯୁବକ ଓ ଯୁବତୀମାନଙ୍କୁ ଅଣଦେଖା କରିବା ଅନୁଚିତ।
- ଜାତି, ଧର୍ମ ଓ ଗୋଷ୍ଠୀଭିତ୍ତିକ ଯୁଗ୍ମ ଦଳର ସଦସ୍ୟତା ଗ୍ରହଣ କରିବା ପାଇଁ ସଦସ୍ୟମାନଙ୍କୁ ପ୍ରସ୍ତାବ ଦିଅନ୍ତୁ, ମଧୁର ଭାବରେ କଥା କୁହନ୍ତୁ ।
- ଦଳର ସଦସ୍ୟମାନଙ୍କୁ ସହଜ କରନ୍ତୁ ଯେପରି ସେମାନେ ନିଜେ ନିଷ୍ପତ୍ତି ନେବେ ଯେ ଦଳର ସଦସ୍ୟ କେଉଁମାନେ ହେବେ, ଦଳର ନାମ କ'ଣ ହେବ, ଦଳର ଲକ୍ଷ୍ୟ କ'ଣ ହେବ ଏବଂ ଦଳର ନେତୃତ୍ୱ କେଉଁମାନେ ନେବେ।
- ଏକ ସହଜ ବିଷୟ ଉପରେ ଖେଳ ଆରମ୍ଭ କରି ସାମାଜିକ ମିଳାମିଶା ଓ ତାହାର ଶିକ୍ଷା ସମ୍ବନ୍ଧରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରନ୍ତୁ ।
- ସମସ୍ତ କାର୍ଯ୍ୟକ୍ରମକୁ ସମସ୍ତ ସଦସ୍ୟମାନେ ଉପକାରୀ ଓ ଅର୍ଥପୂର୍ଣ୍ଣଭାବେ ଆଦର କରିବା ଉଚିତ ଏବଂ ଏହାର ନୀତି ଆଦର୍ଶକୁ ପ୍ରୋତ୍ସାହନ ଦେବା ଉଚିତ।
- ସମସ୍ତଙ୍କର ଯୋଗଦାନକୁ ସୁନିଶ୍ଚିତ କରନ୍ତୁ, ନେତୃତ୍ୱକୁ ଉତ୍ସାହିତ କରନ୍ତୁ ଏବଂ ଦ୍ୱନ୍ଦ ସମୟରେ କୋମଳ ଭାବରେ ମଧ୍ୟସ୍ଥତା କରନ୍ତୁ।
- ଭିନ୍ନମତ, ଉପଲବ୍ଧୀ ଓ ବିଚାରକୁ ମାନ୍ୟତା ଦେବା ଓ ଗ୍ରହଣ କରିବା ନିମନ୍ତେ ସଦସ୍ୟମାନଙ୍କୁ ପ୍ରୋତ୍ସାହନ କରନ୍ତୁ ।
- ସହମତି ଓ ସର୍ବସହମତିକୁ ପ୍ରୋତ୍ସାହନ ଦିଅନ୍ତୁ, ଭୂମିକା ଓ ଦାୟିତ୍ୱକୁ ସଂଜ୍ଞାୟିତ କରନ୍ତୁ ଓ ଦୃଢ଼ ସମ୍ପର୍କ ସୃଷ୍ଟି କରନ୍ତୁ ।
- ଦଳର ସାମିଲ୍ କରିବାରେ ଓ ଦଳର ଆଗ୍ରହ ଅନୁଯାୟୀ ଛୋଟ ଛୋଟ କାର୍ଯ୍ୟକ୍ରମଗୁଡିକ ହାତକୁ ନିଅନ୍ତୁ । ସ୍ୱୟଂ ସହାୟକ ଦଳ, ଶିଶୁ ବିଧାନ ସଭା, ଯୁବ ଶାନ୍ତି ଦୂତ ଓ ପ୍ରକୃତି କ୍ଲବ୍ ଇତ୍ୟାଦି ଗଠନ କରନ୍ତୁ ।
- କାର୍ଯ୍ୟ ପରିସମାପ୍ତି ଓ ସଫଳ ହେବାର ଉତ୍ସବ ପାଳନ କରିବା ପାଇଁ ଉତ୍ସାହିତ କରନ୍ତୁ । ସଫଳତାକୁ ସର୍ବସାଧାରଣରେ ମାନ୍ୟତା ଦିଅନ୍ତୁ ଓ ପ୍ରଶଂସା କରନ୍ତୁ ।
- ସଂଘର୍ଷ ସତ୍ତ୍ୱେ କାର୍ଯ୍ୟ ସମାପ୍ତ କରିବାକୁ ଦାୟିତ୍ୱ ନେବା ନିମନ୍ତେ ଉତ୍ସାହିତ କରନ୍ତୁ।
- ଗ୍ରାମସଭାର ଆଦର୍ଶରେ ଗ୍ରାମର ସମସ୍ତ ମହିଳା ଓ ପୁରୁଷ, ବୟୋଜ୍ୟେଷ୍ଠ ବ୍ୟକ୍ତି ଏବଂ ବିଭିନ୍ନ ଦଳର ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କୁ ନେଇ ଗୋଷ୍ଠୀ ସଂଗଠନ ଗଢିବା ପାଇଁ ଅଗ୍ରସର ହେବା ଉଚିତ।



- ଗୋଷ୍ଠୀଭିତ୍ତିକ ସଂଗଠନ ଦଳର ସଦସ୍ୟମାନଙ୍କ ସହ ଏବଂ ସେମାନଙ୍କ ଯୋଜନା ସହ ଅଙ୍ଗାଙ୍ଗୀଭାବେ ଜଡିତ ହେବାକୁ ସୁନିଶ୍ଚିତ କରନ୍ତୁ ।
- ଗୋଷ୍ଠୀ ସମ୍ବଳ ଓ ସାମୂହିକ ବିକାଶକୁ ଗୁରୁତ୍ୱ ଦେବା ପାଇଁ ଗୋଷ୍ଠୀଭିତ୍ତିକ ସଂଗଠନକୁ ସହଜ କରନ୍ତୁ ଯଥା: ସମସ୍ତ ଗୋଷ୍ଠୀ ପାଇଁ ପାନୀୟ ଜଳ ଓ ପରିମଳର ବ୍ୟବସ୍ଥା, ମଶାଣିକୁ ରାସ୍ତା, ସାଧାରଣ ବଣ୍ଟନ ବ୍ୟବସ୍ଥାର ଉନ୍ନତି, ସ୍ୱାସ୍ଥ୍ୟ ସୁବିଧା ଓ ଭିନ୍ନକ୍ଷମମାନଙ୍କ ପାଇଁ ଯତ୍ନ ଇତ୍ୟାଦି।

## ଉପକାରୀ ବିନ୍ଦୁ

- ଏହା ଗୁରୁତ୍ୱପୂର୍ଣ୍ଣ ଯେ ପ୍ରତ୍ୟେକ ଦଳର ନାମକରଣ କରାଯିବା ଉଚିତ। ଏହା ପରିଚୟ ଓ ପ୍ରେରଣା ପ୍ରଦାନ କରିଥାଏ।
- ଦଳ ମଧ୍ୟରେ ପର୍ଯ୍ୟାୟ କ୍ରମେ ଜଣକ ପରେ ଜଣେ ନେତୃତ୍ୱ ପରିବର୍ତ୍ତନକୁ ଉତ୍ସାହ ପ୍ରଦାନ କରିବା ଉଚିତ, ଏହା ଫଳରେ ଅଧିକାଂଶ ଲୋକ ସୁଯୋଗ ପାଇପାରିବେ। ଏହା ଜରୁରୀ ନୁହେଁ ଯେ କେବଳ ଶିକ୍ଷିତ ଲୋକ ହିଁ ନେତୃତ୍ୱର ଦାୟିତ୍ୱ ନେଇ ପାରିବେ। ଯେ କୌଣସି ବ୍ୟକ୍ତି ଯାହାଙ୍କର ସମାଜ ପ୍ରତି ପ୍ରତିଶ୍ରୁତିବଦ୍ଧତା ଓ ଆବେଗ ରହିଥିବ, ସେ ମଧ୍ୟ ନେତୃତ୍ୱ ନେଇପାରିବେ।

- ଦଳର ପରିସର ବ୍ୟବହାର କରି ଦଳର ସଦସ୍ୟମାନଙ୍କ ବ୍ୟକ୍ତିତ୍ୱର ବିକାଶ ପ୍ରତି ସୁଯୋଗ ପ୍ରଦାନ କରାଯିବା ଉଚିତ। ନେତୃତ୍ୱର ଗୁଣାବଳୀ, ପାରସ୍ପରିକ ସମ୍ପର୍କ ଓ ଯୋଗାଯୋଗ କୌଶଳ ଇତ୍ୟାଦି ପ୍ରଦାନ କରାଯିବା ଉଚିତ।
- ଦଳ ମଧ୍ୟରେ ନେବାକୁ ଥିବା ଆଭ୍ୟନ୍ତରୀଣ କାର୍ଯ୍ୟକ୍ରମ ଉପରେ ଆଲୋଚନା, ବିତର୍କ ଓ ସହମତିକୁ ପ୍ରଶୟ ଦିଅନ୍ତୁ। ଛୋଟ ଛୋଟ କାର୍ଯ୍ୟକ୍ରମ ହାତକୁ ନେବା ନିମନ୍ତେ ଦଳକୁ ଉତ୍ସାହିତ କରନ୍ତୁ।
- କାର୍ଯ୍ୟକ୍ରମଗୁଡିକୁ ସହଜ କରିବା, ନିର୍ଦ୍ଦେଶନା ଓ ପଥ ପ୍ରଦର୍ଶନ କରିବା ଏବଂ ମଧ୍ୟସ୍ତି କରିବା ରଣକୌଶଳଗୁଡିକୁ ଆପଣାନ୍ତୁ।
- ଖେଳ, ପ୍ରେରଣାଦାୟକ ତାଲିମ୍, ବୟସ ଉପଯୋଗୀ ଖେଳ ଓ ଦଳୀୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ସମୟରେ ନିଜକୁ ନୂତନ ଭାବନା, ସୃଜନଶୀଳତା ଓ ଅର୍ଥପୂର୍ଣ୍ଣ କରନ୍ତୁ।
- ଦଳର ପ୍ରତ୍ୟେକ ପାହାଚରେ ଅଗ୍ରଗତି ଆଣିବା ନିମନ୍ତେ ସଦସ୍ୟମାନଙ୍କ ମଧ୍ୟରେ ନୂତନ ଭାବନା ସୃଷ୍ଟି କରିବାକୁ ଉତ୍ସାହିତ କରନ୍ତୁ। ନୂତନ ଭାବନାକୁ ସ୍ୱୀକୃତି ଦିଅନ୍ତୁ।
- ବିବାଦ ସମୟରେ କୋମଳ ଭାବେ ମଧ୍ୟସ୍ଥତା କରନ୍ତୁ।
- ବ୍ୟବହାରିକ ଅଭିଜ୍ଞତା, ପାରମ୍ପରିକ ବା ଗୋଷ୍ଠୀ ବିଜ୍ଞତା ଓ ସାମୂହିକ ବିଜ୍ଞତାକୁ ଗୁରୁତ୍ୱ ଦିଅନ୍ତୁ।

# ଉପକାରୀ ସତର୍କତା

- ଦଳର ପରିସର ବ୍ୟବହାର କରି ଫେସିଲିଟେଟର୍‌ଙ୍କ ଜ୍ଞାନ ଓ ସାମର୍ଥ୍ୟ ପ୍ରମାଣିତ କରିବାକୁ ପ୍ରଚେଷ୍ଟା କରନ୍ତୁ ନାହିଁ।
- ସଦସ୍ୟମାନଙ୍କର ଶିକ୍ଷାଗତ ଯୋଗ୍ୟତା ଓ ଧର୍ମୀୟ ପୃଷ୍ଠଭୂମି ଆଧାରରେ ସେମାନଙ୍କର ସ୍ୱଳ୍ପ ଜ୍ଞାନ ରହିଛି ବୋଲି ଆରୋପ ଲଗାନ୍ତୁ ନାହିଁ ।
- ଧର୍ମ, ଜାତି ଓ ଗୋଷ୍ଠୀଭିତ୍ତିରେ ଏକକ ଦଳ ଗଠନ କରନ୍ତୁ ନାହିଁ ।
- କୌଣସି ଦଳକୁ ଏକତ୍ରିତ ହେବା ପାଇଁ ବାଧ୍ୟ କରନ୍ତୁ ନାହିଁ, ସେମାନଙ୍କୁ ପ୍ରେରଣା ଦିଅନ୍ତୁ।

# ସୂଚକ

୧. ××× ମହିଳା ଦଳ, ସଂଖ୍ୟକ ଶିଶୁ ଦଳ, ××× ପୁରୁଷ ଦଳ ××× ଯୁବକ ଦଳ ନିୟମିତଭାବେ ଦଳର ସଭା କାର୍ଯ୍ୟରେ ଯୋଗ ଦିଅନ୍ତି ଓ ପରସ୍ପର ମଧ୍ୟରେ ଆଲୋଚନା କରନ୍ତି ।

୨. ××× ବୃତ୍ତିଭିତ୍ତିକ ଦଳ ଯଥା ଆବର୍ଜନା ଉଠାଳି, କୃଷକ ଓ ××× କୁଶଳୀ କାରିଗରଙ୍କ ଦଳ ଗଠନ ହୋଇଛି ।

୩. ନେତୃତ୍ୱ ଓ ସାମର୍ଥ୍ୟ ଥିବା × ×× ସଦସ୍ୟଙ୍କୁ ଚିହ୍ନଟ କରାଯାଇଛି ।

୪. ××× ଦଳରେ ବିଭିନ୍ନ ଜାତି ଓ ଧର୍ମର ନେତା ଅଛନ୍ତି ।

୫. ××× ଦଳ ଜାତି ଓ ଧର୍ମର ବିଭେଦ ଅତିକ୍ରମ କରିବା ଉଦ୍ଦେଶ୍ୟରେ ମିଳିତ ଭାବେ କାର୍ଯ୍ୟ କରନ୍ତି ।

୬. ××× ନେତାମାନେ ଆବେଗପୂର୍ଣ୍ଣ ଓ ଉତ୍ସର୍ଗୀକୃତ ।

୭. ××× ସଦସ୍ୟ ଅନୁଭବ କରନ୍ତି କି ସେମାନେ ଏକତ୍ରିତ ହେବାର ଏକ ମହତ୍ତ ଉଦ୍ଦେଶ୍ୟ ରହିଛି ।

୮. ××× ଦଳ ଛୋଟ ଛୋଟ ଓ ମିଳିତ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ।

୯. ××× ପ୍ରତିଶତ ଦଳରେ ନେତୃତ୍ୱ ପରିବର୍ତ୍ତନ ହୋଇଛି ।

୧୦. ××× ଗୋଷ୍ଠୀଭିତ୍ତିକ ସଂଗଠନ ଗଠନ ହୋଇଛି ।

## ଦଳ ଗଠନ ଓ ପରିଚାଳନା ଚିତ୍ର – ଏକ ନମୁନା

| ଦଳ ଗଠନ ଓ ପରିଚାଳନାର ଚିତ୍ର | | | | | | | | | |
|---|---|---|---|---|---|---|---|---|---|
| | ସଂଖ୍ୟକ ଦଳ ଗଠନ ହୋଇଛି | ସଂଖ୍ୟକ ସଦସ୍ୟଙ୍କ ସଂଖ୍ୟା | ସଂଖ୍ୟକ ସଦସ୍ୟ ବୈଠକରେ ନିୟମିତ ଯୋଗ ଦିଅନ୍ତି | ଆଲୋଚିତ ବିଷୟ | କାର୍ଯ୍ୟକ୍ରମ ପାଇଁ ନିଷ୍ପତ୍ତି | କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଛି | ବିବାଦ ସମାଧାନ | ଦଳିତ ଆଦିବାସୀ / ସଂଖ୍ୟାଲଘୁ ସଦସ୍ୟଙ୍କ ସଂଖ୍ୟା | ମନ୍ତବ୍ୟ |
| ମାସ-୧ | | | | | | | | | |
| ମାସ-୨ | | | | | | | | | |
| ମାସ-୩ | | | | | | | | | |
| ମାସ-୪ | | | | | | | | | |
| ମାସ-୫ | | | | | | | | | |

ବୟସ, ଆଗ୍ରହ ଓ ବୃତ୍ତି ଅନୁଯାୟୀ ଦଳର ସ୍ଥିତି ଚିତ୍ରଣ କରନ୍ତୁ ।

# ଅଂଶଦାନ ଓ ପ୍ରତିଫଳନ ପାଇଁ ପ୍ରଶ୍ନ

୧ ମହିଳା, ଯୁବକ, ଶିଶୁ ଓ ପୁରୁଷମାନଙ୍କ ମଧ୍ୟରୁ ଦଳ ଗଠନ ପାଇଁ କେଉଁମାନେ ଅଧିକ ଆଗ୍ରହ ପ୍ରଦର୍ଶନ କରିଥିଲେ ଏବଂ କେଉଁମାନେ ଅନିଚ୍ଛା ପ୍ରକାଶ କରିଥିଲେ ?

୨ ଦଳ ଗଠନର କେଉଁ ବିଷୟଟିକୁ ସଦସ୍ୟମାନେ ଅଧିକ ପସନ୍ଦ କରିଥିଲେ ? ସେମାନେ ଏକତ୍ରିତ ହେବାର କାରଣ ସ୍ପଷ୍ଟଭାବରେ ପ୍ରକାଶ କରିଥିଲେ କି ?

୩ ବିଭିନ୍ନ ଧର୍ମ, ଜାତି, ଭାଷା ,ଗୋଷ୍ଠୀ ଓ ସାଂସ୍କୃତିକ ପୃଷ୍ଠଭୂମିରୁ ଆସିଥିବା ସଦସ୍ୟମାନଙ୍କୁ ଏକତ୍ରୀକରଣ କରିବା କେତେ କଷ୍ଟକର ଥିଲା ? ସେଥିରେ ପାରସ୍ପରିକ ସହମତି ହୋଇଥିଲା ନା ବିବାଦ ଦେଖାଦେଇଥିଲା ? ଦଳଗୁଡିକ ଏପରି ପରିସ୍ଥିତିରୁ କିପରି ମୁକୁଳି ପାରିଲେ ?

୪ ଦଳଗତ ବୈଠକ ସଦସ୍ୟମାନଙ୍କୁ ଆନନ୍ଦ ଦେଇ ପାରିଥିଲା କି ? ଏହା ସେମାନଙ୍କ ଉପକାରରେ ଆସି ପାରିଲା କି ?

୫ ଦଳର ସଦସ୍ୟମାନେ କେଉଁ ସବୁ କଷ୍ଟ ଓ ଅସୁବିଧାଗୁଡିକୁ ପ୍ରକାଶ କରିଥିଲେ ?

୬ ଦଳ ଦ୍ୱାରା କେଉଁ ସବୁ ସାମୂହିକ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସେମାନଙ୍କୁ

୭ ଦିଆଯାଇଥିବା ଦାୟିତ୍ୱ ସେମାନେ କିପରି ପୂରଣ କରିପାରିବେ ।

୮ ନେତୃତ୍ୱ ପରିବର୍ତ୍ତନକୁ ସଦସ୍ୟମାନେ ପସନ୍ଦ କରନ୍ତି କି ? ଏହାର ସକରାତ୍ମକ ଓ ନକରାତ୍ମକ ଦିଗ କ'ଣ ?

# ଅକ୍ଷମ ଲୋକଙ୍କ ମଧ୍ୟରେ ସ୍ୱୟଂ ସହାୟକ ଦଳ ଗଠନର ସୁଫଳ


ଶ୍ରୀ ଜିତେନ୍ଦ୍ର ଗୋରଖପୁର ଜିଲ୍ଲାର ଏକ ଗ୍ରାମରେ ବାସ କରନ୍ତି । ସେ ତାଙ୍କର ଉଚ୍ଚଶିକ୍ଷା ଶେଷ କରିବା ନିମନ୍ତେ ସଂଘର୍ଷ କରୁଥିଲେ । ସେ ଏହି ବିଷୟକୁ ଗ୍ରାମରେ ଅନୁଷ୍ଠିତ ହୋଇଥିବା ଅକ୍ଷମ ଲୋକ ସଂଗଠନର ବୈଠକରେ ଉପସ୍ଥାପନ କରିଥିଲେ । ପିଜିଏସଏସର ପଥ ପ୍ରଦର୍ଶନରେ ଜିତେନ୍ଦ୍ରଙ୍କୁ ସିବିଆର ଫୋରମ ତରଫରୁ ଆର୍ଥିକ ସହାୟତା ମିଳିଲା ଏବଂ ସେ ୨୦୧୬ ମସିହାରେ କମ୍ପ୍ୟୁଟର୍‌ରେ ଡିପ୍ଲୋମା ଶେଷ କଲେ । ସେ ମଧ୍ୟ ୨୦୧୭ ମସିହାରେ ବି.ଏଡ୍ ଶେଷ କଲେ ଏବଂ ଏଥିପାଇଁ ସେ ସ୍ୱୟଂ ସହାୟକ ଦଳରୁ ଋଣ ନେଇଥିଲେ । ସେ ସେହି ସ୍ୱୟଂ ସହାୟକ ଦଳର ସଭ୍ୟ ଥିଲେ ।

ସେ ୭୫ଜଣ ଅକ୍ଷମବ୍ୟକ୍ତିଙ୍କୁ ପାଇଖାନା ନିର୍ମାଣରେ ସରକାରୀ ଆର୍ଥିକ ସହାୟତା ପାଇବା ପାଇଁ ସହାୟତା କରିଥିଲେ । ଏହା ବ୍ୟତୀତ ତାଙ୍କ ସହାୟତାରେ ୧୦ ଜଣ ଭିନ୍ନକ୍ଷମ ଭତ୍ତା, ୪୦ ଜଣ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇବା ସହିତ ୧୫ ଜଣଙ୍କର ରେଳ ରିହାତି ପାସ୍ ପ୍ରାପ୍ତ କରିବା ପାଇଁ ଦରଖାସ୍ତ ଆବେଦନ କରାଯାଇଛି । ତାଙ୍କୁ ବିଶ୍ୱ ଅକ୍ଷମତା ଦିବସ ୨୦୧୭ରେ ଉଡାନ କାର୍ଯ୍ୟକ୍ରମର ଉତ୍ତମ ସାହାରାଭାବେ ପୁରସ୍କୃତ କରାଯାଇଥିଲା ।

ତଦ୍‌ରୂପ, ଟାଙ୍ଗ୍ରା, କଲିକତା ଅଞ୍ଚଳର ଜଣେ ସାମାଜିକ କର୍ମୀ କହନ୍ତି, "ମୁଁ ଫଳପ୍ରଦ ଭାବେ ବୈଠକ ପରିଚାଳନା କରିପାରେ" ଯଦି କର୍ମଚାରୀମାନେ ନ ଆସନ୍ତି । "ମୁଁ ଅନୁଭବ କରେ କି ମୁଁ ଜଣେ ବ୍ୟକ୍ତି ଏବଂ ମୁଁ ମୋ ମନରୁ କଥା କହିପାରେ । ମୋତେ ସମ୍ମାନ ମିଳେ । ମୁଁ ଜାଣେ, ଆବଶ୍ୟକ ସମୟରେ ମୁଁ କେଉଁଠାକୁ ଯିବି ଓ କ'ଣ କରିବି" ।

ଅଧ୍ୟାୟ 5

# ସମାଲୋଚନାତ୍ମକ ସଚେତନଶୀଳତା



# ସମାଲୋଚନାତ୍ମକ ସଚେତନଶୀଳତା

## ସ୍ୱୟଂ, ଗୋଷ୍ଠୀ, ସମାଜ ସହିତ ବ୍ୟକ୍ତିତ୍ୱ, ନେତୃତ୍ୱ ଏବଂ ଜ୍ଞାନର ବିକାଶ

## ଆଭିମୁଖ୍ୟ

ଏହି କ୍ରମର ଉଦ୍ଦେଶ୍ୟ ହେଉଛି ଏକ କେନ୍ଦ୍ରୀଭୂତ ପ୍ରକ୍ରିୟା ମାଧ୍ୟମରେ ବ୍ୟକ୍ତି, ପରିବାର, ଗୋଷ୍ଠୀ ଓ ସାମାଜିକସ୍ତରରେ ଆତ୍ମସମୀକ୍ଷା କରିବା। ଦଳଗୁଡ଼ିକର ଯୋଜନା ହେଉଛି ଯେ ଏକ ବିରତି ନେଇ ଜଟିଳତା ମଧ୍ୟରେ ଯେଉଁ ବାସ୍ତବତା ରହିଛି ତାହାକୁ ଗଭୀରଭାବେ ଅନୁଧ୍ୟାନ କରିବା। ଏହି ପ୍ରକ୍ରିୟା ମାଧ୍ୟମରେ ଯେଉଁ ଦୃଷ୍ଟିକୋଣଗୁଡ଼ିକ ଉତ୍ତମ ବୋଲି ବିବେଚନା କରାଯାଏ, ତାହାକୁ ପସନ୍ଦ କରିବା ଏବଂ ଯେଉଁ ବିଷୟଗୁଡ଼ିକ ଅପରିବର୍ତ୍ତନୀୟ ବୋଲି ଗ୍ରହଣ କରାଯାଇଛି ତାହାକୁ ପ୍ରଶ୍ନ କରିବା। ଏହି କ୍ରମରେ ପ୍ରଶ୍ନ ଉତ୍ଥାପନ କରିବା ପାଇଁ ସାମର୍ଥ୍ୟ ଆବଶ୍ୟକ। କାହିଁକି ଓ କାହିଁକି ନୁହେଁ ଏବଂ ସେସବୁର ଉତ୍ତର ଖୋଜିବା ଅତି ଗୁରୁତ୍ୱପୂର୍ଣ୍ଣ। ଦଳର ସଭ୍ୟସଭ୍ୟାମାନଙ୍କୁ ଏପରି ସୁଗମ କରାଯିବ, ଯେପରି ସେମାନେ ଏକ ବିଚାର ସୃଷ୍ଟି କରିବେ କି ବାସ୍ତବରେ ଜଣେ ବ୍ୟକ୍ତି ବା ନେତାର ଅର୍ଥ କ'ଣ ? ଓ କେଉଁ ପ୍ରକାରର ନେତା ଗୋଷ୍ଠୀର ଏକତା ଓ ସାମର୍ଥ୍ୟକୁ ବୃଦ୍ଧି କରିପାରିବେ ? ଦଳର ସଭ୍ୟସଭ୍ୟା ଯେଉଁମାନେ ଦଳର ବୈଠକରେ ନିୟମିତ ରୂପେ ଯୋଗଦାନ କରନ୍ତି, ସେମାନେ କେବଳ ସେମାନଙ୍କ ପ୍ରତି ଯାହା ଘଟୁଛି ତାହା କହିବେ ନାହିଁ, ମାତ୍ର ସେମାନଙ୍କ ପ୍ରତି ତାହା କାହିଁକି ଘଟୁଛି ତାହା ମଧ୍ୟ ସ୍ୱଷ୍ଟ ଓ ଦୃଢ଼ଭାବରେ କହିବେ। ସେମାନଙ୍କୁ ଏପରି ପଥପ୍ରଦର୍ଶନ କରାଯିବ ଯେ ସେମାନେ ସାମାଜିକକରଣ ପ୍ରକ୍ରିୟା, ବାସ୍ତବ ସାମାଜ ଗଠନ ଏବଂ ପରିବାର, ଗୋଷ୍ଠୀ ଓ ସମାଜରେ ପରିବର୍ତ୍ତନ ହେଉଥିବା ଭୂମିକା ଓ ଉଦ୍ଦେଶ୍ୟର ସମାଲୋଚନାତ୍ମକ ଜ୍ଞାନ ଲାଭ କରିବେ। ଏହି କ୍ରମର ଫଳାଫଳ ବହୁଗୁଣିତ ଏବଂ ଏହା ବ୍ୟକ୍ତିତ୍ୱର ବିକାଶରୁ

ସାମୂହିକ ଚେତନା ପର୍ଯ୍ୟନ୍ତ ବ୍ୟାପ୍ତ। ଏହି ପ୍ରକ୍ରିୟା ମାଧମରେ ଗୋଷ୍ଠୀର ସଦସ୍ୟ ଓ ସଦସ୍ୟାମାନେ ନାଗରିକ ଅଧିକାର ପାଇବା ସହିତ ବିଶ୍ଳେଷଣାତ୍ମକ ଓ ସମାଲୋଚନାତ୍ମକ ସାମର୍ଥ୍ୟ ଓ ଜ୍ଞାନର ବିକାଶ ଲାଭ କରିପାରିବେ।

## ସମୟ ସୀମା

ଏହା ଏକ ପ୍ରକ୍ରିୟା ଯାହା ଆତ୍ମବିଶ୍ଳେଷଣ ଓ ପ୍ରତିଫଳନ ଆବଶ୍ୟକ କରେ ଏବଂ ଏହି କ୍ରମକୁ, କ୍ରମ ତିନି - ମିଶ୍ରଣ ଦଳ ଓ ଗୋଷ୍ଠୀଭିତ୍ତିକ ସଂଗଠନର ଗଠନ ଓ ପରିଚାଳନାରୁ ଆରମ୍ଭ କରାଯାଏ । ଗୋଷ୍ଠୀଭିତ୍ତିକ ସଂଗଠନ ନିର୍ମାଣର ପ୍ରକ୍ରିୟା ଦଳଗୁଡିକ ବିନା ବାହ୍ୟ ପ୍ରଭାବ ଦ୍ୱାରା ନିଜେ ଆରମ୍ଭ କରିପାରିବେ। କ୍ରମ ତିନି ଓ କ୍ରମ ଚାରି ଯଥାକ୍ରମେ ଦୁଇ ବର୍ଷ ଓ ଛଅ ମାସ ସମୟ ନେଇଥାଏ।



# ଅଗ୍ରସର ହେବା ପାଇଁ ଉପାୟ

- ଆତ୍ମସମୀକ୍ଷାରୁ ଆଲୋଚନା ଆରମ୍ଭ କରନ୍ତୁ, ଯେଉଁଠି ବ୍ୟକ୍ତିଗତ ଭାବେ ସଦସ୍ୟ/ସଦସ୍ୟାମାନେ ଗଭୀର ଭାବେ ନିଜକୁ ବୁଝିପାରିବେ।
- ସଦସ୍ୟମାନେ କିପରି ନିଜ ବିଷୟରେ ବର୍ଣ୍ଣନା କରିପାରିବେ, ବିଶେଷକରି ସେମାନଙ୍କର ଭୟ ଓ ବିପଦ ଥିବା ପ୍ରସଙ୍ଗ, ଆଶା ଓ ସ୍ୱପ୍ନ ଏବଂ ସେମାନେ କିପରି ନିଜକୁ ଉନ୍ନତ କରିବାକୁ ଚାହାଁନ୍ତି ସେ ବିଷୟରେ ଆଲୋଚନାକୁ ସହଜ କରନ୍ତୁ।
- ପ୍ରେରଣାଦାୟକ ବ୍ୟକ୍ତି ବିଶେଷକରି ଯେଉଁମାନେ ବ୍ୟକ୍ତିଗତ କଷ୍ଟ ଓ ଅସୁବିଧାକୁ ମୁକାବିଲା କରି ଜୀବନରେ କୃତକାର୍ଯ୍ୟ ହୋଇଛନ୍ତି, ସେମାନଙ୍କର କାହାଣୀ ଓ ଭିଡିଓ ଲୋକଙ୍କ ଆଗରେ ଉପସ୍ଥାପନ କରନ୍ତୁ ।
- ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ , ଦଳର ସଦସ୍ୟ ଓ ସଦସ୍ୟାମାନଙ୍କୁ ସମ୍ଭାବନାଗୁଡିକ ସହିତ ପରିଚିତ କରନ୍ତୁ।
- ପରବର୍ତ୍ତୀସ୍ତରର ଆଲୋଚନା ପରିବାର ଓ ଲିଙ୍ଗଗତ ଭୂମିକା ସମ୍ପର୍କରେ ଆରମ୍ଭ ହେବା ଉଚିତ।
- ପରିବାରରେ ପରିବର୍ତ୍ତନ ଆସିଥିବା ସୁଗୁଣ ଓ ଦୁର୍ଗୁଣ ବିଷୟରେ ପ୍ରଶ୍ନ ଉତ୍‌ଥାପନ କରାଯାଉ।
- ସଦସ୍ୟମାନଙ୍କୁ ସମାଲୋଚନାତ୍ମକ ଆଲୋଚନାରେ ଭାଗ ନେବା ପାଇଁ ସାମିଲ୍ କରନ୍ତୁ : ପରିବାରର ବିଭିନ୍ନ ସଦସ୍ୟମାନଙ୍କର ସମାନ ଓ ଅସମାନ ସ୍ଥିତି (ପୁରଷ ବା ମହିଳାଙ୍କ ରୋଜଗାର ଓ ବେରୋଜଗାର ବ୍ୟକ୍ତି, ପୁଅ ବା ଝିଅ, ଅବହେଳିତ ବ୍ୟକ୍ତିମାନଙ୍କର ସ୍ଥିତି ଯଥା, ଭିନ୍ନକ୍ଷମ, ମାନସିକ ଦୁର୍ବଳ ବ୍ୟକ୍ତି, ବିଧବା ଏବଂ ବୟସ୍କ ବ୍ୟକ୍ତିଙ୍କର ଏପରି ସ୍ଥିତି କାହିଁକି ହୋଇଛି ?)।
- ପରମ୍ପରାଗତ ଓ ଧରାବନ୍ଧା ଲିଙ୍ଗଗତ ଭୂମିକା ଉପରେ ଆଲୋଚନା ଆରମ୍ଭ କରନ୍ତୁ। ସଦସ୍ୟମାନେ ଲିଙ୍ଗଗତ ଭୂମିକାକୁ କିପରି ଦେଖନ୍ତି, ଯଦି ଏହା ସମାନୁପାତିକ ଅବା ଭେଦଭାବ ଜନିତ ଏବଂ ଏଥିରେ କିଛି ପରିବର୍ତ୍ତନର ଆବଶ୍ୟକତା ରହିଛି କି ?
- ପରବର୍ତ୍ତୀସ୍ତରର ଆଲୋଚନାରେ ଗୋଷ୍ଠୀ ଓ ସମାଜ ବିଷୟକୁ ଗୁରୁତ୍ୱ ଦିଅନ୍ତୁ ।
- ବିବାଦ ଭିତରକୁ ନଯାଇ, ଦୁର୍ବଳତା, ଅଭାବ, ଭେଦଭାବ ଓ ବାଛନ୍ଦ ଆଦି ଅଭିଜ୍ଞତା ବିଷୟରେ ବୁଝିବା ପାଇଁ ସଦସ୍ୟମାନଙ୍କୁ ସହାୟତା କରନ୍ତୁ ଏବଂ ଏହା ଆଲୋଚନା କରନ୍ତୁ ଯେ କାହିଁକି ନିର୍ଦ୍ଦିଷ୍ଟ ବ୍ୟକ୍ତି ଓ ଦଳ ଅନ୍ୟମାନଙ୍କ ଠାରୁ ଅଧିକ ଦୁର୍ବଳ ଅଟନ୍ତି।
- ଆଲୋଚନା କରନ୍ତୁ କି ଗୋଷ୍ଠୀ ମଧ୍ୟରେ କିଏ ସବୁଠୁ କମ୍ ଅଧିକାର ପାଉଥିବା ବ୍ୟକ୍ତି ଓ ଦଳ ଅଛନ୍ତି। ଯଦି ଦଳରେ ସଦସ୍ୟମାନେ ଚିନ୍ତା କରନ୍ତି କି ସେମାନଙ୍କ ସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ କିଛି ପଦକ୍ଷେପ ନେବାର ଆବଶ୍ୟକତା ଅଛି କି ?
- ଉଚ୍ଚ ଶିକ୍ଷା, ବୃତ୍ତିଗତ କ୍ଷତି, ସ୍ୱାସ୍ଥ୍ୟ, ଜଳ ଓ ପରିମଳ, ନିର୍ବାଚିତ ପ୍ରତିନିଧିଙ୍କ ଭୂମିକା, ନିଯୁକ୍ତି ସୁଯୋଗ ଇତ୍ୟାଦି ବିଷୟରେ ଦଳ/ଗୋଷ୍ଠୀ ମଧ୍ୟରେ ଆଲୋଚନା କରନ୍ତୁ। କେଉଁ ବିଷୟଟି ସଠିକ୍ ଢ଼ଙ୍ଗରେ ଚାଲିଛି ଏବଂ କେଉଁ ବିଷୟରେ ପରିବର୍ତ୍ତନର ଆବଶ୍ୟକତା ରହିଛି।
- ଜ୍ଞାନର ବିକାଶ ପାଇଁ ବ୍ୟକ୍ତିତ୍ୱ ଓ ନେତୃତ୍ୱ ବିକାଶ, ଦଳଗଠନ ଓ ଏହାର ଲକ୍ଷ୍ୟ, ପାରିବାରିକ ଜୀବନ , ସାମାଜିକ, ସମ୍ପର୍କ, ସାମାଜିକ ସାଂସ୍କୃତିକ ପର୍ଯ୍ୟାଲୋଚନା, ଲିଙ୍ଗଗତ ପର୍ଯ୍ୟାଲୋଚନା, ସାମାଜିକ ଓ ରାଜନୈତିକ ଜ୍ଞାନ ଏବଂ ଶାସନ ବ୍ୟବସ୍ଥା ଉପରେ ତାଲିମ୍ କାର୍ଯ୍ୟକ୍ରମ ଆୟୋଜନ କରନ୍ତୁ।

- ସାମ୍ବିଧାନିକ ଅଧିକାର, ଆଇନର ମୂଳତତ୍ତ୍ୱ ଏବଂ ମାନବିକ ଅଧିକାର (ନାଗରିକ, ରାଜନୈତିକ, ଆର୍ଥିକ ଏବଂ ସାଂସ୍କୃତିକ) ଏବଂ ମାନବୀୟ ଆତ୍ମମର୍ଯ୍ୟାଦା ଏବଂ ଯଦି ଗୋଷ୍ଠୀର ସଦସ୍ୟମାନେ ଅନୁଭବ କରୁଛନ୍ତି କି ସେମାନଙ୍କର ଅଧିକାରକୁ ସମ୍ମାନ ଦିଆଯାଏ, ସୁରକ୍ଷା ଦିଆଯାଏ ଓ ପୂର୍ଣ୍ଣ କରାଯାଏ। ଏହି ସମସ୍ତ ବିଷୟରେ ତାଲିମ୍ ପ୍ରଦାନ କରନ୍ତୁ ବା ଆଲୋଚ଼ନା କରନ୍ତୁ।

# ଉପକାରୀ ବିନ୍ଦୁ

- ସ୍ୱୟଂ (ନିଜ) ବିଷୟରେ ଆଲୋଚ଼ନା ଆରମ୍ଭ କରନ୍ତୁ ଏହା ଆତ୍ମବିଶ୍ୱାସ ବୃଦ୍ଧି କରିବ ଓ ଶ୍ରୋତାବର୍ଗଙ୍କୁ ସମ୍ମୁଖୀନ ହେବାବେଳେ ବା ନୂଆ ଲୋକଙ୍କୁ ସାକ୍ଷାତ୍ କରିବା ସମୟରେ ଭୟ ଦୂର କରିବ।
- ନୂଆ ବଭାବନା ଓ ସୃଜନଶୀଳତାର କୌଶଳ ଆପଣାନ୍ତୁ। ଏହା କେବଳ ମସ୍ତିଷ୍କର ପ୍ରୟୋଗ ପାଇଁ ନୁହେଁ, ହୃଦୟ, ଭାବ ଓ ଆବେଗକୁ ଏଥିରେ ଅନ୍ତର୍ଭୁକ୍ତ କରନ୍ତୁ। ଚିତ୍ର ଆଙ୍କିବା, ନାଟକ ବା ଡ୍ରାମା ମଞ୍ଚସ୍ଥ କରିବା ପାଇଁ ସଦସ୍ୟମାନଙ୍କୁ ଉତ୍ସାହିତ କରନ୍ତୁ କିମ୍ବା ପ୍ରେରଣାଦାୟକ ଭିଡ଼ିଓ ପ୍ରଦର୍ଶନ କରନ୍ତୁ ଯେପରି ସଦସ୍ୟମାନଙ୍କ ମଧ୍ୟରେ ଆବେଗ ସୃଷ୍ଟି ହୋଇପାରିବ।
- ବିଭିନ୍ନ ବିଷୟରେ ସଦସ୍ୟମାନଙ୍କୁ ପ୍ରେରଣା ଦେବା ପାଇଁ ଗୋଷ୍ଠୀ ମଧ୍ୟରୁ ବିଜ୍ଞବ୍ୟକ୍ତିମାନଙ୍କୁ ସାମିଲ୍ କରନ୍ତୁ।
- ଗୋଷ୍ଠୀ ମଧ୍ୟରେ ବିଭିନ୍ନ ଧରଣର ପଦବୀ ଓ ମର୍ଯ୍ୟାଦା ଧାରଣ କରୁଥିବା ସଦସ୍ୟମାନଙ୍କ ସହିତ କାର୍ଯ୍ୟ କରିବା ପାଇଁ ନିଜକୁ ପ୍ରସ୍ତୁତ କରନ୍ତୁ।
- ନିଜର ମତାମତକୁ ସଦସ୍ୟମାନଙ୍କ ଉପରେ ଲଦି ଦିଅନ୍ତୁ ନାହିଁ କିମ୍ବା ଅତ୍ୟଧିକ ଧାରଣା ପ୍ରଦାନ କରନ୍ତୁ ନାହିଁ।
- କାର୍ଯ୍ୟ କରିବା ତାଲିକା ବା ଅଭିଯୋଗ ତାଲିକା ପ୍ରସ୍ତୁତ କରନ୍ତୁ ନାହିଁ।

# ସୂଚ଼କ

୧ × ×× ସଦସ୍ୟ ପୂର୍ବ ତୁଳନାରେ ଅଧିକ ଆତ୍ମବିଶ୍ୱାସୀ ହୋଇଛନ୍ତି ।

୨ ××× ଶତକଡ଼ା ସଦସ୍ୟ ନିଜ ତଥା ଗୋଷ୍ଠୀ ସମ୍ପର୍କରେ ସମାଲୋଚନାତ୍ମକ ଭାବେ ଶକ୍ତି ବୃଦ୍ଧି କରିଛନ୍ତି।

୩ ××× ଶତକଡ଼ା ସଦସ୍ୟ ସେମାନଙ୍କ ମତାମତକୁ ସାହସର ସହିତ ସ୍ୱଷ୍ଟ ଭାବେ ପ୍ରକାଶ କରିପାରିଛନ୍ତି।

୪ ××× ସଦସ୍ୟ ପରିବାରର ବିଭିନ୍ନ ସଦସ୍ୟଙ୍କୁ ଦିଆଯାଇଥିବା ପଦବୀ ଓ ଭୂମିକାକୁ ପୁନଃସମୀକ୍ଷା କରୁଛନ୍ତି।

୫ ××× ଦଳ ଗୋଷ୍ଠୀର ଦୁର୍ବଳ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିଛନ୍ତି।

୬ ××× ଦଳ ଗୋଷ୍ଠୀର ଜଟିଳ ସମସ୍ୟାଗୁଡ଼ିକୁ ଚିହ୍ନଟ କରିପାରିଛନ୍ତି ।

୭ ××× ଶତକଡ଼ା ସଦସ୍ୟ ଅନୁଭବ କରନ୍ତି କି ଜୀବନର ଗୁଣାତ୍ମକମାନର ବୃଦ୍ଧି ପାଇଁ ସେମାନେ ସମ୍ମିଳିତଭାବେ କିଛି କାର୍ଯ୍ୟ କରିବେ।

୮ ××× ଶତକଡ଼ା ସଦସ୍ୟ ଗୋଷ୍ଠୀଭିତ୍ତିକ ସଂଗଠନର ସୁଦୃଢୀକରଣର ଗୁରୁତ୍ୱ ଏବଂ ଗୋଷ୍ଠୀକୁ ନେତୃତ୍ୱ ଦେବାର ଭୂମିକା ସମ୍ପର୍କରେ ବୁଝିପାରିଛନ୍ତି।

୯ ×××× ସଦସ୍ୟ ଅନୁଭବ କରନ୍ତି କି ମିଶ୍ରିତ ଦଳ ଗଠନ ଜାତି ଓ ଧର୍ମଗତ ବିଭାଜନକୁ ରୂପାନ୍ତରଣ କରିବ।

୧୦ ସଦସ୍ୟମାନଙ୍କର ଜୀବନର ଅଭିଜ୍ଞତା ଆଧାର ସହିତ ଆଲୋଚ଼ନାକୁ ଯୋଡ଼ନ୍ତୁ ଏବଂ ମନୋସ୍ତାତ୍ତ୍ୱିକ ଦିଗ ଓ ଅଭିଜ୍ଞତାକୁ ଗୁରୁତ୍ୱ ଦିଅନ୍ତୁ।

୧୧ ବିଭ୍ରାନ୍ତକାରୀ ବା ବିପଥଗାମୀ ବ୍ୟକ୍ତିମାନେ ଯେଉଁମାନେ ପ୍ରକ୍ରିୟାକୁ ଅର୍ନ୍ତଘାତ ପହଞ୍ଚାଇଥାନ୍ତି ସେମାନଙ୍କୁ ବ୍ୟକ୍ତିଗତ ସ୍ତରରେ ନିୟନ୍ତ୍ରଣ କରନ୍ତୁ। ସର୍ବସାଧାରଣ ସ୍ଥାନରେ କରନ୍ତୁ ନାହିଁ।

୧୨ ଗୋଷ୍ଠୀ ମଧ୍ୟରେ ଏପରି ସ୍ଥିତି କାହିଁକି ରହିଛି – ସାମାଜିକ ପ୍ରୟୋଗଗୁଡ଼ିକରେ ଗୁରୁତ୍ୱ ପ୍ରଦାନ କରନ୍ତୁ ।

# ଉପକାରୀ ସତର୍କତା

- ଅନ୍ୟର ପକ୍ଷ ନିଅନ୍ତୁ ନାହିଁ ଅବା ଶେଷ ନିଷ୍ପତ୍ତି ଶୁଣାନ୍ତୁ ନାହିଁ । ସମସ୍ୟା ବା ବିଷୟବସ୍ତୁ ଉପରେ ଗଭୀରଭାବେ ଚିନ୍ତନ କରିବା ପାଇଁ ସଦସ୍ୟମାନଙ୍କୁ ଉତ୍ସାହିତ କରନ୍ତୁ।
- ଭିନ୍ନ ମତ ସ୍ୱଷ୍ଟ ଭାବରେ ପ୍ରକାଶ କରିବା କ୍ଷେତ୍ରରେ ନିଜକୁ ଦୂରେଇ ରଖନ୍ତୁ ନାହିଁ ଏବଂ ଅନ୍ୟମାନଙ୍କୁ ଦମନ କରନ୍ତୁ ନାହିଁ ।
- ଏହା ଜରୁରୀ ନୁହେଁ କି ଦଳର ସମସ୍ତ ସଦସ୍ୟ/ସଦସ୍ୟା ସବୁ କ୍ଷେତ୍ରରେ ସହମତ ହେବେ। ସେମାନେ ଭିନ୍ନ ଭିନ୍ନ କ୍ଷେତ୍ରରେ ସହମତ ହୋଇନପାରନ୍ତି।
- ଏହା ସୁନିଶ୍ଚିତ କରନ୍ତୁ ଯେ ଆଲୋଚ଼ନାଗୁଡ଼ିକ ବିଶେଷ ଅଧିକାର ଧାରଣ କରୁଥିବା ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରାଧାନ୍ୟ ବିସ୍ତାର ହେଉ ନାହିଁ।
- ସଚେତନ ଭାବରେ ନିଜକୁ ସୁଗମକାରୀ ବା ଆନିମେଟର ଭାବେ ବ୍ୟବହାର କରନ୍ତୁ। କେବେ ମଧ ନିଜକୁ ଜ୍ଞାନ ପ୍ରଦାନକାରୀ ବ୍ୟକ୍ତି ବୋଲି ଭାବନ୍ତୁ ନାହିଁ।

## ସାମର୍ଥ୍ୟତାର ସହ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପସ୍ଥାପନ

| କ୍ରମିକ ନଂ | ସାମର୍ଥ୍ୟତାର ସହ ବିଷୟବସ୍ତୁ ଉପସ୍ଥାପନା କରିବା | | |
|---|---|---|---|
| | ବ୍ୟକ୍ତିଗତ ସମସ୍ୟା | ଗୋଷ୍ଠୀଗତ ସାମୂହିକ ସମସ୍ୟା | କେଉଁ ସବୁ ସମସ୍ୟାକୁ ଉପସ୍ଥାପନ କରିବାରେ କଷ୍ଟ ଅନୁଭବ ହୁଏ |
| ମହିଳା | | | |
| ଯୁବତୀ | | | |
| ଯୁବକ | | | |
| ଶିଶୁ | | | |
| ପୁରୁଷ | | | |
| ମହିଳା | | | |



### ଆତ୍ମବିଶ୍ଳେଷଣ

| କ୍ରମିକ ନଂ | ଅସମାନତା ଦୁର୍ବଳତା/ଭେଦଭାବ ସଦସ୍ୟମାନଙ୍କ ଦ୍ୱାରା ଚିହ୍ନଟୀକରଣ | | | | ଏହାକୁ ପରିବର୍ତ୍ତନ କରିବା ପାଇଁ ସଦସ୍ୟମାନେ କ'ଣ ଭାବନ୍ତି |
|---|---|---|---|---|---|
| | ଜାତି | ଧର୍ମ | ଲିଙ୍ଗ | ଅକ୍ଷମତା | |
| ମହିଳା | | | | | |
| ଯୁବତୀ | | | | | |
| ଯୁବକ | | | | | |
| ଶିଶୁ | | | | | |
| ପୁରୁଷ | | | | | |
| ଗୋଷ୍ଠୀଭିତ୍ତିକ ସଂଗଠନ | | | | | |

## ଅଂଶଦାନ ଓ ପ୍ରତିଫଳନ ପାଇଁ ପ୍ରଶ୍ନ

୧. ଯେଉଁମାନେ ଦଳରେ ନିରବ ରୁହନ୍ତି ଓ ଲଜ୍ୟା ଅନୁଭବ କରନ୍ତି ଏବଂ ପରିବାର ଓ ଗୋଷ୍ଠୀରେ ସେମାନଙ୍କର ସ୍ଥିତି ଓ ଭୂମିକା ମଧ୍ୟରେ ଆପଣ କିଛି ସମ୍ପର୍କ ଖୋଜି ପାଇଲେ କି ?

୨. ସମସ୍ତଙ୍କର ଯୋଗଦାନ ପାଇଁ ଆପଣ କେଉଁ ପ୍ରକାର କୌଶଳ ଆପଣାଇ ଥିଲେ ?

୩. ସମାଲୋଚନାତ୍ମକ ଭାବେ କୌଣସି ବିଷୟକୁ ପ୍ରଶ୍ନ କରିବା ପାଇଁ ଆପଣ ସଦସ୍ୟମାନଙ୍କୁ ସକ୍ଷମ କରାଇବାରେ କିଛି ଅସୁବିଧାର ସମ୍ମୁଖୀନ ହୋଇଥିଲେ କି ? ଯଦି ହଁ ଆପଣ କିପରି ତାହାକୁ ପରିଚାଳନା କଲେ ?

୪. ବ୍ୟକ୍ତି ବିକାଶର କେଉଁ ଦିଗ ନେତୃତ୍ୱ ବିକାଶ ପାଇଁ ପଥ ପଦର୍ଶନ କରିଥିଲା ? ଯଦି ହଁ କିପରି ?

୫. ସଦସ୍ୟମାନେ କିପରି ବିଭିନ୍ନ ବିଷୟରେ ଜ୍ଞାନ ଆହରଣ କଲେ ? ସେମାନେ ଅସହାୟ କିମ୍ବା କ୍ରୋଧ ଅନୁଭବ କରିଥିଲେ ବା ବର୍ତ୍ତମାନ ସ୍ଥିତିର ପରିବର୍ତ୍ତନ ପାଇଁ ପ୍ରତିଜ୍ଞାବଦ୍ଧ ଥିଲେ ?

୬. ଗୋଷ୍ଠୀର ସଦସ୍ୟମାନଙ୍କଠାରୁ ଆପଣ କ'ଣ ଶୁଣିଲେ ଯେତେବେଳେ ସେମାନେ ନିୟମିତ ବୈଠକ କରିବା ଆରମ୍ଭ କଲେ ?

୭. ଚିହ୍ନଟ ହୋଇଥିବା ପରିବର୍ତ୍ତନଗୁଡିକର ରୂପରେଖ ସବୁ କ'ଣ ?

# ଚାଲାଣ ହୋଇଥିବା ମୋ' ଭଉଣୀଙ୍କୁ ମୁଁ ରକ୍ଷା କଲି

ଏହି ଘଟଣା ବର୍ଣ୍ଣନା କରନ୍ତି ନାଫିଶା ଖାତୁନ୍। ସେ ଜଣେ ୧୩ ବର୍ଷିୟା ବାଳିକା ଏବଂ ଗୋଟିଏ ଶିଶୁଦଳର ଏକ ସଭ୍ୟା। ସେ କୁହନ୍ତି, "ମୋର ପିତା ଓ ରଫିକ୍ ମଧ୍ୟରେ ବିବାଦ ଲାଗି ରହିଥିଲା। ଯେତେବେଳେ ମୋ ଭଉଣୀ ରେଳ ଧାରଣା ପାର୍ କରି ପାଣି ଆଣିବାକୁ ଯାଇଥିଲା ରଫିକ୍ ପ୍ରତିଶୋଧ ପରାୟଣ ହୋଇ ମୋ ଭଉଣୀକୁ ଅପହରଣ କରିନେଲା । ତାକୁ ଚେତାଶୁନ୍ୟ କରାଯାଇ ବୁର୍ଖା ପିନ୍ଧାଇ ଉତ୍ତରପ୍ରଦେଶକୁ ନିଆଯାଇ ୩ଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିଲା । ବାର୍ ମାଲିକ ମୋ ଭଉଣୀକୁ ଛୋଟ ଡ୍ରେସ୍ ପିନ୍ଧିବାକୁ କହି ଲୋକମାନଙ୍କ ସମ୍ମୁଖରେ ନାଚିବାକୁ ବାଧ୍ୟ କରୁଥିଲା ଓ ତାକୁ ସିଗାରେଟ୍ ଚେଙ୍କ ଦେଇ ଅତ୍ୟାଚାର କରୁଥିଲା । ଏହି ସମୟରେ ରଫିକ୍ ଆମ ଗୋଷ୍ଠୀକୁ ବୁଝାଇବାକୁ ଚେଷ୍ଟା କରୁଥିଲା କି ତାଙ୍କ ଭଉଣୀ ଅନ୍ୟ କାହା ସଙ୍ଗେ ଫେରାର ହୋଇଯାଇଛି । ସ୍ଥାନୀୟ ପୋଲିସ୍ ମାମଲା ରୁଜୁ କରିବା ପାଇଁ ଅଗ୍ରାହ୍ୟ କରିଥିଲା । ଶିଶୁ ହେଲ୍ପଲାଇନ ନମ୍ବର (୧୦୯୮) ବିଷୟରେ ମୁଁ ମୋ ମାଆଙ୍କୁ କହିଲି, ଯେଉଁଠୁ ଆମେ ସାହାଯ୍ୟ ପାଇପାରିବୁ । ଏହି ନମ୍ବର ବିଷୟରେ ମୁଁ ଆମ ଦଳଗତ ବୈଠକରୁ ଶୁଣିଥିଲି । ମୋ ମାଆ ସାହାସ ଧରି ସେହି ନମ୍ବରରେ ଯୋଗାଯୋଗ କରିଥିଲେ । କିଛି ସମୟ ପରେ କିଛି ଲୋକ ଆସି ଆମକୁ ସାକ୍ଷାତ୍ କଲେ ଓ ମୋ ମା'କୁ ଅଭିଯୋଗ ଦାଖଲ କରିବା ପାଇଁ ସାହାସ ଦେଲେ । ଏହି ସମୟରେ ମୋ ଭଉଣୀ ଯେକୌଣସି ପ୍ରକାରେ ଆମକୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ଏବଂ ତାକୁ କିଏ ଅପହରଣ କରିଛି ସେ କଥା ମଧ୍ୟ କହିଥିଲେ । ଚାଇଲଡ଼ଲାଇନ୍ ଓ ସ୍ଥାନୀୟ ପୋଲିସ୍ ମୋ ଭଉଣୀକୁ ଠାବ କରିବାରେ ସଫଳ ହୋଇଥିଲେ (ଲକ୍ଷ୍ନୌ ଯାହାକି ଆମ ଗ୍ରାମଠାରୁ ୮୦୦ କିଲୋମିଟର ଦୂରତା ଥିଲା) । ସେମାନେ ଉତ୍ତରପ୍ରଦେଶ ପୋଲିସ୍‌କୁ ଯୋଗାଯୋଗ କରିଥିଲେ । ସେମାନେ ମୋ ଭଉଣୀ ରହୁଥିବା ସ୍ଥାନକୁ ଠାବ କରି ମୋ ଭଉଣୀକୁ ସୁରକ୍ଷିତଭାବେ ଘରକୁ ପଠାଇ ଦେଇଥିଲେ । ମୋ ଭଉଣୀର ସାକ୍ଷ୍ୟ ପ୍ରଦାନ ଯୋଗୁଁ ଚାଲାଣକାରୀ ବର୍ତ୍ତମାନ ଜେଲ୍‌ରେ ଅଛି" ।

ଅଧ୍ୟାୟ 6

# ସାମାଜିକ ସମସ୍ୟାର ଚିହ୍ନଟୀକରଣ ଓ ପ୍ରାଥମିକତା



# ସାମାଜିକ ସମସ୍ୟାର ଚିହ୍ନଟୀକରଣ ଓ ପ୍ରାଥମିକତା

ଗୋଷ୍ଠୀ ଦ୍ୱାରା ସାମାଜିକ ସମସ୍ୟାଗୁଡ଼ିକର ମୂଲ୍ୟାଙ୍କନ, ଗୋଷ୍ଠୀର ଭବିଷ୍ୟତ ନିଷ୍ପତ୍ତିର ମୂଳଦୁଆ । ପରିବର୍ତ୍ତନ ହେବାକୁ ଥିବା ବିଷୟର ଚିହ୍ନଟୀକରଣ, ଗୋଷ୍ଠୀରେ ଥିବା ସମ୍ବଳର ଚିହ୍ନଟୀକରଣ ଓ ମାନଚିତ୍ର ପ୍ରସ୍ତୁତି ସାମାଜିକ ସମସ୍ୟା ମୂଲ୍ୟାଙ୍କନରେ ଅନ୍ତର୍ଭୁକ୍ତ । ଜଣେ ବ୍ୟକ୍ତି, ଗୋଟିଏ ଗୋଷ୍ଠୀ ବା ସମଗ୍ର ଗୋଷ୍ଠୀର ସମସ୍ୟାକୁ ଅନୁଭବ କରନ୍ତି । ଏହା ନିର୍ଦ୍ଦିଷ୍ଟଭାବେ ଖାଦ୍ୟ, ଜଳ, ପରିମଳର ଆବଶ୍ୟକତା ହୋଇପାରେ ଏବଂ ସାଧାରଣଭାବେ ଜାତି ଓ ଧର୍ମର ବିବିଧତା ମଧ୍ୟରେ ଶାନ୍ତି ଓ ସହାବସ୍ଥାନ ହୋଇପାରେ । ସମ୍ବଳ ଓ ଆସବାବପତ୍ର ମଧ୍ୟରେ ଅନ୍ତର୍ଭୁକ୍ତ, ବ୍ୟକ୍ତିସମୂହ, ସଂଗଠନ ଓ ଅନୁଷ୍ଠାନ, କୋଠାଘର, ସାଧାରଣ ଜିନିଷପତ୍ର, ଉଦ୍ୟୋକ୍ତା ଓ ଦୟାଶୀଳ ବ୍ୟକ୍ତିସମୂହ । ଏହି କ୍ରମର ଉଦ୍ଦେଶ୍ୟ ହେଉଛି, ଗୋଷ୍ଠୀର ଏକ ବାସ୍ତବ ଓ ବ୍ୟାପକ ଚିତ୍ର ଅଙ୍କନ କରିବା । ସାମାଜିକ ସମସ୍ୟା ଚିହ୍ନଟୀକରଣ ଅର୍ଥାତ୍ ବର୍ତ୍ତମାନ ସମୟରେ ସ୍ଥିତି କ'ଣ ରହିଛି ଓ ତାହା କିପରି ରହିବା ଆବଶ୍ୟକ ଏବଂ ତାହା ମଧ୍ୟରେ ଥିବା ଶୂନ୍ୟସ୍ଥାନକୁ ବୁଝିବାରେ ସହାୟକ ହୋଇଥାଏ । ଏହି ପ୍ରକ୍ରିୟାରେ ବ୍ୟାପକ ତଥ୍ୟ ସଂଗ୍ରହ ଯଥା ସତ୍ୟ ଉପରେ ଆଧାରିତ ତଥ୍ୟ, ସଂଖ୍ୟାଭିତ୍ତିକ ତଥ୍ୟ, ବାସ୍ତବତା, ଦୁର୍ବଳତା, ଇତିହାସ ଓ ଅଭିଜ୍ଞତା ଏବଂ ଏଗୁଡ଼ିକର ବିଶ୍ଳେଷଣ ଦ୍ୱାରା ଗୋଟିଏ ନିର୍ଦ୍ଦିଷ୍ଟ ଆବଶ୍ୟକତାକୁ ସାଧାରଣଭାବେ ବୁଝିବାକୁ ସହାୟକ ହୋଇଥାଏ । ସୁଗମକାରୀ, ସଦସ୍ୟମାନଙ୍କୁ ସାହାଯ୍ୟ କରିବେ ଯେ ସେମାନେ ଛାଡ଼ି ଯାଇଥିବା ବା ଅନ୍ୟ ପ୍ରଯୁଜ୍ୟ ତଥ୍ୟଗୁଡ଼ିକ ପ୍ରଦାନ କରିବେ ।

ସମସ୍ତ ସମସ୍ୟାକୁ ଏକା ସମୟରେ ସମାଧାନ କରିବା ବ୍ୟବହାରିକ ଦୃଷ୍ଟିରୁ ସମ୍ଭବ ନୁହେଁ । ଅତଏବ, ସାମାଜିକ ସମସ୍ୟାଗୁଡିକ ଚିହ୍ନଟୀକରଣ ହୋଇସାରିବା ପରେ, ଗୋଷ୍ଠୀର ସଦସ୍ୟମାନଙ୍କୁ ସମସ୍ୟାର ପ୍ରାଥମିକତା ସ୍ଥିର କରିବା ପାଇଁ ସହଜ ହୋଇଥାଏ । ଯେଉଁଠି ସଦସ୍ୟମାନେ ସେହି ସମସ୍ୟା ଅତି ଗୁରୁତର ବୋଲି ଚିନ୍ତା କରି ତତ୍କ୍ଷଣାତ୍ ପଦକ୍ଷେପ ନେବାପାଇଁ ବିଚାର କରନ୍ତି ।

ଯେତେବେଳେ ସାମାଜିକ ସମସ୍ୟାର ପ୍ରାଥମିକତା କରାଯାଏ, ଗୋଷ୍ଠୀର ସଦସ୍ୟମାନେ ପ୍ରତ୍ୟେକ ସମସ୍ୟା ଉପରେ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବା ପାଇଁ ପଥ ପ୍ରଦର୍ଶିତ ହୁଅନ୍ତି ଏବଂ ସମସ୍ୟାର ଜଟିଳତା ଆଧାରରେ ସଦସ୍ୟମାନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଏ ।

ଏହି କ୍ରମର ଫଳାଫଳ ଏହି କି ନିର୍ଦ୍ଦିଷ୍ଟ ଭାବେ ଚିହ୍ନଟୀକୃତ ହୋଇଥିବା ସାମାଜିକ ସମସ୍ୟାଗୁଡ଼ିକୁ ନିଜ ଉପରକୁ ନେବା, ଏହାର ଅଗ୍ରାଧିକାର କରିବା ଓ ସମ୍ବଳର ମାନଚିତ୍ର, ଭବିଷ୍ୟତ ଦିଗଦର୍ଶନ ଓ କାର୍ଯ୍ୟପନ୍ଥା ସହିତ ସଂଯୁକ୍ତ କରିବା ସଙ୍ଗେସଙ୍ଗେ ସଦସ୍ୟମାନଙ୍କ ମଧ୍ୟରେ ଅଂଶଦାନଭିତ୍ତିକ ଦାୟିତ୍ୱ ବଣ୍ଟନ କରିବା ଉଚିତ ।

# ସମୟସୀମା

ସମସ୍ୟା ଚିହ୍ନଟୀକରଣ ପ୍ରକ୍ରିୟା ଗୋଟିଏ ଥରର କାମ ନୁହେଁ । ଏହାର ପୁନରାବୃତ୍ତି ହେବ ସେତେବେଳେ ସଦସ୍ୟମାନେ ବାସ୍ତବତାକୁ ଗଭୀରଭାବେ ବୁଝିପାରିବେ ଏବଂ ପ୍ରଗତିଶୀଳଭାବେ କାର୍ଯ୍ୟ କରିପାରିବେ । ପ୍ରାଥମିକ ପ୍ରକ୍ରିୟାରେ ସମସ୍ୟାଗୁଡ଼ିକର ତାଲିକା କରିବା ଓ ସହମତିରେ ପହଞ୍ଚିବା ପାଇଁ ୩-୪ଟି ବୈଠକର ଆବଶ୍ୟକତା ପଡ଼ିପାରେ, ଯାହାକି ପ୍ରମୁଖ ପ୍ରସଙ୍ଗ ଆଧାରରେ ଆୟୋଜନ କରିବା ଉଚିତ ।

**ହଁ ଏବଂ ନାହିଁ କହିବା ପାଇଁ ଶିଖିବା**

| ✗ | ✓ |
|---|---|
| ଦାନ-ଟିଭି, ଗ୍ରାଇଣ୍ଡର ମିକ୍ସି, ଦୁର୍ନିତୀ, ଖୁଚୁରା ବ୍ୟବସାୟୀ | ଶିଶୁଙ୍କ ଶିକ୍ଷା, ସ୍ୱଚ୍ଛତା, ସ୍ୱାସ୍ଥ୍ୟସେବା, ଜଳ, ବିଦ୍ୟୁତ୍, ପରିମଳ , ରାସ୍ତା ନିରାପତ୍ତା, ସୁରକ୍ଷା |

# ଅଗ୍ରସର ହେବା ପାଇଁ ଉପାୟ

- ସଦସ୍ୟମାନଙ୍କୁ ଖୋଲା ଆଲୋଚନାକୁ ନିମନ୍ତ୍ରଣ କରନ୍ତୁ, ସାମାଜିକ ସମସ୍ୟା ସମ୍ବନ୍ଧରେ ସେମାନେ କ'ଣ ଅନୁଭବ କରନ୍ତି ଏବଂ କାହିଁକି ଏପରି ଭାବନ୍ତି ଆଲୋଚନା କରନ୍ତୁ । ସମସ୍ୟାଗୁଡ଼ିକ ସମ୍ବନ୍ଧରେ ତଥ୍ୟ, ସତ୍ୟତା, ପରିସଂଖ୍ୟାନ, ବାସ୍ତବତା, ଦୁର୍ବଳତା, ଇତିହାସ ଓ ଅଭିଜ୍ଞତାକୁ ସମ୍ମୁଖରେ ରଖନ୍ତୁ, ଫଳରେ ସମସ୍ତ ସଦସ୍ୟ ବାସ୍ତବତା ଓ ସମସ୍ୟାଗୁଡ଼ିକୁ ସମାନଭାବେ ହୃଦୟଙ୍ଗମ କରିପାରିବେ ।
- ସମସ୍ୟାର ଅନୁଶୀଳନ ଆବଶ୍ୟକ ସୂଚନା ଉପରେ ନିର୍ଭର କରେ । କିନ୍ତୁ ବାହ୍ୟମତ ବିନା ଅନୁସନ୍ଧାନ ପ୍ରଣାଳୀ ଓ ଏହାର ପ୍ରୟୋଗ ମାଧ୍ୟମରେ ସମସ୍ୟାର ଅନୁଶୀଳନ କରାଯାଇପାରେ । ଅନୁସନ୍ଧାନ ପ୍ରୟୋଗର ମୂଳଦୁଆ ହେଲା ଉକ୍ତ ପ୍ରୟୋଗରୁ ସିଦ୍ଧାନ୍ତ ସୃଷ୍ଟି କରିବା, କେବଳ ଅଧ୍ୟୟନରୁ ନୁହେଁ । ଏହି ଧାରା ଅନୁସନ୍ଧାନ ପ୍ରଣାଳୀ, କ୍ଷେତ୍ର ଅନୁସନ୍ଧାନ ଓ ବ୍ୟବହାରିକ ଅଭିଜ୍ଞତାର ସଂଯୋଗରୁ ସୃଷ୍ଟି ହୁଏ । ଲିଖିତ ପ୍ରମାଣ, କାର୍ଯ୍ୟର ପରିମାଣ ଓ ପ୍ରମାଣଭିତ୍ତିକ ପ୍ରୟୋଗ ଦୈନନ୍ଦିନ ସମାଜ ସେବାର ଏକ ଅଂଶ ହୋଇସାରିଛି । (ଓସବର୍ଣ୍ଣ ୨୦୦୨, ହେଇନରିଚ୍ ୨୦୦୨)

- ଗୋଷ୍ଠୀର ବୃହତ୍ତ ଚିତ୍ର ଆଙ୍କିବା ଓ ଜଟିଳ ସମସ୍ୟାଗୁଡ଼ିକୁ ଚିହ୍ନଟ କରିବା ପାଇଁ ଯୋଗଦାନଭିତ୍ତିକ ଶିକ୍ଷା ଓ କାର୍ଯ୍ୟ (ପାର୍ଟିସିପେଟୋରି ଲର୍ଣିଂ ଏଣ୍ଡ ଆକ୍‌ସନ - PLA) ଓ ପାର୍ଟିସିପେଟୋରି ରୁରାଲ ଆପ୍ରାଇଜାଲ (PRA) ପ୍ରଣାଳୀ, ଗୁରୁତ୍ୱ ପ୍ରଦାନ କରାଯାଉଥିବା ଦଳ ସହିତ ଆଲେଚନା (ଫୋକସ୍ ଗ୍ରୁପ୍) ଏବଂ ଟ୍ରାନ୍‌ଜେକ୍ଟ ୱାର୍କ୍ (ଜନବସତିରଚାରିପାଖରେ ଓ ମଧ୍ୟରେ ଚାଲିଚାଲି ତଥ୍ୟ ସଂଗ୍ରହ କରିବା) ଇତ୍ୟାଦିକୁ ଫଳପ୍ରଦଭାବେ ବ୍ୟବହାର କରାଯାଇପାରିବ । ଗୋଷ୍ଠୀ ସହିତ ସମ୍ପର୍କ ସ୍ଥାପନ ଓ ଗୋଷ୍ଠୀଭିତ୍ତିକ ଜ୍ଞାନ ଆହରଣ କରିବା ପାଇଁ ପିଆରଏ ଓ ପିଏଲଏ ଗୋଟିଏ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଧାରା ଯାହା ଯୋଗଦାନଭିତ୍ତିକ ଓ ଦୃଶ୍ୟମାନ ପ୍ରଣାଳୀ ସହିତ ସ୍ୱତଃପ୍ରବୃତ୍ତଭାବେ ସାକ୍ଷାତ୍‌କାର କୌଶଳକୁ ଅବଲମ୍ବନ କରେ । ଏହି ପଦ୍ଧତି ସାମୂହିକ ବିଶ୍ଳେଷଣ ଓ ଜ୍ଞାନ ଆହରଣକୁ ସୁଗମ କରେ । ସମସ୍ୟା ଚିହ୍ନଟୀକରଣ, ଯୋଜନା, ନିରୀକ୍ଷଣ ବା ପ୍ରକଳ୍ପର ସମୀକ୍ଷା କ୍ଷେତ୍ରରେ ଏହି ଧାରାକୁ ବ୍ୟବହାର କରାଯାଇପାରିବ । ପରାମର୍ଶ ବ୍ୟତୀତ, ଏହି ଧାରାଗୁଡ଼ିକ ସମସ୍ୟା ତଥା ଜୀବନ ପରିବର୍ତ୍ତନ କରୁଥିବା ହସ୍ତକ୍ଷେପରେ ଗୋଷ୍ଠୀର ସକ୍ରିୟ ଯୋଗଦାନକୁ ପ୍ରୋତ୍ସାହିତ କରିବ ।
- ସମ୍ଭାବ୍ୟ ଉତ୍ସ ଓ ସମ୍ବଳର ମାନଚିତ୍ର ଅଙ୍କନ କରନ୍ତୁ, ଯାହା ସାମାଜିକ ସମସ୍ୟାକୁ ସମ୍ବୋଧନ କରିବାରେ ବ୍ୟବହାର କରାଯାଇପାରିବ ।
- ଏହା ଏକ ଆଦର୍ଶ ନମୁନା ହେବ ଯଦି ସଦସ୍ୟମାନେ ସମସ୍ୟାଗୁଡ଼ିକର ପ୍ରାଥମିକତା ପାଇଁ ଏକ ମାନଦଣ୍ଡ ନିର୍ଦ୍ଧାରଣ କରିବେ। ଉଦାହରଣ ସ୍ୱରୂପ, ଗୋଟିଏ ସମସ୍ୟା ଅଧିକାଂଶ ସଦସ୍ୟମାନଙ୍କୁ ପ୍ରଭାବିତ କରିଥିବ। ଗୋଟିଏ ଅବଶ୍ୟକତା ଯାହା ଦୁର୍ବଳବର୍ଗର ଲୋକଙ୍କ ପାଇଁ ଅତି ଗୁରୁତ୍ୱପୁର୍ଣ୍ଣ ହୋଇଥିବ। ଏକ ସମସ୍ୟା ଯାହା ଲୋକଙ୍କ ସାମର୍ଥ୍ୟ ଓ ସହଜ ପ୍ରାପ୍ୟ ସମ୍ବଳ ଦ୍ୱାରା ସମାଧାନ କରିହେବ। ଏକ ସମସ୍ୟା ଯାହା ସମସ୍ତ ସଦସ୍ୟମାନଙ୍କୁ ଏକତ୍ର କାର୍ଯ୍ୟକରିବା ପାଇଁ ସୁଯୋଗ ସୃଷ୍ଟି କରିବ । ଗୋଟିଏ ସମସ୍ୟା ଯାହାର ସମାଧାନ କମ୍ ସଂଘର୍ଷରେ ଏବଂ ବାହ୍ୟ ନିର୍ଭରଶୀଳତା ବିନା ହୋଇପାରିବ । ସମସ୍ୟାର ପ୍ରାଥମିକତା ପାଇଁ ଏହି ମାନଦଣ୍ଡଗୁଡ଼ିକୁ ଆପଣାନ୍ତୁ ।
- ଆଲୋଚନା କରନ୍ତୁ, କିପରି ସ୍ଥାନୀୟ ସମ୍ବଳକୁ ବିନିଯୋଗ କରି ପରିବର୍ତ୍ତିତ ସ୍ଥିତିରେ ପହଞ୍ଚିବା ପାଇଁ ସମସ୍ୟା ବିଶ୍ଳେଷଣକୁ ଲକ୍ଷ୍ୟଧାର୍ଯ୍ୟ ବିଶ୍ଳେଷଣରେ ପରିଣତ କରି ସମସ୍ୟା ସମାଧାନ କରିପାରିବା । ସକରାତ୍ମକ ଭାବନାଗୁଡ଼ିକୁ ପ୍ରୋତ୍ସାହନ ପ୍ରଦାନ କରନ୍ତୁ ।
- ସ୍ମାର୍ଟ (ନିର୍ଦ୍ଦିଷ୍ଟତା, ପରିମାପ କ୍ଷମତା, ଲକ୍ଷ୍ୟହାସଲ, ପ୍ରାସଙ୍ଗିକତା, ସମୟ ସୀମା) ପଦ୍ଧତିକୁ ଆପଣାଇ ଗୋଟିଏ କାର୍ଯ୍ୟସାରଣୀ ପ୍ରସ୍ତୁତ କରନ୍ତୁ। ଗୋଟିଏ ନିର୍ଦ୍ଦିଷ୍ଟ କାର୍ଯ୍ୟପାଇଁ ଦାୟିତ୍ୱବାନ ବ୍ୟକ୍ତିଙ୍କୁ ଦାୟିତ୍ୱ ଦିଅନ୍ତୁ, ବ୍ୟକ୍ତି ବା ପ୍ରକ୍ରିୟାଗୁଡ଼ିକୁ ତଦାରଖ କରନ୍ତୁ ।
- ସମୟସୀମା ସହିତ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ପାଇଁ ସଦସ୍ୟମାନଙ୍କୁ ସହାୟତା କରନ୍ତୁ। ଫଳରେ ସମସ୍ତେ ଜାଣିପାରିବେ କି କିପରି କର୍ଯ୍ୟଗୁଡ଼ିକ ଯୁକ୍ତିଯୁକ୍ତ ଭାବେ ସଂଯୁକ୍ତ ହୋଇଛି ଏବଂ ଏହା ଗୁରୁତ୍ୱପୂର୍ଣ୍ଣ ଯେ କିପରି ସମସ୍ତେ ନିଜ ନିଜର ଦାୟିତ୍ୱ ବହନ କରନ୍ତି । ଏହା ଯୋଜନା ପ୍ରକ୍ରିୟାର ମାଲିକାନାସତ୍ତ୍ୱରେ ସାହାଯ୍ୟ କରିବ ।
- ଦାୟିତ୍ୱ ଗ୍ରହଣ କରିବା ସମୟରେ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ଯେ ସଦସ୍ୟମାନଙ୍କର କୌଶଳ ଓ ସାମର୍ଥ୍ୟ ସହିତ କାର୍ଯ୍ୟକ୍ରମ ଖାପ ଖାଉଥିବ ।
- ଯେଉଁ ସଦସ୍ୟମାନେ ଦାୟିତ୍ୱ ଗ୍ରହଣ କରିଛନ୍ତି, ସେମାନଙ୍କୁ ନୈତିକ ଓ ବୈଷୟିକ ସହଯୋଗ ପ୍ରଦାନ କରନ୍ତୁ ।
- ବିଫଳତା ମଣିଷ ଜୀବନର ଏକ ଅଂଶ ବୋଲି ଗ୍ରହଣ କରିନେବାକୁ ଏବଂ ସଫଳତା ନ ମିଳିଲେ ନିରୁତ୍ସାହିତ ନ ହେବାକୁ ପ୍ରେରଣା ଦିଅନ୍ତୁ । ତାଲିମ୍, ଯୋଜନା ଓ ସମସ୍ୟାଗୁଡ଼ିକୁ ନୂତନ ଢଙ୍ଗରେ କାରବାର କରିବାକୁ ଅଗ୍ରାଧିକାର ଦିଅନ୍ତୁ ।




# ଉପକାରୀ ବିନ୍ଦୁ:

- ଏହା ହୃଦୟଙ୍ଗମ କରିବା ଉଚିତ କି ପ୍ରତ୍ୟେକ ଗୋଷ୍ଠୀର ନିଜସ୍ୱ ଆବଶ୍ୟକତା ଓ ସମ୍ବଳ ରହିଛି । ଏହା ସହିତ ନିଜସ୍ୱ ସଂସ୍କୃତି, ସାମାଜିକ ଗଠନ, ଇତିହାସ, ସାମର୍ଥ୍ୟ ଏବଂ ବିବାଦ ରହିଛି ଯାହା ଏକ ନିର୍ଦ୍ଦିଷ୍ଟ ସମ୍ପର୍କକୁ ସଂଜ୍ଞାୟିତ କରେ । ସାମାଜିକ ସମ୍ପର୍କ ଓ ସାମାଜିକ ଗଠନ କିପରି ପରିଚାଳିତ ହୁଏ, ତାହା ଚିହ୍ନଟ ଓ ପ୍ରକାଶ କରିବା ସମୟରେ ସମ୍ବେଦନଶୀଳ ହେବା ଉଚିତ ।
- ଯଦି ସମ୍ଭବ ଏପରି ଲୋକଙ୍କୁ ଆମନ୍ତ୍ରିତ କରନ୍ତୁ ଯାହାର ସରକାରୀ ଅଧିକାରୀ, ଅଭିଜ୍ଞବ୍ୟକ୍ତି ଓ ସ୍ଥାନୀୟ ନେତୃମଣ୍ଡଳୀମାନଙ୍କ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ହାସଲ କରିଥିବେ ଏବଂ ସଦସ୍ୟମାନଙ୍କୁ ବାସ୍ତବତା ଓ ସୁବିଧା ସୁଯୋଗ ବିଷୟରେ ଜ୍ଞାନ ପ୍ରଦାନ କରିପାରିବେ । ତେବେ ସେ ଯାହାହେଉ, ଏପରି କ୍ଷେତ୍ରରେ କେବଳ ଗୋଷ୍ଠୀର ନିଷ୍ପତ୍ତି ଗ୍ରହଣ ଜରୁରୀ ।
- ଏହା ସୁନିଶ୍ଚିତ କରନ୍ତୁ କି ସମସ୍ତ ସଦସ୍ୟ ଗୋଷ୍ଠୀର ସମସ୍ୟା ଓ ଏହାର ମାଲିକାନା ସମ୍ବନ୍ଧରେ ବିସ୍ତୁତ ଧାରଣା ସୃଷ୍ଟି କରିବେ । ଏହା ଦ୍ୱାରା ଅଦରକାରୀ ବିବାଦରୁ ଅବ୍ୟାହତି ମିଳିବ ।
- ଅଗ୍ରାଧିକାର ପ୍ରଦାନ କରିବା କେବଳ ଯେ ଗୁରୁତର ସମସ୍ୟାଗୁଡିକୁ ଚିହ୍ନଟ କରେ ନାହିଁ, ବରଂ ଏହା ଗୋଷ୍ଠୀର ସାମର୍ଥ୍ୟ, କୌଶଳ, ଆଗ୍ରହ, ସମୟସୀମା ଓ ଦକ୍ଷତାକୁ ସଂଯୁକ୍ତ କରି ଗୋଷ୍ଠୀକୁ ପରିଚାଳିତ କରେ ଏବଂ ସମସ୍ୟା ସମାଧାନ କରିବାକୁ ପ୍ରଚେଷ୍ଟା କରେ ।
- ସଦସ୍ୟମାନଙ୍କ ମଧ୍ୟରେ ବାର୍ତ୍ତାଳାପକୁ ଏପରି ସହଜ କରନ୍ତୁ ଯେପରି ସମସ୍ତଙ୍କର ମତକୁ ଶୁଣାଯାଇପାରିବ ।

- କିଛି ସଦସ୍ୟମାନେ ଅଭ୍ୟନ୍ତରୀଣ ଓ ପ୍ରାପ୍ତ କରିପାରୁଥିବା ବାହ୍ୟ ସମ୍ବଳ ଓ ସୁଯୋଗଗୁଡ଼ିକ ବିଷୟରେ ସଚେତନ ରହିଥାନ୍ତି, ସେମାନଙ୍କୁ ସଭ୍ୟମାନଙ୍କ ଗହଣରେ ଉପସ୍ଥାପନ କରନ୍ତୁ ।
- ସୃଷ୍ଟି ହେଉଥିବା ନୂଆ ନେତାମାନଙ୍କୁ ନିରୀକ୍ଷଣ କରନ୍ତୁ, ଚିହ୍ନଟ କରନ୍ତୁ ଓ ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରନ୍ତୁ, ଫଳରେ ପ୍ରତ୍ୟେକ ନେତା ଉତ୍ତମ କାର୍ଯ୍ୟ କରିପାରିବେ ।
- ପ୍ରତ୍ୟେକ ଦଳ ନିଜ ନିଜର କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବେ ଯାହା ସେମାନଙ୍କର ଆଗ୍ରହ ଓ ସାମର୍ଥ୍ୟ ଅନୁଯାୟୀ ହେବା ଆବଶ୍ୟକ ।
- ଯୋଜନା ପ୍ରସ୍ତୁତି ପ୍ରକ୍ରିୟା ସଦସ୍ୟମାନଙ୍କୁ ସେମାନଙ୍କର ମତ, ଆଶା ଓ ଆଶଙ୍କାକୁ ବ୍ୟକ୍ତ କରିବା ପାଇଁ ସୁଯୋଗ ସୃଷ୍ଟି କରିବ । ଗୋଟିଏ ଉତ୍ତମ ଯୋଜନା ସହଜରେ ଅନୁସରଣ କରି ହେଉଥିବା ଏକ ଦିଶାନିର୍ଦ୍ଦେଶ ହେବ ।

# ଉପକାରୀ ସତର୍କତା

- ଏକ ସମୟରେ ବହୁତଗୁଡ଼ିଏ ସମସ୍ୟାକୁ ସମାଧାନ କରିବାକୁ ପ୍ରୋତ୍ସାହିତ କରନ୍ତୁ ନାହିଁ ।
- କ୍ଷୀପ୍ରବେଗରେ ଯାଆନ୍ତୁ ନାହିଁ, ସଦସ୍ୟମାନଙ୍କ ଗତି ଅନୁସାରେ ଆଗକୁ ବଢନ୍ତୁ । କିଛି ଦୁର୍ବଳବ୍ୟକ୍ତି ବୁଝିବା ପାଇଁ ଅନ୍ୟମାନଙ୍କଠାରୁ ଅଧିକ ସମୟ ନେଇଥାଆନ୍ତି ।
- ସୁଗମକାରୀ ଅନୁଷ୍ଠାନର ମତରେ ବା ମୂଲ୍ୟାୟନରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଗୋଷ୍ଠୀଙ୍କ ପାଇଁ ମୁଖ୍ୟ ସମସ୍ୟା ହୋଇ ନପାରେ । ଗୋଷ୍ଠୀଙ୍କର ନିଷ୍ପତ୍ତିକୁ ସମ୍ମାନ ଦିଅନ୍ତୁ ।
- ସୁଗମକାରୀ ନିଶ୍ଚିତଭାବେ ସଦସ୍ୟମାନଙ୍କୁ ଦିଗ୍‌ଦର୍ଶନ ଦେବେ, ବୈଷୟିକ ସମର୍ଥନ ଓ ଜ୍ଞାନ ପ୍ରଦାନ କରିବେ କିନ୍ତୁ ପ୍ରକ୍ରିୟାକୁ ନେତୃତ୍ୱ ଦେବେ ନାହିଁ ଓ ବାହ୍ୟ ମତାମତ ଲଦି ଦେବେନାହିଁ ।
- ବୈଷୟିକ ଭାଷା ବ୍ୟବହାର କରନ୍ତୁ ନାହିଁ, ଯାହା ଗୋଷ୍ଠୀର ସଦସ୍ୟମାନଙ୍କ ମଧ୍ୟରେ ଅସ୍ଥିରତା ଓ ଅଶାନ୍ତି ସୃଷ୍ଟି କରିବ ।

# ସୂଚକ

1. xxx ଶତକଡା ଦଳ ଗୋଷ୍ଠୀର ବୃହତ୍ତ ଚିତ୍ର ଏବଂ ଏହାର ବାସ୍ତବତା ଉପରେ ଏକମତ ହୋଇଛନ୍ତି ।
2. xxx ଶତକଡା ଦଳ ସେମାନଙ୍କର ସମସ୍ୟା ଚିହ୍ନଟୀକରଣ କରିଛନ୍ତି ଓ ଘଘଘ ଶତକଡା ଦଳ ସମସ୍ୟାର ପ୍ରାଥମିକକରଣ କରିଛନ୍ତି ।
3. xxx ଶତକଡା ସଭ୍ୟସଭ୍ୟା ପ୍ରକାଶ କରନ୍ତି କି ସମ୍ବଳ ମାନଚିତ୍ର ସମସ୍ୟାକୁ ପ୍ରତିକାର କରିବା ପାଇଁ ଏକ ନୂଆ ଅର୍ନ୍ତଦୃଷ୍ଟି ପ୍ରଦାନ କରିଛି ।

୪. ସମସ୍ୟା ପ୍ରାଥମିକକରଣ ଓ ସମ୍ବଳ ମାନଚିତ୍ର xxx ଶତକଡା ଦଳଗୁଡ଼ିକୁ ନୂତନ ଶକ୍ତି ଓ ସାମୂହିକ ପ୍ରତିଶ୍ରୁତିବଦ୍ଧତାରେ ପୂର୍ଣ୍ଣ କରିଛି ।

5. xxx ଶତକଡା ଦଳରେ ସଦସ୍ୟମାନଙ୍କ ପୂର୍ଣ୍ଣ ଯୋଗଦାନ ରହିଛି ।
6. xxx ଶତକଡା ଦଳରେ ସମସ୍ୟା ପ୍ରାଥମିକତାକରଣ କ୍ଷେତ୍ରରେ ଆଭ୍ୟନ୍ତରୀଣ ବିବାଦ ଦେଖା ଦେଇଥିଲା । ସେଗୁଡ଼ିକ ମଧ୍ୟରୁ xxx ଶତକଡା ଦଳ ବିବାଦଗୁଡ଼ିକୁ ସହମତିଭିତ୍ତିରେ ସମାଧାନ କରିଛନ୍ତି ।

7. xxx ଶତକଡା ଦଳ ସେମାନଙ୍କର କାର୍ଯ୍ୟସାରଣୀ ପ୍ରସ୍ତୁତ କରିଛନ୍ତି ।

## ସାମାଜିକ ସମସ୍ୟାର ଚିହ୍ନଟୀକରଣ ଓ ପ୍ରାଥମିକତାକରଣ

| କ୍ର.ନଂ | ସମସ୍ୟାର ଚିହ୍ନଟିକରଣ | | ସମସ୍ୟାର ପ୍ରାଥମିକତା | |
|---|---|---|---|---|
| | ବ୍ୟକ୍ତିଗତ ସମସ୍ୟା | ତିନୋଟି ସମସ୍ୟାକୁ ପ୍ରାଥମିକତା ଦିଆଯାଇଛି | ଗୋଷ୍ଠୀର ସମସ୍ୟା | ତିନୋଟି ସମସ୍ୟାକୁ ପ୍ରାଥମିକତା ଦିଆଯାଇଛି |
| ମହିଳା | | | | |
| ଯୁବତୀ | | | | |
| ଯୁବକ | | | | |
| ଶିଶୁ | | | | |
| ପୁରୁଷ | | | | |
| ଗୋଷ୍ଠୀଭିତ୍ତିକ ସଂଗଠନ | | | | |

## କାର୍ଯ୍ୟକ୍ରମ ଯୋଜନା ସାରଣୀ

| କାର୍ଯ୍ୟକ୍ରମ ଯୋଜନା ସାରଣୀ | | | | | | |
|---|---|---|---|---|---|---|
| କ୍ର.ନଂ | କାର୍ଯ୍ୟର ବିବରଣୀ (ସ୍ମାର୍ଟ) | ସମ୍ବଳର ଆବଶ୍ୟକତା | ଦାୟୀତ୍ୱ ନେଇଥିବା ବ୍ୟକ୍ତି | କେବେ ସୁଦ୍ଧା ଓ କେତେ ଥର | ତଦାରଖ | ସମୀକ୍ଷା |
| | | | | | | |
| | | | | | | |
| | | | | | | |
| | | | | | | |
| | | | | | | |

## କାର୍ଯ୍ୟକ୍ରମର ସୂଚୀ

| କାର୍ଯ୍ୟକ୍ରମର ସୂଚୀ | | | | | | | |
|---|---|---|---|---|---|---|---|
| କ୍ର.ନଂ | କାର୍ଯ୍ୟର ବିବରଣୀ | ଜାନୁଆରୀ | ଫେବୃଆରୀ | ମାର୍ଚ୍ଚ | ଏପ୍ରିଲ | ମଇ | ଜୁନ |
| ୧. | xxx | xxx | | | | | |
| ୨. | xxx | xxx | xxx | | | | |
| ୩. | xxx | | xxx | | | | |
| ୪. | xxx | | | xxx | xxx | | |
| ୫. | xxx | | | | xxx | xxx | xxx |

# ଅଂଶଦାନ ଓ ପ୍ରତିଫଳନ ପାଇଁ ପ୍ରଶ୍ନ

୧. ସମସ୍ୟା ଚିହ୍ନଟୀକରଣରେ ସଦସ୍ୟମାନଙ୍କର ଅଭିଜ୍ଞତା କ'ଣ ଥିଲା ? ସହଜସାଧ କି କଷ୍ଟଦାୟକ ଥିଲା ? ଉଦାହରଣ ସହିତ ବର୍ଣ୍ଣନା କରନ୍ତୁ ।

୨. ସ୍ୱାର୍ଥଜନିତ ବିବାଦ ଦେଖା ଦେଇଥିଲା କି ? କିଛି ଜଣ ପ୍ରଭାବ ବିସ୍ତାର କରିଥିଲେ କି ? ଏବଂ କିଛି ଲୋକଙ୍କୁ ବର୍ଜନ କରାଯାଇଥିଲା କି ? ତାହା କିପରି ସମାଧାନ କରାଯାଇଥିଲା ?

୩. ସମସ୍ୟାଗୁଡ଼ିକର ପ୍ରାଥମିକତାକରଣ ପାଇଁ ସଦସ୍ୟମାନଙ୍କ ଦ୍ୱାରା କେଉଁ ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଥିଲା ?

୪. ଏସବୁ କାର୍ଯ୍ୟ କରିବା ପାଇଁ ଯେତେବେଳେ ଦଳର ସଦସ୍ୟମାନେ ବହୁତ ସମୟ ନେଉଥିଲେ ଆପଣ କିପରି ଅନୁଭବ କରୁଥିଲେ ଓ ପରିସ୍ଥିତିକୁ କିପରି ସମ୍ଭାଳିଥିଲେ ?

୫. ସମସ୍ୟାର ପ୍ରତିକାର କରିବା ପାଇଁ ସମସ୍ୟାର ଚିହ୍ନଟୀକରଣ ଓ ପ୍ରାଥମିକତାକରଣ କରିବା ସମୟରେ ସଦସ୍ୟମାନଙ୍କର ମନୋଭାବ କ'ଣ ଥିଲା ?

# ଅଣୁ ଯୋଜନା ବଡ଼ ପରିବର୍ତ୍ତନକାରୀ

ଅଣୁ ଯୋଜନା ଓ ଯୋଜନାର ଗୋଷ୍ଠୀଗତ ମାଲିକାନା ଉଜ୍ଜୟିନୀ ଅଞ୍ଚଳରେ ଏକ ବଡ଼ ପରିବର୍ତ୍ତନକାରୀଭାବେ ଉଭା ହୋଇଛି ।ପ୍ରତ୍ୟେକ ଗ୍ରାମର ଗୋଷ୍ଠୀଗୁଡିକୁ ନିଜ ନିଜର ଯୋଜନା ପ୍ରସ୍ତୁତ କରିବା ପାଇଁ ସହଯୋଗ କରାଯାଇଥିଲା । ଯୋଜନାର ତାଲିକା ପ୍ରସ୍ତୁତ କରିସାରିବା ପରେ, ଗୋଷ୍ଠୀର ସଦସ୍ୟମାନେ ସବୁଠୁ ଜରୁରୀ ସମସ୍ୟାଗୁଡ଼ିକୁ ଚିହ୍ନଟ କରିଥିଲେ । ସେଗୁଡିକ ଥିଲା ଦଳିତ ବସ୍ତିକୁ ରାସ୍ତା, ଗ୍ରାମଗୁଡ଼ିକ ପାଇଁ ସମାଧିସ୍ଥଳ ଓ ପାନୀୟ ଜଳର ସୁବିଧା । ଯେହେତୁ ସମଗ୍ର ଗୋଷ୍ଠୀ ଯୋଜନାକୁ ନିଜର କରିନେଇଥିଲେ, ବହୁ ଗ୍ରାମରେ ଦଳିତ ବସ୍ତିରେ ରାସ୍ତା ତିଆରି କରିବା ପାଇଁ ଦାବି କରିବାକୁ ରାଜପୁତ୍ ମହିଳାମାନେ ଦଳିତ ମହିଳାମାନଙ୍କୁ ସହଯୋଗ କରିବାକୁ ଆଗେଇ ଆସିଥିଲେ । ଉଚ୍ଚବର୍ଗର ମହିଳାମାନେ ଦଳିତ ମହିଳାମାନଙ୍କ ପ୍ରତି ସମର୍ଥନ ଦେଇଥିଲେ, ଯାହାକି କିଛି ବର୍ଷ ପୂର୍ବେ ଏକ ସ୍ୱପ୍ନଥିଲା । ଆଜି ତାହା ବାସ୍ତବରେ ପରିଣତ ହୋଇଛି । କ୍ରିୟା ଅନୁଷ୍ଠାନର ଜଣେ କର୍ମଚାରୀ ଶ୍ରୀ ସନ୍ତୋଷ, ଗର୍ବର ସହ ଏ କଥା କୁହନ୍ତି । ଗ୍ରାମଗୁଡ଼ିକର ମହଳାମାନେ ଗର୍ବର ସହିତ କୁହନ୍ତି ଯେ ୧୬ଟି ଯୋଜନା ମଧ୍ୟରୁ ସେମାନେ ୬ଟି ଯୋଜନା ହାସଲ କରିପାରିଛନ୍ତି । ସହରାଞ୍ଚଳର ଗୋଷ୍ଠୀସଦସ୍ୟମାନେ ମଧ୍ୟ ତଦ୍ରୂପ ଆବେଗ ପ୍ରକାଶ କରନ୍ତି, ଯେଉଁଠି ଧର୍ମଭିତ୍ତିକ ଭେଦଭାବକୁ ଭୁଲି ଅନ୍ୟ ଗୋଷ୍ଠୀର ସଦସ୍ୟମାନଙ୍କୁ ସହଯୋଗ କରିଛନ୍ତି । ଗୋଷ୍ଠୀ ଯୋଜନାର ସାମୂହିକ ଅଗ୍ରାଧିକାର ଗୋଷ୍ଠୀଙ୍କୁ ଏକତ୍ର କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରିଛି ।

ଅଧ୍ୟାୟ 7

# କାର୍ଯ୍ୟନିର୍ବାହକାରୀଙ୍କ ସହ କଥୋପକଥନ ଓ ଜୀବନଜୀବିକା ସୁଯୋଗର ପରିସର ବୃଦ୍ଧି



# କାର୍ଯ୍ୟନିର୍ବାହକାରୀଙ୍କ ସହ କଥୋପକଥନ ଓ ଜୀବନଜୀବିକା ସୁଯୋଗର ପରିସର ବୃଦ୍ଧି


ଏହି କ୍ରମର ଉଦ୍ଦେଶ୍ୟ ହେଉଛି "ବିକାଶ ନମୁନାରୁ ଅଧିକାରଭିତ୍ତିକ ସାମାଜିକ ପଦକ୍ଷେପ" ନମୁନାକୁ ସଚେତନଭାବେ ଢାଞ୍ଚାଗତ ସ୍ତରରେ ସ୍ଥାନାନ୍ତର କରିବା। ଅଧିକାରଗୁଡ଼ିକ ବିଷୟରେ ଜାଣିବା ଓ ସେଗୁଡ଼ିକୁ ସାବ୍ୟସ୍ତ କରିବା ପାଇଁ ମାନବିକ ଅଧିକାରଭିତ୍ତିକ ଧାରା ଜରିଆରେ ଲୋକଙ୍କୁ ସଶକ୍ତୀକରଣ କରିବା। ସୁଗମକାରୀ ଅନୁଷ୍ଠାନଗୁଡ଼ିକର ସହାୟତାରେ ଦଳ ଓ ଗୋଷ୍ଠୀଭିତ୍ତିକ ସଂଗଠନ ନୀରବ ଓ ନିର୍ଭରଶୀଳତାର ସଂସ୍କୃତିକୁ ଭାଙ୍ଗି ଦିଅନ୍ତି ଏବଂ ସ୍ପଷ୍ଟ ଓ ଦୃଢ଼ ସ୍ୱରରେ ନାଗରିକତ୍ୱ ପ୍ରତିପାଦନ କରନ୍ତି । ଅଧିକାର ଧାରକ ହିସାବରେ ନିଜର ଅଧିକାରକୁ ଦାବି କରନ୍ତି ଏବଂ ଆଇନ ଓ ନୈତିକ କାର୍ଯ୍ୟନିର୍ବାହୀମାନଙ୍କୁ ଉତ୍ତରଦାୟୀ କରନ୍ତି । ଅଧିକାରଭିତ୍ତିକ ପଦକ୍ଷେପ ପାଞ୍ଚଟି ସିଦ୍ଧାନ୍ତ ଉପରେ ଆଧାରିତ, ସେଗୁଡ଼ିକ ହେଲା ଯୋଗଦାନ, ଉତ୍ତରଦାୟିତ୍ୱ, ଭେଦଭାବ ରହିତ ଏବଂ ସମାନତା। ସଶକ୍ତୀକରଣ ଏବଂ ଅଧିକାର ପାଇଁ ନ୍ୟାୟାଳୟର ଆଶ୍ରୟ ନେବା ଆଇନ୍‌ଗତ ଅଧିକାର ଯାହା ଆମ ସମ୍ବିଧାନ ଓ ଆନ୍ତର୍ଜାତୀୟ ଆଇନଗୁଡ଼ିକରେ ବ୍ୟବସ୍ଥିତ ହୋଇଛି ତାହା ପାନେଲ୍ ସିଦ୍ଧାନ୍ତଭାବେ ଜଣାଶୁଣା । ଅଧିକାର ସରକାରଙ୍କ ଦ୍ୱାରା ଦିଆଯାଏ ନାହିଁ । ସେଗୁଡିକ ଜନ୍ମଗତ ଅଧିକାର ଏବଂ ଅଦର୍ଶଗତଭାବେ ସମସ୍ତ ନାଗରିକଙ୍କୁ ଏହା ସୁନିଶ୍ଚିତ କରିବା ରାଷ୍ଟ୍ରର କର୍ତ୍ତବ୍ୟ। ତେବେ ସେ ଯାହାହେଉ, ଅଧିକାର ଦିଆଯାଏ ନାହିଁ କିନ୍ତୁ ଏହାକୁ ଛଡାଇ ଅଣାଯାଏ । ଗୋଷ୍ଠୀର ସଦସ୍ୟମାନେ ମଧ ଅଧିକାରଭିତ୍ତିକ ନୁମନାର ପରିଣାମକୁ ବୁଝିବାରେ ସେମାନଙ୍କୁ ସହାୟତା କରାଯିବା ଉଚିତ । ରାଷ୍ଟ୍ରର ମନମୁଖୀ ପଦକ୍ଷେପ ଯୋଗୁଁ ସମ୍ପର୍କ ଭାଙ୍ଗିଯାଏ ଯେତେବେଳେ ସରକାରୀ ଅଧିକାରୀ, ନିର୍ବାଚିତ ପ୍ରତିନିଧି, ସର୍ବସାଧାରଣ ଅନୁଷ୍ଠାନ ଓ ପୋଲିସ ସହିତ ଆଲୋଚନା କରାଯାଏ । ଗୋଷ୍ଠୀର ସଦସ୍ୟମାନେ ବିଭିନ୍ନ କ୍ଷେତ୍ରରେ ସକ୍ଷମ ହେବା ସହିତ ପର୍ଯ୍ୟାପ୍ତ ମାନବ ସମ୍ବଳ, ପ୍ରଯୁଜ୍ୟ କୌଶଳ ଓ ସାମର୍ଥ୍ୟ, ଆଇନକାନୁନ ଓ ଏଗୁଡ଼ିକର କାର୍ଯ୍ୟପଦ୍ଧତି ସମ୍ବନ୍ଧୀୟ ଜ୍ଞାନ ଏବଂ

ଆଲୋଚନା ଓ କଥୋପକଥନ କରିବାର ସାମର୍ଥ୍ୟ ଏବଂ ଅହିଂସାର ରଣକୌଶଳକୁ ଆପଣାଇ ସେମାନଙ୍କ ଅଧିକାରକୁ ହାସଲ କରିବେ ।

ଏହା ମଧ୍ୟ ଏକ ସ୍ତର, ଯେଉଁଠି ନୂଆ ସୁଯୋଗର ଅନୁସନ୍ଧାନ କରାଯାଇପାରେ, ବିଶେଷକରି ଜୀବନଜୀବିକାର ସୁଯୋଗର ସୁଦୃଢ଼ୀକରଣ, ନିଯୁକ୍ତିଭିତ୍ତିକ କୌଶଳର ଦକ୍ଷତା ବିକାଶ ଏବଂ ଉଦ୍ୟୋଗଭିତ୍ତିକ କୌଶଳ ବୃଦ୍ଧି ପାଇଁ ବ୍ୟାଙ୍କରଣ ପାଇ ପାରିବା ଇତ୍ୟାଦି । ଏହି ସ୍ତରର ଫଳାଫଳ ହେଉଛି କାର୍ଯନିର୍ବାହୀମାନଙ୍କ ସହିତ ଆଲୋଚନା ଓ କଥୋପକଥନ ବୃଦ୍ଧି କରିବା ଓ ସ୍ୱଷ୍ଟ ଓ ଦୃଢ଼ଭାବରେ ଦାବି ଉପସ୍ଥାପନ କରି ଅଧିକାର ହାସଲ କରି ଜୀବନରେ ଗୁଣାତ୍ମକମାନ ବୃଦ୍ଧି କରିବା ।

ଏହି ସ୍ତରରେ, ଦଳଗୁଡ଼ିକ ନିଜର ଆବଶ୍ୟକତା ଓ ଅଧିକାରଗୁଡ଼ିକୁ ଦୃଢ଼ ଓ ସ୍ୱଷ୍ଟଭାବରେ ପ୍ରକାଶ କରିବା ସହିତ ପ୍ରତିବାଦ ମାଧ୍ୟମରେ ଦାବି ଉପସ୍ଥାପନ କରିବା ଆରମ୍ଭ କରନ୍ତି ଏବଂ କାର୍ଯ୍ୟନିର୍ବାହୀମାନଙ୍କ ସହିତ କଥୋପକଥନ କରିବା ସଙ୍ଗେସଙ୍ଗେ ଅଧିକାର ପାଇଁ ମୂଳଦୁଆ କରନ୍ତି।  ସେମାନେ ନାଗରିକତ୍ୱ ଦାବି କରିବା ପାଇଁ ନୂଆ ରାସ୍ତା ଅନୁସନ୍ଧାନ କରନ୍ତି। ପ୍ରଶାସନିକ ଓ ଅମଲାତାନ୍ତ୍ରିକ ଶାସନ ବ୍ୟବସ୍ଥାରେ କାର୍ଯ୍ୟକାରୀ କରାଯାଉଥିବା ବିକାଶମୂଳକ ଯୋଜନା ବା ଜୀବନଜୀବିକାର ସୁଯୋଗ ଲାଭ କରିବା ପାଇଁ  ଅବିରତଭାବେ ପ୍ରଚେଷ୍ଟା ଜାରି ରଖିବା ଉଚିତ । ଏଥିପାଇଁ ୨-୩ ବର୍ଷ ସମୟ ଲାଗିଥାଏ ।

### ଫଳପ୍ରଦ କଥୋପକଥନ ପାଇଁ ଜ୍ଞାନ ଓ ଦକ୍ଷତା




# ଅଗ୍ରସର ହେବା ପାଇଁ ଉପାୟ

- ସଦସ୍ୟମାନଙ୍କୁ ତାଲିମ୍ ପ୍ରଦାନ କରନ୍ତୁ  ଯେପରି  ସେମାନେ ଅଧିକାର  ଓ ହକ୍ ବିଷୟରେ  ସୂଚନା  ଓ ଜ୍ଞାନ ପାଇପାରିବେ।

- ବିଭିନ୍ନ ସାମାଜିକ ବିଧିବିଧାନର  ଜ୍ଞାନ ଓ କାର୍ଯ୍ୟଧାରା ଉପରେ ତାଲିମ୍ କାର୍ଯ୍ୟକ୍ରମ  ଆୟୋଜନ କରନ୍ତୁ ଯଥା:- ସୂଚନା ଅଧିକାର, ଶିକ୍ଷା ଅଧିକାର, ମହାତ୍ମାଗାନ୍ଧୀ  ଜାତୀୟ ଗ୍ରାମୀଣ  ନିଶ୍ଚିତ  କର୍ମନିଯୁକ୍ତି- ଆଇନ୍, ଖାଦ୍ୟ ଅଧିକାର ଏବଂ ବିଭିନ୍ନ  ହକ୍ ଯଥା :-ସାଧାରଣ ବଣ୍ଟନ ବ୍ୟବସ୍ଥାରେ  କିପରି ରେସନ  ପାଇପାରିବା, ଆଇନ୍ ସହାୟତା, ଗର୍ଭକାଳୀନ ସହାୟତା, ଭିନ୍ନକ୍ଷମଙ୍କ ପାଇଁ ଭତ୍ତା, ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁ ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷାବୃତ୍ତି ଏବଂ କିପରି ପରିଚୟ ପତ୍ର ପାଇ ପାରିବେ ଯଥା:-ଭୋଟ ପରିଚୟ ପତ୍ର, ଆଧାର କାର୍ଡ଼, ଜବ୍ କାର୍ଡ, ରେସନ କାର୍ଡ଼ ଏବଂ ବିଭିନ୍ନ ପ୍ରମାଣ ପତ୍ର ଯଥା:- ଜନ୍ମ, ମୃତ୍ୟୁ ଓ ଆୟ ପ୍ରମାଣ ପତ୍ର ଇତ୍ୟାଦି।



- ସମ୍ବିଧାନରେ  ସ୍ଥାପିତ ମୂଲ୍ୟବୋଧ, ବିଭିନ୍ନ ଆଇନ୍‌କାନୁନ୍, ନିୟମାବଳୀ ଏବଂ ଯୋଜନାଗୁଡ଼ିକ ଯଥା:- ଋଣ, ସରକାରୀ ଆର୍ଥିକ ସାହାଯ୍ୟ ଏବଂ କଲ୍ୟାଣକାରୀ  ଯୋଜନାଗୁଡ଼ିକ ଉପରେ  ସଦସ୍ୟମାନଙ୍କୁ  ତାଲିମ୍  ପ୍ରଦାନ କରନ୍ତୁ ।

- ଏହା ନିଶ୍ଚିତ କରନ୍ତୁ କି ଉଭୟ  ତାତ୍ତ୍ୱିକ ଓ ବ୍ୟବହାରିକ  କାର୍ଯ୍ୟଧାରା ସମ୍ପର୍କରେ  ତାଲିମ୍ ଦିଆଯିବ ଯଥା-ଫର୍ମ ପୂରଣ , ଅନ୍ ଲାଇନ୍ ପ୍ରାପ୍ତିକରଣ , ବିଭିନ୍ନ କାର୍ଯ୍ୟାଳୟ ସମ୍ପର୍କରେ ସୂଚନା, ଶାସନ ବ୍ୟବସ୍ଥା-ପଞ୍ଚାୟତ, ବିଭିନ୍ନ ବିଭାଗ ଏବଂ ଅନୁଶାସନ  କାର୍ଯ୍ୟାଳୟ  (ବ୍ଲକ୍, ଜିଲ୍ଲା ଓ ରାଜ୍ୟସ୍ତରୀୟ)

- ଗୋଷ୍ଠୀର ସଦସ୍ୟମାନଙ୍କୁ ପ୍ରୋତ୍ସାହିତ କରନ୍ତୁ ଯେପରି ସେମାନେ ନିଜର ଜୀବନଜୀବିକା ସୁଦୃଢ଼ କରିବା ପାଇଁ ସୁଯୋଗଗୁଡ଼ିକୁ ଅନୁସନ୍ଧାନ କରିବେ - ଯଥା ସରକାରୀ  ଯୋଜନା, ବେସରକାରୀ  ଅନୁଷ୍ଠାନଗୁଡ଼ିକ  ଦ୍ୱାରା ପ୍ରଦାନ କରାଯାଉଥିବା  ବିଭିନ୍ନ କାର୍ଯ୍ୟକ୍ରମ, ସୁବିଧାସୁଯୋଗ ଓ ନିଯୁକ୍ତିଭିତ୍ତିକ କୌଶଳ ଇତ୍ୟାଦି ।

- ସଦସ୍ୟମାନଙ୍କୁ  ସହାୟତା କରନ୍ତୁ ଯେପରି ସେମାନେ ଦରଖାସ୍ତ ଲେଖିପାରିବେ ଏବଂ ସରକାରୀ ଅଧିକାରୀଙ୍କ ନିକଟରେ  ତାହା ଉପସ୍ଥାପନ କରିପାରିବେ ।

- ଯୁବା ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ ଆଦର୍ଶ ସୁଗମ କେନ୍ଦ୍ର ପ୍ରତିଷ୍ଠା କରନ୍ତୁ ଯେପରି ସଦସ୍ୟମାନେ ଯାହା ଶିକ୍ଷାଲାଭ କରିଛନ୍ତି ତାହାକୁ ବ୍ୟବହାର କରିପାରିବେ ଏବଂ ମଧ୍ୟସ୍ଥ କିମ୍ବା ଦଲାଲ୍‌ମାନଙ୍କ ଶୋଷଣକୁ ଏଡାଇ ଯିବେ।
- ସଶକ୍ତୀକରଣ ପ୍ରକ୍ରିୟାକୁ ଅନୁସରଣ କରିବା ଯଥା:- ସକ୍ଷମ କରିବା, ବାସ୍ତବରେ ପରିଣତ କରିବା, ଉତ୍‌ଥାପନ କରିବା ଇତ୍ୟାଦି ମାଧ୍ୟମରେ ସଦସ୍ୟମାନଙ୍କର ସାମର୍ଥ୍ୟ ବୃଦ୍ଧି କରିବା ଫଳରେ ସେମାନେ ନୀରବତା ଓ ନିର୍ଭରଶୀଳତାର ସଂସ୍କୃତିକୁ ଭାଙ୍ଗିପାରିବେ।
- କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସହିତ ବାର୍ତ୍ତାଳାପ ସମୟରେ ନିଜର ହକ୍‌କୁ ଦୃଢ଼ ଭାବରେ ଉପସ୍ଥାପନ କରିବା, କାର୍ଯ୍ୟଧାରା, କଥୋପକଥନ ମାଧ୍ୟମରେ ଦାବି ହାସଲ କରିବା ବଡ଼ ଭୂମିକା ଗ୍ରହଣ କରେ ।
- ପାନେଲ୍ ସିଦ୍ଧାନ୍ତ କାର୍ଯ୍ୟକାରୀ କରିବା ଆରମ୍ଭ କରନ୍ତୁ ଏବଂ ନିଶ୍ଚିତ କରନ୍ତୁ ଯେପରି ଗୋଷ୍ଠୀର ସଦସ୍ୟମାନେ ତାହାକୁ ବ୍ୟବହାର କରିବେ।
- ସପକ୍ଷରେ କହିବା ପ୍ରସଙ୍ଗଗୁଡ଼ିକୁ ଆରମ୍ଭ କରନ୍ତୁ ଯଥା ସାଧାରଣ ସଭା, ପୋଷ୍ଟର ଅଭିଯାନ, ସାମାଜିକ ଗଣମାଧ୍ୟମ , ସାମ୍ବାଦିକ ସମ୍ମିଳନୀ, ଗଣମାଧ୍ୟମ, ଜନଶୁଣାଣି, ଅଭିଯୋଗ ଶୁଣାଣି ଦିବସରେ ଯୋଗଦାନ ଇତ୍ୟାଦି ମାଧ୍ୟମରେ ଜନମତ ସୃଷ୍ଟି କରନ୍ତୁ।
- ସରକାରୀ କଳକୁ ଗୋଷ୍ଠୀର ଆବଶ୍ୟକତା ଉପରେ ଜ୍ଞାତ କରିବାକୁ କିଛି କ୍ଷେତ୍ରରେ ଧାରଣା, ପ୍ରତିବାଦ ସଭା, ସର୍ବସାଧାରଣ ର୍‍ୟାଲି ଓ ଅନ୍ୟ କୌଣସି ଅହିଂସା ପ୍ରତିବାଦର ଆବଶ୍ୟକତା ପଡିଥାଏ। ଏହି ପ୍ରକାରର ପ୍ରତିବାଦ ବିଷୟରେ ଗୋଷ୍ଠୀକୁ ଆଗୁଆ ଅବଗତ କରନ୍ତୁ ।
- ଥାନା, କୋର୍ଟ ଏବଂ ସରକାରୀ କାର୍ଯ୍ୟାଳୟକୁ ପରିଦର୍ଶନ କଲେ ଆତ୍ମବିଶ୍ୱାସ ବୃଦ୍ଧି ହୁଏ।

# ଉପକାରୀ ବିନ୍ଦୁ

- ବିକାଶଭିତ୍ତିକ ଧାରାରୁ ଅଧିକାରଭିତ୍ତିକ ଧାରାରେ ପରିବର୍ତ୍ତନ କରିବା ସମୟ ସାପେକ୍ଷ। କିଛି ଦଳ ସରକାରୀ କଳର ଗଠନ ପ୍ରକ୍ରିୟା ଓ ପ୍ରଣାଳୀ ବିଷୟରେ ଅବଗତ ହେବା ପାଇଁ ସହାଯ୍ୟ ଆବଶ୍ୟକ କରନ୍ତି । ବେଳେ ବେଳେ ଗୋଷ୍ଠୀର ସଦସ୍ୟମାନେ ସରକାରୀ କାର୍ଯ୍ୟାଳୟକୁ ଯିବାବେଳେ ସାଙ୍ଗରେ ଯିବା ପାଇଁ ଏନଜିଓ କର୍ମୀମାନଙ୍କୁ ଅନୁରୋଧ କରନ୍ତି । ଏହା ତାଲିମ୍‌ର ଆଲୋଚନାରେ ଏକ ଅଂଶବିଶେଷ ହେବା ଉଚିତ। ଘଟଣାକ୍ରମେ, ସଦସ୍ୟମାନେ ପରିଚାଳକ ସ୍ଥାନରେ ବସିବା ପାଇଁ ପଥପ୍ରଦର୍ଶନ କରାଯିବା ଉଚିତ ।
- କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସହିତ ବାର୍ତ୍ତାଳାପ କରିବା ସମୟରେ ସୁଗମକାରୀ ଅନୁଷ୍ଠାନର ବିଶ୍ୱସନୀୟତା ସାହାଯ୍ୟ କରିଥାଏ। ତବେ ସେ ଯାହାହେଉ, ଅନୁଷ୍ଠାନ ସଚେତନତାର ସହ ଲୋକ ନେତୃତ୍ୱ ଆଲୋଚନାଗୁଡିକୁ ଅଗ୍ରାଧିକାର ଦେବା ଆବଶ୍ୟକ।
- ଗୋଷ୍ଠୀଙ୍କ ପ୍ରତି ସହାୟତା ବିଭିନ୍ନ ପ୍ରକାରର ହୋଇଥାଏ , ନୈତିକ ସମର୍ଥନଠାରୁ ଆରମ୍ଭ କରି ଲେଖା ପଢ଼ା କୌଶଳ ଓ ବୈଷୟିକ ସମର୍ଥନର ଆବଶ୍ୟକତା ପଡ଼ିଥାଏ। ଯେତେଦୂର ସମ୍ଭବ, ଗୋଷ୍ଠୀର ସଦସ୍ୟ ଓ ସେମାନଙ୍କର ସନ୍ତାନମାନଙ୍କୁ ତାଲିମ୍ ପ୍ରଦାନ କରିବା ଆବଶ୍ୟକ। ଯୁବକମାନେ ଯଥାଶୀଘ୍ର ଲିଖନ ଓ ବୈଷୟିକ କୌଶଳ ଗ୍ରହଣ କରି ନିଅନ୍ତି। ସେମାନଙ୍କର କୌଶଳକୁ ସମ୍ପୂର୍ଣ୍ଣଭାବେ ବ୍ୟବହାର କରିବା ଆବଶ୍ୟକ।

- ସରକାରୀ ଯୋଜନା, ସାମାଜିକ ନିରାପତ୍ତା ଯୋଜନା ଏବଂ ଗରିବଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟ କାର୍ଯ୍ୟନିର୍ବାହକାରୀଙ୍କ ସହ କଥୋପକଥନ ଓ ଜୀବନଜୀବିକା ସୁଯୋଗର ପରସର ବୃଦ୍ଧ ସରକାରଙ୍କ ଯୋଜନା ଏବଂ ଏହାର କାର୍ଯ୍ୟଧାରାକୁ ନେଇ ଏକ ସାଧନ ପୁସ୍ତିକା ପ୍ରସ୍ତୁତ କରନ୍ତୁ।
- ବିଭିନ୍ନ ସାଧନ ସାମଗ୍ରୀକୁ ନେଇ ଗୋଷ୍ଠୀ ପରିଚାଳିତ ପାଠାଗାର ପ୍ରତିଷ୍ଠା କରନ୍ତୁ ଯେପରି ଅଧ୍ୟୟନରେ ଭାଗୀଦାରିତା ସଂସ୍କୃତି ସୃଷ୍ଟି ହୋଇପାରିବ।
- ଥରେ ସଦସ୍ୟମାନେ ବ୍ୟକ୍ତିଗତ ଓ ସାମୂହିକଭାବେ ପ୍ରେରଣା, ଆବେଗ ଓ ପ୍ରତିଶ୍ରୁତିବଦ୍ଧତା ଲାଭକରି ସାରିବା ପରେ ଏବଂ ଯଦି ସେମାନେ ସମସ୍ୟାର ପ୍ରାଧାନ୍ୟକରଣ ଏବଂ କାର୍ଯ୍ୟପନ୍ଥା/ ଯୋଜନା ପ୍ରସ୍ତୁତ କରିଛନ୍ତି, ତେବେ ସେମାନେ ସରକାରୀ ଅଧିକାରୀଙ୍କୁ ସାକ୍ଷାତ୍ କରିବାକୁ ନେତୃତ୍ୱ ନେବେ। ଗୋଷ୍ଠୀର ସଦସ୍ୟମାନଙ୍କ ସହିତ ଚାଲିବାକୁ ଚେଷ୍ଟା କରନ୍ତୁ।
- ଅଭିଜ୍ଞତାରୁ ଶିକ୍ଷା ଗ୍ରହଣ କରିବା ପାଇଁ ସଦସ୍ୟମାନଙ୍କର ନିର୍ଦ୍ଧିଷ୍ଟକାଳୀନ ସମୀକ୍ଷା ଓ ଚିନ୍ତନ ବୈଠକ ଆୟୋଜନ କରନ୍ତୁ ।
- ପକ୍ଷସମର୍ଥନ ସ୍ଲୋଗାନ୍ "ଲଢ଼େଇ ଯାହାର, ଜିତ୍ ତାହାର୍ "କୁ ଭୁଲନ୍ତୁ ନାହିଁ ।
- ଅଭିଜ୍ଞତାରୁ ଜଣାଯାଏ, ପ୍ରତିବାଦ ସଭା ସମୟରେ ବିଚାରବନ୍ତ ଭାବନା ସବୁଠାରୁ ଶ୍ରେଷ୍ଠ ପ୍ରତିପାଦିତ ହୁଏ। ଉତ୍ତମ ଯୋଜନା, ଭୂମିକା ଓ ଦାୟିତ୍ୱଗୁଡ଼ିକୁ ସଂଜ୍ଞାୟିତ କରନ୍ତୁ, ଗହଳିକୁ ନିୟନ୍ତ୍ରଣ କରନ୍ତୁ, କଥୋପକଥନ ଦଳ ଗଠନ କରନ୍ତୁ ଏବଂ ଦାବିଗୁଡ଼ିକୁ ପ୍ରସ୍ତୁତ କରନ୍ତୁ ।
- ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା ଓ ର୍‍ୟାଲି ଆୟୋଜନ କରିବା ପାଇଁ ନିୟମକାନୁନ୍ ଓ କାର୍ଯ୍ୟଧାରାକୁ ଅନୁସରଣ କରନ୍ତୁ। ପୋଲିସ୍ ଅନୁମତି ନିଅନ୍ତୁ।

# ଉପକାରୀ ସତର୍କତା

- କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହିତ ମୁହାଁମୁହିଁ ହେବାକୁ ଗୋଷ୍ଠୀର ସଦସ୍ୟମାନଙ୍କୁ ବାଧ୍ୟ କରନ୍ତୁ ନାହିଁ।
- ପ୍ରତିବାଦ ସଭା ବା ଧାରଣା ପ୍ରଦର୍ଶନ କରିବା ପାଇଁ ଗୋଷ୍ଠୀର ସଦସ୍ୟମାନଙ୍କୁ ପ୍ରବର୍ତ୍ତାନ୍ତୁ ନାହିଁ । ପ୍ରତିବାଦ କରିବା ନିଷ୍ପତ୍ତି କେବଳ ଗୋଷ୍ଠୀର ସଦସ୍ୟମାନେ ନେବା ଉଚିତ।
- ପ୍ରତିବାଦ କରିବାର ପରିଣାମ ବିଷୟରେ ଲୋକଙ୍କୁ ସଚେତନ କରନ୍ତୁ । ବେଳେବେଳେ ସରକାର ଲୋକଙ୍କ ପ୍ରତିବାଦକୁ ଦମନ କରନ୍ତି।
- ଲୋକଙ୍କୁ ଜ୍ଞାନ ଦିଅନ୍ତୁ, ପ୍ରତିବାଦ କରିବା ସମୟରେ ସରକାରୀ ଓ ବେସରକାରୀ ସମ୍ପତ୍ତି ନଷ୍ଟ କରନ୍ତୁ ନାହିଁ। ସେପରି କରିବା ବେଆଇନ୍ ଅଟେ।
- କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସହିତ ବାର୍ତ୍ତାଳାପ କରିବା କେବଳ ଗୋଷ୍ଠୀର ନେତା ଓ ଶିକ୍ଷିତ ସଦସ୍ୟମାନଙ୍କ କାର୍ଯ୍ୟ ନୁହେଁ। ସମସ୍ତେ ଏଥିରେ ଅନ୍ତର୍ଭୁକ୍ତ ହେବା ପାଇଁ ପ୍ରୋତ୍ସାହନ ପ୍ରଦାନ କରନ୍ତୁ।

# ସୂଚକ

୧ × × × ପୁରୁଷ, × ××× ଯୁବକ, ××× ଶିଶୁ ଦରଖାସ୍ତ ଲେଖିବା ଶିଖି ପାରିଛନ୍ତି ।

୨ ରେସନକାର୍ଡ଼, ଭୋଟ ପରିଚୟ ପତ୍ର ଓ ଆଧାରକାର୍ଡ଼ ପାଇବା ପାଇଁ × ×× ଦରଖାସ୍ତ ଦିଆଯାଇଛି ଏବଂ × ×× ବିଧବା ଭତ୍ତା ପାଇବା ପାଇଁ ଦରଖାସ୍ତ ଆବେଦନ କରିଛନ୍ତି ।

୩ ×××× ବ୍ୟକ୍ତି ପରିଚୟ ପତ୍ର ପାଇପାରିଛନ୍ତି, ××× ଛାତ୍ରଛାତ୍ରୀ ବୃତ୍ତି ପାଇପାରିଛନ୍ତି । × ××× ପରିବାର ଜବ୍‌କାର୍ଡ଼ ପାଇଛନ୍ତି ।

୪ ×××× ଦଳ ଗୋଷ୍ଠୀର ବିଭିନ୍ନ ସମସ୍ୟା ଉପରେ ପ୍ରଯୁଜ୍ୟ କର୍ତ୍ତୃପକ୍ଷଙ୍କୁ ନିବେଦନ ଜଣାଇଛନ୍ତି ।

୫ ××× ଶତକଡ଼ା ନେତା କଥୋପକଥନ, ବୁଝାମଣା, ବାର୍ତ୍ତାଳାପ ଓ ତଦାରଖର ଦକ୍ଷତା ହାସଲ କରିଛନ୍ତି ।

୬ ପ୍ରାୟ ××× ସଦସ୍ୟ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବିଷୟରେ ପରିଚିତ ହୋଇଛନ୍ତି । ସେମାନେ ବର୍ତ୍ତମାନ ନିଜେ ସରକାରୀ ଅଧିକାରୀମାନଙ୍କୁ ସାକ୍ଷାତ୍ କରିପାରିବେ ।

୭ ×××ଗୋଷ୍ଠୀର ସଦସ୍ୟ ସରକାରୀ ଓ ବେସରକାରୀ ସ୍କିମ୍ ବା ପ୍ରକଳ୍ପ ପାଇପାରିଛନ୍ତି ।

୮ ××× ଶତକଡ଼ା ଯୁବକ ଦରଖାସ୍ତ ଲେଖିବା ପାଇଁ ପରିବାରଗୁଡ଼ିକୁ ସାହାଯ୍ୟ କରିଛନ୍ତି ।

୯ ××× ସଦସ୍ୟ ଏହା ବୁଝିପାରିଛନ୍ତି କି କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ନାଗରିକମାନଙ୍କ ପ୍ରତି ଦାୟିତ୍ୱ ରହିଛି ।

୧୦ ବ୍ୟକ୍ତିଗତ ଓ ଗୋଷ୍ଠୀର ସମସ୍ୟା ନେଇ, ଦଳଗୁଡ଼ିକ ଦ୍ୱାରା ସରକାରୀ ଅଧିକାରୀମାନଙ୍କ ସହିତ ××× ସଂଖ୍ୟକ ବୈଠକ ଆୟୋଜନ କରାଯାଇଛି ।

୧୧ ××× ସଂଖ୍ୟକ ବ୍ୟକ୍ତି ସୂଚନା ଅଧିକାର ଆବେଦନ ଫର୍ମ ପୂରଣ କରିବା ଶିଖି ପାରିଛନ୍ତି ।

# ଆତ୍ମ ମୂଲ୍ୟାୟନ

୧ରୁ ୫ ସ୍କେଲ୍‌ରେ ୧-ସର୍ବନିମ୍ନ ଏବଂ ୫ ସର୍ବାଧିକ । ନିଜକୁ କିପରି ମୂଲ୍ୟାୟନ କରିବେ ।

| କ୍ର.ନଂ | ଅଭିବୃଦ୍ଧ | ପରିମାଣ |
|---|---|---|
| ୧ | ମୁଁ ଦରଖାସ୍ତ ଲେଖିବା ଶିଖି ପାରିଛି । | |
| ୨ | ସରକାରୀ ଅଫିସ୍ କେଉଁଠି ଅଛି ମୁଁ ଜାଣିଛି । | |
| ୩ | ମୋର ଆତ୍ମବିଶ୍ୱାସ ଅଛି ମୁଁ ଏକା ଦରଖାସ୍ତ ଦେବା ପାଇଁ ସରକାରୀ ଅଫିସ୍ ଯାଇପାରିବି । | |
| ୪ | ମୁଁ ଅଧିକାରୀ ମାନଙ୍କ ସହିତ ମୁଲଚଲ କରିବା ଶିଖିଯାଇଛି । | |
| ୫ | ମୋର ହକ୍ ପାଇବା ପାଇଁ ମୁଁ ଅନବରତ ଅନୁଗମନ କରୁଛି । | |
| ୬ | ଦରଖାସ୍ତ ଲେଖିବା ପାଇଁ ମୁଁ ଅନ୍ୟମାନଙ୍କୁ ସାହାଯ୍ୟ କରୁଛି । | |
| ୭ | ମୋ ନିଜ ମଧ୍ୟରେ ନାଗରିକତ୍ୱର ଭାବନା ଦୃଢ଼ ହୋଇଛି । | |
| ୮ | ସୁଗମକାରୀ ଅନୁଷ୍ଠାନର ତାଲିମ୍ ଯୋଗୁଁ ବିଭିନ୍ନ ସ୍କିମ୍ ଓ ଏହାର କାର୍ଯ୍ୟଧାରା ବିଷୟରେ ଅବଗତ ହୋଇ ସେଗୁଡ଼ିକୁ ମୁଁ ହାସଲ କରିପାରିଛି । | |
| ୯ | ଯେତେବେଳେ ଅଧିକାରୀମାନେ ଆମ ଅଞ୍ଚଳକୁ ଆସନ୍ତି ମୁଁ ସେମାନଙ୍କ ସହିତ ବିନା ଭୟ ଓ ଲଜ୍ୟାରେ ଆମର ଦାବି ଜଣାଏ । | |
| ୧୦ | ବିଭିନ୍ନ ସମସ୍ୟା ନେଇ ଦଳର ସଦସ୍ୟମାନେ ଏକତ୍ରିତ ହୋଇ ସରକାରୀ ଅଧିକାରୀମାନଙ୍କ ପାଖକୁ ଯାଆନ୍ତି । | |
| ୧୧ | ସରକାରୀ ଅଧିକାରୀମାନଙ୍କୁ ସାକ୍ଷାତ୍ କରିବା ସମୟରେ ଦଳର ସଦସ୍ୟମାନେ ସାହାସ, ଆତ୍ମବିଶ୍ୱାସ ଓ ସ୍ୱଷ୍ଟତା ପ୍ରଦର୍ଶନ କରନ୍ତି । | |
| ୧୨ | ନିଜର ସାମର୍ଥ୍ୟ ଓ ଦକ୍ଷତା ଅନୁଯାୟୀ ସଦସ୍ୟମାନେ ଦାୟିତ୍ୱ ବହନ କରନ୍ତି । | |
| ୧୩ | ସୁଗମାକରୀ ଅନୁଷ୍ଠାନ ଓ ଅନ୍ୟ ବେସରକାରୀ ଅନୁଷ୍ଠାନଠାରୁ ଉତ୍ତରଦାୟିତ୍ୱ ଦାବି କରନ୍ତି । | |
| ୧୪ | ଗୋଷ୍ଠୀ ହିସାବରେ ଆମେ ଯୋଜନା କରୁ, ରଣକୌଶଳ କରୁ ଏବଂ ତାହାକୁ କାର୍ଯ୍ୟକାରୀ କରୁ । | |
| ୧୫ | ଦଳର ନେତୃତ୍ୱ ଯୋଜନା ଓ ସମୀକ୍ଷା ବୈଠକ ନିୟମିତ କରନ୍ତି । | |

ଆତ୍ମ ମୂଲ୍ୟାୟନ କରିବା ପାଇଁ ସମସ୍ତ ନେତାମାନଙ୍କୁ ଅନୁରୋଧ କରନ୍ତୁ ଓ ମାର୍କଗୁଡ଼ିକ ମିଶାଇବାକୁ କୁହନ୍ତୁ । ମିଳିଥିବା ମୋଟ ମାର୍କ ଉପରେ ଆଲୋଚନା କରନ୍ତୁ । ପ୍ରଥମ ଆଠଟି କ୍ଷେତ୍ର ବ୍ୟକ୍ତିତ୍ୱ ବିକାଶର ଦିଗକୁ ସୂଚୀତ କରେ । ବ୍ୟକ୍ତିର ସାମର୍ଥ୍ୟଗୁଡ଼ିକୁ ମାନ୍ୟତା ଦିଅନ୍ତୁ ଓ ଦୁର୍ବଳତାଗୁଡ଼ିକୁ ଚିହ୍ନଟ କରନ୍ତୁ । ଦଳ ଓ ଦଳର ନେତାମାନଙ୍କ ଉପରେ ଅନ୍ୟ ଏକ ଆଲୋଚନା କରନ୍ତୁ ।



# ଅଂଶଦାନ ଓ ପ୍ରତିଫଳନ ପାଇଁ ପ୍ରଶ୍ନ

୧ ଅଧିକାରଭିତ୍ତିକ ନମୁନାକୁ ବୁଝିବା ଓ ଏହାକୁ ଆପଣେଇବାରେ ଗୋଷ୍ଠୀର ସଦସ୍ୟମାନଙ୍କର କ'ଣ କ'ଣ ଅଭିଜ୍ଞତା, ସଂଘର୍ଷ ଓ ଅସୁବିଧା ରହିଥିଲା ?

୨ ଗୋଷ୍ଠୀର ସଦସ୍ୟମାନେ ବିଭିନ୍ନ ତାଲିମ୍‌ର ଉପକାରିତା ପାଇପାରିଲେ କି? ଯଦି ହଁ କେଉଁ ବିଷୟଟି ଅଧିକ ଉପକାରୀ ହୋଇଥିଲା ? ତାଲିମ୍‌ର ବିଷୟବସ୍ତୁ ଓ ପଦ୍ଧତି ସମ୍ପର୍କରେ ସେମାନଙ୍କର ମତାମତ ରହିଥିଲା କି ?

୩ ଗୋଷ୍ଠୀର ସଦସ୍ୟମାନେ ନିଜ ପ୍ରଚେଷ୍ଟାରେ ସରକାରୀ ଅଧିକାରୀମାନଙ୍କୁ ସାକ୍ଷାତ୍ କରିଥିଲେ କି ? ଯଦି ହଁ ସେମାନଙ୍କ ମଧ୍ୟରେ କେଉଁ ଜ୍ଞାନ ମିଳିପାରିଛି ଓ କ'ଣ ଅସୁବିଧା ରହିଥିଲା ?

୪ ଅଧିକାରଧାରକ ଓ କାର୍ଯ୍ୟବାହକ ମଧ୍ୟରେ ସଂଯୋଗୀକରଣ କ୍ଷେତ୍ରରେ ଆପଣ ସନ୍ତୋଷ ଅନୁଭବ କରନ୍ତି କି ? ଉଦାହରଣ ସହିତ ବର୍ଣ୍ଣନା କରନ୍ତୁ।

୫ କେଉଁ ବିଷୟରେ, ଗୋଷ୍ଠୀର ସଦସ୍ୟମାନେ ଅଭିଯାନ, ପ୍ରତିବାଦ ଓ ଧାରଣାର ପଥ ଆପଣାଇଥିଲେ ଏବଂ ସେମାନଙ୍କୁ କେଉଁ ଶିକ୍ଷା ମିଳିଲା ?

# ଅଧିକାର ହାସଲ ପାଇଁ ମୂଲ୍ୟ ଦେବାକୁ ପଡ଼େ

ପିବିଏସ୍‌ର ଶ୍ରୀମତୀ ମାଇନାଦେବୀ ଏକ ଘଟଣା ବର୍ଣ୍ଣନା କରିଥିଲେ । ଯେତେବେଳେ ପୁରୁଷ ଲୋକମାନେ ଜଣେ ଗର୍ଭବତୀ ମହିଳାଙ୍କୁ ହସ୍ପିଟାଲ୍‌କୁ ବୋହି ନେଉଥିଲେ, ସେ ରାସ୍ତାରେ ପ୍ରାଣତ୍ୟାଗ କରିଥିଲେ। ଯେହେତୁ ରାସ୍ତା ବହୁତ ଖରାପ ଥିଲା, ସେ ଠିକ୍ ସମୟରେ ହସ୍ପିଟାଲରେ ପହଁଞ୍ଚି ପାରିଲେ ନାହିଁ । ଗର୍ଭବତୀ ମହିଳାଙ୍କ ମୃତ୍ୟୁ ଗ୍ରାମବାସିନ୍ଦାଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି କରିଥିଲା ଓ ସେମାନେ ସ୍ୱତଃପ୍ରବୃତ୍ତଭାବେ ରାସ୍ତା ଅବରୋଧ କରିଥିଲେ। ପୋଲିସ୍ ଆସି ଲୋକମାନଙ୍କୁ ଲାଠିଚାଳନା କରିଥିଲା । ତଥାପି ମହିଳାମାନେ ସେଠାରୁ ଉଠିଲେ ନାହିଁ । ପରେ ବ୍ଲକ୍ ଉନ୍ନୟନ ଅଧିକାରୀ ସେଠାକୁ ଆସି ମହିଳାମାନଙ୍କୁ ସାକ୍ଷାତ୍ କରି ଅତିଶୀଘ୍ର ରାସ୍ତା ପୁନଃନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଘଟଣା ଉପରେ ପ୍ରତିଫଳନ କରି, ଦଳର ମହିଳାମାନେ ଆଶ୍ଚର୍ଯ୍ୟ ହୋଇଥିଲେ କି ସେମାନେ କିପରି ଲାଠିଚାଳନା ସତ୍ତ୍ୱେ ଅଧିକାରୀମାନଙ୍କୁ ସାମ୍ନା କରିବାକୁ ସାହସ ପାଇପାରିଥିଲେ। ଏହା ଆମର ଏକତାର ବଳ।

ଅଧ୍ୟାୟ ୪

# କ୍ଷେତ୍ର ପରିଦର୍ଶନ ଓ
# ପାରସ୍ପରିକ ଶିକ୍ଷା



# କ୍ଷେତ୍ର ପରିଦର୍ଶନ ଓ ପାରସ୍ପରିକ ଶିକ୍ଷା

## ଆଭିମୁଖ୍ୟ

ଏହି କ୍ରମର ଆଭିମୁଖ୍ୟ ହେଉଛି ଅନ୍ୟ ଅଞ୍ଚଳ ବା ଅନ୍ୟ ସୁଗମକାରୀ ଅନୁଷ୍ଠାନଗୁଡ଼ିକ ଦ୍ୱାରା ସମାନ ଧରଣର ଗୋଷ୍ଠୀ ଏକତ୍ରୀକରଣ କାର୍ଯ୍ୟକୁ ପରିଦର୍ଶନ କରି ଜ୍ଞାନ ଆହରଣ କରିବା ପାଇଁ ସୁଯୋଗ ପ୍ରଦାନ କରିବା । ଉଦ୍ଦେଶ୍ୟ ହେଉଛି ପରସ୍ପର ମଧ୍ୟରେ ଜ୍ଞାନର ବିନିମୟ କରିବା । କ୍ଷେତ୍ର ପରିଦର୍ଶନ, ଦେଖିବା, ବିଚାର କରିବା ଓ କାର୍ଯ୍ୟକାରୀ କରିବା-ଚକ୍ରକୁ ପ୍ରୋତ୍ସାହନ କରିଥାଏ । ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟା କାର୍ଯ୍ୟ ମାଧ୍ୟମରେ ଶିକ୍ଷାକୁ ଗୁରୁତ୍ୱ ଦିଏ । କାମ ଦେଖିବା ମାଧ୍ୟମରେ ଶିକ୍ଷାଗ୍ରହଣ ଏବଂ ସମାନ କାର୍ଯ୍ୟକ୍ରମରେ ସାମିଲ୍ ସଦସ୍ୟମାନଙ୍କ ସହିତ ବାର୍ତ୍ତାଳାପର ପ୍ରାଧାନ୍ୟତାକୁ ଅଣଦେଖା କରାଯାଇନପାରେ । କ୍ଷେତ୍ର ପରିଦର୍ଶନର ଅର୍ଥ କେବଳ ଅନ୍ୟ ଏକ ଗୋଷ୍ଠୀକୁ ସାକ୍ଷାତ୍ କରିବା ନୁହେଁ, ଏହାର ଅର୍ଥ ଅନ୍ୟ ଏକ ଗୋଷ୍ଠୀକୁ ଗ୍ରହଣ କରିବା । ଉଭୟ ଦୃଶ୍ୟପଟରେ ଶିଖିବାର ସୁଯୋଗ ଥାଏ ।

ଏହି ପ୍ରସଙ୍ଗରେ କ୍ଷେତ୍ର ପରିଦର୍ଶନର ଅର୍ଥ ହେଲା ଅନ୍ୟ ଏକ ଗୋଷ୍ଠୀକୁ ପରିଦର୍ଶନ କରିବା, ମାତ୍ର ତାହା ଅନ୍ୟ ଏକ ସୁଗମକାରୀ ଅନୁଷ୍ଠାନ ଦ୍ୱାରା ସୁଗମିତ କରାଯାଇଥିବ । ପାରସ୍ପରିକ ଶିକ୍ଷା ଗ୍ରହଣର ଅର୍ଥ ହେଲା ଅନ୍ୟ ଏକ ସୁଗମକାରୀ ଅନୁଷ୍ଠାନର ତତ୍ତ୍ୱାବଧାନରେ ଗୋଟିଏ ଭୌଗୋଳିକ ଅଞ୍ଚଳରୁ ଅନ୍ୟ ଏକ ଭୌଗୋଳିକ ଅଞ୍ଚଳକୁ ପରିଦର୍ଶନ କରିବା । ପାରସ୍ପରିକ ଶିକ୍ଷା ଓ କ୍ଷେତ୍ର ପରିଦର୍ଶନ ସମସ୍ୟା ସମାଧାନ ଦିଗରେ ଏକ ବିକଳ୍ପ ଦୃଷ୍ଟିକୋଣ ପ୍ରଦାନ କରିଥାଏ । ଦଳଗୁଡ଼ିକ ଗୋଷ୍ଠୀ ଏକତ୍ରୀକରଣର ବିଭିନ୍ନ ପଦ୍ଧତି ଓ ଧାରାଗୁଡ଼ିକ ବିଷୟରେ ପାରସ୍ପରିକ ଶିକ୍ଷା ଲାଭ କରୁଥିବା ହେତୁ, ସେମାନେ ନୂଆ ଭାବନା ଓ ଏହାର ପ୍ରୟୋଗ ଉପରେ ଅଧିକ ଧ୍ୟାନ ଦେଇଥାଆନ୍ତି ।

# ସମୟସୀମା

ତାତ୍ତ୍ୱିକ ଭାବେ, ଯଦିଓ କ୍ଷେତ୍ର ପରିଦର୍ଶନ ଓ ପାରସ୍ପରିକ ଶିକ୍ଷା ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟାର ଯେ କୌଣସି ସ୍ତରରେ ଆୟୋଜନ କରାଯାଇପାରିବ। ଏହା ଅଧିକ ଫଳପ୍ରଦ ହେବ ଯଦି ଏହା କ୍ରମ-୬ ପରେ ଯୁକ୍ତିଯୁକ୍ତ ଭାବେ ଆୟୋଜନ କରାଯାଇପାରିବ। ଯେତେବେଳେ ଦଳଗୁଡ଼ିକ ଜ୍ଞାନ ଓ ଅଭିଜ୍ଞତାରେ ପୂର୍ଣ୍ଣବିକାଶ ଲାଭ କରିଥିବେ, ସେତେବେଳେ ସେମାନେ ନିଜ ପୃଷ୍ଠଭୂମିରେ ଶିକ୍ଷଣୀୟ ବିଷୟକୁ କାର୍ଯ୍ୟରେ ଲଗାଇ ପାରିବେ। ପରିଦର୍ଶନ ଗୋଟିଏ କିମ୍ବା ଦୁଇଦିନ ପୃଷ୍ଠଭୂମି ଅନୁସାରେ ଆୟୋଜନ କରାଯାଇପାରିବ।

# ଅଗ୍ରସର ହେବା ପାଇଁ ଉପାୟ

- ଦଳ ସହିତ ଆଲୋଚ଼ନା କରନ୍ତୁ ଯେ କେଉଁ କେଉଁ ଦିଗ, ବିଷୟ ଓ ସମସ୍ୟାଗୁଡ଼ିକୁ ପାରସ୍ପରିକ ଶିକ୍ଷା ସମୟରେ ଅନୁସନ୍ଧାନ କରାଯିବ, ସେଗୁଡ଼ିକୁ ତାଲିକାଭୁକ୍ତ କରନ୍ତୁ।
- ପରିଦର୍ଶନ ପୂର୍ବରୁ ଦଳ ସହିତ ଯୋଜନା ବୈଠକ କରନ୍ତୁ ଏବଂ ପରିଦର୍ଶନର ଲକ୍ଷ୍ୟ, ପଦ୍ଧତି, ସମୟ ନିର୍ଘଣ୍ଟ ଏବଂ ଦଳର ସଦସ୍ୟମାନଙ୍କର ଭୂମିକାକୁ ସଜ୍ଜାୟିତ କରନ୍ତୁ। ଏହା ଗୁରୁତ୍ୱପୂର୍ଣ୍ଣ ଯେ ସମସ୍ତ ସଦସ୍ୟ ପରିଦର୍ଶନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାଞ୍ଜଳ ଭାବେ ଅବଗତ ଥିବେ।
- ପରିଦର୍ଶନ କାର୍ଯ୍ୟକ୍ରମ ପାଇଁ ଆର୍ଥିକ ସହାୟତା ଦେବା ନିମନ୍ତେ କିଛି ବ୍ୟକ୍ତିମାନଙ୍କୁ ପ୍ରୋତ୍ସାହିତ କରନ୍ତୁ ।
- ପରିଦର୍ଶନ ଏକ ଖେଳ ମାଧ୍ୟମରେ ଆରମ୍ଭ କରନ୍ତୁ, ଯେପରି ପରିଦର୍ଶନ ଦଳ ଓ ଘରୋଇ ଦଳ ମଧ୍ୟରେ
- ପରିଚ଼ୟ ହେବା ସହିତ ଏକ ସୁବିଧାଜନକ ସ୍ଥିତି ସୃଷ୍ଟି ହେବ।
- ସୁଗମକାରୀ ଅନୁଷ୍ଠାନର ସ୍ୱେଚ୍ଛାସେବୀ ଓ ଆନିମେଟରମାନେ କେବଳ ସହଜ କରିବା କାର୍ଯ୍ୟ କରିବେ ଏବଂ ଦୁଇଦଳ ମଧ୍ୟରେ ମୁକ୍ତ ଭାବର ଆଦାନପ୍ରଦାନ ପାଇଁ ଉତ୍ସାହ ପ୍ରଦାନ କରିବେ ।
- କ୍ଷେତ୍ର ପରିଦର୍ଶନ କେବଳ ସ୍ୱେଚ୍ଛାସେବୀ ସଂଗଠନର ପ୍ରଶାସନିକ କାର୍ଯ୍ୟାଳୟ ଓ କ୍ଷେତ୍ର କାର୍ଯ୍ୟାଳୟକୁ କରାଯିବ ନାହିଁ, ଗୋଷ୍ଠୀଙ୍କୁ ପରିଦର୍ଶନ କରିବା ବାଧ୍ୟତାମୂଳକ ଅଟେ ।
- ଉଭୟ ଦଳକୁ ଉତ୍ସାହିତ କରନ୍ତୁ, ସେମାନେ ପରସ୍ପରକୁ ପ୍ରଶ୍ନ ପଚ଼ରିବେ ଏବଂ ସନ୍ଦେହ ଦୂର କରିବେ । ପରିଦର୍ଶନ ଉଭୟ ଦଳକୁ ଉପକୃତ କରିବ ।
- ଉଭୟ ଦଳକୁ ଉତ୍ସାହିତ କରନ୍ତୁ କି ସେମାନେ ନୂଆ ଭାବନାର ପଦ୍ଧତି, କାର୍ଯ୍ୟକ୍ରମର ରଣକୌଶଳ ଓ ଶିକ୍ଷା ଉପରେ ଗୁରୁତ୍ୱ ଦେବେ ।
- ପରିଦର୍ଶନର ଶେଷରେ ଏକ ପ୍ରଶ୍ନୋତ୍ତର ବୈଠକ ଆୟୋଜନ କରାଯିବା ଉଚିତ । ଯେଉଁଠି ପରିଦର୍ଶନ କରିଥିବା ଦଳ ଘରୋଇଦଳକୁ ସେମାନଙ୍କର ଅନୁଭବ ଓ ଜ୍ଞାନ ଆହରଣ ବିଷୟରେ ଜଣାଇପାରିବେ ।
- ଅନ୍ୟ ଦଳକୁ ପରିଦର୍ଶନ ବା ନିଜ ଦଳକୁ ପରିଦର୍ଶନ କରିବା ପାଇଁ ସ୍ୱାଗତ ଏବଂ ଉତ୍ସାହ ପ୍ରଦାନ କରନ୍ତୁ।
- ପରିଦର୍ଶନ ଶେଷରେ ଦଳ ସହିତ ଆଲୋଚନା କରନ୍ତୁ । କେଉଁ ଶିକ୍ଷଣୀୟ ବିଷୟ ସେମାନେ ତାଙ୍କ ଅଞ୍ଚଳରେ କାର୍ଯ୍ୟକାରୀ କରିବାକୁ ଚ଼ାହାନ୍ତି, ଏହା ଉପରେ ଏକ କାର୍ଯ୍ୟପନ୍ଥା ସ୍ଥିର କରନ୍ତୁ ।




# ଉପକାରୀ ବିନ୍ଦୁ

- କ୍ଷେତ୍ର ପରିଦର୍ଶନରେ ଯାଉଥିବା ସଦସ୍ୟସାନେ ଯେଉଁ ଗୋଷ୍ଠୀକୁ ପରିଦର୍ଶନ କରିବେ, ସେମାନଙ୍କ ବିଷୟରେ ପ୍ରାଥମିକ ଜ୍ଞାନ ରଖିବା ଉଚିତ ଯଥା- ଗୋଷ୍ଠୀର ପ୍ରକୃତି, ପରିଚାଳନା ଏବଂ ସମସ୍ୟାଗୁଡ଼ିକ ବିଷୟରେ ଆଗରୁ ଅବଗତ ହେବା ଉଚିତ ।
- ବୟସ, ଲିଙ୍ଗ, ବୃତ୍ତି, ଧର୍ମ ଏବଂ ଜାତି ଆଧାରରେ ଛୋଟ ଓ ମିଶ୍ରିତ ଦଳ ଗଠନ କରି ପରିଦର୍ଶନ କରିବା ପାଇଁ ଉତ୍ସାହ ପ୍ରଦାନ କରନ୍ତୁ । ଏହା ଦ୍ୱାରା ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରାପ୍ତ ହେବ ।
- ପରିଦର୍ଶନର କାର୍ଯ୍ୟସୂଚୀ ଯୋଗଦାନଭିତ୍ତିକ ପ୍ରକ୍ରିୟାରେ ପ୍ରସ୍ତୁତ କରାଯିବା ଉଚିତ । ସମସ୍ତଙ୍କ ମତାମତ ନେବା ଜରୁରୀ ।
- ପରିଦର୍ଶନର ଯୋଜନା ଏପରି ସମୟରେ କରାଯିବା ଉଚିତ ଯେତେବେଳେ ଉଭୟ ଗୋଷ୍ଠୀର ସୁବିଧାଜନକ ସମୟ ରହିଥିବ ।
- ସମସ୍ତ ଗୋଷ୍ଠୀ ସଦସ୍ୟମାନଙ୍କ ମଧ୍ୟରେ ସ୍ୱଷ୍ଟତା ରହିବା ଉଚିତ ଯେ କ୍ଷେତ୍ର ପରିଦର୍ଶନ ସମୟରେ ସେମାନେ କେଉଁ ବିଷୟଗୁଡ଼ିକୁ ଦେଖିବେ ।
- ଗୋଷ୍ଠୀର ସଦସ୍ୟମାନଙ୍କର ଭିନ୍ନ ଭିନ୍ନ ସାମର୍ଥ୍ୟ ଓ ସମୟକୁ ମନରେ ରଖି କ୍ଷେତ୍ର ପରିଦର୍ଶନର ଲକ୍ଷ୍ୟ ସ୍ଥିର କରିବା ଉଚିତ ।
- ଏକ ଉତ୍ତମ ଯୋଜନା ପ୍ରସ୍ତୁତ କରାଯିବା ଉଚିତ ଯେପରି ସଦସ୍ୟମାନେ କ୍ଷେତ୍ର ପରିଦର୍ଶନରୁ ଯାହା ଦେଖିଲେ ସେଗୁଡ଼ିକୁ ଅନ୍ୟ ସଦସ୍ୟମାନଙ୍କ ସହିତ ଆଲୋଚନା କରିବେ ।
- ଗୋଷ୍ଠୀର ସଦସ୍ୟମାନେ ଯେପରି ପରିଦର୍ଶନ ଓ ବାର୍ତ୍ତାଳାପର ନେତୃତ୍ୱ ନେବେ ତାହା ସହଜ କରନ୍ତୁ ।

# ଉପକାରୀ ସତର୍କତା

- ସୁଗମକାରୀ ଅନୁଷ୍ଠାନର କର୍ମୀ ଓ କିଛି ନେତୃସ୍ଥାନୀୟ ବ୍ୟକ୍ତି ପ୍ରକ୍ରିୟା ଓ ଆଲୋଚନାକୁ ଏକଚାଟିଆ ଭାବେ ପ୍ରଭାବିତ କରିବା ଅନୁଚିତ ।
- ପରିଦର୍ଶନକୁ ସମ୍ପୂର୍ଣ୍ଣଭାବେ ଅଣସଂଗଠିତଭାବେ ଆୟୋଜନ କରିବା ଅନୁଚିତ, କାରଣ ଚିନ୍ତନ ଓ ଶିକ୍ଷା ଗ୍ରହଣ ଅଣଦେଖା ହେବାର ସମ୍ଭାବନା ରହିଛି ।
- ଦଳଗଠନ ଏକକ ହେବା ଅନୁଚିତ । ଦଳରେ ବିଭିନ୍ନ ଗୋଷ୍ଠୀର ପ୍ରତିନିଧିମାନଙ୍କୁ ସାମିଲ କରନ୍ତୁ, ଯେଉଁମାନେ ଶିକ୍ଷାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବେ ।
- ପୃଷ୍ଠଭୂମି ଅଲଗା ଥିଲେ ମଧ୍ୟ ଯେହେତୁ ଉଦ୍ଦେଶ୍ୟ ହେଉଛି ଶିକ୍ଷା ଗ୍ରହଣ କରିବା, ଏଣୁ ଦୁଇଗୋଷ୍ଠୀ ମଧ୍ୟରେ ତୁଳନା କରିବା ଅନୁଚିତ ।

# ସୂଚକ

1. XXX ସଂଖ୍ୟକ କ୍ଷେତ୍ର ପରିଦର୍ଶନ ଓ ପାରସ୍ପରିକ ଶିକ୍ଷା କାର୍ଯ୍ୟକ୍ରମ ସଂଘଠିତ ହୋଇଛି ।
2. XXX ନେତା ଓ XXX ସଦସ୍ୟ ପରିଦର୍ଶନରେ ଅଂଶଗ୍ରହଣ କରିଛନ୍ତି ।
3. XXX ଦଳ ଗୋଷ୍ଠୀ ଦ୍ୱାରା ସ୍ୱାଗତ କରାଯାଇଛି ।
4. XXX ସଦସ୍ୟଙ୍କୁ ପାରସ୍ପରିକ ପରିଦର୍ଶନର ଅଭିଜ୍ଞତା ଓ ଶିକ୍ଷା ବିଷୟରେ ଅବଗତ କରାଯାଇଛି ।

୫. -------------ପଦ୍ଧତି ଗୁଡ଼ିକ ଏବଂ ------------- ହସ୍ତକ୍ଷେପର ରଣକୌଶଳ ନୂତନ ଭାବେ ଶିକ୍ଷାଲାଭ କରାଯାଇଛି ।

6. XXX ଯୋଜନାକୁ ପାରସ୍ପରିକ ପରିଦର୍ଶନର ଶିକ୍ଷା ଦ୍ୱାରା ପରିବର୍ତ୍ତନ କରାଯାଇଛି ।
7. XXX ସଦସ୍ୟମାନେ ଅବିରତ ଭାବେ ଆତିଥ୍ୟ ଦେଉଥିବା ଅନୁଷ୍ଠାନର କର୍ମୀମାନଙ୍କ ସହିତ ବାର୍ତ୍ତାଳାପ କରୁଛନ୍ତି ।



# ମତାମତ ଫର୍ମ

| କ୍ର.ନଂ | ଦୃଷ୍ଟିକୋଣର ସମୀକ୍ଷା | କେଉଁ ବିଷୟଟି ଭଲ ଲାଗିଲା ? | ଆଉ କଣ କରିଥିଲେ ଭଲ ହୋଇଥାଆନ୍ତା |
|---|---|---|---|
| 1 | ପରିଦର୍ଶନ ପାଇଁ ବଛା ଯାଇଥିବା ଗୋଷ୍ଠୀ ଏବଂ ପ୍ରକଳ୍ପର ଅଞ୍ଚଳ | | |
| 2 | ପରିଦର୍ଶନ ପାଇଁ ଗଠନ କରାଯାଇଥିବା ଓ ମନୋନୟନ କରାଯାଇଥିବା ଦଳ | | |
| 3 | ପାରସ୍ପରିକ ପରିଦର୍ଶନର ପ୍ରସ୍ତୁତି କାର୍ଯ୍ୟ ଓ କାର୍ଯ୍ୟସୂଚୀ | | |
| 4 | ତାରିଖ ଓ ସମୟ | | |
| 5 | ପ୍ରକଳ୍ପ କାର୍ଯ୍ୟକାରିତା ନିମନ୍ତେ ବଛା ଯାଇଥିବା କାର୍ଯ୍ୟ ତାଲିକାର ପ୍ରଯୁଜ୍ୟତା | | |
| 6 | ଗୋଷ୍ଠୀର ସଦସ୍ୟମାନଙ୍କ ସହ ବାର୍ତ୍ତାଳାପ ପାଇଁ ଥିବା ସମୟର ପ୍ରଚୁରତା | | |
| 7 | ଉଭୟ ଗୋଷ୍ଠୀ ମଧ୍ୟରେ ହୋଇଥିବା ବାର୍ତ୍ତାଳାପର ସନ୍ତୋଷଜନକ ସ୍ତର | | |
| 8 | ସମସ୍ତ ଦୃଷ୍ଟିକୋଣକୁ ବ୍ୟାପ୍ତ କରିବା ପାଇଁ ସମୟର ପ୍ରଚୁରତା | | |
| 9 | ଅନୁଷ୍ଠାନର କର୍ମୀମାନଙ୍କର ସୁଗମକରଣ | | |
| 10 | ପ୍ରଶ୍ନୋତ୍ତର ବୈଠକର ଫଳପ୍ରଦତା | | |
| 11 | ବ୍ୟାପକ ଗୋଷ୍ଠୀ ସହିତ ପ୍ରାପ୍ତି ଶିକ୍ଷାର ଅଂଶଦାନ | | |
| 12 | ଭବିଷ୍ୟତ ଗୋଷ୍ଠୀ ବିକାଶ ଯୋଜନାକୁ ପ୍ରସାରିତ କରିବା ପାଇଁ ପ୍ରାପ୍ତି ଶିକ୍ଷାର କାର୍ଯ୍ୟଦକ୍ଷତା | | |

# ଅଂଶଦାନ ଓ ପ୍ରତିଫଳନ ପାଇଁ ପ୍ରଶ୍ନ

1. ଯୋଜନା, କାର୍ଯ୍ୟକରିତା ଓ ଶିକ୍ଷାଗ୍ରହଣ ଦୃଷ୍ଟିକୋଣରୁ କ୍ଷେତ୍ର ପରିଦର୍ଶନ ସମୟରେ କ'ଣ କ'ଣ ସାମର୍ଥ୍ୟ ଓ ଦୁର୍ବଳତା ରହିଥିଲା ?

2. ସଦସ୍ୟମାନେ ପରିଦର୍ଶନର ଉଦ୍ଦେଶ୍ୟକୁ ହୃଦୟଙ୍ଗମ କରି ପାରିଲେ କି ? ଯଦି ହଁ କେଉଁ ଦୃଷ୍ଟିକୋଣଗୁଡ଼ିକୁ ସହଜ କରାଯାଇଥିଲା ? ଯଦି ନା କେଉଁ ଅସୁବିଧାର ସମ୍ମୁଖିନ ହେବାକୁ ପଡ଼ିଥିଲା ?

3. ଗୋଷ୍ଠୀର ନେତାମାନେ ସଦସ୍ୟମାନଙ୍କୁ ପଥ ପ୍ରଦର୍ଶନ ଏବଂ ନେତୃତ୍ୱ ଦେଇ ପାରିଥିଲେ କି ?

4. ସଦସ୍ୟମାନେ ନୂଆ ଦଳର ସଭ୍ୟସଭ୍ୟାଙ୍କ ସହ ଓ ଅନୁଷ୍ଠାନର କର୍ମୀମାନଙ୍କ ସହ ବାର୍ତ୍ତାଳାପ କରିବା ସମୟରେ ଆତ୍ମବିଶ୍ୱାସ ଅନୁଭବ କରିଥିଲେ କି ?


5. ତାଲିମ୍ ତଥା ସାମର୍ଥ୍ୟ ବିକାଶ ଅଧିବେଶନଠାରୁ ପାରସ୍ପରିକ ପରିଦର୍ଶନର ଶିକ୍ଷା କିପରି ଭିନ୍ନ ଥିଲା ?

# ଶିଶୁ ସଂସଦରୁ ଶିକ୍ଷାଗ୍ରହଣ

ଚେତନାଳୟର ଶିଶୁମାନେ କ୍ଷେତ୍ର ପରିଦର୍ଶନର ଏକ ପ୍ରମୁଖ ହିତାଧିକାରୀ ଥିଲେ । ଶିଶୁ ସଂସଦକୁ ସହଜ କରିବା ପାଇଁ ଚେତାନାଳୟ ଶିଶୁମାନଙ୍କ ନିମନ୍ତେ ଏକ ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରିଥିଲା ସେଥିପାଇଁ ଶିଶୁମାନଙ୍କୁ ଅନ୍ୟ ଏକ ଅନୁଷ୍ଠାନକୁ ନିଆଯାଇଥିଲା । ଅନ୍ୟ ଅନୁଷ୍ଠାନରୁ ଶିକ୍ଷାଗ୍ରହଣ କରିସାରିବା ପରେ ଶିଶୁମାନେ ନିଷ୍ପତ୍ତି ନେଲେ ଯେ ସେମାନେ ମିଳିତଭାବେ କାର୍ଯ୍ୟ କରି ଗୋଷ୍ଠୀକୁ ସହୟତା କରିବେ । ପରିବର୍ତ୍ତନ ଆଣିବା ପାଇଁ ଶିଶୁମାନଙ୍କର ଶକ୍ତିକୁ ସେମାନେ ଅନୁଭବ କଲେ । ଏହା ସୀମାପୁରୀ ଅଞ୍ଚଳର ଶିଶୁମାନଙ୍କୁ ପ୍ରେରଣା ଯୋଗାଇଲା। ଫଳରେ ସେମାନେ ଭ୍ରାମ୍ୟମାଣ ଶିଶୁଉଦ୍ୟାନ ଫେରି ପାଇଲେ, ଏହା ଶ୍ରୀ ବିକାଶ, ଚେତନାଳୟର କ୍ଷେତ୍ର ପରିଚାଳକ କହିଛନ୍ତି ।

ଅଧ୍ୟାୟ 9

# ପ୍ରତିକ୍ରିୟା-ପ୍ରତିଫଳନ ପ୍ରକ୍ରିୟା ଓ ଏହାର ବ୍ୟବହାରକତା



# ପ୍ରତିକ୍ରିୟା-ପ୍ରତିଫଳନ ପ୍ରକ୍ରିୟା ଓ ଏହାର ବ୍ୟବହାରକତା

## ଆଭିମୁଖ୍ୟ

ଗୋଷ୍ଠୀ ଏକତ୍ରୀକରଣ ଆରମ୍ଭ ହୁଏ ଯେତେବେଳେ ଗୋଷ୍ଠୀଗୁଡ଼ିକ ଏକ ସାମୂହିକ କାରଣ ପାଇଁ ଏକତ୍ରିତ ହୁଅନ୍ତି, ଦଳ ଓ ସଂଗଠନ ରୂପରେ ସଂଖ୍ୟା ବଢ଼ିଚାଲେ, ନିଜର ନିର୍ଦ୍ଦିଷ୍ଟ ସମସ୍ୟା ଓ ଚିନ୍ତା ଦୂର କରିବା ପାଇଁ ଯୋଜନା ଓ କାର୍ଯ୍ୟକ୍ରମ କରନ୍ତି । ଏହି ପ୍ରକ୍ରିୟା ଗଭୀର ଓ ଦୃଢ ହୁଏ ଯେତେବେଳେ ଗୋଷ୍ଠୀଗୁଡ଼ିକ ନିଜର ଅଭିଜ୍ଞତାକୁ ପ୍ରତିଫଳନ କରି ଶିକ୍ଷା ଲାଭ କରନ୍ତି ଓ ଏହା ଉପରେ ଗୋଷ୍ଠୀଗତ ଜ୍ଞାନ ଗଠନ କରନ୍ତି । ବ୍ୟସ୍ତ ବହୁଳ ଦୈନନ୍ଦିନ ଜୀବନରେ ପ୍ରତିଫଳନର ସଂସ୍କୃତି ସୃଷ୍ଟି ହେବା ଦ୍ୱାରା ସଦସ୍ୟମାନଙ୍କ ମଧ୍ୟରେ ସମ୍ପର୍କ ବଳବତ୍ତର ରହିବା ସହିତ ଆଭ୍ୟନ୍ତରୀଣ ସମ୍ପର୍କ ଦୃଢୀଭୁତ ହୁଏ ଓ ପ୍ରତିଫଳନ ସମୟରେ ଗଭୀର ବାର୍ତ୍ତାଳାପ କରିବାରେ ସଦସ୍ୟମାନଙ୍କୁ ସାହାଯ୍ୟ କରେ ।

କ'ଣ ଘଟିଲା ବା କ'ଣ କରାଯାଇଥିଲା ଚର୍ଚ୍ଚାରୁ ଆଗକୁ ଯାଇ ପ୍ରତିକ୍ରିୟା-ପ୍ରତିଫଳନ ପ୍ରକ୍ରିୟା କିପରି ଓ କାହିଁକିକୁ ଅଧିକ  ଗରୁତ୍ୱ ପ୍ରଦାନ କରେ-ବ୍ୟକ୍ତି ବା ଦଳ କିପରି ଏହାକୁ ସମ୍ପାଦନ କରିପାରିଲେ ଏବଂ ସେମାନେ ଏହା କରିବାକୁ କାହିଁକି ନିଷ୍ପତ୍ତି ନେଲେ, ସେ ବିଷୟ ଉପରେ ଚର୍ଚ୍ଚା ହେବା ଉଚିତ । ଏହା ପ୍ରକ୍ରିୟା ଓ ଫଳାଫଳଠାରୁ ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ । ପ୍ରତିଫଳନ ପ୍ରକ୍ରିୟା, ଭାବନା, ଶରୀର ଓ ଅନ୍ତର୍ନିହିତ ଶକ୍ତିକୁ ଅନ୍ତର୍ଭୁକ୍ତ କରେ । ଏହା ମୂଲ୍ୟବୋଧ ଓ ବିଶ୍ୱାସକୁ ସମାଲୋଚନାତ୍ମକ ଭାବେ ପରଖିବାକୁ ସାହାଯ୍ୟ କରେ । ଏହା ବିଶ୍ରାମ, ଓ ଅନ୍ତର୍ନିହିତ କରିବା ଓ ଅଭିଜ୍ଞତାରୁ ଅର୍ଥ ବାହାର କରିବାର ଏକ ଉତ୍କୃଷ୍ଟ ସମୟ । ଏହି ପ୍ରତିକ୍ରିୟା-ପ୍ରତିଫଳନ ପ୍ରକ୍ରିୟା ଜ୍ଞାନ, ସମ୍ଭାବନା ଓ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଉଦ୍ରେକ କରେ ଯାହା ଯୋଜନା ଓ ଯୋଜନା ପ୍ରଣୟନ ସମୟରେ ଅଣଦେଖା କରାଯାଇଥାଏ । ବ୍ୟବହାରିକତା ଏକ



ଜ୍ଞାନ ବା ସିଦ୍ଧାନ୍ତ ଯାହା ପ୍ରତିଫଳନକାରୀର ଅଭିଜ୍ଞତା ଏବଂ ପ୍ରତିକ୍ରିୟାଭିତ୍ତିକ ଅନୁସନ୍ଧାନରୁ ଜାତ। ଏହା ଗୋଷ୍ଠୀର ସଦସ୍ୟମାନଙ୍କର ସାମାଜିକ କ୍ରିୟାରେ ଆଧ୍ୟାତ୍ମିକତାକୁ ଗଭୀର କରିବାରେ ସାହାଯ୍ୟ କରେ।

## ଉପଯୁକ୍ତ ସମୟ

ଏହା ଏକ ସାଧାରଣ ବିଷୟ ଏବଂ ଏହା ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟା ମଧ୍ୟରେ କାର୍ଯ୍ୟକାରୀ କରାଯିବା ଉଚିତ। ଏହା ଦଳ ପାଇଁ ଅତ୍ୟନ୍ତ ଭଲ ଯେ ପ୍ରତ୍ୟେକ କ୍ରମର ପରିସମାପ୍ତିରେ ଏକ ପ୍ରତିକ୍ରିୟା-ପ୍ରତିଫଳନ ପ୍ରକ୍ରିୟା କରାଯିବା ଉଚିତ। ଏହି ମାଧ୍ୟମରେ ଅନୁଭବ, ବିଚାର ଏବଂ ସମୋଧନ ପ୍ରକ୍ରିୟା ପରିପ୍ରେକ୍ଷୀରେ ଯୋଗଦାନକାରୀମାନଙ୍କ ମନରେ ସତେଜତା ଆଣିବ ଏବଂ ସ୍ମରଣ କରିବା ଓ ଜ୍ଞାନ ଗଠନ କରିବା ସମୟରେ ମଧ କିଛି ଭୁଲି ହୋଇଯିବନାହିଁ।

## ଅଗ୍ରସର ହେବା ପାଇଁ ଉପାୟ:

- ଦଳଗତ ଆଲୋଚନାକୁ ସହଜ କରି ସଠିକ୍ ନିଷ୍ପତ୍ତି ବା ପ୍ରତିକ୍ରିୟାକୁ ଚିହ୍ନଟ କରନ୍ତୁ ଯାହା ଉପରେ ଦଳ ପ୍ରତିଫଳନ କରିବାକୁ ଚାହେଁ।
- ମନେ ପକାଇବା ପାଇଁ ଏବଂ ପ୍ରତିଫଳନ କରିବା ପାଇଁ କେଉଁ ପଦ୍ଧତି ଦଳପାଇଁ ସୁବିଧାଜନକ, ତାହା ଉପରେ ନିଷ୍ପତ୍ତି ଗ୍ରହଣ କରିବା ପାଇଁ ଦଳକୁ ଉତ୍ସାହିତ କରନ୍ତୁ।
- ନିମ୍ନରେ ଉପସ୍ଥାପିତ ନମୁନାଗୁଡ଼ିକରୁ ଗୋଟିଏ ଯଥାର୍ଥ ନମୁନା ବାଛନ୍ତୁ ଯେଉଁଥିରେ ଅଂଶଗ୍ରହଣକାରୀମାନଙ୍କ ପାଇଁ ପ୍ରତିଫଳନ ଓ ପୃଷ୍ଠଭୂମି ସ୍ଥାପନ କରିବା ପାଇଁ ସହଜ ହେବ।
- ଅଂଶଗ୍ରହଣକାରୀଙ୍କ ଆଗ୍ରହାନୁଯାୟୀ ଚର୍ଚ୍ଚ, ଚିତ୍ର, କଳାତ୍ମକ ରଚନା ଓ ନାଟିକା ବ୍ୟବହାର କରି ଅନୁଭବ, ମାନସିକଭାବ ଓ ଭାବନାକୁ ସୃଜନଶୀଳ କଥା ମାଧ୍ୟମରେ ଦୃଢ଼ଭାବେ ପ୍ରକାଶ କରିବା ଆରମ୍ଭ କରନ୍ତୁ।

- ଅଂଶଗ୍ରହଣକାରୀଙ୍କୁ ସହଜ କରନ୍ତୁ ଯେପରି ସେମାନେ ନିଜ ଚିନ୍ତାଧାରାରୁ ଆଗକୁ ବଢ଼ି ସେମାନଙ୍କର ଆବେଗ ଓ ଭାବନାକୁ ଦୃଢ଼ ସ୍ୱରରେ ପ୍ରକାଶ କରିବେ । ଶରୀରର ଭାଷାକୁ ଲକ୍ଷ୍ୟ କରନ୍ତୁ ।
- ଗୋଟିଏ ଦୃଷ୍ଟିରୁ ପ୍ରଣାଳୀବଦ୍ଧ ପଦ୍ଧତି ଏହି କୌଶଳକୁ ବ୍ୟବହାର କରିଥାଏ । ଏହା ଏକ ଫଳପ୍ରଦ ପଦ୍ଧତି ଯାହା ପ୍ରତିକ୍ରିୟା-ପ୍ରତିଫଳନ ପ୍ରକ୍ରିୟା ଓ ଏହାର ବ୍ୟବହାରିକତା ମାଧ୍ୟମରେ ସଦସ୍ୟମାନେ ଗଭୀର ଭାବେ ନିଜର ଚିନ୍ତା ଓ ଭାବନାକୁ ଚାଲିଯିବେ ଏବଂ ଶିକ୍ଷାକୁ ଚିହ୍ନଟ କରିବେ ଏବଂ ଅଭିଜ୍ଞତାରୁ ଜ୍ଞାନ ସୃଷ୍ଟି କରିବେ ।
- ପିଆରଏ ଏବଂ ପିଏଲଏ ପଦ୍ଧତିରେ ଯେଉଁଥିରେ ଦଳଗୁଡ଼ିକ ସହଜ ଅନୁଭବ କରନ୍ତି, ତାହା ପ୍ରତିକ୍ରିୟା-ପ୍ରତିଫଳନ ପାଇଁ ବ୍ୟବହାର କରାଯାଇପାରିବ । ବିକଳ୍ପ ଭାବେ, ଦଳଗୁଡ଼ିକ ସେମାନଙ୍କର ନିଜସ୍ୱ ସୃଜନଶୀଳ ଭାବନା ମାଧ୍ୟମରେ ପାଇଥିବା ଜ୍ଞାନକୁ ଧାରଣ କରିପାରିବେ ।
- ଯଦି ଗୋଟିଏ ଘଟଣା ବା କାର୍ଯ୍ୟକୁ ବିବିଧ ଭାବରେ ବର୍ଣ୍ଣନା କରାଯାଏ, ଏହା ଭିନ୍ନ ଦୃଷ୍ଟିକୋଣଭିତ୍ତିକ ଜ୍ଞାନ ହାସଲ କରିବା ପାଇଁ ପଥ ସହଜ କରିଥାଏ ।
- ପ୍ରତିଫଳନ ଏଥିସହିତ ଶେଷ ହେବ ଯଦି ସଦସ୍ୟମାନେ ପ୍ରକ୍ରିୟାକୁ ପୁନରାବୃତ୍ତି କରିବାକୁ ଚାହିଁବେ । ସେମାନେ କ'ଣ କରିବେ ଓ ସେମାନେ କେଉଁ ବିଷୟ କରିବେ ଯଦି ତଦନୁରୂପ ଭାବେ ସେହି ପ୍ରକ୍ରିୟାକୁ କରିବାକୁ ଚାହିଁବେ ଏବଂ କେଉଁ ବିଷୟକୁ କରିବାକୁ ଚାହିଁବେ ଯଦି ସେମାନେ ସେହି ପ୍ରକ୍ରିୟାକୁ ଭିନ୍ନ ଭାବରେ କରିବାକୁ ଚାହାନ୍ତି ଏବଂ ସେମାନଙ୍କର ପସନ୍ଦର କାରଣ କ'ଣ ?

# ଉପକାରୀ ବିନ୍ଦୁ

- ପ୍ରତିଫଳନ ପ୍ରକ୍ରିୟାର ସଂସ୍କୃତି ନିର୍ମାଣ କରନ୍ତୁ ଯଦିଓ ଏହା ପ୍ରାଥମିକ ଭାବେ କଷ୍ଟକର ହୋଇପାରେ ।
- ପ୍ରତିଫଳନ ପ୍ରକ୍ରିୟା ଫଳପ୍ରଦ ହେବ ଯଦି ସୀମିତ ବିଷୟବସ୍ତୁକୁ ପ୍ରତିଫଳନ ପାଇଁ ଚୟନ କରାଯାଏ । ଏହା ଗଭୀରଭାବେ ପ୍ରତିଫଳନ କରିବା ପାଇଁ ସାହାଯ୍ୟ କରିବ ।
- ଗୁରୁତ୍ୱ ଦିଆଯିବା ଉଚିତ-ଘଟଣାଟି କିପରି ଘଟିଲା, ସେଗୁଡ଼ିକ କାହିଁକି ହେଲା ଏବଂ ସେହି ପ୍ରକ୍ରିୟା ସମୟରେ ଲୋକମାନେ କିପରି ଅନୁଭବ କଲେ । କେବଳ କୃତକାର୍ଯ୍ୟତାକୁ ତାଲିକାବଦ୍ଧ କରନ୍ତୁ ନାହିଁ ।
- ବେଳେବେଳେ ସଦସ୍ୟମାନେ ଅନ୍ୟତ୍ର ଚାଲିଯାଆନ୍ତି ଏବଂ ପ୍ରତ୍ୟେକ ଦିନର କାର୍ଯ୍ୟରୁ ଅନ୍ତର ହୁଅନ୍ତି, ଏଣୁ ସେମାନେ ଏହି ପ୍ରତିଫଳନ ପ୍ରକ୍ରିୟାରୁ ଉପକୃତ ହେବେ ।
- ବାର୍ଷିକ ପ୍ରତିଫଳନ ବୈଠକ ଦୁଇ ତିନି ଦିନ ହେଲେ ଏହା ସାହାଯ୍ୟ କରିବ ।
- ବେଳେବେଳେ ପ୍ରତିଫଳନ ପ୍ରକ୍ରିୟା କ୍ଷତ ଲାଘବ କରିବାରେ ସାହାଯ୍ୟ କରେ, ମତଭେଦ ଦୂର କରେ, ଜଣଙ୍କର ପରିସୀମାକୁ ଜ୍ଞାତ କରାଏ ଓ ଅନ୍ୟମାନଙ୍କର ଅବଦାନକୁ ସ୍ୱୀକୃତି ଦିଏ ।
- ଏହା ଗୋଷ୍ଠୀର ସଦସ୍ୟମାନଙ୍କୁ ବିଶ୍ୱାସ ଓ ସଂପର୍କର ସେତୁରେ ଗଭୀରଭାବେ ବାନ୍ଧି ରଖେ ।
- ଯେଉଁଠି ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟା ବିସ୍ତୃତ ଅଞ୍ଚଳରେ କାର୍ଯ୍ୟକାରୀ କରାଯିବ, ଛୋଟ ଅଞ୍ଚଳରେ କାର୍ଯ୍ୟକାରୀ ହୋଇଥିବା ଫଳପ୍ରଦ ପ୍ରକ୍ରିୟାକୁ ପଥପ୍ରଦର୍ଶକ ଭାବେ ସେଠାରେ ବ୍ୟବହାର କରାଯାଇ ପାରିବ ।

# ଉପକାରୀ ସତର୍କତା

- ପ୍ରତିଫଳନ ପ୍ରକ୍ରିୟା ପାଇଁ ବାଧ କରନ୍ତୁ ନାହିଁ। ଅଂଶଗ୍ରହଣକାରୀଙ୍କ ମଧ୍ୟରେ ସ୍ୱତଃପ୍ରବୃତ୍ତତା ଆଣିବା ପାଇଁ ପାଳନପୋଷଣ ଓ ସହଜ କରନ୍ତୁ ।
- ପ୍ରଥମେ, ଅଂଶଗ୍ରହଣକାରୀମାନେ ଆତ୍ମପ୍ରଶଂସା, ସଫଳତା, ଅନ୍ୟର ଦୋଷ ଧରିବା, ତର୍କ ଓ ବିତର୍କ ଓ ଲଢେଇ ଆରମ୍ଭ କରିଦିଅନ୍ତି । କିଛି ଲୋକ ନିଜ ଅନ୍ତରରୁ ପ୍ରକାଶ କରିବା ନିମନ୍ତେ କଷ୍ଟ ଅନୁଭବ କରନ୍ତି । ସେମାନଙ୍କୁ ସହଜ କରନ୍ତୁ।
- ପ୍ରତିକ୍ରିୟା-ପ୍ରତିଫଳନ ଏକ ଗଭୀର ବାର୍ତ୍ତାଳାପ ପ୍ରକ୍ରିୟା ଏବଂ ଏହାକୁ କେବଳ କିଛି କାର୍ଯ୍ୟ ସମାପ୍ତିର ତାଲିକା ପ୍ରସ୍ତୁତ କରିବା କିମ୍ବା ଦୋଷ ବାହାର କରିବା ପ୍ରୟୋଗରେ ସୀମିତ କରନ୍ତୁ ନାହିଁ । ଗଭୀର ବାର୍ତ୍ତାଳାପ, ସାମୂହିକ ଜ୍ଞାନ, ସୁକ୍ଷ୍ମ ପାର୍ଥ୍ୟକ୍ୟର ବର୍ଣ୍ଣନା, ଯାହା ପରିବର୍ତ୍ତନ ଆଡକୁ ପରିଚାଳିତ ହେବ ।
- ଭିନ୍ନ ମତକୁ ଚାପି ଦେବା ଉଚିତ ହେବନାହିଁ କିନ୍ତୁ ଭିନ୍ନ ମତର କାରଣ କ'ଣ ପ୍ରକାଶ କରିବାକୁ ଉତ୍ସାହିତ କରନ୍ତୁ ।

# ସୁଚକ

1. XXX ଗୋଷ୍ଠୀଭିତ୍ତିକ ସଂଗଠନ XXX ଥର ପ୍ରତିକ୍ରିୟା-ପ୍ରତିଫଳନ ଆୟୋଜନ କରିଛନ୍ତି।
2. XXX ଅଂଶଗ୍ରହଣକାରୀ ମୁକ୍ତଭାବେ ସେମାନଙ୍କ ଭାବନା ଓ ମନୋଭାବ ପ୍ରକାଶ କରିଛନ୍ତି ଏବଂ XXX ଅଂଶଗ୍ରହଣକାରୀ ଅନ୍ୟମାନଙ୍କୁ ମନୋଯୋଗ ପୂର୍ବକ ଶୁଣିଛନ୍ତି ।



3. XXX ଅଂଶଗ୍ରହଣକାରୀ ଅନ୍ୟମାନଙ୍କୁ ଶୁଣିବା ପରେ ନିଜର ମତ ବଦଳାଇଛନ୍ତି ।


4. XXX ସଅଂଶଗ୍ରହଣକାରୀ ବା ଦଳ ଅନୁଭବ କରିଛନ୍ତି କି ସେମାନେ ଶିକ୍ଷଣୀୟ ଫଳାଫଳକୁ ଅନାବୃତ କରିଛନ୍ତି ଯାହା ନିୟମିତ ବିବରଣୀ ଫର୍ମରେ ଧାରଣ କରାଯାଇନାହିଁ ।

5. XXX ଅଂଶଗ୍ରହଣକାରୀ ଅନୁଭବ କରିଛନ୍ତି କି ପ୍ରତିଫଳନ ପ୍ରକ୍ରିୟା ପାରସ୍ପରିକ ବନ୍ଧନକୁ ଦୃଢ଼ କରିଛି ।


6. XXX ଅଂଶଗ୍ରହଣକାରୀ ପ୍ରକାଶ କରିଛନ୍ତି କି ପ୍ରତିଫଳନ ଅଧିବେଶନ ସେମାନଙ୍କର ସାମର୍ଥ୍ୟ ଓ ଦୁର୍ବଳତାକୁ ଜ୍ଞାତ କରିବାରେ ସାହାଯ୍ୟ କରିଛି ।

7. XXX ଅଂଶଗ୍ରହଣକାରୀ ବା ଦଳ ପ୍ରକ୍ରିୟାରୁ ଶିକ୍ଷାଲାଭ କରିବା ପରେ ସେମାନଙ୍କ ଯୋଜନବଦ୍ଧ କାର୍ଯ୍ୟକ୍ରମକୁ ପରିବର୍ତ୍ତନ କରିଛନ୍ତି ।


## ପ୍ରତିକ୍ରିୟା-ପ୍ରତିଫଳନର ନମୁନା




## ନମୁନା-୨ ଗିବସ୍ ପ୍ରତିଫଳନାତ୍ମକ ଚକ୍ର (ଗିବସ୍ ଜି-୧୯୮୮)




## ନମୁନା-୩ ପ୍ରଣାଳୀବଦ୍ଧ ଉପକରଣ:



### ନମୁନା-୪ ଇଗ୍ନାସିଆନ ଗଭୀର ବାର୍ତ୍ତାଳାପ-ବ୍ୟକ୍ତିଗତ ଓ ସାମୁହିକ ବିଚାର ସୂକ୍ଷ୍ମ ବିଚାର





## ଅଂଶଦାନ ପ୍ରତିଫଳନ ପାଇଁ ପ୍ରଶ୍ନ

1. ଦଳର ପ୍ରତିକ୍ରିୟା-ପ୍ରତିଫଳନ ପ୍ରକ୍ରିୟାରେ ଅଭିଜ୍ଞତା କ'ଣ ?
2. ଦଳର ସଦସ୍ୟ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ ହୋଇଥିଲେ କି ? ଯଦି ହଁ କିପରି ଯଦି ନାହିଁ କାହିଁକି ?
3. ଅଂଶଗ୍ରହଣକାରୀମାନେ କ'ଣ କ'ଣ ଅସୁବିଧାର ସମ୍ମୁଖୀନ ହୋଇଥିଲେ ।
4. ପ୍ରତିଫଳନ ଶେଷରେ ସଦସ୍ୟମାନଙ୍କର ଶକ୍ତିର ସ୍ତର କ'ଣ ଥିଲା ।
5. ଏହି ପ୍ରକ୍ରିୟାରୁ ଅଂଶଗ୍ରହଣକାରୀମାନେ କ'ଣ ଶିଖିବାକୁ ପାଇଲେ ।

ଅଧ୍ୟାୟ 10

# ସହଯୋଗ, ସଂଯୁକ୍ତିକରଣ ଓ ପକ୍ଷ ସମର୍ଥନ



# ସହଯୋଗ, ସଂଯୁକ୍ତିକରଣ ଓ ପକ୍ଷ ସମର୍ଥନ

## ଆଭିମୁଖ୍ୟ

ସହଯୋଗ ଓ ସାମଜିକ ସମ୍ପର୍କ ପାଇଁ ପରସ୍ପର ଏକାଠି ହେବା ଓ ପକ୍ଷସମର୍ଥନ କାର୍ଯ୍ୟ ଗୋଷ୍ଠୀ ପରିଚାଳିତ ପ୍ରକ୍ରିୟାରେ ଗୁରୁତ୍ୱପୁର୍ଣ୍ଣ ମୂଲ୍ୟ ଯୋଗ କରିଥାଏ । ସର୍ବାଙ୍ଗୀନ ବିକାଶ ଏବଂ ଗୋଷ୍ଠୀଗୁଡ଼ିକର ହକ୍ ଓ ଅଧିକାର ହାସଲ କରିବାକୁ ହେଲେ ଏକାନ୍ତ ଭାବେ କେବଳ ଗୋଟିଏ ଅନୁଷ୍ଠାନ ଦ୍ୱାରା ସମ୍ଭବ ହେବ ନାହିଁ । ସହଯୋଗର ଅର୍ଥ ହେଲା ମିଳିତ ଭାବେ କାର୍ଯ୍ୟ କରିବା, ସୂଚନା ବିନିମୟ କରିବା, କାର୍ଯ୍ୟକ୍ରମଗୁଡିକୁ ସଂଯୋଜନା କରିବା, ମିଳିତ ଯୋଜନା ଓ ମିଳିତ ପଦକ୍ଷେପ ନେବା ଏବଂ ଏକ ସାମୂହିକ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବା । କେତେଗୁଡିଏ ଅନୁଷ୍ଠାନ ଓ ସଂଗଠନର ସାମାଜିକ ସମ୍ପର୍କରେ ସଂଯୁକ୍ତ ସଂଗଠନ ତିଆରି ହୁଏ ଯାହାର ସଦସ୍ୟମାନଙ୍କ ମଧରେ ବିବିଧ ତଥା ଦୃଢ଼ ସଂମ୍ପର୍କ ଓ ବିଶ୍ୱାସ ଥାଏ ଓ ସେମାନେ ଗୋଟିଏ ଲକ୍ଷ୍ୟ ନେଇ କାର୍ଯ୍ୟ କରନ୍ତି । ଏହା ଜୈବସମାଜ ପରି ପରସ୍ପର ନିର୍ଭରଶୀଳ ଯେଉଁଠି ବିଭିନ୍ନ କାର୍ଯ୍ୟକର୍ତ୍ତା ଏକତ୍ର କାର୍ଯ୍ୟ କରନ୍ତି । ପକ୍ଷସମର୍ଥନ ଏକ ଯୋଜନାବଦ୍ଧ ପଦକ୍ଷେପ ଯାହା ଅନୁଷ୍ଠାନର ନୀତି,ନିୟମ, ଗଠନ ଓ କାର୍ଯ୍ୟକ୍ରମ ପରିବର୍ତ୍ତନ ଦିଗରେ ପରିଚାଳିତ । ପକ୍ଷସମର୍ଥନ ପଦକ୍ଷେପ ତୃଣମୂଳ ସ୍ତରରୁ ଉଚ୍ଚ ସ୍ତରରେ ଆରମ୍ଭ କରାଯାଇପାରିବ। ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଜନ ପ୍ରତିନିଧିମାନଙ୍କୁ ବ୍ୟକ୍ତିଗତ ଓ ଅଣଆନୁଷ୍ଠାନିକ ବାର୍ତ୍ତାଳାପ ମାଧମରେ ପ୍ରବର୍ତ୍ତାଇବା ବା ପ୍ରଭାବିତ କରିବାକୁ – ଜନ ଓକିଲାତି ଓ ଲବି କୁହାଯାଏ ।

ଅଧିକାର ଭିତ୍ତିକ ବିକାଶ ପ୍ରକ୍ରିୟାର ପ୍ରଚଣ୍ଡତା ଓ ଜଟିଳତାକୁ ବିଚାର କରି, ଏହା ଜରୁରୀ ଆବଶ୍ୟକ ଯେ ଗୋଷ୍ଠୀର ସଦସ୍ୟମାନେ "ମୋ ରାସ୍ତା ହିଁ ରାଜରାସ୍ତା" ଧାରାରୁ ଦୂରେଇ ରହି ଅନ୍ୟ ସଂଗଠନ, ସମ୍ବାଦ ସରବରାହ ସଂସ୍ଥା, ବ୍ୟକ୍ତି, ସାମାଜିକକର୍ମୀ, ଶିକ୍ଷାବିତ୍ତମାନଙ୍କ ସହିତ ସହଯୋଗ କରି ଶିକ୍ଷାଲାଭ କରିବା ଉଚିତ। ପକ୍ଷସମର୍ଥନ ପଦକ୍ଷେପର ଫଳପ୍ରଦ କାର୍ଯ୍ୟକାରିତା ପାଇଁ ସଂଯୁକ୍ତ ସଂଗଠନଗୁଡ଼ିକ ସହିତ ମିଳିତ ହୋଇ ଏହା ଆୟୋଜନ କରିବା ଉଚିତ । କାର୍ଯ୍ୟକ୍ରମ ଦୃଷ୍ଟିକୋଣରୁ ସଂଗଠନଗୁଡ଼ିକ ମଧ୍ୟରେ ସାଧାରଣ ସର୍ବନିମ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବା ଉଚିତ ଏବଂ କ୍ରମାଗତ ଭାବରେ ତାହାର ସମୀକ୍ଷା କରିବା ଉଚିତ। ସହଯୋଗ ଓ ସଂଯୋଗୀକରଣ ବିଭିନ୍ନ କୌଶଳ, ବିଶେଷ ଜ୍ଞାନ ଓ ଅଭିଜ୍ଞତା ଏବଂ ବେଳେବେଳେ ଆବଶ୍ୟକ ସମ୍ବଳ ପ୍ରାପ୍ତ କରିବାରେ ସୁଯୋଗ ପ୍ରଦାନ କରେ ଏବଂ ଏହା ମଧ୍ୟ ଲୋକଶକ୍ତି ବୃଦ୍ଧି କରି ବୃହତ୍ତର ପଦକ୍ଷେପ ନେବାରେ ସୁଯୋଗ ପ୍ରଦାନ କରେ। ଜଟିଳ ବିଷୟ ବିଶେଷକରି ନୀତିଗତ କ୍ଷେତ୍ରରେ ସାମୂହିକ ସାମର୍ଥ୍ୟ ଓ ପଦକ୍ଷେପ ଆବଶ୍ୟକ ପଡେ। ଆଶା କରାଯାଉଥିବା ଫଳାଫଳ ହେଉଛି ବିଭିନ୍ନ ସଭା, ସଂଗଠନ, ଗୋଷ୍ଠୀ ଓ ସଂଯୁକ୍ତସଂଗଠନଗୁଡ଼ିକ ଯେଉଁ ଗୁଡ଼ିକର ସାମୂହିକ ସ୍ୱାର୍ଥ ବା ଲକ୍ଷ୍ୟ ରହିଛି ସେଗୁଡିକ ସହିତ କାର୍ଯ୍ୟ କରିବା ପାଇଁ ଏକ ସଂସ୍କୃତି ସୃଷ୍ଟି କରିବାକୁ ହେବ।

# ଉପଯୁକ୍ତ ସମୟ

ଏହି କ୍ରମ ପୂର୍ବାନୁମାନ କରେ ଯେ ଦଳ ଏବଂ ସଂଗଠନଗୁଡ଼ିକ ଏକ ଦୃଢ଼ କ୍ଷମତା କେନ୍ଦ୍ର ଭାବେ ନିଜର ପରିଚୟ ଓ କାର୍ଯ୍ୟସୂଚୀ ସହିତ ଉଭା ହେବେ। ଏହାର ଅନୁପସ୍ଥିତିରେ ଏହା ସମ୍ଭବ ହୋଇପାରେ ଯେ ଦଳର ସଭ୍ୟସଭ୍ୟାମାନଙ୍କୁ କିଛି ନ୍ୟସ୍ତସ୍ୱାର୍ଥ ଦଳଗୁଡ଼ିକ ବ୍ୟବହାର କରିପାରନ୍ତି । ଯେହେତୁ, ସହଯୋଗ ଓ ସଂଯୁକ୍ତ ସଂଗଠନ କାର୍ଯ୍ୟଧାରାକୁ ସଂଜ୍ଞାୟିତ କରେ, ଏହା ଅନ୍ୟ କ୍ରମଗୁଡିକରେ ମଧ୍ୟ ଏକ ଅଂଶ ହେବାକୁ ପଡ଼ିବ ବିଶେଷକରି ଯେତେବେଳେ ଗୋଷ୍ଠୀର ନେତୃମଣ୍ଡଳୀ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସହିତ କଥୋପକଥନ କରିବେ।

# ଅଗ୍ରସର ହେବା ପାଇଁ ଉପାୟ

- ସ୍ଥାନୀୟ ବ୍ଲକ୍, ଜିଲ୍ଲା ଓ ରାଜ୍ୟସ୍ତରର ସମଭାବାପନ୍ନ ସଂଗଠନ , ସଂଯୁକ୍ତ ସଂଗଠନ , ଆନ୍ଦୋଳନ, ବ୍ୟକ୍ତିସମୂହ, ସମାଜିକ କର୍ମୀ ଏବଂ ସମ୍ବାଦ ପତ୍ର ସଂସ୍ଥା (ସମ୍ଭାବ୍ୟ ସହଯୋଗୀ)ଗୁଡ଼ିକୁ ଚିହ୍ନଟ କରି ତାଲିକା ପ୍ରସ୍ତୁତ କରନ୍ତୁ ଯାହା ସହିତ ଦଳ ଓ ଗୋଷ୍ଠୀଭିତ୍ତିକ ସଂଗଠନଗୁଡ଼ିକ ସହଯୋଗଭିତ୍ତିରେ କାର୍ଯ୍ୟ କରିବେ, ପ୍ରତିଷ୍ଠିତ ପଦ୍ଧତିକୁ ଅଂଶଦାନ କରିବେ ଓ ସାମୂହିକ ପଦକ୍ଷେପ ନେବାରେ ନିୟୋଜିତ ହେବେ।
- ସମ୍ଭାବ୍ୟ ସହଯୋଗୀମାନଙ୍କ ଇମେଲ୍, ଫୋନ୍ ନମ୍ବର ସଂଗ୍ରହ କରି ଓ ସମ୍ମିଳନୀ , ବୈଠକ ଓ କର୍ମଶାଳାରେ ଭାଗ ନେଇ ସେମାନଙ୍କ ସହିତ ଯୋଗାଯୋଗ ସ୍ଥାପନ କରନ୍ତୁ ଏବଂ ନିଜର କାର୍ଯ୍ୟ ସମ୍ବନ୍ଧରେ ଜଣାଇବା ସହିତ ସେମାନଙ୍କ କଥା ଶୁଣନ୍ତୁ ।
- ବିଭିନ୍ନ ସାମୂହିକ କମିଟି ଏବଂ କାର୍ଯ୍ୟକାରୀ ଦଳଗୁଡ଼ିକରେ ସଭ୍ୟ ହେବା ପାଇଁ ଗୋଷ୍ଠୀର ନେତୃତ୍ୱ ନେଉଥିବା ସଦସ୍ୟମାନଙ୍କୁ ଉତ୍ସାହିତ କରନ୍ତୁ ।
- ସଦସ୍ୟମାନଙ୍କୁ ସାହାଯ୍ୟ କରନ୍ତୁ ଯେ ସେମାନେ ସମ୍ଭାବ୍ୟ ସମଭାବାପନ୍ନ ବନ୍ଧୁ ଓ ବନ୍ଧୁତ୍ୱପୂର୍ଣ୍ଣ ସଂଗଠନଗୁଡ଼ିକୁ ଚିହ୍ନଟ କରିବେ ଏବଂ ସେମାନଙ୍କ ସହିତ ଆଲୋଚନା କରିବା ସହିତ ସାମୂହିକ କାର୍ଯ୍ୟପନ୍ଥା ପ୍ରସ୍ତୁତ କରିବେ।



- ପକ୍ଷସମର୍ଥନ ପଦକ୍ଷେପରେ ଅନ୍ତର୍ଭୁକ୍ତ ହେଉଥିବା ଦଳଗୁଡ଼ିକୁ ଚିହ୍ନଟ କରନ୍ତୁ ଏବଂ ସେମାନଙ୍କ ସହିତ ଯୋଗ ଦେବାକୁ ସଦସ୍ୟମାନଙ୍କୁ ଉତ୍ସାହିତ କରନ୍ତୁ।
- ସଦସ୍ୟମାନଙ୍କୁ ସହଜ ଓ ପଥପ୍ରଦର୍ଶନ କରନ୍ତୁ ଯେ ସେମାନେ ବିଭିନ୍ନ ସଂଯୁକ୍ତ ସଂଗଠନ ଓ ଅନ୍ୟାନ୍ୟ ସଂଗଠନ ଦ୍ୱାରା ଆୟୋଜିତ ଗରିବ ସପକ୍ଷ ନୀତି ଅଭିଯାନରେ (ଜିଲ୍ଲା, ରାଜ୍ୟ, ଜାତୀୟସ୍ତରରେ ) ସାମିଲ ହେବେ । ଏହାଦ୍ୱାରା ସେମାନଙ୍କର କୌଶଳ ବଢ଼ିବା ସଙ୍ଗେସଙ୍ଗେ ସେମାନେ ସ୍ଥାନୀୟ ଅଞ୍ଚଳରେ ପକ୍ଷସମର୍ଥନର ପଦ କ୍ଷେପଗୁଡ଼ିକୁ ହାତକୁ ନେବେ ଏବଂ ନିଜର ଅଧିକାର ପାଇଁ ଦାବି ଉପସ୍ଥାପନ କରିବେ।
- ଗୋଷ୍ଠୀର ସଦସ୍ୟମାନଙ୍କୁ ଉତ୍ସାହିତ କରନ୍ତୁ ଯେ ସେମାନେ ବିଭିନ୍ନ କମିଟି ଯଥା- ସ୍କୁଲ୍ କମିଟି, ସ୍ୱାସ୍ଥ୍ୟ କମିଟି, ବିକାଶ କମିଟିର ସଭ୍ୟ ରହିବେ। ଏହାଦ୍ୱାରା ସେମାନଙ୍କୁ ଏକ ପରିସର ମିଳିବ ଯେଉଁଠି ସେମାନେ ନିଜର ମତ ବ୍ୟକ୍ତ କରିପାରିବେ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ।
- ଦଳ ଓ ଗୋଷ୍ଠୀଭିତ୍ତିକ ସଂଗଠନଗୁଡ଼ିକୁ ପଞ୍ଚାୟତରାଜ ଅନୁଷ୍ଠାନ ବିଷୟରେ ସୂଚନା ପ୍ରଦାନ କରନ୍ତୁ ଯେ ଏହା ସ୍ଥାନୀୟ ଶାସନ ବ୍ୟବସ୍ଥାର ଏକ ୟୁନିଟ୍ ଏବଂ ଲୋକଙ୍କର ଏଥିରେ ଅଂଶଗ୍ରହଣ କରିବା ଅଧିକାର ରହିଛି। ଗୋଷ୍ଠୀ ସଦସ୍ୟମାନଙ୍କୁ ବିଶେଷକରି ମହିଳା ସଦସ୍ୟାମାନଙ୍କୁ ଉତ୍ସାହିତ କରନ୍ତୁ, ଯେପରି ସେମାନେ ପଞ୍ଚାୟତ ନିର୍ବାଚନରେ ଭାଗ ନେବେ ।
- ସିବିଓରେ ନେତୃମଣ୍ଡଳୀମାନଙ୍କୁ ଲୋକହିତକାରୀ ସଂଗଠନ ଓ ସିଏସ୍ଆର୍ ବିଷୟରେ ସୂଚନା ପ୍ରଦାନ କରନ୍ତୁ। ପଞ୍ଜିକୃତ ସଂଗଠନ ଗଠନ କରି ସାମ୍ଭାବ୍ୟ ସହଯୋଗୀ/ ଭାଗିଦାରୀ ଅନୁଷ୍ଠାନଗୁଡ଼ିକ ସହ ଆନୁଷ୍ଠାନିକ ଭାବେ ଚୁକ୍ତି କରି ଲୋକଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବାକୁ ବାଟ ଦେଖାନ୍ତୁ ।
- ସରକାରଙ୍କ ଦ୍ୱାରା ପରିଚାଳିତ ସରକାରୀ ଯେଜନା ଓ ଜନକଲ୍ୟାଣ କାର୍ଯ୍ୟକ୍ରମକୁ ତଦାରଖ କରିବାକୁ ସଦସ୍ୟମାନଙ୍କୁ ପଥ ପଦର୍ଶନ କରନ୍ତୁ । କାର୍ଯ୍ୟକ୍ରମ ପରିଚାଳନାରେ ତ୍ରୁଟି ପରିଲିଖିତ ହେଲେ ଅଧିକାରୀମାନଙ୍କ ଠାରୁ ଉତ୍ତରଦାୟିତ୍ୱ ଦାବି କରନ୍ତୁ ।

# ଉପକାରୀ ବିନ୍ଦୁ

୧ ବୃହତ୍ତର ସଫଳତା ପାଇଁ ମିଳିତ ଭାବେ କାର୍ଯ୍ୟ କରିବା ସଂସ୍କୃତିର ଶିକ୍ଷାକୁ ଗୁରୁତ୍ୱପ୍ରଦାନ କରନ୍ତୁ।

୨ ସ୍ୱାର୍ଥର ଏକାଭିମୁଖୀତା ଏବଂ ଲୋକଶକ୍ତିର ବୃଦ୍ଧି ଅବିରତ ପରିବର୍ତ୍ତନ ପାଇଁ ଗୁରୁତ୍ୱପୂର୍ଣ୍ଣ ।

୩ ସହଯୋଗ, ସଂଯୋଗୀକରଣ ଓ ସାମାଜିକ ସମ୍ପର୍କର ସଂଯୋଗ କେବଳ ବିକାଶମୂଳକ କାର୍ଯ୍ୟ ପାଇଁ ସୁଯୋଗ ପ୍ରଦାନ କରେ ନାହିଁ ବରଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ସୁଯୋଗ ସୃଷ୍ଟି କରେ।

୪ ମିଳିତ ଭାବେ କାର୍ଯ୍ୟ କରିବା ଦ୍ୱାରା ଏହା ଦୋହରା କାର୍ଯ୍ୟକୁ ଦୂର କରେ, ସମ୍ବଳର କ୍ଷତିକୁ ହ୍ରାସ କରେ ଓ ପ୍ରତ୍ୟେକଙ୍କୁ ଭଲଭାବରେ ଏକାଠି କରେ ଓ ପାରସ୍ପରିକ ଶିକ୍ଷାକୁ ଗୁରୁତ୍ୱ ଦିଏ ।

୫ କିଛି ଅଞ୍ଚଳରେ ଅନେକ ସଂଗଠନ ବିଭିନ୍ନ ବିଷୟରେ କାର୍ଯ୍ୟ କରନ୍ତି, ଯଥା : ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ, ଅଧିକାର, ମାନବ ଚଲାଣ, ଘରୋଇ ଶ୍ରମିକ, ଶିଶୁ ଏବଂ ଯୁବକମାନଙ୍କ ପ୍ରସଙ୍ଗକୁ ନେଇ। ସଂଯୁକ୍ତ ସଂଗଠନର ସଦସ୍ୟମାନଙ୍କ ମଧ୍ୟରେ ସହଯୋଗଭିତ୍ତିକ ଧାରା ସର୍ବାଙ୍ଗୀନ ବିକାଶରେ ସାହାଯ୍ୟ କରିବ।

୬ ସଂଯୁକ୍ତ ସଂଗଠନ ନୀତି ଉପରେ ପକ୍ଷସମର୍ଥନ ପଦକ୍ଷେପ ନେବା ପାଇଁ ସୁଯୋଗ ସୃଷ୍ଟି କରେ ଓ ମୂଳ କାରଣକୁ ପ୍ରତିହତ କରେ।

# ଉପକାରୀ ସତର୍କତା

- 'ମୋ ପଥ ହିଁ ରାଜପଥ' ସଂସ୍କୃତିକୁ ଏବଂ ଅନ୍ୟ ସହିତ ଯୋଡ଼ି ହେବାକୁ କୁଣ୍ଠାବୋଧ କରିବା ମାନସିକତାକୁ ନିରୁତ୍ସାହିତ କରନ୍ତୁ।
- ସଂଗଠନଗୁଡ଼ିକ ଯେହେତୁ ଅନେକ ସ୍ୱାର୍ଥ/ଉଦ୍ଦେଶ୍ୟ ନେଇ ମିଳିତ ଭାବେ କାର୍ଯ୍ୟ କରନ୍ତି। ସହଯୋଗୀତାମୂଳକ ପଦକ୍ଷେପ ଓ ସଂଯୁକ୍ତୀକରଣ ରଣକୌଶଳ ଆପଣେଇବା ସମୟସାପେକ୍ଷ।
- କୌଣସି ସ୍ଥିତିରେ କିଛି ଦଳଗୁଡ଼ିକୁ ସେମାନଙ୍କର ଯୋଜନାକୁ ସାଲିସ୍ କରିବାକୁ ପଡ଼ିପାରେ ଯେହେତୁ ସେମାନଙ୍କୁ ସାମୂହିକ ରଣକୌଶଳ ଓ କାର୍ଯ୍ୟପନ୍ଥାରେ ପହଁଞ୍ଚିବାକୁ ହେବ।
- ବିଭିନ୍ନ ସଂଗଠନଗୁଡ଼ିକ ମଧ୍ୟରେ ପ୍ରତିଯୋଗୀତା ପ୍ରକ୍ରିୟା ପାଇଁ ବାଧକ ସାଜିପାରେ ।
- କିଛି ଅଂଶଗ୍ରହଣକାରୀ ଏହି ପ୍ରକ୍ରିୟାରୁ ଫାଇଦା ନେବାକୁ ଚେଷ୍ଟା କରିପାରନ୍ତି ।
- ସଂଗଠନ ଓ ଗୋଷ୍ଠୀର ସଦସ୍ୟମାନଙ୍କ ମଧ୍ୟରେ ସଂଗଠନଗୁଡ଼ିକର କାର୍ଯ୍ୟନିର୍ବାହୀ ଅଟନ୍ତି ଓ ସଦସ୍ୟମାନେ ଅଧିକାରଧାରକ ଅଟନ୍ତି। ଲୋକମାନେ ସେମାନଙ୍କ ସହିତ ଉତ୍ତମ ସହଯୋଗ କରିବା ପାଇଁ ପ୍ରସ୍ତୁତ ରହିବା ଉଚିତ। ବେଳେବେଳେ ସେମାନେ ସୁଗମକାରୀ ଅନୁଷ୍ଠାନକୁ ଆହ୍ୱାନ ଦେବା ଆବଶ୍ୟକ।

# ସୂଚକ

୧ ଗୋଷ୍ଠୀଭିତ୍ତିକ ସଂଗଠନ ××× ସାମ୍ପ୍ରାବ୍ୟ ବନ୍ଧୁ ଓ ××× ସମଭାବାପନ୍ନ ସଂଗଠନଗୁଡ଼ିକୁ ଚିହ୍ନଟ କରିଛନ୍ତି ଯେଉଁମାନେ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ କାର୍ଯ୍ୟ କରନ୍ତି ।

୨ ××× ଗୋଷ୍ଠୀଭିତ୍ତିକ ସଂଗଠନ ନିଜର ତଥ୍ୟ ସମ୍ବଳିତ ପୁସ୍ତିକା ପ୍ରସ୍ତୁତ କରିଛନ୍ତି ଯେଉଁଥିରେ ସଂଗଠନର ସଂକ୍ଷିପ୍ତ ପରିଚୟ, କାର୍ଯ୍ୟ ଓ ପରିବର୍ତ୍ତନର ବିବରଣୀ ଉଲ୍ଲେଖ ଅଛି ।

୩ ××× ସିବିଓର ନେତୃବର୍ଗ ଏବଂ ସଦସ୍ୟ ××× ଜିଲ୍ଲା ××× ରାଜ୍ୟ ××× ଜାତୀୟ ସ୍ତରର କାର୍ଯ୍ୟକ୍ରମ ଓ ଅଭିଯାନରେ ଯୋଗ ଦେଇଥିଲେ ଯାହା ସଂଯୁକ୍ତ ଅନୁଷ୍ଠାନ ଦ୍ୱାରା ଆୟୋଜନ କରାଯାଇଥିଲା ।

୪ ଗୋଷ୍ଠୀଭିତ୍ତିକ ସଂଗଠନର ନେତା ଏବଂ ସମଭାବାପନ୍ନ ଅନୁଷ୍ଠାନ ମଧ୍ୟରେ × ×× ବୈଠକ ଅନୁଷ୍ଠିତ ହୋଇଛି ଏବଂ ........................ ବିଷୟଗୁଡ଼ିକ ଆଲୋଚନା ହୋଇଛି ।

୫ ××× ତୃଣମୂଳସ୍ତରୀୟ ପକ୍ଷସମର୍ଥନଭିତ୍ତିକ ପଦକ୍ଷେପ ଗ୍ରହଣ କରାଯାଇଛି ।

୬ ××× ସଦସ୍ୟ ବିଭିନ୍ନ କମିଟିର ସଦସ୍ୟ ହୋଇଛନ୍ତି ଯଥା :- ସ୍କୁଲ୍ କମିଟି, ସ୍ୱାସ୍ଥ୍ୟ କମିଟି ଏବଂ ବିକାଶ କମିଟି ।

୭ ××× ଦଳୀୟ ନେତା ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିଥିବା ବେଳେ ××× ସଂଖ୍ୟକ ନେତା ନିର୍ବାଚିତ ହୋଇଛନ୍ତି ।

୮ ××× ଲୋକହିତକାରୀ ଅନୁଷ୍ଠାନ ଓ ସିଏସ୍ଆର୍ ସହିତ ଯୋଗଯୋଗ କରାଯାଇଛି ଏବଂ ସିବିଓର ସଂକ୍ଷିପ୍ତ ପରିଚୟ ବିଷୟରେ ଆଲୋଚନା କରାଯାଇଛି ।

## ସହଯୋଗ ପ୍ରଦାନ କରୁଥିବା ଅଂଶୀଦାରମାନଙ୍କ ମାନଚିତ୍ର

| ସହଯୋଗୀ ଅଂଶୀଦାରଙ୍କ ମାନଚିତ୍ର | | | | | | |
|---|---|---|---|---|---|---|
| | ବ୍ୟକ୍ତିସମୂହ | | ସଂଗଠନ /ଆନ୍ଦୋଳନ | | ଆନୁଷ୍ଠାନିକ ସହାୟତା | |
| ଗୋଷ୍ଠୀ ଭିତ୍ତିକ ସଂଗଠନର ନାମ | ନାମ ଓ ଯୋଗଯୋଗ | ସାମ୍ପ୍ରାବ୍ୟ ବିଷୟ/ ସମସ୍ୟା | ନାମ ଓ ଯୋଗାଯୋଗ | ସାମ୍ପ୍ରାବ୍ୟ ବିଷୟ/ ସମସ୍ୟା | ନାମ ଓ ଯୋଗାଯୋଗ | ସାମ୍ପ୍ରାବ୍ୟ ବିଷୟ ସମସ୍ୟା |
| ସିବିଓ-୧ | | | | | | |
| ସିବିଓ-୨ | | | | | | |
| ସିବିଓ-୩ | | | | | | |
| ସିବିଓ-୪ | | | | | | |
| ସିବିଓ-୫ | | | | | | |

## ସମ୍ବଳ ଅଂଶୀଦାରଙ୍କ ମାନଚିତ୍ର

| ସମ୍ବଳର ଅଂଶୀଦାର | | | | | | |
|---|---|---|---|---|---|---|
| | ବ୍ୟକ୍ତିସମୂହ | | ସିଏସ୍ ଆର୍/ ସରକାରୀ ସମ୍ବଳ | | ଆନୁଷ୍ଠାନିକ ସହାୟତା | |
| ସିବିଓର ନାମ | ନାମ ଓ ଯୋଗାଯୋଗର ସବିଶେଷ ତଥ୍ୟ | ଆଗ୍ରହାନ୍ୱିତ ବିଷୟ: ମାନବ ସମ୍ବଳ ଆର୍ଥିକ ସହାୟତା | ନାମ ଓ ଯୋଗାଯୋଗ ତଥ୍ୟ | ଆଗ୍ରହାନ୍ୱିତ ବିଷୟ: ମାନବ ସମ୍ବଳ ବା ଆର୍ଥିକ ସହାୟତା | ନାମ ଏବଂ ଯୋଗାଯୋଗର ସବିଶେଷ ତଥ୍ୟ | ଆଗ୍ରହାନ୍ୱିତ ବିଷୟ- ମାନବ ସମ୍ବଳ / ଆର୍ଥିକ ସହାୟତା |
| ସିବିଓ-୧ | | | | | | |
| ସିବିଓ-୨ | | | | | | |
| ସିବିଓ-୩ | | | | | | |
| ସିବିଓ-୪ | | | | | | |
| ସିବିଓ-୫ | | | | | | |



# ଅଂଶଦାନ ଓ ପ୍ରତିଫଳନ ପାଇଁ ପ୍ରଶ୍ନ

୧ ସହଯୋଗ, ସଂଯୁକ୍ତ ଅନୁଷ୍ଠାନ ଓ ପକ୍ଷସମର୍ଥନ ପ୍ରାରମ୍ଭିକ ପ୍ରରିପ୍ରେକ୍ଷୀରେ ଦଳ ଓ ସିବିଓର ଅଭିଜ୍ଞତା କ'ଣ ? ସେମାନଙ୍କର ସାମର୍ଥ୍ୟ, ଶିକ୍ଷଣୀୟ ବିଷୟ ଓ ଅସୁବିଧାଗୁଡ଼ିକ କ'ଣ ?

୨ କିପରି ସିବିଓ ନେତୃବର୍ଗ ଅନ୍ୟମାନଙ୍କ ସହିତ କାର୍ଯ୍ୟ କରିବାର ସଂସ୍କୃତି ସହିତ ଆଗକୁ ବଢ଼ିଛନ୍ତି । ସେମାନଙ୍କର ସନ୍ତୋଷଜନକ ଓ ଅସନ୍ତୋଷଜନକ ଦିଗ ଗୁଡ଼ିକ କ'ଣ ?

୩ କେଉଁ ଉପାୟରେ ସହଯୋଗ ଓ ସଂଯୁକ୍ତସଂଗଠନର ପ୍ରଚେଷ୍ଟା ଅଧିକାରଭିତ୍ତିକ ବିକାଶ ପ୍ରକ୍ରିୟାକୁ ମୂଲ୍ୟଯୁକ୍ତ କରିଛି ।

୪ କେଉଁ ବିଷୟ ସିବିଓକୁ ସହଯୋଗୀତାମୂଳକ ପଦକ୍ଷେପ ନେବାରେ ସାହାଯ୍ୟ କରିଛି ଓ କିପରି ?

# ଶାସନକଳରେ ସାମିଲ୍ ହୁଅନ୍ତୁ ଓ ନିଜର ସ୍ୱର ଉତ୍‌ଥାପନ କରନ୍ତୁ ।

କ୍ଷେତ୍ରାଞ୍ଚଳ ଓ ଜିଲ୍ଲାସ୍ତରରେ ସହଯୋଗ ଏବଂ ଅନ୍ୟ ସଂଗଠନଗୁଡ଼ିକ ସହିତ ସଂଯୁକ୍ତ ହୋଇ କାର୍ଯ୍ୟ କରିବା କଥା ସୁଗମକାରୀ ଅନୁଷ୍ଠାନ ଦ୍ୱାରା ଦେଖିବାକୁ ମିଳିଛି । ତେବେ, ସୁଗମକାରୀ ଅନୁଷ୍ଠାନର କର୍ମଚାରୀମାନେ ଗୋଷ୍ଠୀର ସଦସ୍ୟ/ ନେତୃତ୍ୱବର୍ଗଙ୍କଠାରୁ ମୁଖ୍ୟ ଭୂମିକା ନେଇଥିଲେ । ଗୋଟିଏ ସଫଳତା ଦେଖିବାକୁ ମିଳିଥିଲା ତାହା ହେଲା ଗୋଷ୍ଠୀଗୁଡ଼ିକ ଏବଂ ଦଳଗୁଡ଼ିକ ନିୟମିତଭାବେ ସ୍ଥାନୀୟ କମିଟି ବୈଠକରେ ଯୋଗ ଦେଉଥିଲେ । କିଛି ଲୋକ ସ୍କୁଲ୍ ପରିଚାଳନା କମିଟି, ଗ୍ରାମ ପରିଚାଳନା କମିଟି ଓ ସ୍ୱାସ୍ଥ୍ୟ କମିଟିରେ ସଦସ୍ୟ ହୋଇପାରିଥିଲେ । ଏହି ବୈଠକଗୁଡ଼ିକ ଗୋଷ୍ଠୀର ଅସୁବିଧାଗୁଡ଼ିକୁ ବୈଠକରେ ଉପସ୍ଥାପନା କରିବା ପାଇଁ ସୁଯୋଗ ଦେଇଥିଲେ । ଏହିପରି ଗଠନମୂଳକ ସମ୍ପର୍କ ଫଳପ୍ରଦଭାବେ ସାଧାରଣ ଅନୁଷ୍ଠାନଗୁଡ଼ିକୁ ପରିଚାଳିତ ହେବାରେ ସହାୟକ ହୋଇଛି ।

ଅଧ୍ୟାୟ 11

# ସ୍ୱେଚ୍ଛାକୃତ ସେବା, ଦାନ ଓ ଅଂଶଦାନ



# ସ୍ୱେଚ୍ଛାକୃତ ସେବା, ଦାନ ଓ ଅଂଶଦାନ

## ଆଭିମୁଖ୍ୟ

ଗୋଷ୍ଠୀ ଏକତ୍ରୀକରଣର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ସ୍ୱେଚ୍ଛାକୃତ କାର୍ଯ୍ୟ ଓ ସଦସ୍ୟମାନଙ୍କ ମଧ୍ୟରେ ଦାନ ଦେବା ଓ ଅଂଶଦାନ କରିବା ଭାବନାକୁ ବଢ଼ାଇବା। ସ୍ୱେଚ୍ଛାକୃତ କାର୍ଯ୍ୟ ହେଉଛି ଗୋଷ୍ଠୀ ତଥା ସମାଜର କଲ୍ୟାଣ ପ୍ରତି ସମୟ ଓ ସାମର୍ଥ୍ୟର ପ୍ରତିଶ୍ରୁତି । କିଛି ଆଶା ନକରି ବା ଲାଭର ଉଦ୍ଦେଶ୍ୟ ନରଖି ଏହି କାର୍ଯ୍ୟକୁ ମୁକ୍ତ ଓ ନିଜ ପସନ୍ଦ ଅନୁସାରେ ସମ୍ପାଦନ କରାଯାଏ । ଏକ ମୁକ୍ତ ଓ ସମାନତାପୂର୍ଣ୍ଣ ଗଣତାନ୍ତ୍ରିକ ସମାଜରେ ଏହା ଏକ ଆବଶ୍ୟକୀୟ କାର୍ଯ୍ୟ। ସ୍ୱେଚ୍ଛାକୃତ ସେବାକୁ କରିବା ପାଇଁ ସଦସ୍ୟମାନଙ୍କୁ ପ୍ରେରଣା ଯୋଗାଇବା, ଯେପରି ସେମାନେ ସ୍ୱାଧୀନଭାବେ ନିଜର ସମୟ, କୌଶଳ ଓ ସାମର୍ଥ୍ୟ ଅନୁସାରେ ସ୍ୱାଧୀନ ଭାବେ ଗରିବମାନଙ୍କୁ ସେବା ପ୍ରଦା ନ କରିବେ ।

ମଣିଷ ହିସାବରେ ଆମେ ଏକତ୍ର ଭାବନା ଆବଶ୍ୟକ କରୁ। ଏହି ଏକତ୍ର ଭାବନା ଆମକୁ ସର୍ବଦା ମିଳିମିଶି ହୋଇ ରହିବା, ପରସ୍ପର ନିର୍ଭରଶୀଳ ହେବା, ଏବଂ ସମ୍ପର୍କର ଡ଼ୋରିରେ ବାନ୍ଧି ହୋଇ ରହିବା ପାଇଁ ପ୍ରେରଣା ଯୋଗାଇ ଥାଏ। ଭାଗୀଦାରିତା କେବଳ ଏକ କ୍ରିୟା ନୁହେଁ, ଏହା ଏକ ଜୀବନ ବଞ୍ଚିବାର ପଥ ବା ସଂସ୍କୃତି, ଯାହା ଏକ ଅସାଧାରଣ ବାସ୍ତବତା । ବିପର୍ଯ୍ୟୟ ତଥା ଦୁଃଖଦ ସମୟରେ ଅନେକେ ସାହାଯ୍ୟର ହାତ ବଢ଼ାନ୍ତି । ମନୋଭାବର ଆଦାନ ପ୍ରଦାନ କରନ୍ତି। ଗୋଷ୍ଠୀଗତ ଦାନଶୀଳ ଭାବନା ବର୍ତ୍ତମାନ ମଧ ଆଦିବାସୀ ସମାଜରେ ବଞ୍ଚିରହିଛି ।

ଉପଭୋକ୍ତାଭିତ୍ତିକ ଅଧିକାର ଏହି ସଂସ୍କୃତିକୁ କ୍ଷତି ପହଁଞ୍ଚାଇଛି। ଗରିବଙ୍କ ଯତ୍ନ ନେବା ମାନବତାର ଏକ ପବିତ୍ର ଆଭିମୁଖ୍ୟ। ଯେଉଁମାନେ ମନୁଷ୍ୟଜାତି ବିଷୟରେ ଚିନ୍ତା ପ୍ରକଟ କରନ୍ତି, ସେମାନଙ୍କ ମଧ୍ୟରେ କରୁଣା ଓ ସହାନୁଭୂତିର ମନୋଭାବ ସୃଷ୍ଟି ହୁଏ ଏବଂ ନିଜର ସ୍ୱଳ୍ପ ସମ୍ବଳରୁ ମଧ ସେମାନେ ଅଂଶଦାନ କରିବାକୁ ଆଗେଇ ଆସନ୍ତି। ଗୋଟିଏ



ଗୋଷ୍ଠୀ ଯଥାର୍ଥଭାବେ ସ୍ୱାସ୍ଥ୍ୟକର ହେବ ଯେତେବେଳେ ପ୍ରତ୍ୟେକ ବ୍ୟକ୍ତି  ଅନୁଭବ କରିବେ କି ସେମାନଙ୍କୁ ସମ୍ମାନ ଓ ମର୍ଯ୍ୟାଦାର ସହ ବିଚାର କରାଯାଉଛି । ଏହା ସାମୂହିକ କଲ୍ୟାଣ, ଏକତା ଓ ଭାତୃତ୍ୱର ସିଦ୍ଧାନ୍ତ ଉପରେ ପର୍ଯ୍ୟବେଶିତ ।

ଏକ ଅଂଶଦାନକାରୀ ଗୋଷ୍ଠୀ ପରିପକ୍ୱତା ଓ ସଂମୃଦ୍ଧିର ଚିହ୍ନ। ଦାନଦେବା ଓ ଅଂଶଦାନ କରିବା କେବଳ ଅର୍ଥନୈତିକ ବିଷୟରେ ସୀମିତ ନୁହେଁ । ଏହା ମଧ ହୋଇପାରେ, ସୂଚନା, କୌଶଳ, ଜ୍ଞାନ, ମେଧାର ଅଂଶଦାନ, ଶ୍ରମ ଓ ସେବା ମାଧମରେ ଅନୁଦାନ ଦେବାକୁ ଇଛା ପ୍ରକଟ କରିବା ବା ସରଳ ଅର୍ଥରେ ସମୟ ଦେବା । ଗୋଷ୍ଠୀର ସଦସ୍ୟମାନେ ଗରିବ ହୋଇଥିବା ସତ୍ତ୍ୱେ ଏବଂ ସେମାନଙ୍କର ସର୍ବନିମ୍ନ ସମ୍ବଳ ଥିବା ସତ୍ତ୍ୱେ, ସେମାନଙ୍କ ପାଖରେ ଅଂଶଦାନ କରିବାକୁ ବହୁତ କିଛି ରହିଛି। ଦଳ ତଥା ଗୋଷ୍ଠୀଭିତ୍ତିକ ସଂଗଠନ ବିଭିନ୍ନ ଲୋକହିତକାରୀ ସଂଗଠନ ଓ ସିଏସ୍ଆର୍ ପାଣ୍ଠି ଯୋଗାଡ଼ କରି ଗରିବଙ୍କୁ ସହାୟତା ଦେଇପାରିବେ । ମାଗିବା ବା ଅନ୍ୟଠାରୁ ଭିକ୍ଷା ମାଗି ଗରିବଙ୍କୁ ସହାୟତା ଦେବା ମଧ ଅନ୍ୟ ଏକ ପ୍ରକାରର ଅଂଶଦାନ।

## ଉପଯୁକ୍ତ ସମୟ

ଏଥିପାଇଁ ବିଶେଷ ସମୟସୀମା ନଥାଏ। ଯେହେତୁ ଏହା ସାଂସ୍କୃତିକ ଆଚାର ବ୍ୟବହାରର ଅଂଶବିଶେଷ। ଏହା ପ୍ରଥମରୁ ହିଁ ଛୋଟ ଆକାରରେ ଆରମ୍ଭ କରାଯାଇପାରିବ।

## ଅଗ୍ରସର ହେବା ପାଇଁ ଉପାୟ

- ସ୍ୱେଚ୍ଛାକୃତ କାର୍ଯ୍ୟ, ଦାନ ଓ ଅଂଶଦାନର ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଗୋଷ୍ଠୀର ସଦସ୍ୟମାନଙ୍କୁ ପ୍ରେରଣାଦାୟକ କାହାଣୀ, ଘଟଣା, ଦାନଶୀଳ ବ୍ୟକ୍ତିଙ୍କର ଅଭିଜ୍ଞତା ମାଧମରେ ପ୍ରେରଣା ଦିଅନ୍ତୁ।
- ମଣିଷ ଜୀବନ, ମଣିଷର ମର୍ଯ୍ୟାଦା, ସମାନତା, ସମାନୁପାତିକତା, ସାମାଜିକ ନ୍ୟାୟ, ଭାତୃତ୍ୱ, ସାମୂହିକ

କଲ୍ୟାଣ, ଦୁର୍ବଳଙ୍କ ସହିତ ଠିଆ ହେବା, ସୃଷ୍ଟିର ସୁରକ୍ଷା କରିବା ଏବଂ ଯୋଗଦାନକୁ ପସନ୍ଦ କରିବା ଓ ସମ୍ମାନ ଦେବା ପାଇଁ ଗୋଷ୍ଠୀର ସଦସ୍ୟମାନଙ୍କୁ ତାଲିମ୍ ପ୍ରଦାନ କରନ୍ତୁ।

- ଆବଶ୍ୟକତା ଥିବା ସଦସ୍ୟମାନଙ୍କୁ ମୁକ୍ତ ସେବା ପ୍ରଦାନ କରିବା ପାଇଁ ଯୁବକ, ଶିଶୁ, ମହିଳା ଓ ପୁରୁଷମାନଙ୍କୁ ପ୍ରେରଣା ଦିଅନ୍ତୁ ଯେପରି ସେମାନେ ତାଙ୍କର ସମୟ, କୌଶଳ, ସାମର୍ଥ୍ୟ ଅଂଶଦାନ କରିବେ।
- ଗୋଷ୍ଠୀର ଗରିବ ଲୋକଙ୍କ ସହିତ ସ୍ୱେଚ୍ଛାସେବୀମାନଙ୍କୁ ଯୋଡ଼ନ୍ତୁ ।
- ଦଳ ଓ ଗୋଷ୍ଠୀଭିତ୍ତିକ ସଂଗଠନକୁ ପଥପ୍ରଦର୍ଶନ କରନ୍ତୁ ସେମାନେ ଲୋକହିତକାରୀ ଓ ସିଏସ୍‌ଆର୍ ପାଣ୍ଠି ଯୋଗାଡ଼ କରି ଗରିବଙ୍କୁ ସହାୟତା ପ୍ରଦାନ କରିବେ ।
- ଗୋଟିଏ ଉପାୟରେ ଅଂଶଦାନ ସଂସ୍କୃତି ସୃଷ୍ଟି କରାଯାଇ ପାରିବ। ସଦସ୍ୟମାନଙ୍କୁ ପ୍ରେରଣା ପ୍ରଦାନ ଦ୍ୱାରା ସେମାନେ ସାମୂହିକ କାର୍ଯ୍ୟକ୍ରମରେ ଅନୁଦାନ ଦେବେ। ଭୋଜନ ବ୍ୟୟ ବାବଦରେ ଅଂଶଦାନ କରିବା ପାଇଁ ଅଂଶଗ୍ରହଣକାରୀଙ୍କୁ ଅନୁରୋଧ କରନ୍ତୁ।
- ସାଧାରଣତଃ ଗୋଷ୍ଠୀର ସଦସ୍ୟମାନେ ନିର୍ଦ୍ଦିଷ୍ଟ କାରଣ ପାଇଁ ଅସାଧାରଣ ଉଦାହରଣ ପ୍ରଦର୍ଶନ କରନ୍ତି। ସେମାନେ ଭାବନ୍ତି ଯେ ଏହା ସେମାନଙ୍କ ପାଇଁ ଉପକାରୀ। ସଠିକ୍ ହସ୍ତକ୍ଷେପ ପାଇଁ ରଣକୌଶଳ ଚିହ୍ନଟ କରନ୍ତୁ, ଯାହାଦ୍ୱାରା ଗୋଷ୍ଠୀ ସ୍ୱତଃପ୍ରବୃତ୍ତଭାବେ ଉଦାହରଣ ସୃଷ୍ଟି କରିପାରିବେ ।

# ଉପକାରୀ ବିନ୍ଦୁ

- ଯେଉଁମାନେ ସେମାନଙ୍କର ସମୟ, କୌଶଳ ଓ ସାମର୍ଥ୍ୟ ଅଂଶଦାନ କରିବାକୁ ଇଚ୍ଛା ପ୍ରକଟ କରନ୍ତି, ସେପରି ସଦସ୍ୟମାନଙ୍କୁ ଉତ୍ସାହିତ କରନ୍ତୁ।
- ପ୍ରତ୍ୟେକ ବର୍ଷ ସ୍ୱେଚ୍ଛାସେବୀମାନଙ୍କ ପାଇଁ ମାନ୍ୟତା ପ୍ରଦାନ ବା ପୁରସ୍କାର ପ୍ରଦାନ ଉତ୍ସବ ପାଳନ କରନ୍ତୁ । ଯେଉଁମାନେ ସ୍ୱେଚ୍ଛାକୃତ ସେବା ପ୍ରଦାନ କରିଛନ୍ତି, ସେମାନଙ୍କୁ ସର୍ବସାଧାରଣରେ ପୁରସ୍କାର ପ୍ରଦାନ କରନ୍ତୁ ।
- ଯେଉଁମାନେ ସ୍ୱେଚ୍ଛାକୃତ ସେବା ପ୍ରଦାନ କରନ୍ତି, ଦାନ କରନ୍ତି ଓ ଅଂଶଦାନ କରନ୍ତି ସେମାନଙ୍କର ଭଲ କାମଗୁଡ଼ିକୁ ଉଦାରଭାବେ ପ୍ରକାଶ କରନ୍ତୁ ।
- ପ୍ରତ୍ୟେକ କ୍ଷେତ୍ରରେ ସୁଯୋଗ ସୃଷ୍ଟି କରନ୍ତୁ, ଏହା ଅନ୍ୟ ସଦସ୍ୟମାନଙ୍କୁ ସ୍ୱେଚ୍ଛାକୃତ ସେବା ଓ ଅଂଶଦାନ କରିବାକୁ ପ୍ରେରଣା ଯୋଗାଇବ ।
- ଗରିବମାନେ ଯେଉଁମାନେ ସ୍ୱଳ୍ପ ସମ୍ବଳରୁ ମଧ୍ୟ ଦାନ କରନ୍ତି ସେମାନଙ୍କୁ ଉତ୍ସାହିତ କରନ୍ତୁ ।

# ଉପକାରୀ ସତର୍କତା

- ଗୋଷ୍ଠୀର ସଦସ୍ୟମାନଙ୍କୁ ସ୍ୱେଚ୍ଛାକୃତ ସେବା ଏବଂ କୌଣସି ଜିନିଷ ଅଂଶଦାନ କରିବାକୁ ବାଧ୍ୟ କରନ୍ତୁ ନାହିଁ ।
- ଯଦି ଲୋକଙ୍କ ଉଦାହରଣରେ କିଛି ଫଳାଫଳ ମିଳିଲା ନାହିଁ ତେବେ ନିରୁତ୍ସାହିତ ଅନୁଭବ କରନ୍ତୁ ନାହିଁ।
- ସଫଳତା ବା ବିଫଳତାକୁ ଗୁରୁତ୍ୱ ଦିଅନ୍ତୁ ନାହିଁ । ଆପଣ ଆଶାକରୁଥିବା ଫଳାଫଳ ପ୍ରାଥମିକଭାବେ ପାଇ ନ ପାରନ୍ତି । ତେବେ ଆପଣଙ୍କ ପ୍ରଚେଷ୍ଟା ଦିନେ ନା ଦିନେ ଫଳବତୀ ହେବ ।

# ସୂଚକ

୧ ××× ଯୁବକ, ××× ଶିଶୁ , ××× ମହିଳା ଓ ××× ପୁରୁଷ ସ୍ୱେଚ୍ଛାକୃତ ଭାବେ ସେମାନଙ୍କ ସମୟ, କୌଶଳ ସାମର୍ଥ୍ୟ ଗରିବଙ୍କୁ ସାହାଯ୍ୟ କରିବାରେ ଅଂଶଦାନ କରିଛନ୍ତି।

୨ ××× ଯୁବକ ସ୍ୱେଚ୍ଛାକୃତ ଭାବେ ବିଭିନ୍ନ କୌଶଳ ଉପରେ ଅନ୍ୟ ଯୁବକମାନଙ୍କୁ ତାଲିମ୍ ପ୍ରଦାନ କରିଛନ୍ତି ।

୩ ××× ଶିଶୁ ସ୍ୱେଚ୍ଛାକୃତ ଭାବେ ଅନ୍ୟ ଦୁର୍ବଳ ଛାତ୍ରଛାତ୍ରୀମାନଙ୍କ ଅଧ୍ୟୟନ ପାଇଁ ସାହାଯ୍ୟ କରିଛନ୍ତି ।

୪ ××× ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମୂହିକ ପାଣ୍ଠିରୁ ଜରୁରୀ ପରିସ୍ଥିତିରେ ଥିବା ଗରିବ ସଦସ୍ୟଙ୍କୁ ପ୍ରଦାନ କରିଛନ୍ତି।

୫ ××× ସଦସ୍ୟଙ୍କ ସ୍ୱେଚ୍ଛାକୃତ କାର୍ଯ୍ୟ ଦ୍ୱାରା ସଫେଇ କାର୍ଯ୍ୟ ହୋଇପାରିଛି।

୬ ××× ସଦସ୍ୟ, ରୋଗୀ ଓ ଅକ୍ଷମ ବ୍ୟକ୍ତିଙ୍କୁ ପରିଦର୍ଶନ କରିଛନ୍ତି ।

୭ ××× ଯୁବକ, ××× ମହିଳା, ××× ପୁରୁଷ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମ ତଦାରଖ କରିଛନ୍ତି ଏବଂ ସରକାରୀ ଅଧିକାରୀମାନଙ୍କୁ ସାକ୍ଷାତ୍ କରିଛନ୍ତି।

୮ ××× ପରିମାଣର ଟଙ୍କା ଗୋଷ୍ଠୀଙ୍କଠାରୁ ସାମୂହିକ ଉତ୍ସବ ପାଇଁ ସଂଗ୍ରହ କରାଯାଇଛି ।

୯ ××× ଶତକଡ଼ା ଖାଦ୍ୟ ବାବଦକୁ ଖର୍ଚ୍ଚ ଗୋଷ୍ଠୀର ସଦସ୍ୟମାନଙ୍କ ଅନୁଦାନରୁ ଭରଣା କରାଯାଇଛି ।

# ଆତ୍ମ ମୂଲ୍ୟାୟନ

**(ସ୍କେଲର ୧-୫, ୧-ନିମ୍ନ ୫-ଉଚ୍ଚ)**

| କ୍ର.ସଂ | ବୃଦ୍ଧି ପାଇଥିବା କ୍ଷେତ୍ର | ଫଳାଫଳ |
|---|---|---|
| ୧ | ସ୍ୱେଚ୍ଛାକୃତ କାର୍ଯ୍ୟ, ଦାନ ଓ ଅଂଶଦାନ କ୍ଷେତ୍ରରେ ମୁଁ ଆଗକୁ ବଢ଼ିଛି। | |
| ୨ | ଗରିବଙ୍କୁ ସେବା କରୁଥିବାରୁ ମୁଁ ଗର୍ବିତ। | |
| ୩ | ଅଭାବୀମାନଙ୍କ ପାଇଁ ସମୟ ଏବଂ ମୋର କୌଶଳ ଓ ସାମର୍ଥ୍ୟ ଅଂଶଦାନ କରିଛି। | |
| ୪ | ସୁଗମକାରୀ ଅନୁଷ୍ଠାନ ଦ୍ୱାରା ଆୟୋଜନ କରାଯାଇଥିବା ତାଲିମ୍‌ରୁ ମିଳିଥିବା ଜ୍ଞାନ ମୁଁ ଅନ୍ୟ ମାନଙ୍କୁ ଅଂଶଦାନ କରିଛି । | |
| ୫ | ମୁଁ ଖର୍ଚ୍ଚକାଟ କରି ସଞ୍ଚୟକୁ ସାମୂହିକ କାର୍ଯ୍ୟରେ ବିନିଯୋଗ କରିଛି । | |
| ୬ | ମୋର ସ୍ୱେଚ୍ଛାକୃତ କାର୍ଯ୍ୟ ପାଇଁ ମୋତେ ସର୍ବସାଧାରଣରେ ସମ୍ମାନ ପ୍ରଦାନ କରାଯାଇଛି। | |
| ୭ | ସ୍ୱେଚ୍ଛାକୃତ କାର୍ଯ୍ୟ ଓ ଅଂଶଦାନ କ୍ଷେତ୍ରରେ ଗୋଷ୍ଠୀର ସଦସ୍ୟମାନେ ଅଗ୍ରଗତି କରିଛନ୍ତି । | |
| ୮ | ସାଧାରଣ କାର୍ଯ୍ୟ ପାଇଁ ସଦସ୍ୟମାନେ ଉଦାର ଭାବେ ଅନୁଦାନ ଦେଇଛନ୍ତି । | |
| ୯ | ଅନେକ ଗୋଷ୍ଠୀର ସଦସ୍ୟମାନେ ସେମାନଙ୍କ ସମୟ, କୌଶଳ ଓ ସାମର୍ଥ୍ୟ ଅଭାବୀ ସଦସ୍ୟମାନଙ୍କୁ ଅଂଶଦାନ କରିଛନ୍ତି । | |
| ୧୦ | ସ୍ୱେଚ୍ଛାକୃତ କାର୍ଯ୍ୟ, ଦାନ ଅଂଶଦାନ ସଂସ୍କୃତିକୁ ଗୋଷ୍ଠୀର ସଦସ୍ୟମାନେ ପାଳନ କରୁଛନ୍ତି। | |

ଗୋଷ୍ଠୀର ସଦସ୍ୟମାନଙ୍କୁ ଆତ୍ମମୂଲ୍ୟାୟନ ପାଇଁ ଅନୁରୋଧ କରନ୍ତୁ ଓ ମାର୍କଗୁଡ଼ିକୁ ମିଶାଇବାକୁ କୁହନ୍ତୁ। ମୋଟ ମାର୍କ ଉପରେ ଆଲୋଚନା କରନ୍ତୁ।

# ଅଂଶଦାନ ଓ ପ୍ରତିଫଳନ ପାଇଁ ପ୍ରଶ୍ନ

୧ କେଉଁ ପ୍ରକାରର ସ୍ୱେଚ୍ଛାକୃତ କାର୍ଯ୍ୟରେ ଗୋଷ୍ଠୀର ସଦସ୍ୟମାନେ ନିୟୋଜିତ ହୋଇଛନ୍ତି ।

୨ କିପରି ଗୋଷ୍ଠୀର ସଦସ୍ୟମାନେ ପ୍ରଦର୍ଶନ କରନ୍ତି କି ସେମାନେ ପରସ୍ପରର ଯତ୍ନ ନିଅନ୍ତି ।

୩ କେଉଁ ପ୍ରକାରର କାର୍ଯ୍ୟରେ, ଗୋଷ୍ଠୀର ସଦସ୍ୟମାନେ ସମ୍ବଳ ଅଂଶଦାନ କରିବାକୁ ଅଧିକ ଆଗ୍ରହୀ ଅଛନ୍ତି ।

୪ କେଉଁ ବ୍ୟବହାରିକ ଉପାୟରେ, ଗୋଷ୍ଠୀର ସଦସ୍ୟମାନେ ଏହା ପ୍ରଦର୍ଶନ କରନ୍ତି କି ସେମାନେ ସ୍ୱେଚ୍ଛାକୃତ ସେବା, ଦାନ ଓ ଅଂଶଦାନକୁ ସଂସ୍କୃତି ରୁପେ ଗଭୀର ଭାବେ ବୁଝି ପାରିଛନ୍ତି ।

୫ ଦାନ ଓ ଅଂଶଦାନ କ୍ଷେତ୍ରରେ ସଦସ୍ୟମାନେ ଜାତି ଓ ଧର୍ମକୁ ଅତିକ୍ରମ କରିପାରିଛନ୍ତି କି ? କିଛି ପରିବର୍ତ୍ତନକୁ ଉଲ୍ଲେଖ କରନ୍ତୁ।


उद्यान विभाग में संचालित योजनायें वर्ष 2014-15
आँगनबाड़ी केन्द्र- मिर्जापुर
वि.खं.- चरगावाँ
जनपद- गोरखपुर
कुपोषण को मात, है अपने हाथ

# ଶବସତ୍କାର ଖର୍ଚ୍ଚ ପାଇଁ ସାହାଯ୍ୟ

ମଧ୍ୟପ୍ରଦେଶର ଚକ୍‌ଯାଦିପୁର ଗ୍ରାମର, ସାଦାପୁର ନିବାସୀ, ଶ୍ରୀମତୀ ମୁନାବାଇ ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା। ତାଙ୍କ ସ୍ୱାମୀ ଜଣେ ଦିନ ମଜୁରିଆ । ଯେତେବେଳେ ତାଙ୍କ ଶାଶୁଙ୍କର ମୃତ୍ୟୁ ହେଲା, ଶାଶୁଙ୍କର ଶବସତ୍କାର କରିବା ପାଇଁ ମୁନାବାଇଙ୍କ ପାଖରେ କିଛି ଅର୍ଥ ନଥିଲା । ଏହି ପରିସ୍ଥିତିକୁ ଅନୁଭବ କରି, ଦଳର ଅନ୍ୟ ସଦସ୍ୟାମାନେ ଅନୁଦାନ ଦେଇ ଶବ ସତ୍କାର କଲେ । ଏହା କେବଳ ଆର୍ଥିକ ସହାୟତା ନୁହେଁ। ଆମେ ସମସ୍ତେ ମୁନାବାଇଙ୍କ ଦୁଃଖର ସମୟରେ ତାଙ୍କ ସହିତ ଏକତ୍ର ଅଛୁ, ଏହା ଜଣେ ଦଳର ସଭ୍ୟା ତାରାବାଇ କୁହନ୍ତି।

# ଆମେ ଆମର ସ୍କୁଲ୍ ଘର ନିର୍ମାଣ କଲୁ, କୋଲକତା

ସୋଲୋବିଗା କେବଳ ଯେ ଗୋଟିଏ ବସ୍ତି ନଥିଲା, ଏହା ମଧ୍ୟ ଏକ ଅନଧିକାର କଲୋନୀ ଥିଲା ଯେଉଁଠି ଅନେକ ଗରିବ ପରିବାର ବାସ କରୁଥିଲେ । ବହୁ ଶିଶୁମାନେ ସ୍କୁଲ୍ ଯିବା ବନ୍ଦ କରି ଜରି ଗୋଟାଇବାରେ ନିୟୋଜିତ ହୋଇଥିଲେ। ପିଲାମାନେ ମଧ ଅନେକ ଅଦରକାରୀ ଓ ଅପରାଧରେ ଲିପ୍ତ ରହୁଥିଲେ। ଏହି ପ୍ରକାରର ଦୃଶ୍ୟ ଆମକୁ ଦୁଃଖ ଦେଉଥିଲା; ଯେହେତୁ କୌଣସି ସାହାଯ୍ୟ ବେସରକାରୀ ଅନୁଷ୍ଠାନ ଦ୍ୱାରା ଦିଆଯାଇ ନଥିଲା, ଆମେ ନିଜେ ସ୍କୁଲ୍‌ଘର ନିର୍ମାଣ କରିବାକୁ ନିଷ୍ପତ୍ତି କଲୁ। କିଛି ଗୋଷ୍ଠୀ ସଦସ୍ୟମାନେ ଏହାକୁ ବିରୋଧ କରିଥିଲେ ଏବଂ ଯୋଗଦାନ କରିବାକୁ ଇଚ୍ଛା ପ୍ରକାଶ କଲେ ନାହିଁ । ଆମେ ପ୍ରତ୍ୟେକ ପରିବାରରୁ ଟ. ୫୦ଙ୍କା ହିସାବରେ ଅନୁଦାନ ସଂଗ୍ରହ କଲୁ। କିଛି ଦଳର ସଞ୍ଚୟ ଥିଲା ଯାହା ସେମାନେ ଅର୍ପଣ କରିଥିଲେ। ବାହାରର କୌଣସି ବିଶେଷଜ୍ଞଙ୍କୁ ଆମନ୍ତ୍ରିତ କରାଯାଇ ନ ଥିଲା। ଗୋଷ୍ଠୀର ସଦସ୍ୟମାନେ ହିଁ ନିଜେ ଇଞ୍ଜିନିୟର, ମିସ୍ତ୍ରୀ, ଓ ଶ୍ରମିକ ଥିଲେ। ଗୋଷ୍ଠୀର ସଦସ୍ୟମାନେ ପାଳି କରି ଶ୍ରମ ଦାନ ଦେଲେ। ମୋଟାମୋଟି ଆମେ ତିନିଲକ୍ଷ ଟଙ୍କା ଖର୍ଚ୍ଚ କଲୁ ଯାହାକି ଏକ ବଡ଼ ପରିମାଣ ଥିଲା। ଆମେ କେବେ ମଧ ଅନୁଭବ କରି ନ ଥିଲୁ କି ଖର୍ଚ୍ଚ ଏତେ ବଡ଼ ହେବ ଏବଂ ଆମେ ଏତେ ପରିମାଣ ଟଙ୍କା ସଂଗ୍ରହ କରିପାରିବୁ । ଏହା ସବୁବେଳେ ଗୋଟିଏ ପାହାଡ଼ ସଦୃଶ ଥିଲା । କୋଠଘର ତିଆରି ହେବା ଦେଖି କିଛି ବଦାନ୍ୟ ବ୍ୟକ୍ତି କିଛି ଅନୁଦାନ ଦେଲେ । ବଜେଟ୍ ପ୍ରସ୍ତୁତି, ନକ୍ସା ପ୍ରସ୍ତୁତି, ଯୋଜନା ଓ କାର୍ଯ୍ୟକାରିତା ବିଷୟରେ ଆମେ ଅଜ୍ଞ ଥିଲୁ। ଆମ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା ସାମୂହିକ ଇଚ୍ଛାଶକ୍ତି ଓ ଉଦାରତା । ପରିଶେଷରେ ଯେତେବେଳେ ସ୍କୁଲ୍ ଘର ନିର୍ମାଣ ଶେଷ ହେଲା ସମସ୍ତେ ଆମକୁ ଆଶ୍ଚର୍ଯ୍ୟର ସହିତ ଦେଖିଲେ ।

ଅଧ୍ୟାୟ 12

# ଉତ୍ସବ, ଦୃଶ୍ୟମାନତା ଓ ମାନ୍ୟତା



# ଉତ୍ସବ, ଦୃଶ୍ୟମାନତା ଓ ମାନ୍ୟତା

## ଆଭିମୁଖ୍ୟ

ସବୁଠୁ ଗରିବତମ ଗୋଷ୍ଠୀ ସହରାଞ୍ଚଳର ବାସ କରନ୍ତୁ ଅବା ସୁଦୂର ଗ୍ରାମରେ ବାସ କରନ୍ତୁ, ଗୋଷ୍ଠୀର ଉତ୍ସବ ପାଳନ ସେମାନଙ୍କ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ରହିଆସିଛି । ସାଧାରଣତଃ ସେଗୁଡ଼ିକ ଧାର୍ମୀକ କିମ୍ବା ସାଂସ୍କୃତିକ କାର୍ଯ୍ୟ ହୋଇଥାଏ ଏବଂ ସମସ୍ତ ଲୋକ ଯେଉଁମାନେ ଏହାକୁ ଯୋଜନା କରନ୍ତି ଏବଂ ଆୟୋଜନ କରନ୍ତି ସମସ୍ତଙ୍କୁ ଏକତ୍ର କରି ଏକ ଆନନ୍ଦମୟ ସମୟ ପ୍ରଦାନ କରିଥାଏ। ଏହି କ୍ରମର ଆଭିମୁଖ୍ୟ ହେଲା ଦଳ ବା ଗୋଷ୍ଠୀକୁ ସୁଗମ କରି ଗୋଷ୍ଠୀ ଏକତ୍ରୀକରଣର କୃତକାର୍ଯ୍ୟତା ଓ ସଫଳତାକୁ ପାଳନ କରିବା ସହିତ ଏହାର ପରିବର୍ତ୍ତନ ଆଣିବା। ଲକ୍ଷ୍ୟ ହେଉଛି ପ୍ରକ୍ରିୟାର ପୂର୍ବ କାର୍ଯ୍ୟଗୁଡ଼ିକୁ ସ୍ମରଣ କରିବା ଏବଂ ବିରାମ ନେଇ ସମସ୍ତ ଲୋକ ଯେଉଁମାନେ ଏହାକୁ ସମ୍ଭବ କରିପାରିଛନ୍ତି , ସେମାନଙ୍କୁ ମାନ୍ୟତା ଦେବା ଓ ଦୃଶ୍ୟମାନ୍ୟତାର ସୁଯୋଗ ଦେବା। ଦୃଶ୍ୟମାନ୍ୟତା ଏକ ଯୋଗଯୋଗ ରଣକୌଶଳର ଅନ୍ତର୍ଭୁକ୍ତି ଏବଂ ଏହା ଆବଶ୍ୟକ ଏଥିପାଇଁ କି କାର୍ଯ୍ୟକ୍ରମ ବିଷୟରେ ଜନସାଧାରଣଙ୍କୁ ସୂଚନା ଦେବା, ଗୋଷ୍ଠୀର ପ୍ରତ୍ୟେକ ସଭ୍ୟସଭ୍ୟା ବାହ୍ୟ ସୁଯୋଗ ଓ ବ୍ୟାପକଭାବେ ସାରା ସମାଜ ସହିତ ଯୋଡ଼ି ହେବେ । ସର୍ବସାଧାରଣରେ ମାନ୍ୟତା ଓ ପୁରସ୍କାର ପ୍ରାପ୍ତ ହେବା ଦ୍ୱାରା ଗୋଷ୍ଠୀର ସଦସ୍ୟମାନଙ୍କର ଆତ୍ମବିଶ୍ୱାସ ଏବଂ ସେମାନଙ୍କର ସାମୂହିକ ଶକ୍ତି ମଜବୁତ ହୋଇଥାଏ । ଏହା ଅଧିକରୁ ଅଧିକ ଲୋକଙ୍କୁ ତଦ୍ରୂପ ରଣକୌଶଳକୁ ଅନୁକରଣ କରିବା ପାଇଁ ପ୍ରେରଣା ଦେଇଥାଏ। ଏହିପରି ଗୁରୁତ୍ୱପୂର୍ଣ୍ଣ ଘଟଣା ଗରିବ ଓ ଦୁର୍ବଳବର୍ଗଙ୍କ ବିଷୟରେ ଅନେକ କିଛି ବିବରଣୀ ପ୍ରଦାନ କରିବ ଯାହା ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବ । ଏହାର ଫଳାଫଳ ହେଲା ଗୋଷ୍ଠୀର ବିଜ୍ଞତାରେ ଅବିରତ ଭାବରେ ଶକ୍ତି ସୃଷ୍ଟି କରିବା ଏବଂ ସେହି ଶକ୍ତିକୁ ଅନ୍ୟ ଗୋଷ୍ଠୀ ସହିତ ଆନନ୍ଦମୟଭାବରେ ଅଂଶଦାନ କରିବା।

# ଉପଯୁକ୍ତ ସମୟ

ଏହାକୁ ନିରନ୍ତର ତଥା ପର୍ଯ୍ୟାୟବୃତ୍ତ ଭାବେ କ୍ରମ ତିନିରୁ  ଆୟୋଜନ କରାଯିବା ଉଚିତ ଯେତେବେଳେ  ଦଳ ତଥା ଗୋଷ୍ଠୀଭିତ୍ତିକ ସଂଗଠନଗୁଡ଼ିକ  ଦୃଢ଼  ଓ ସ୍ଥିରଭାବେ କାର୍ଯ୍ୟ କରିବା ଆରମ୍ଭ କରିଥିବେ ।

# ଅଗ୍ରସର ହେବା ପାଇଁ ଉପାୟ

- ମାନସିକ ଆଲୋଡ଼ନ ପାଇଁ ଗୋଷ୍ଠୀଭିତ୍ତିକ ସଂଗଠନକୁ ସୁଗମ କରନ୍ତୁ କି ଗୋଷ୍ଠୀ ଏକତ୍ରୀକରଣ ଯାତ୍ରାର ବିଭିନ୍ନ ବିଷୟଗୁଡ଼ିକର ଏକ ତାଲିକା ପ୍ରସ୍ତୁତ  କରିବେ ଏବଂ ସୂଚିତ କରିବେ କି କେଉଁ ବିଷୟଗୁଡ଼ିକର ଉତ୍ସବ ପାଳନ କରାଯିବ, ମାନ୍ୟତା ଦିଆଯିବ ଓ ପ୍ରଦର୍ଶନ କରାଯିବ।  ହୋଇପାରେ ସେଗୁଡ଼ିକ ମାଇଲଖୁଣ୍ଟ, ବିଶେଷ  ଘଟଣା, ଗୋଷ୍ଠୀର ନେତା ଓ ସଦସ୍ୟମାନଙ୍କର ଅବଦାନ, ବାହ୍ୟ ସୁଗମକାରୀ ଅନୁଷ୍ଠାନ ଅଥବା ଗୋଷ୍ଠୀର ସଦସ୍ୟମାନେ ଯାହା ଠିକ୍ ଅନୁଭବ କରିବେ ।

- ସୁନିଶ୍ଚିତ କରନ୍ତୁ, ନା କେବଳ ବ୍ୟକ୍ତିବିଶେଷଙ୍କର ଅବଦାନକୁ ଉଚ୍ଚିତ ମାନ୍ୟତା ଦିଆଯିବ ମାତ୍ର ଦଳଗୁଡ଼ିକୁ ମଧ ତଦ୍‌ପ ମାନ୍ୟତା ଦିଆଯିବ ।

- ବ୍ୟକ୍ତି ବା ଦଳକୁ ନାମିତ କରିବା ପାଇଁ  ଆଲୋଚ୍ନା  କରିବା ପୂର୍ବରୁ  ଏକ ମାନଦଣ୍ଡ  ବା ମାର୍ଗଦର୍ଶକ ସୃଷ୍ଟି କରନ୍ତୁ। ଏହି ସହମତିଭିତ୍ତିକ ମାନଦର୍ଶନ ଚ୍ୟନ ପ୍ରକ୍ରିୟାକୁ ସ୍ୱଛ ଓ ଉଦ୍ଦେଶ୍ୟମୂଳକ କରିବ ।

- ଦଳ ଓ ଗୋଷ୍ଠୀଭିତ୍ତିକ ସଂଗଠନଗୁଡ଼ିକ  ଉଦ୍ଦେଶ୍ୟମୁଳକଭାବେ ଆଲୋଚ୍ନା  କରିବାକୁ ପଥ ପ୍ରଦର୍ଶକ  ହେବେ ଏବଂ ସମ୍ପୂର୍ଣ୍ଣ  ତାଲିକାରୁ  ଚ୍ୟନ   କରିବେ, ଯାହା ସର୍ବସମ୍ମତ ହୋଇଥିବ।

- ଏହା ଦଳ ଓ ସିବିଓ  ପାଇଁ ଯଥାର୍ଥ ହେବ ଯେ ଏକ  ଉତ୍ସବ ପାଳନ ପରିଚାଳନା କମିଟି ଗଠନ କରାଯିବ।  ଏହି କମିଟି ଉତ୍ସବର ଯୋଜନା, ପରିଚ୍ଳନା, ତଦାରଖ ଓ ସମୀକ୍ଷାର ଦାୟିତ୍ୱ ନେବ  । ପାଳନ/ ପରିଚ୍ଳନା କମିଟି ମଧ କେତେ ଗୁଡ଼ିଏ   ବିଶେଷ କାର୍ଯ୍ୟ ପାଇଁ  ଉପକମିଟି ଗଠନ କରିପାରିବେ ।

- ଯେତେ ସମ୍ଭବ  ସୁନିଶ୍ଚିତ କରନ୍ତୁ କି ଅଧିକରୁ ଅଧିକ ଗୋଷ୍ଠୀର ସଦସ୍ୟ ଏଥିରେ ଅନ୍ତର୍ଭୁକ୍ତ  ହେବେ।

- ଉତ୍ସବର ଏକ ଅଂଶ ଗୋଷ୍ଠୀର ସଦସ୍ୟ ବିଶେଷକରି ଯୁବକ ଓ ଶିଶୁମାନଙ୍କ ବିଭିନ୍ନ ପ୍ରକାର ମେଧା ପଦର୍ଶନ କରିବା ପାଇଁ  ଉତ୍ସର୍ଗ କରାଯିବ।  ଯେହେତୁ  ଦର୍ଶକମାକଙ୍କ ସମ୍ମୁଖରେ  ମଞ୍ଚରେ ପ୍ରଦର୍ଶନ କରିବା ଦ୍ୱାରା କିଛି ଲୋକଙ୍କର  ଜୀବନର ଗତିପଥ   ବଦଳି ଯାଇଥାଏ ।

- ଏହି ଉତ୍ସବ ମଧ ଏପରି ଏକ ମଞ୍ଚଭାବେ ବ୍ୟବହାର କରାଯାଇପାରିବ ଯେଉଁଥିରେ ଯୋଗ ଦେବା ପାଇଁ ସାମ୍ଭାବ୍ୟ ସଂଯୁକ୍ତଅନୁଷ୍ଠାନ ଓ ପକ୍ଷସମର୍ଥନର  ଅଂଶୀଦାରଙ୍କୁ  ଆମନ୍ତ୍ରିତ  କରାଯାଇ କାର୍ଯ୍ୟକ୍ରମ ବିଷୟରେ ସେମାନଙ୍କୁ ସୂଚ୍ନା ଦିଆଯାଇପାରିବ। ଏହାଦ୍ୱାରା ସଂଯୁକ୍ତସଂଗଠନ ଓ ସହଯୋଗ ସୃଷ୍ଟି କରିବା ସମ୍ଭାବନାର ଦ୍ୱାର ଖୋଲାଯାଇପାରିବ।

- ସ୍ଥାନୀୟ ନେତା ବା ସଭ୍ୟମାନଙ୍କୁ  ମାନ୍ୟତା ଦେବା, ତାଙ୍କୁ  ପୁରସ୍କୃତ  କରିବା ପାଇଁ  ଏହା  ଆବଶ୍ୟକ  ନୁହେଁ କି ଏଥିରେ ମୋଟା ଅଙ୍କ ବା ଜିନିଷ ଆକାରରେ ଦାମୀ ଉପହାରଗୁଡ଼ିକ ଅନ୍ତର୍ଭୁକ୍ତ ହେବ। ସର୍ବସାଧାରଣରେ ପ୍ରଶଂସା

କରିବା ବା ଏକ ପ୍ରତୀକାତ୍ମକ ଉପହାର ପ୍ରଦାନ କରିବା ଅତି ମୂଲ୍ୟବାନ ବୋଲି ବିବେଚନା କରାଯାଏ । ଏହା ଏକ ପ୍ରମାଣ ପତ୍ର ବା ପ୍ରଶଂସା ପତ୍ର ବା ସ୍ମରଣୀକା ବା ମୁଖ୍ୟ ଅତିଥିମାନଙ୍କ ସହିତ ମଞ୍ଚ ଉପରେ ବସିବା ଏବଂ ସଫଳତାର କାହାଣୀ ବର୍ଣ୍ଣନା କରିବାକୁ ସୁଯୋଗ ଦେବା ଇତ୍ୟାଦି ହୋଇପାରେ ।

- ସ୍ଥାନୀୟ ସମ୍ବାଦପତ୍ର /ଗଣ ମାଧମ–ମୁଦ୍ରଣ ଓ ଯାନ୍ତ୍ରିକ ଗଣ ମାଧମରେ ଉତ୍ସବ କାର୍ଯ୍ୟକ୍ରମକୁ ପ୍ରଚାର ପ୍ରସାର କରିବା ଦ୍ୱାରା ସ୍ଥାନୀୟ ନେତାଙ୍କ ପାଇଁ ବଡ଼ ଧରଣର ଦୃଶ୍ୟମାନ୍ୟତା ହୋଇପାରିବ ।
- ଉତ୍ସବର ପରବର୍ତ୍ତୀ ସମୟରେ, ପରିଚାଳନା କମିଟି ଏବଂ ସିବିଓ ସହିତ ଏକ ସମୀକ୍ଷା ବୈଠକ ଆୟୋଜନ କରି ସେମାନଙ୍କ ଠାରୁ ଉତ୍ସବର ପରିଚାଳନା ବିଷୟରେ କ'ଣ ଭଲ ଥିଲା ଏବଂ ଆଉ କ'ଣ କରିଥିଲେ ଭଲ ହୋଇଥାଆନ୍ତା ବିଷୟରେ ଗଠନମୁଳକ ମନ୍ତବ୍ୟ ନେବେ । ଏହା ଆଗାମୀ ଗୋଷ୍ଠୀସ୍ତରୀୟ କାର୍ଯ୍ୟକ୍ରମ/ ଉତ୍ସବ ପାଇଁ ପଥପ୍ରଦର୍ଶିକା ହେବ।
- ଦୃଶ୍ୟମାନ୍ୟତାରେ ଅର୍ନ୍ତଭୁକ୍ତ ସୂଚନା, ଶିକ୍ଷା ଓ ଯୋଗଯୋଗ ସାମଗ୍ରୀ ପ୍ରସ୍ତୁତ କରିବା ଯଥା- ସଫଳତାର କାହାଣୀ ଉପରେ ଲିଫ୍‌ଲେଟ୍, ବ୍ରୋଚ଼ର୍, ବୁକ୍‌ଲେଟ୍ ଏବଂ ସାମାଜିକ ଗଣ ମାଧମକୁ ବ୍ୟବହାର କରି ବାହ୍ୟ ଜଗତ ସହିତ ଯୋଗଯୋଗ କରିବା । ଏହି ସାମଗ୍ରୀଗୁଡ଼ିକୁ ପର୍ଯ୍ୟାୟ ବୃତ୍ତ ଭାବେ ଗୋଷ୍ଠୀର ସଦସ୍ୟମାନେ ପ୍ରସ୍ତୁତ କରିବେ। ଯୁବକମାନଙ୍କୁ ଏହାର ପ୍ରସ୍ତୁତିକରଣ ଉପରେ ପ୍ରଶିକ୍ଷିତ କରାଯାଇପାରିବ ।
- ସର୍ବସାଧାରଣ ମାନ୍ୟତା କାର୍ଯ୍ୟକ୍ରମକୁ ସୁଗମ କରିବା ପାଇଁ ସୁଯୋଗ ଖୋଜନ୍ତୁ ।
- ଯେହେତୁ ଉତ୍ସବ ଓ ସର୍ବସାଧାରଣ କାର୍ଯ୍ୟକ୍ରମକୁ ଅନୁଦାନ ଦେବାକୁ ଲୋକମାନେ ଭଲ ପାଆନ୍ତି, ସୁନିଶ୍ଚିତ କରନ୍ତୁ ଯେ ଗୋଷ୍ଠୀର ସଦସ୍ୟମାନେ ଅଧିକ ମାତ୍ରାରେ ଯୋଗଦାନ କରିବେ।

# ଉପକାରୀ ବିନ୍ଦୁ

- ପରିଚାଳନା କମିଟି ଓ ଉପକମିଟିର ପ୍ରତିନିଧିମାନେ ସଦସ୍ୟମାନଙ୍କ ମଧ୍ୟରୁ ଜଣେ ହୋଇଥିବା ଆବଶ୍ୟକ (ପୁରୁଷ, ମହିଳା, ଯୁବକ, ଶିଶୁ ଓ ଅକ୍ଷମ)
- ପଦକ୍ଷେପ ଗ୍ରହଣ କରାଯିବା ଉଚିତ, ସମସ୍ତଙ୍କର ମତକୁ ଗ୍ରହଣ କରାଯିବ ଏବଂ ସମସ୍ତଙ୍କର ମନ୍ତବ୍ୟ ଓ ପ୍ରସ୍ତାବକୁ ବିଚାରକୁ ନିଆଯିବ।
- ଗୋଷ୍ଠୀର ସଦସ୍ୟମାନଙ୍କୁ ଉତ୍ସାହିତ କରାଯିବା ଉଚି. ସମାନେ ସେମାନଙ୍କର ସମୟ, ପ୍ରଚେଷ୍ଟା ଓ ସମ୍ବଳକୁ କାର୍ଯ୍ୟକ୍ରମ ସଂଗଠିତ କରିବା ନିମନ୍ତେ ବିନିଯୋଗ କରିବେ। ଏହାଦ୍ୱାରା କାର୍ଯ୍ୟକ୍ରମର ଲକ୍ଷ୍ୟ ପୂରଣ ହୋଇପାରିବ।
- ଯଦି ଏକାଧିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି, ତେବେ ପରିଚାଳନା କମିଟିର ଗଠନରେ ପରିବର୍ତ୍ତନ ଆବଶ୍ୟକ, ଯେହେତୁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସାଂଗଠନିକ ଏବଂ କାର୍ଯ୍ୟକ୍ରମ ପରିଚାଳନା କୌଶଳ ଶିଖିବା ସୁଯୋଗ ଦେବା ଉଚିତ।
- ସୂଚନା, ଶିକ୍ଷା ଓ ଯୋଗାଯୋଗ ବା ସଂଚାର ସେବା ଓ ସାମାଜିକ ଗଣ ମାଧମ ପାଇଁ ତଥ୍ୟ ପ୍ରସ୍ତୁତି ନିମନ୍ତେ ଯୁବକମାନଙ୍କୁ ନେଇ କମିଟି ଗଠନକରିବା ଉଚିତ।

- ୱେବସାଇଟ୍ ମଧ୍ୟ ଏକ ଦରକାରୀ ମାଧ୍ୟମ ଯାହା ଦ୍ୱାରା ଗୋଷ୍ଠୀର ସଫଳତାର କାହାଣୀ ସାରା ବିଶ୍ୱର ଦର୍ଶକମାନଙ୍କୁ ପ୍ରଦାନ କରାଯିବା ସହିତ ସହାୟତା ଓ ସହଯୋଗ ପାଇଁ ଯୋଗାଯୋଗ କରାଯାଇପାରିବ।

- ଗୋଷ୍ଠୀର ଲୋଗୋ (ପ୍ରତୀକ ଚିହ୍ନ) ତିଆରି କରିବା ପାଇଁ ଯୁବବର୍ଗଙ୍କୁ ଉତ୍ସାହିତ କରନ୍ତୁ। ଏହା ଗୋଷ୍ଠୀର ପରିଚୟ ପ୍ରଦାନ କରିବା ସଙ୍ଗେସଙ୍ଗେ ଏହାର ସ୍ୱପ୍ନକୁ ଦର୍ଶାଇବ । ଲୋଗୋକୁ ସର୍ବସାଧାରଣ ମାନ୍ୟତା ମିଳିବା ପାଇଁ ଏହାକୁ ଜନପ୍ରିୟ କରନ୍ତୁ ।

# ଉପକାରୀ ସତର୍କତା

- ପ୍ରତିଷ୍ଠିତ ପଦ୍ଧତି ବା ବ୍ୟକ୍ତି ଚୟନ କରିବା ପାଇଁ ସୁଗମକାରୀ ଅନୁଷ୍ଠାନ ଓ ଏହାର କର୍ମକର୍ତ୍ତାମାନେ ନିଜକୁ ବିଚାରପତି ରୂପେ ବିବେଚନା କରନ୍ତୁ ନାହିଁ । ଏହା ଦଳ ବା ସିବିଓର ଇଚ୍ଛାମୂଳକ ।

- ବାହ୍ୟ ଅଂଶୀଦାରମାନଙ୍କୁ ଗୁରୁତ୍ୱ ଦେବା ଉଚିତ ନୁହେଁ, ଯଥା – ସୁଗମକାରୀ ଅନୁଷ୍ଠାନ , ଆନିମେଟର, ସରକାରୀ କର୍ମଚାରୀ ଅଥବା ବିଶେଷ ଅତିଥି। ଆୟୋଜନର ମୁଖ୍ୟ ତାରକା ହେଲେ ସ୍ଥାନୀୟ ନେତା ବା ପରିବର୍ତ୍ତନକାରୀ ବ୍ୟକ୍ତିବିଶେଷ।

# ସୂଚକ

୧ ××× ଉତ୍ସବ ଆୟୋଜନ କରାଯାଇଛି ।

୨ ଉତ୍ସବର ପ୍ରସ୍ତୁତୀକରଣରେ ××× ଦଳ ଓ ବ୍ୟକ୍ତି ଅନ୍ତର୍ଭୁକ୍ତ ଥିଲେ ।

୩ ××× ଗୋଷ୍ଠୀର ସଭ୍ୟସଭ୍ୟା ନିଜର ସମୟ, ମାନବ ସମ୍ବଳ, ଦ୍ରବ୍ୟ କିମ୍ବା ଆର୍ଥିକ ସମ୍ବଳ ମାଧ୍ୟମରେ ଉତ୍ସବ ପାଇଁ ଅନୁଦାନ ଦେଇଥିଲେ ।

୪ ××× ଗୋଷ୍ଠୀ ସଦସ୍ୟମାନେ ଉତ୍ସବରେ ଉପସ୍ଥିତ ଏବଂ ଯୋଗଦାନ କରିଥିଲେ।

୫ ××× ଅନୁଷ୍ଠାନ ଓ ଅଂଶୀଦାରଙ୍କ ପାଖରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପହଞ୍ଚାଯାଇପାରିଛି।

୬ ××× ସ୍ଥାନୀୟ ନେତା ପ୍ରଶଂସିତ ହୋଇଛନ୍ତି।

୭ ××× ନୂଆ ଗୋଷ୍ଠୀ ଉତ୍ସବରେ ଯୋଗଦେବା ପରେ ସେମାନଙ୍କ ଅଞ୍ଚଳରେ ସେହି ସମାନ ପ୍ରକ୍ରିୟା ଆରମ୍ଭ କରିଛନ୍ତି ।

୮ ଲୋକ ସମ୍ପର୍କ ପ୍ରତିଷ୍ଠା ହେତୁ ସହଯୋଗ ଓ ସଂଯୁକ୍ତ ସଂଗଠନ ପାଇଁ ××× ଯୋଗାଯୋଗ ହୋଇପାରିଛି।

### ଗୋଷ୍ଠୀ ଦ୍ୱାରା ମାନ୍ୟତା ଓ ପୁରସ୍କୃତ ହୋଇଥିବା ବ୍ୟକ୍ତିସମୂହର ତାଲିକା

| କ୍ର.ନଂ | ନାମ | ବ୍ୟକ୍ତିଗତ ବିବରଣୀ<br>ଲିଙ୍ଗ, ବୟସ, ସ୍ଥାନ, ବୃତ୍ତି, ଦଳ | ବିଶେଷ ଅନୁଦାନ | ପ୍ରଭାବ |
|---|---|---|---|---|
| ୧. | | | | |
| ୨. | | | | |
| ୩. | | | | |
| ୪. | | | | |
| ୫. | | | | |

### ଗୋଷ୍ଠୀ ଦ୍ୱାରା ମାନ୍ୟତା ଓ ପୁରସ୍କୃତ ହୋଇଥିବା ଦଳର ତାଲିକା


| କ୍ର.ନଂ | ଦଳର ନାମ | ବିବରଣୀ- ସଭ୍ୟସଂଖ୍ୟା, କେବେ ଏହା ଗଠନ କରାଯାଇଥିଲା, କାର୍ଯ୍ୟକ୍ରମ | ବିଶେଷ ଅନୁଦାନ | ପ୍ରଭାବ |
|---|---|---|---|---|
| ୧. | | | | |
| ୨. | | | | |
| ୩. | | | | |
| ୪. | | | | |
| ୫. | | | | |

# ପ୍ରତିଫଳନ ଓ ଅଂଶଦାନ ପାଇଁ ପ୍ରଶ୍ନ

1. ବ୍ୟକ୍ତି ଏବଂ ଦଳକୁ ମାନ୍ୟତା ଓ ପୁରସ୍କାର ଦେବା ପାଇଁ ଚିହ୍ନଟ ହୋଇଥିବା ମାନଦଣ୍ଡ ପସ୍ତୁତ କରିବା ପାଇଁ କେଉଁ ପ୍ରକ୍ରିୟା ଅନୁସରଣ କରାଯାଇଥିଲା ?
2. ଉତ୍ସବ ପାଳନ ଓ ପରିଚାଳନା କରିବାକୁ ଲୋକଙ୍କର ଅଂଶଦାନକୁ ସୁନିଶ୍ଚିତ କରିବା ପାଇଁ ଗୋଷ୍ଠୀ ଯଥାସମ୍ଭବ ପରିଚାଳନା କରିଥିଲେ କି ? ଯଦି ହଁ, କିପରି ସେମାନେ ତାହା କରିଥିଲେ ?
3. ଗୋଷ୍ଠୀଦ୍ୱାରା ଉତ୍ସବ ପାଳନ କରାଯିବା ପରେ ସରକାରୀ ଅଧିକାରୀ, ସ୍ଥାନୀୟ ରାଜନୈତିକ ନେତା ଏବଂ ଅତିଥିମାନଙ୍କର କ'ଣ ସମ୍ବୋଧନ ରହିଥିଲା ?

ଅଧ୍ୟାୟ 13

# ସୁଗମକାରୀ ଅନୁଷ୍ଠାନର ପରିବର୍ତ୍ତିତ ଭୂମିକା



# ସୁଗମକାରୀ ଅନୁଷ୍ଠାନର ପରିବର୍ତ୍ତିତ ଭୂମିକା

## ଆଭିମୁଖ୍ୟ

ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟାର ମୌଳିକ ଉଦ୍ଦେଶ୍ୟ ହେଉଛି ଗୋଷ୍ଠୀର ସଦସ୍ୟମାନେ ସାମର୍ଥ୍ୟ ଲାଭ କରିବେ, ସଶକ୍ତ ହେବେ ଏବଂ ଦାୟିତ୍ୱ ବହନ କରି, ବ୍ୟକ୍ତିଗତ ତଥା ସାମୂହିକ ଓ ପ୍ରଣାଳୀବଦ୍ଧଭାବେ ସଂଗଠିତ ହୋଇ ସେମାନଙ୍କ ନିରନ୍ତର ବିକାଶ ଦିଗରେ କାର୍ଯ୍ୟ କରିବେ। ଏହି ପୁସ୍ତିକାର ବିଭିନ୍ନ କ୍ରମରେ ଯେପରି ବର୍ଣ୍ଣନା କରାଯାଇଛି ଏବଂ ଏହା ମଧ ବାରମ୍ବାର କୁହାଯାଇଛି ଯେ ସୁଗମକାରୀ ଅନୁଷ୍ଠାନ କେବଳ ସୁଗମକାରୀର ଭୂମିକା ନେବେ। ମାତ୍ର ପ୍ରକ୍ରିୟା ଉପରେ ଉଦ୍ଦେଶ୍ୟଭିତ୍ତିକ ଆଲୋଚନା, ନେତୃତ୍ୱ ଓ ସଂଗଠନ ପରିଚାଳନା ଗୋଷ୍ଠୀର ସଦସ୍ୟମାନଙ୍କର ଦାୟିତ୍ୱ ହେବ। ଯେହେତୁ ଗୋଷ୍ଠୀର ସଦସ୍ୟମାନେ ପ୍ରଗତିଶୀଳ ଭାବେ ବିଶ୍ୱାସ କରନ୍ତି, ସେମାନେ ଗୋଷ୍ଠୀର ନେତୃତ୍ୱ ନେଇପାରିବେ। ଏହା ଆବଶ୍ୟକ ଯେ ସୁଗମକାରୀ ଅନୁଷ୍ଠାନଗୁଡ଼ିକ ସେମାନଙ୍କର ଭୂମିକା ଓ ଗୋଷ୍ଠୀର ଭୂମିକାକୁ ପୁନଃ ସଂଜ୍ଞାୟିତ କରିବେ ଏବଂ ଗୋଷ୍ଠୀର ସଦସ୍ୟମାନଙ୍କର ପରିପକ୍ୱତା ବୃଦ୍ଧି ସ୍ୱରୂପ ଏହା କରାଯିବ। ବିକାଶର ବାକ୍‌ଶୈଳୀରେ ଏହାକୁ ପ୍ରସ୍ଥାନ ବା ବିକାଶସ୍ତରରୁ ଅନ୍ତରହେବା କୁହାଯାଏ। ପ୍ରସ୍ଥାନ ବା ବିକାଶସ୍ତରରୁ ଅନ୍ତର ନହେବା ରଣକୌଶଳ ହେଉଛି ପରିବର୍ତ୍ତିତ ଭୂମିକାର ଧାରଣାକୁ ବହନ କରିବା, ପ୍ରକ୍ରିୟାର ଯୁକ୍ତିସିଦ୍ଧ ଫଳାଫଳ ଅନୁଯାୟୀ ଭାଷାର୍ଥ ବିଜ୍ଞାନକୁ ପ୍ରବେଶ ନକରି, ଏହି ପୁସ୍ତିକା ଉଦ୍ଦେଶ୍ୟରେ, ପୁସ୍ତିକାର ଲେଖକମାନେ ଏହି କ୍ରମକୁ "ପ୍ରସ୍ଥାନ" ବା "ବିକାଶସ୍ତରରୁ ଅନ୍ତର" କହିବା ସ୍ଥଳେ ପରିବର୍ତ୍ତୀତ ଭୂମିକା କହିବାକୁ ପସନ୍ଦ କରନ୍ତି। ଗୋଷ୍ଠୀର ଦୃଷ୍ଟିକୋଣରୁ ଏହି କ୍ରମକୁ ବୁଝିବାକୁ ହେବ କି ଏହି ସମୟରେ ନିରନ୍ତର ବିକାଶ ଯୋଜନାକୁ ଆଗକୁ ନେବାରେ ଗୋଷ୍ଠୀ ଶତପ୍ରତିଶତ କାର୍ଯ୍ୟକ୍ଷମ ହୁଏ। ଏହା ଏକ ଆମନ୍ତ୍ରଣ କି ଆଦର୍ଶଗତ ପରବିର୍ତ୍ତନକୁ ଦୃଷ୍ଟିରେ ରଖି ଗୋଷ୍ଠୀ ଓ ସୁଗମକାରୀ ଅନୁଷ୍ଠାନ ସେମାନଙ୍କର ନୂତନ ଭୂମିକାକୁ ସଂଜ୍ଞାୟିତ ଏବଂ ପୁର୍ନଗଠନ କରନ୍ତୁ। ଏହା ସମ୍ପୂର୍ଣ୍ଣଭାବେ ସମ୍ପର୍କର ବିଚ୍ଛିନ୍ନକରଣ ନୁହେଁ। ଯାହା ବାଞ୍ଛନୀୟ ନୁହେଁ କି ମାନବୀୟ

ଦୃଷ୍ଟିକୋଣରୁ ବ୍ୟବହାରିକ ନୁହେଁ। ଏହା ଏକ ଅଲଗା ଧରଣର ସମ୍ପର୍କ ଯାହା କ୍ରମାଗତ ଭାବେ ଚାଲୁ ରହିବ। ଯୋଜନା ହେଉଛି ଧିରେ ଧିରେ ସୁଗମକାରୀ ଅନୁଷ୍ଠାନର ନିୟୋଜନ କାର୍ଯ୍ୟ ଓ ସୁଗମୀକରଣକୁ ହ୍ରାସ କରିବା । ଗଭୀର ସହାୟତା ଏବଂ ବାର୍ତ୍ତାଳାପ କ୍ରମରୁ ସଂଗଠନର ଗୋଷ୍ଠୀ ପ୍ରତି ସମ୍ପର୍କ ସ୍ୱଳ୍ପ ସହାୟତା ପ୍ରଦାନରେ ସୀମିତ ରହିବ। ଏହି ସ୍ୱଳ୍ପ ସହାୟତାର ପ୍ରକୃତି ଓ ଅର୍ଥ କିପରି ହେବ ତାହା ଗୋଷ୍ଠୀ ଓ ସୁଗମକାରୀ ଅନୁଷ୍ଠାନ ମଧ୍ୟରେ ସହମତିଭିତ୍ତିରେ ହେବ। ଅନ୍ୟ ଅର୍ଥରେ ଏହା ପୃଷ୍ଠଭୂମିଭିତ୍ତିକ ହେବ ଏବଂ ଏହାକୁ ସାଧାରଣ ଭାବେ ଗ୍ରହଣ କରାଯିବନାହିଁ।

# ରୁପାୟନ ଓ କାର୍ଯ୍ୟକାରିତା

'ଭୂମିକା ପରିବର୍ତ୍ତନ' ରଣକୌଶଳ ଆମୂଳଚୂଳ ରୂପାୟନର ଅଂଶବିଶେଷ ହେବା ନିଶ୍ଚିତ ଏବଂ ପ୍ରାରମ୍ଭରୁ ହିଁ ଏହାକୁ ଧାରଣ କରିବା ଆବଶ୍ୟକ। ଯଦିଓ ଏହା ବ୍ୟବହାରିକ ନୁହେଁ, ତଥାପି ଏହାକୁ ସର୍ବସାଧାରଣରେ ପ୍ରକାଶ କରାଯିବ। ସେ ଯାହାହେଉ,ଏହି ପ୍ରକ୍ରିୟାକୁ ସଚେତନଭାବେ ଆରମ୍ଭ କରାଯିବା ଉଚିତ ଯେତେବେଳେ ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟା ଶିଖରରେ ପହଁଞ୍ଚିଥିବ ଏବଂ ଦଳ ଓ ଗୋଷ୍ଠୀଭିତ୍ତିକ ସଂଗଠନଗୁଡ଼ିକ ଏକତ୍ର କାର୍ଯ୍ୟ କରିବା ପ୍ରଣାଳୀ ଶିଖିସାରିଥିବେ। ସାଧାରଣତଃ ଏହି ପ୍ରକ୍ରିୟାରେ ଦାୟିତ୍ୱ ହସ୍ତାନ୍ତରଣ ପାଇଁ ସର୍ବନିମ୍ନ ଭାବେ ତିନିବର୍ଷ ଲାଗିଥାଏ।

# ଅଗ୍ରସର ହେବା ପାଇଁ ଉପାୟ

- ଅନୁଷ୍ଠାନର ପରିବର୍ତ୍ତିତ ଭୂମିକା ସମ୍ପର୍କରେ ଦଳଗୁଡ଼ିକ ସହିତ ଆଲୋଚନା ଓ ଅଂଶଦାନ କରନ୍ତୁ, ଏହା ବର୍ଣ୍ଣନା କରନ୍ତୁ କି କିପରି ଏହା ଦଳର ପୂର୍ଣ୍ଣାଙ୍ଗତା ଓ ପ୍ରସ୍ତୁତିର ଚିହ୍ନ ହେବ ଯେ ସେମାନେ ନିଜର ପରିଚାଳନା ନିଜ ହାତକୁ ନେବେ ଓ ନିରନ୍ତର ବିକାଶର ଧାରାକୁ ବିନା ବାହ୍ୟ ସହାୟତାରେ କାର୍ଯ୍ୟକାରୀ କରିବେ।

- ଯେତେବେଳେ ଦଳ ଓ ଗୋଷ୍ଠୀଭିତ୍ତିକ ସଂଗଠନଗୁଡ଼ିକ ଆତ୍ମବିଶ୍ୱାସରେ ବୃଦ୍ଧି ହେବା ସହିତ ନିଜେ ପରିଚାଳନା ଆରମ୍ଭ କରିବେ, ସେତେବେଳେ ବିକାଶର ପର୍ଯ୍ୟାୟରୁ ବାହାରିଯିବାର ଯୋଜନା ପ୍ରସ୍ତୁତ କରିବା ପାଇଁ ଆଲୋଚନା କରନ୍ତୁ।

- ପ୍ରାଥମିକଭାବେ ଧୀର ଗତିରେ ଆଗକୁ ବଢ଼ନ୍ତୁ ଯେହେତୁ କିଛି ନେତୃତ୍ୱ ସ୍ଥାନୀୟ ବ୍ୟକ୍ତି ଆବେଗାତ୍ମକ ହୋଇ ପ୍ରକ୍ରିୟାକୁ ହାତକୁ ନେବାରେ କୁଣ୍ଠାବୋଧ କରିପାରନ୍ତି।

- ଯୋଜନା ଦୁଇ ପ୍ରକାରର ହୋଇପାରେ :- ଅବସ୍ଥାନ୍ତର ଓ ସୁଗମକାରୀ ଅନୁଷ୍ଠାନର ପରିବର୍ତ୍ତିତ ଭୂମିକା ।

- ଯେବେ ଏହି ଦୁଇଟି ପର୍ଯ୍ୟାୟ ସମୟ ସୀମା ସହିତ ସ୍ଥିରୀକୃତ ହୁଏ, ଏହାକୁ ଗୋଷ୍ଠୀର ସଦସ୍ୟମାନଙ୍କ ମଧ୍ୟରେ ଅଂଶଦାନ କରନ୍ତୁ।

- ସାମୟିକ ପର୍ଯ୍ୟାୟର ଅଂଶବିଶେଷ ସ୍ୱରୂପ କେଉଁ କେଉଁ କ୍ଷେତ୍ରରେ ସୁଗମକାରୀ ଅନୁଷ୍ଠାନ ଗୋଷ୍ଠୀଗୁଡ଼ିକୁ ପଥପ୍ରଦର୍ଶନ ବା ଜ୍ଞାନ ପ୍ରଦାନ କରିବେ ତାହାର ଏକ ତାଲିକା ପ୍ରସ୍ତୁତ କରନ୍ତୁ ଏବଂ ତାହାର ଏକ ବିକଳ୍ପ ଖୋଜିବା ପାଇଁ ଆଲୋଚନା କରନ୍ତୁ। ତାହା ଏପରି ହୋଇପାରେ ଯଥା:- ସରକାରୀ ଯୋଜନା ଓ ସଂସ୍ଥା ସହିତ ସଂଯୋଗ ସ୍ଥାପନ ଓ ଗୋଷ୍ଠୀ ଓ ଦଳର ନେତାମାନଙ୍କ ଦାୟିତ୍ୱ ବୃଦ୍ଧି। ଏହି ଯୋଜନାକୁ ସ୍ଥିର ସମୀକ୍ଷା ମାଧ୍ୟମରେ କାର୍ଯ୍ୟକାରୀ

କରନ୍ତୁ, ଯାହା ଫଳରେ ଗୋଷ୍ଠୀର ସଦସ୍ୟମାନେ ଭବିଷ୍ୟତ ସ୍ଥିତିର ପୂର୍ବାନୁମାନ କରିପାରିବେ ଓ ଆତ୍ମବିଶ୍ୱାସର ସହିତ ପ୍ରକ୍ରିୟାକୁ ହାତକୁ ନେବେ ।

- ବିକାଶ ପର୍ଯ୍ୟାୟର ଶେଷରେ ସୁଗମକାରୀ ଅନୁଷ୍ଠାନର ଦାୟିତ୍ୱ କ'ଣ ହେବ ସେ ସମ୍ବନ୍ଧରେ ଗୋଷ୍ଠୀର ସଦସ୍ୟମାନଙ୍କର ମନ୍ତବ୍ୟ ଓ ପ୍ରସ୍ତାବ ଗ୍ରହଣ କରିବା ଉଚିତ । ଏହା ସହମତିଭିତ୍ତିରେ ଗ୍ରହଣ କରିବା ଆବଶ୍ୟକ । ହୋଇପାରେ ସଂଯୁକ୍ତସଂଗଠନର କାର୍ଯ୍ୟକ୍ରମ, ପକ୍ଷସମର୍ଥନ ପଦକ୍ଷେପ କ୍ଷେତ୍ରରେ ସୁଗମକାରୀ ଅନୁଷ୍ଠାନର ସୀମିତ ଭୂମିକା ରହିପାରେ । ମୋଟାମୋଟି ଭାବେ ସୁଗମକାରୀ ଅନୁଷ୍ଠାନ ଏକ ଉପଦେଷ୍ଟା ଭୂମିକାରେ ଅବତୀର୍ଣ୍ଣ ହେବ ।

# ଉପକାରୀ ବିନ୍ଦୁ

- ପ୍ରକଳ୍ପ ଆରମ୍ଭ ଓ ବର୍ତ୍ତମାନର ଏକ ତୁଳନାତ୍ମକ ସ୍ଥିତି ଉପସ୍ଥାପନ କରନ୍ତୁ । ତେବେ ଦଳଗୁଡ଼ିକ ପରିବର୍ତ୍ତନର ସ୍ଥିତି ଏବଂ ସେମାନଙ୍କର ପ୍ରସ୍ତୁତି ବିଷୟରେ ସମ୍ପୂର୍ଣ୍ଣ ବୁଝିପାରିବେ ଯେ ସେମାନେ ପରିବର୍ତ୍ତିତ ସ୍ଥିତିକୁ ଆଗକୁ ନେଇ ପାରିବେ ।
- ଦଳ ସହିତ ଏକ ଧନ୍ୟବାଦ ଜ୍ଞାପନ ଅଧିବେଶନ ଆୟୋଜନ କରନ୍ତୁ, ଯେଉଁଥିରେ ସମ୍ମିଳିତ ଯାତ୍ରାର ସୁଖଦ ଘଟଣାଗୁଡ଼ିକୁ ମନେ ପକାନ୍ତୁ ଫଳରେ ପର୍ଯ୍ୟାୟ ଅନ୍ତର କାର୍ଯ୍ୟକ୍ରମ ଶିଷ୍ଟାଚାର ଓ କୃତଜ୍ଞତାପୂର୍ବକ ସମାପନ ହେବ ।
- ପର୍ଯ୍ୟାୟ ଅନ୍ତର ଯୋଜନା ଗତିଶୀଳ ହେବା ଆବଶ୍ୟକ ଯେଉଁଠି ସୁଗମକାରୀ ଅନୁଷ୍ଠାନ ଓ ଦଳଗୁଡ଼ିକ ପ୍ରତ୍ୟେକ ୬ମାସରେ ଥରେ ତଦାରଖ କରି ବର୍ତ୍ତମାନର ସ୍ଥିତି ଅନୁଯାୟୀ ଯୋଜନାରେ ପରିବର୍ତ୍ତନ କରିପାରିବେ ।
- ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟାର ୮-୯ ବର୍ଷ ମଧ୍ୟରେ ପ୍ରାୟ ୩ ବର୍ଷ ସୁଗମକାରୀ ଅନୁଷ୍ଠାନର ପରିବର୍ତ୍ତିତ ଭୂମିକାକୁ ଗୁରୁତ୍ୱ ଦିଆଯାଇ ପାରେ ।

# ଉପକାରୀ ସତର୍କତା

- ପ୍ରକଳ୍ପର ପ୍ରସାରଣ ପାଇଁ ସବୁବେଳେ ଉଦ୍ଦେଶ୍ୟ ଓ ଯଥାର୍ଥତା ରହିଥାଏ । ଦଳଗୁଡ଼ିକୁ ଅତି ସହାୟତା ଦେବାରୁ ଦୂରରେ ରହନ୍ତୁ ।
- ହଠାତ୍ ପ୍ରସ୍ଥାନ କରନ୍ତୁ ନାହିଁ ।
- ଅନୁଷ୍ଠାନର ମତ ବା ଭୂମିକା ପର୍ଯ୍ୟାୟରୁ ଅନ୍ତର ପରେ ଗୋଷ୍ଠୀ ଉପରେ ଲଦନ୍ତୁ ନାହିଁ । ଯେକୌଣସି ନିଷ୍ପତ୍ତି ସହମତିରେ କାର୍ଯ୍ୟକାରୀ ହେବା ଉଚିତ ।

# ସୂଚକ

୧ ପର୍ଯ୍ୟାୟ କ୍ରମେ ପ୍ରକଳ୍ପରୁ ହଟିବା ରଣକୌଶଳ ବିଷୟରେ ××× ଦଳ ଓ ××× ସିବିଓ ଅବଗତ ହୋଇଛନ୍ତି।

୨ ××× ଦଳ ଏବଂ ××× ସିବିଓ ଗୋଷ୍ଠୀ ବିକାଶ ପ୍ରକ୍ରିୟାକୁ ଆଗକୁ ନେବାକୁ ଉତ୍ତମଭାବେ ପ୍ରସ୍ତୁତ ବୋଲି ଅନୁଭବ କରନ୍ତି।

୩ ××× ଦଳ ଓ ××× ସିବିଓ ସୁଗମକାରୀ ଅନୁଷ୍ଠାନ ସହିତ ପର୍ଯ୍ୟାୟକ୍ରମେ ହଟିବା ଯୋଜନାକୁ ମିଳିତଭାବେ ପ୍ରସ୍ତୁତ କରିଛନ୍ତି ।

୪ ××× ଦଳ ଓ ××× ସିବିଓ ସାମୟିକ ପରିବର୍ତ୍ତନକୁ ସହଜ କରିବା ପାଇଁ ନିରନ୍ତର ବିକାଶ ଯୋଜନା ଓ ଧାରାକୁ ଅନ୍ତର୍ଭୁକ୍ତ କରିଛନ୍ତି।

୫ ××× ଦଳ ଓ ××× ସିବିଓ ନିରନ୍ତର ବିକାଶ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା ପାଇଁ ସମ୍ବଳ ସୃଷ୍ଟି କରିଛନ୍ତି ।

୬ ××× ଦଳ ଓ ××× ସିବିଓ ସଫଳତା ଓ ସେମାନଙ୍କର ସାମର୍ଥ୍ୟ ବଳରେ ଗୋଷ୍ଠୀର ଦାୟିତ୍ୱ ନେବା ନିମନ୍ତେ ଗର୍ବ ଅନୁଭବ କରନ୍ତି ।

୭ ××× ଦଳ ଓ ××× ସିବିଓ ସୁଗମକାରୀ ଅନୁଷ୍ଠାନର ନୂତନ ଭୂମିକାକୁ ମାନ୍ୟତା ଦିଅନ୍ତି।

# ପର୍ଯ୍ୟାୟକ୍ରମେ ହଟିବାର ଫଳାଫଳ

| କ୍ର.ନଂ | ସୁଗମକାରୀ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟ | ନିରନ୍ତର ଗୋଷ୍ଠୀ ଦ୍ୱାରା ବିକାଶ ଯୋଜନା ଓ ଧାରା | ବ୍ୟକ୍ତି / ଦଳ ସଂଗଠନର ଦାୟିତ୍ୱ |
|---|---|---|---|
| 1. | ତାଲିମ ଓ ଦକ୍ଷତା ବିକାଶ | | |
| 2. | ସରକାର ଓ ଅନ୍ୟାନ୍ୟ ଅନୁଷ୍ଠାନ ସହ ପକ୍ଷ ସମର୍ଥନ କାର୍ଯ୍ୟ | | |
| 3. | ସହଯୋଗ , ସଂଯୁକ୍ତିକରଣ ଓ ପକ୍ଷସମର୍ଥନ | | |
| 4. | କ୍ଷେତ୍ର ପରିଦର୍ଶନ ଓ ପାରସ୍ପରିକ ଶିକ୍ଷା | | |
| 5. | ପ୍ରତିକ୍ରିୟା ପ୍ରତିଫଳନ ଏବଂ ଶିକ୍ଷଣୀୟ ବସ୍ତୁର କାର୍ଯ୍ୟକାରିତା | | |
| 6. | ସ୍ୱେଚ୍ଛାକୃତ ସେବା, ଦାନ ଓ ଅଂଶଦାନ | | |
| 7. | ପ୍ରକ୍ରିୟା ନଥିକରଣ | | |
| 8. | ମାନବ ସମ୍ବଳର ଯୋଗାଡ଼ | | |
| 9. | ଆର୍ଥିକ ସମ୍ବଳ ଯୋଗାଡ଼ | | |
| 10. | ଉତ୍ସବ ପାଳନ ଓ ସର୍ବସାଧାରଣ କାର୍ଯ୍ୟକ୍ରମ | | |

# ଅଂଶଦାନ ଓ ପ୍ରତିଫଳନ ପାଇଁ ପ୍ରଶ୍ନ

୧ ଅଧିକାଂଶ ଦଳ ଓ ସିବିଓ ସୁଗମକାରୀ ଅନୁଷ୍ଠାନର ପରିବର୍ତ୍ତିତ ଭୂମିକାର ଯୁକ୍ତିକୁ ବୁଝି ପାରିଛନ୍ତି କି ? କିପରି ଭିନ୍ନ ମତକୁ ଗ୍ରହଣ କରାଯାଇଛି ?

୨ ସାମୟିକ ପରିବର୍ତ୍ତନ ଓ ପର୍ଯ୍ୟାୟକ୍ରମେ ହଟିବା ଯୋଜନାକୁ ଅଂଶଦାନ କରିବା ପରେ ବାହ୍ୟ ଅଂଶୀଦାରଙ୍କ ଉତ୍ତର କ'ଣ ଥିଲା ?

୩ ସାମୟିକ ପରିବର୍ତ୍ତନର ଯୋଜନାର କେଉଁ ଅଂଶଟି କାର୍ଯ୍ୟକାରୀ କରିବାକୁ ଅତି କଷ୍ଟକର ହୋଇଥିଲା ?

୪ କେଉଁ କ୍ଷେତ୍ରରେ ଗୋଷ୍ଠୀ ଆତ୍ମବିଶ୍ୱାସୀ ଥିଲେ ବା ନିଜକୁ ଦୁର୍ବଳ ମନେ କରୁଥିଲେ ?

୫ କିପରି ଭାବରେ, ସୁଗମକାରୀ ଅନୁଷ୍ଠାନର ଭୂମିକା ପୂର୍ବ ବର୍ଷ ତୁଳନାରେ ଶେଷ ପର୍ଯ୍ୟାୟରେ ଭିନ୍ନ ଥିଲା ?



# ଉପସଂହାର

ଏହି ପୁସ୍ତିକାଟିରେ ପରିକଳ୍ପନା କରାଯାଇଛି ଯେ ଯେଉଁ ବିକାଶକର୍ମୀମାନେ ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟାରେ ନିଜକୁ ସାମିଲ କରିବେ, ସେମାନଙ୍କ ପାଇଁ ଏହା ସାଥୀ ଭାବେ ପରିଗଣିତ ହେବ। ଅଭିଜ୍ଞତାରୁ ଯାହା ଶିକ୍ଷା ମିଳିଛି, ନିମ୍ନରେ ଦର୍ଶାଯାଇଥିବା ଚାରୋଟି ସ୍ତମ୍ଭକୁ ଅନୁସରଣ କରି ଏହା ପ୍ରକାଶ କରାଯାଇଛି । ଯେତେବେଳେ ୧୨ଟି କ୍ରମ ସୃଷ୍ଟି କରାଗଲା, ଏହି ଚାରୋଟି ସ୍ତମ୍ଭକୁ ମୂଳଦୁଆର ଗମ୍ବୁଜ ଭାବେ ସ୍ଥାପିତ କରାଗଲା। ଅଗ୍ରଗତି ଓ ଏହାର ଛାଞ୍ଚର ମୂଲ୍ୟାଙ୍କନ କରିବା ପାଇଁ ବିକଶିତ ହୋଇଥିବା ସୂଚକଗୁଡ଼ିକ ଏହି ଗମ୍ବୁଜଗୁଡ଼ିକୁ ସୁଦୃଢ଼ କରୁଛି।

ପ୍ରଥମତଃ, ଏହି କ୍ଷୁଦ୍ରପୁସ୍ତିକା ଗୋଷ୍ଠୀର ସଦସ୍ୟମାନଙ୍କୁ ପରିଚାଳକ ଆସନରେ ବସାଇଥାଏ ଓ ସମସ୍ତ ବାହାରର ବ୍ୟକ୍ତିମାନଙ୍କୁ ଯଥା:- ବେସରକାରୀ ଅନୁଷ୍ଠାନ , ଆନିମେଟର, ଲୋକହିତକାରୀ ଓ ତାଲିମଦାତାମାନଙ୍କୁ ସୁଗମକାରୀ ବା ଫେସିଲିଟେଟର୍‌ର ଭୂମିକା ନିଭାଇବା ପାଇଁ ଆହ୍ୱାନ କରିଥାଏ। ସିଦ୍ଧାନ୍ତ ଭାବରେ ଯଦିଓ ଏହି ତତ୍ତ୍ୱର ଢ଼ାଞ୍ଚା ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହୁଏ, ଏହାକୁ କାର୍ଯ୍ୟକାରୀ କରିବା ସମୟରେ, ବେଳେବେଳେ ଏହାର ବିପରୀତ ଭୂମିକା ଦେଖିବାକୁ ମିଳିଥାଏ। ଅନେକ ବିକାଶକର୍ମୀ ଯୁକ୍ତି କରନ୍ତି ଯେ ସାମାଜିକ ଭେଦଭାବ ଓ ବାଛନ୍ଦର ଅଭିଜ୍ଞତା, ଆର୍ଥିକ ଦୁର୍ବଳତା, ସାଂସ୍କୃତିକ ବାତାବରଣ ଓ ରାଜନୈତିକ ଭେଦଭାବର ଅଭିଜ୍ଞତାର ଚେର ଏତେ ଗଭୀର ଓ ପ୍ରବଳ ଯେ ଅଧିକାଂଶ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଗରିବମାନେ ପ୍ରଶ୍ନାତୀତ ଭାବେ କଠୋର ବାସ୍ତବତାକୁ ସାଧାରଣ ବୋଲି ଧରି ନେଇଥାଆନ୍ତି ଏବଂ ସେମାନେ ଏହାକୁ ସମାଲୋଚନାତ୍ମକ ଭାବେ ଅନୁଶୀଳନ କରିବା ଓ ସ୍ଥିତାବସ୍ଥାକୁ ପ୍ରଶ୍ନ କରିବା କ୍ଷମତା ହରାଇ ବସିଥାଆନ୍ତି। ଏଥି ସହିତ, ଅଧିକାଂଶ ଲୋକଙ୍କ କ୍ଷେତ୍ରରେ ଶିକ୍ଷା, କୌଶଳ, ସାମର୍ଥ୍ୟ ଓ ପ୍ରେରଣାର ଅଭାବ ରହିଛି।

ଏଣୁ ପରିଚାଳକ ଆସନରେ ଗୋଷ୍ଠୀର ସଦସ୍ୟମାନଙ୍କୁ ବସାଇବା ବିପଦଶଙ୍କୁଳ ହୋଇପାରେ ଏବଂ ଅନେକ ସଦସ୍ୟ

ପରିବର୍ତ୍ତନକାରୀ ହେବା ବଦଳରେ ଶୋଭାକାରୀ ଭାବେ ନିଜକୁ ଉପସ୍ଥାପନ କରିବେ। ଏହି ଯୁକ୍ତି ଆଂଶିକ ଭାବେ ଗ୍ରହଣୀୟ ହୋଇପାରେ, ଏହାର ମଧ ଅନ୍ୟ ପାର୍ଶ୍ୱ ରହିଛି ।କୌଣସି ଲୋକ ଗୋଷ୍ଠୀ ସଦସ୍ୟମାନଙ୍କର ଜୀବନର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଥିବା ସହଜାତ ଆକାଂକ୍ଷାକୁ ଆଗ୍ରାହ୍ୟ କରିପାରିବେ ନାହିଁ। ଏପରିକି ଆଶାଶୂନ୍ୟ ଦୃଶ୍ୟପଟ୍ଟରେ ଉତ୍ତମ ଭବିଷ୍ୟତ ପାଇଁ ସେମାନେ ବିନା ଭୟ ଓ ସଂଶୟରେ ବଞ୍ଚନ୍ତି। ବହୁ ପ୍ରତିଘାତ ସତ୍ତ୍ୱେ , ସେମାନେ ମୂଲ୍ୟବୋଧଗୁଡ଼ିକ ଯଥା-ଏକତା, ଭାତୃତ୍ୱ, ଅଂଶଦାନ, ନ୍ୟାୟର ଭାବନା ଏବଂ ଗରିବଙ୍କ ପ୍ରତି ସମ୍ବେଦନଶୀଳତାକୁ ପସନ୍ଦ କରନ୍ତି ଓ ଆଦର କରନ୍ତି ।ଗୋଷ୍ଠୀ ଏକତ୍ରୀକରଣର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଗୋଷ୍ଠୀ ସଦସ୍ୟମାନଙ୍କ ଠାରୁ ଏବଂ ସେମାନଙ୍କ ସାମୂହିକ ବିଜ୍ଞତାରୁ ଉତ୍ତମତା ଲାଭ କରିବା ।ବ୍ୟବସ୍ଥାପତ୍ରକୁ ଅନୁସରଣ କରିବା ନୁହେଁ। ପରିଶେଷରେ କେବଳ ସ୍ଥାୟୀ ଓ ଶେଷ ଅଂଶଧାରୀମାନେ ଯେଉଁମାନେ ଗୋଷ୍ଠୀ ବିକାଶର ନେତୃତ୍ୱ ନେବେ, ସେମାନେ ହେଉଛନ୍ତି ଗୋଷ୍ଠୀ ସଦସ୍ୟମାନେ ନିଜେ।

ଦ୍ୱିତୀୟତଃ ବିକାଶ ପ୍ରକ୍ରିୟାର ନମୁନାକରଣରେ ସୁଚିନ୍ତିତ ସ୍ଥାନାନ୍ତରଣ କରାଯାଉଛି। ଆଜିର ଆହ୍ୱାନ ଦାନ ବା ଗରିବି ଦୂରୀକରଣ କାର୍ଯ୍ୟକ୍ରମରୁ ଅଧିକାରଭିତ୍ତିକ ସାମାଜିକ ପଦକ୍ଷେପ ନମୁନା ଆଡ଼କୁ ବଦଳାଇବାର ଆବଶ୍ୟକତା ରହିଛି। ଯେତେବେଳେ ବ୍ୟକ୍ତି ତଥା ଦୁର୍ବଳବର୍ଗଙ୍କ ପ୍ରତି ଯତ୍ନକୁ ନେଇ ବୁଝାମଣା କରି ହେବନି ତେବେ ନାଗରିକ ହିସାବରେ ଗୋଷ୍ଠୀଙ୍କ ସାମୂହିକ ବିଜ୍ଞତା ଓ ମିଳିତ ଶକ୍ତି କାର୍ଯ୍ୟନିର୍ବାହୀଙ୍କ ସହିତ ଚୁକ୍ତିଭିତ୍ତିକ ଆଲୋଚନା କରିବା ଅତି ଗୁରୁତ୍ୱପୂର୍ଣ୍ଣ। ଉଦାରୀକରଣ, ଘରୋଇକରଣ ଓ ଜଗତୀକରଣ ଯୁଗରେ ଯେଉଁଠି ରାଷ୍ଟ୍ର ସାମ୍ବିଧାନିକ ଦାୟିତ୍ୱ, କର୍ତ୍ତବ୍ୟ ଓ ପ୍ରତିଶ୍ରୁତିକୁ ରଦ୍ଦ କରିଚାଲିଛି, ଏହା ଅତ୍ୟନ୍ତ ଜରୁରୀ ଯେ ନାଗରିକଙ୍କ ଆଲୋଚ଼ନା ବିକାଶର ଦୃଶ୍ୟପଟ୍ଟରେ ପ୍ରାଥମିକ ସ୍ଥାନ ଗ୍ରହଣ କରିବ।

ତୃତୀୟରେ, ରଣକୌଶଳ ହେଲା ଗୋଷ୍ଠୀ ପରିଚାଳିତ ଓ ଲୋକ ପରିଚାଳିତ ପ୍ରକ୍ରିୟାକୁ ସୁନିଶ୍ଚିତ କରିବା।  ଏହି ପ୍ରକ୍ରିୟାକୁ ସହଜ କରିବା ପାଇଁ ଗୋଷ୍ଠୀଭିତ୍ତିକ ସଂଗଠନ ଗଠନ କରିବା ଜରୁରୀ। ଗୋଷ୍ଠୀର ସଦସ୍ୟମାନେ ଉଦ୍ଦେଶ୍ୟ ଓ ମୂଲ୍ୟବୋଧ ଉପରେ ଅଂଶୀଦାରଭିତ୍ତିକ ବିଚାର ସୃଷ୍ଟି କରିବା ପାଇଁ ସୁଗମିତ ହେବେ। ସଦସ୍ୟମାନଙ୍କୁ ସୃଷ୍ଟି କରାଯିବ, ଜ୍ଞାନ ଓ କୌଶଳ ଉପରେ ତାଲିମ୍ ପାଇବେ ଓ ସାମର୍ଥ୍ୟ ଲାଭକରିବେ ଫଳରେ ସେମାନେ ଗଣତାନ୍ତ୍ରିକ ପଦ୍ଧତିରେ ସଠିକ୍ ନିଷ୍ପତ୍ତି ଗ୍ରହଣ କରିପାରିବେ। ଫଳାଫଳର ଯେପରି ଆବଶ୍ୟକତା ରହିଛି, ପ୍ରକ୍ରିୟାର ମଧ ସେହିପରି ଆବଶ୍ୟକତା ରହିଛି। ସଫଳ କାହାଣୀ ଯେତିକି ଗୁରୁତ୍ୱପୂର୍ଣ୍ଣ, ଅଭିଜ୍ଞତାରୁ ଶିକ୍ଷାଲାଭ କରିବାର ସାମର୍ଥ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଯଦି ଗୋଷ୍ଠୀ ଏହି ଶିକ୍ଷାକୁ ନିଜ ଭିତରେ ଅନୁଭବ କରିପାରିବ, ସେମାନେ ଆନ୍ତରିକ ଭାବେ ସଶକ୍ତ ହେବେ ଏବଂ ସେମାନେ ସ୍ୱାଧୀନ ଭାବେ ଅଧିକାରକୁ ଆଗକୁ ନେଇପାରିବେ। ଗୋଷ୍ଠୀର ସଦସ୍ୟମାନେ ନିଶ୍ଚିତ ଭାବେ ଏହି ପ୍ରକ୍ରିୟାକୁ ନିଜ ମାଲିକାନାକୁ ନେବେ ଏବଂ ପ୍ରତ୍ୟେକ ପାହାଚ଼ରେ ନିଜେ ନିଷ୍ପତ୍ତି ନେବେ। ଧୈର୍ଯ୍ୟ, ଅଧ୍ୟବସାୟତା ଓ ସମ୍ବେଦନଶୀଳତା ଗୋଷ୍ଠୀ କ୍ଷେତ୍ରରେ ଅତି ଗୁରୁତ୍ୱପୂର୍ଣ୍ଣ ।

ଚ଼ତୁର୍ଥରେ ବିକାଶ ପ୍ରକ୍ରିୟା କେବଳ ଏକ ଅର୍ଥନୈତିକ ପ୍ରଶ୍ନ ନୁହେଁ କିନ୍ତୁ ଏହା ମାନସିକ, ସାଂସ୍କୃତିକ ପରିବର୍ତ୍ତନର କଥା ଏବଂ ସାମୂହିକଭାବେ ସ୍ୱପ୍ନ ଦେଖିବାକୁ ସାମର୍ଥ୍ୟ ଯୋଗାଇଥାଏ। ଗରିବଲୋକ ଯେଉଁମାନେ ପ୍ରଭାବଶାଳୀ ତଥା ଶାସକବର୍ଗଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଭାବରେ ଅତ୍ୟାଚାରିତ ହୁଅନ୍ତି ଯଥା ବହିଷ୍କୃତ, କେଉଁ କାମକୁ ନୁହେଁ, ଅଶିକ୍ଷିତ, ମଦୁଆ ଏବଂ କେତେକ ପୃଷ୍ଠଭୂମିରେ ସେମାନଙ୍କୁ ଅପରାଧୀଭାବେ ମଧ ଆଚରଣ ପ୍ରଦର୍ଶନ କରାଯାଏ, ଏହାକୁ ଦୃଢ଼ତାର ସହିତ ପ୍ରଶମନ କରାଯିବା ଉଚ଼ିତ। ସକରାତ୍ମକ ଭାବନା, ଦୃଢ଼ତାର ସହିତ ଆତ୍ମପ୍ରକାଶ, ଅନ୍ୟକୁ ପସନ୍ଦ କରିବା ସ୍ୱେଚ୍ଛାକୃତ ସେବା ଏବଂ ଦାନ ଓ ଅଂଶଦାନକୁ ସୁଗମକରିବା ଦ୍ୱାରା ପ୍ରଚୁର ଫଳାଫଳ ଉତ୍ପାଦନ କରିବ। ପ୍ରକ୍ରିୟାଟି ଆତ୍ମନିର୍ଭରଶୀଳ ହେବ ଯେତେବେଳେ ସଦସ୍ୟମାନେ ପ୍ରକ୍ରିୟାକୁ ପସନ୍ଦ କରିବେ, ନୂଆ ଭାବନାକୁ ପ୍ରୟୋଗ କରିବା ନିମନ୍ତେ ସୁଯୋଗ ପାଇବେ। ସେମାନଙ୍କ ଅବଦାନ ହେତୁ ପରିଚିତ ହେବେ, ସର୍ବସାଧାରଣରେ ପୁରସ୍କୃତ ହେବେ ଏବଂ ସେମାନଙ୍କ ସଫଳତା ସର୍ବସାଧାରଣରେ ଦୃଶ୍ୟମାନ ହେବ। ଏହି ପଦକ୍ଷେପଗୁଡ଼ିକ ଅମୂଲ ମୂଲ ଭାବେ ବିନିଯୋଗ ହେବ।

କୋଭିଡ୍ -୧୯ ଦେଶର ବିକାଶର ରୂପରେଖକୁ ଗଭୀରଭାବେ ପ୍ରଭାବିତ କରିଛି । ବେକାରୀ, ଯନ୍ତ୍ରଣାଯୁକ୍ତ ଦେଶାନ୍ତର, ଏବଂ ଓଲଟା ଦେଶାନ୍ତରରୁ ଘରକୁ ଫେରି ଆସିବା, ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମର ଉଚ୍ଛେଦ, ଶ୍ରମ ସୁରକ୍ଷା ଆଇନ୍‌ଗୁଡ଼ିକୁ ଦୁର୍ବଳ କରିବା ଦ୍ୱାରା ଦେଶର ଅସଂଖ୍ୟ ଗରିବ ଓ ମଧ୍ୟମବର୍ଗଙ୍କ ପାଇଁ ଗୁରୁତର ବିପର୍ଯ୍ୟୟ ଆଣିଛି । ସରକାରଗୁଡ଼ିକଙ୍କର ଦୋହରା ବାକ୍ୟର ପର୍ଦ୍ଦାଫାସ ହୋଇଛି । ବିଚାର ବିଭାଗ ନିଜ ଦାୟିତ୍ୱରୁ ଦୂରେଇ ଯାଇଛନ୍ତି । ଲୁକ୍କାୟିତ ରାଜନୈତିକ ଓ ଅର୍ଥନୈତିକ ଉଦ୍ଦେଶ୍ୟ ଓ ବିଧାନମଣ୍ଡଳୀ, ଅମଲାତନ୍ତ୍ର, ବିଚାର ବିଭାଗ ଓ ଲୋଭୀ ବ୍ୟବସାୟିକ ଗୋଷ୍ଠୀ ମଧ୍ୟରେ ଥିବା ସ୍ୱାର୍ଥ ନିହିତ ସମ୍ପର୍କକୁ ଲୋକମାନେ ବୁଝି ସାରିଲେଣି ଯେ ନବ ଉଦାରୀକରଣ ଅର୍ଥନୀତି ସେମାନଙ୍କୁ ବିଫଳ କରିଛି । ଏହି ଶୂନ୍ୟତାକୁ ଲୋକଙ୍କ ସ୍ୱର ଦ୍ୱାରା ପୂର୍ଣ୍ଣ କରିବା ନିହାତି ଆବଶ୍ୟକ । ନାଗରିକ ହିସାବରେ ସେମାନେ ମର୍ଯ୍ୟାଦା, ଆତ୍ମନିର୍ଭରଶୀଳ ଓ ପରିବେଶ ସହିତ ବନ୍ଧୁତ୍ୱପୂର୍ଣ୍ଣତାର ସହିତ ବଞ୍ଚିବା ପାଇଁ ଦାବି କରିବା ଉଚିତ । ଅଧିକନ୍ତୁ, କୋଭିଡ୍ ପରବର୍ତ୍ତୀ ନୂଆ ସାଧାରଣ ସ୍ଥିତିରେ, ଲୋକ ପରିଚାଳିତ ଗୋଷ୍ଠୀ ଏକତ୍ରୀକରଣ ପ୍ରକ୍ରିୟାର ତାତ୍ପର୍ଯ୍ୟ ଅଧିକ ଗ୍ରହଣୀୟ ହେବ ଏବଂ ସାମୂହିକ ମୂଳଚାଲ ପଥପଦର୍ଶକ ହେବ ।

ପରିଚୟ ଅଧ୍ୟାୟରେ ଏହା ବର୍ଣ୍ଣନା କରାଯାଇଛି ଯେ ଗୋଷ୍ଠୀ ପରିଚାଳିତ ବିକାଶ ପ୍ରକ୍ରିୟା ପାଇଁ ବ୍ୟାପକ ଢାଞ୍ଚା ବିକଶିତ କରିବା ପାଇଁ ପ୍ରଚେଷ୍ଟା କରାଯାଇଛି । ଏହି ୧୨ଟି କ୍ରମକୁ ସମ୍ପୂର୍ଣ୍ଣ ବା ନିର୍ଦ୍ଧାରିତ ପ୍ରଥା ବୋଲି ବିବେଚନା କରିବା ଅନୁଚିତ । ସେହି କ୍ରମଗୁଡିକର ବାସ୍ତବତାକୁ ନେଇ ସ୍ଥାପନ କରିବା ଉଚିତ ।

ଏହି ୧୨ଟି କ୍ରମକୁ ଅନୁସରଣ କରୁଥିବା ଏକ ଅନୁଷ୍ଠାନ ୪ଟି ସ୍ତମ୍ଭକୁ ଦୃଷ୍ଟିରେ ରଖି କାର୍ଯ୍ୟ କଲେ, ତାହାର ସହଜ ଦିଗଗୁଡ଼ିକୁ ସଦସ୍ୟମାନେ ସର୍ବଦା ମନେ ପକାଇବେ ।





# Select Bibliography

Boud, D., and N. Miller. (1997). *Working with Experience: Animating Learning*. London: Routledge

Dernbach, J. C. (2003). 'Achieving sustainable development: The Centrality and multiple facets of integrated decision-making'. *Indiana Journal of Global Legal Studies*, 247-285.

Gerard McElwee et. al. (2017). "Conceptualising animation in rural communities: The Village SOS case".

Gibbs, G., (1988). Learning by Doing: A guide to teaching and learning methods. Further Education Unit. Oxford Polytechnic: Oxford.

Heinrich C. J., (2002). "Outcomes-based Performance Management in the Public Sector: Implications for Government Accountability and Effectiveness". *Public Administration Review*, Vol. 62, No. 6, pp. 712–725.

Kenny, S. (2007). *Developing Communities for the Future* (3rd ed.). South Melbourne: Thompson.

Kovach, Margaret. (2009). *Indigenous methodologies. Characteristics, conversations and contexts*. Toronto: University of Toronto Press. p. 171.

Osborne, S. (2002). *Public Management – A Critical Perspective*, London: Routledge.

Schnarch, B. (2004). Ownership, control, access, and possession (OCAP) or self-determination applied to research: A critical analysis of contemporary First Nations research and some options for First Nations communities.

Smith, R. (2013). "Developing and Animating Enterprising Individuals and Communities: A Case Study from Rural Aberdeenshire, Scotland." *Journal of Enterprising Communities, People and Places in the Global Economy* 6 (1): 57–83.

Spivak, G.C. (1988). *Can the Subaltern Speak*? Basingstoke: Macmillan, 1988.
Stoddart, H. (2011). *A Pocket guide to sustainable development governance*. Stakeholder Forum.

Strauss, Anselm L. (1978). "A Social World Perspective", *Studies in Symbolic Interaction* 1: 119-128.



### ଡ. ଯୋଷେଫ ଜାଭିୟର

ସ୍ନାତକୋତ୍ତର (ମାନବ ଅଧିକାର) ପିଏଚ୍‌ଡ଼ି (ମାନବ ଅଧିକାର ଓ ଅପରାଧ ବିଜ୍ଞାନ) ୨୦୦୧-୨୦୦୭, ମସିହା ପର୍ଯ୍ୟନ୍ତ ଯେଶୁଇଟସ୍ ଇନ୍ ସୋସିଆଲ ଆକ୍ସନ ଇନ୍ ସାଉଥ୍ ଏସିଆର ସଚିବ ଭାବେ କାର୍ଯ୍ୟ କରିଛନ୍ତି । ୨୦୧୨-୧୫ ପର୍ଯ୍ୟନ୍ତ ସେ ଆଇଏସ୍ ଆଇ  ଦିଲ୍ଲୀରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି ଏବଂ ସୋସିଆଲ ଆକସନ, ଏକ ତ୍ରୈମାସିକ ପତ୍ରିକାର ଏଡିଟର ଭାବେ ମଧ ଦାୟିତ୍ୱ ବହନ କରିଥିଲେ । ଜେସୁଇଟସ୍ ରେଫ୍ୟୁଜି ସର୍ଭିସ୍, ରୋମ୍‌ରେ ଅନ୍ତର୍ଜାତୀୟ ସହ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି (୨୦୧୩-୧୯) ସେ ପାଞ୍ଚଟି ବହିର ଲେଖକ ଏବଂ ତାଙ୍କର ୨୦ଟି ସନ୍ଦର୍ଭ ପ୍ରସିଦ୍ଧ ମାଗାଜିନରେ ପ୍ରକାଶିତ ହୋଇଛି ଏବଂ ସେ ଅର୍ଦ୍ଧ ଡଜନ ସମୀକ୍ଷା ଅଧ୍ୟୟନ କରିଛନ୍ତି । ସେ ଲୋକମଞ୍ଚର ଜଣେ ପ୍ରତିଷ୍ଠାତା ସଦସ୍ୟ  । ସେ ଅନୁସନ୍ଧାନ ପ୍ରଣାଳୀ, ରଣକୌଶଳ ଯୋଜନା, ସଂଗଠନର ବିକାଶ ପ୍ରକ୍ରିୟା ଉପରେ କର୍ମଶାଳାଗୁଡ଼ିକ ପରିଚାଳନା କରନ୍ତି । କାଥୋଲିକ୍ ମଣ୍ଡଳୀରେ ଦଳିତଙ୍କ ସଶକ୍ତୀକରଣ ନୀତିର ସେ ମୁଖ୍ୟ ଏଡ଼ିଟର ଥିଲେ । ବର୍ତ୍ତମାନ ସେ ଇଣ୍ଡିଆନ ସୋସିଆଲ ଇନ୍‌ଷ୍ଟିଚ୍ୟୁଟର ନିର୍ଦ୍ଦେଶକ ଅଛନ୍ତି ।



### ଶ୍ରୀବିଦ୍ୟା ସାଇନାଥନ

ଏମ.ଏ (ବାୟୋକେମେଷ୍ଟ୍ରି ଓ ଏମ୍.ଏ ସୋସିଓଲୋଜି) ଏବଂ ତାଙ୍କର ବିକାଶ କ୍ଷେତ୍ରରେ ୧୮ ବର୍ଷର ଅଭିଜ୍ଞତା ରହିଛି । ସ୍ୱାଧୀନ ପରାମର୍ଶଦାତା ଭାବେ ଓ ଏକ ଆନ୍ତର୍ଜାତୀୟସ୍ତରର ଅନୁଷ୍ଠାନ କେୟାର ଇଣ୍ଡିଆରେ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସେ ସମ୍ପ୍ରସାରିତ କାର୍ଯ୍ୟ କରିଛନ୍ତି । ଆନୁଷ୍ଠାନିକ ଓ ଅଣ-ଆନୁଷ୍ଠାନିକ କ୍ଷେତ୍ରରେ ମହିଳାମାନଙ୍କ  ଉପରେ ହେଉଥିବା ଯୌନଗତ ନିର୍ଯ୍ୟାତନା କ୍ଷେତ୍ରରେ କାର୍ଯ୍ୟ କରି ଆସୁଛନ୍ତି । ଜୀବନଜୀବିକା, ଲିଙ୍ଗଗତ ସମାନତା, କିଶୋରୀ ସ୍ୱାସ୍ଥ୍ୟ, ଅକ୍ଷମବ୍ୟକ୍ତି, ସାମାଜିକ ଅନ୍ତର୍ଭୁକ୍ତିକରଣ, ଆବେଗ ସମ୍ବନ୍ଧୀୟ ସାମାଜିକ ସ୍ୱାସ୍ଥ୍ୟ, ଅନୁସନ୍ଧାନ, ପ୍ରକଳ୍ପଗୁଡ଼ିକର ପରିକଳ୍ପନା, ତଦାରଖର ଧାରା ବିକଶିତ କରିବା, ପ୍ରକଳ୍ପର ସମୀକ୍ଷା, ପ୍ରକ୍ରିୟା ନଥିକରଣ ଏବଂ ପ୍ରତିଷ୍ଠିତ ଧାରା ଅନୁସୂଚୀକରଣ କ୍ଷେତ୍ରରେ ବିଶେଷ ଜ୍ଞାନ ଅର୍ଜନ କରିଛନ୍ତି ।



### ଡ. ସଦାନନ୍ଦ ବାଗ

ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ପି.ଏଚ୍.ଡ଼ି ଉପାଧି ହାସଲ କରିଛନ୍ତି । ତାଙ୍କର ବିକାଶ କ୍ଷେତ୍ରରେ ବିଶେଷକରି ଅନୁସନ୍ଧାନ, ପକ୍ଷ ସମର୍ଥନ ଓ ଅଭିଯାନ, ମାନବ ଅଧିକାର, ମହିଳା ସଶକ୍ତୀକରଣ, ପଞ୍ଚାୟତରାଜ ଅନୁଷ୍ଠାନ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଦିଗରେ ୧୩ ବର୍ଷର ଅନୁଭୂତି ରହିଛି । ସେ ପ୍ରକଳ୍ପ ସମୀକ୍ଷାରେ ନିଜକୁ ନିୟୋଜନ କରିଥିବା ବେଳେ ବର୍ତ୍ତମାନ ସେ କାରିତାସ ଇଣ୍ଡିଆର ଅନୁସନ୍ଧାନ ଓ ସମ୍ବଳ ବିକାଶ ବିଭାଗରେ କାର୍ଯ୍ୟରତ ।

With financial support of
the Federal Ministry for
Economic Cooperation and Development

**Caritas India**
CBCI Centre
1 Ashok Place
New Delhi - 110001
www.caritasindia.org

**Indian Social Institute**
24 Benson Road
Benson Town
Bengaluru - 560046
www.isibangalore.com

Printed @ Jyoti Printers, Noida. Ph: 9289199317

ISBN: 978-81-947949-6-7